# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଏପ୍ରିଲ ୧୭/୨୦୨୨ (୧୪ ପୃଷ୍ଠା+ଛୁଟିଦିନ) Bhubaneswar, Sunday, April 17/2022 Page 14 ₹ 7.00 ★★★★★★

୪୮ଶ ଭାଗ ୧୪୨ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ₹୭/-




**ଛବି କର୍କଟରେ ଆକ୍ରାନ୍ତ**

ହିନ୍ଦୀ ସିରିଏଲ୍ ଜଗତର ଜଣାଶୁଣା ଅଭିନେତ୍ରୀ ଛବି ମିତ୍ତଲ ବ୍ରେଷ୍ଟ କ୍ୟାନ୍ସରରେ ଆକ୍ରାନ୍ତ ହୋଇଥିବା ନେଇ ଇନ୍ଷ୍ଟାଗ୍ରାମରେ ଏକ ପୋଷ୍ଟ ଶେୟାର କରିଛନ୍ତି।

୧୦

୧୪

**ଲୋକେଶ ରାହୁଲଙ୍କ ଅପରାଜିତ ଶତକ**

ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷ ଆଇପିଏଲ୍ ମ୍ୟାଚରେ ଲକ୍ଷ୍ନୌ ସୁପର ଜିଆଣ୍ଟ୍ସ ଅଧିନାୟକ ଲୋକେଶ ରାହୁଲ ଦ୍ରୁତ ଅପରାଜିତ ଶତକ ହାସଲ କରିଛନ୍ତି।





ପରିବହନ ବିବାଦ ଯୋଗୁ ଚିଲିକାରେ ଶନିବାର ଡଙ୍ଗାରେ ଫସି ରହିଥିବା ଯାତ୍ରୀମାନେ।

# ଚିଲିକାରେ ଫସିଲେ ଶତାଧିକ ଯାତ୍ରୀ

**କୃଷ୍ଣପ୍ରସାଦ,୧୬।୪(ଡିଏନ୍.ଏ.)**

ଡଙ୍ଗାରେ ଯାତ୍ରୀ ପରିବହନକୁ ନେଇ ସୃଷ୍ଟ ବିବାଦ ଯୋଗୁ ଶନିବାର ଚିଲିକାରେ ଶତାଧିକ ଯାତ୍ରୀ ୨ଘଣ୍ଟା ଫସି ରହିଥିଲେ। କୃଷ୍ଣପ୍ରସାଦ ପୋଲିସର ହସ୍ତକ୍ଷେପ ପରେ ଅପରାହ୍ଣ ୫ଟାରେ ଡଙ୍ଗା କୂଳରେ ଲାଗିବା ସହ ଯାତ୍ରୀମାନେ ଓହ୍ଲାଇଥିଲେ। ସୂଚନା ମୁତାବକ, ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକର ପ୍ରସିଦ୍ଧ ଦ୍ୱିତୀୟ ବାଲିଯାତ୍ରା ତଥା ପଣାଯାତ୍ରା ପାଇଁ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ହେଉଛି। ସାତପଡ଼ା ଘାଟରୁ ଜହ୍ନିକୁଦା ଘାଟ ଓ ଜହ୍ନିକୁଦା ଘାଟରୁ ସାତପଡ଼ା ଘାଟକୁ ଚିଲିକାରେ ୫ କିଲୋମିଟର ପ୍ରତିଦିନ ହଜାର ହଜାର ଯାତ୍ରୀ ପାରି ହୋଇଥାନ୍ତି।

**ଡଙ୍ଗାରେ ପରିବହନ ନେଇ ବିବାଦ**

ଡଙ୍ଗା ଚାଳକଙ୍କ ମଧ୍ୟରେ ଏକ ସର୍ତ୍ତ ରହିଥିଲା ଯେ, ଜହ୍ନିକୁଦାରୁ ସାତପଡ଼ାକୁ ଯାଉଥିବା ଡଙ୍ଗା ଯାତ୍ରୀଙ୍କୁ ଓହ୍ଲାଇବା ପରେ ଖାଲିରେ ଫେରିବ। ସେହିଭଳି ସାତପଡ଼ାରୁ ଜହ୍ନିକୁଦା ଯାଉଥିବା ଡଙ୍ଗା ଯାତ୍ରୀଙ୍କୁ ଓହ୍ଲାଇ ଖାଲିରେ ଆସିବ। ତେବେ ଶନିବାର ଅପରାହ୍ଣରେ ସାତପଡ଼ାରୁ ଯାତ୍ରୀ ନେଇ ଆସିଥିବା ଡଙ୍ଗା ଚାଳକ ନିୟମ ଭଙ୍ଗ କରି ଜହ୍ନିକୁଦାରୁ ଯାତ୍ରୀ ଉଠାଇବାକୁ ନେଇ ବିବାଦ ଉପୁଜିଥିଲା। ଉଭୟ ପକ୍ଷ ଯାତ୍ରୀମାନଙ୍କୁ କୂଳରେ ନ ଓହ୍ଲାଇବା ଯୋଗୁ ଚିଲିକାରେ ଯାତ୍ରୀମାନେ ଡଙ୍ଗାରେ ଫସି ରହିଥିଲେ। ଅନ୍ୟପଟେ ଏହି ବିବାଦ ଯୋଗୁ ଉଭୟ କୂଳରେ ହଜାର ହଜାର ଯାତ୍ରୀ ଚିଲିକା ପାର ହୋଇ ନ ପାରି ହଇରାଣ ହୋଇଥିଲେ। ଖବରପାଇ କୃଷ୍ଣପ୍ରସାଦ ପୋଲିସ ଜହ୍ନିକୁଦା ଓ ସାତପଡ଼ା ଘାଟରେ ପହଞ୍ଚି ଡଙ୍ଗା ଚାଳକଙ୍କୁ ବୁଝାଶୁଝା କରିବା ସହ ପୂର୍ବ ସର୍ତ୍ତକୁ ଉଭୟ ପକ୍ଷ ପାଳନ କରିବା ନେଇ ପ୍ରତିଶ୍ରୁତି ଦେବା ପରେ ପରିବହନ ସ୍ୱାଭାବିକ ହୋଇଥିଲା। ବିବାଦ ସମାଧାନ ହେବାର କିଛି ସମୟ ପରେ କାଳବୈଶାଖୀ ହେବାରୁ ଯାତ୍ରୀମାନେ ଏକ ବିପଦରୁ ରକ୍ଷା ପାଇଯାଇଛନ୍ତି।

# ଜୁନ୍ ୬ରୁ ୧୬ ଖରାଛୁଟି

## ମେ’ ୨ରୁ ଜୁନ୍ ୫ ଯାଏ ସକାଳ ୬ରୁ ୯ଟା ପର୍ଯ୍ୟନ୍ତ ପାଠପଢ଼ା

**ଭୁବନେଶ୍ୱର, ୧୬।୪(ବ୍ୟୁରୋ)**

ଚଳିତବର୍ଷ ଖରାଛୁଟି ବା ଗ୍ରୀଷ୍ମଛୁଟି ଅବଧିକୁ ରାଜ୍ୟ ସରକାର କମାଇ ଦେଇଛନ୍ତି। ପ୍ରତିବର୍ଷ ଖରାଛୁଟି ଦେଢ଼ମାସରୁ ଊର୍ଦ୍ଧ୍ୱ ସମୟ ଧରି ହୋଇଥାଏ। ହେଲେ କରୋନା ପାଇଁ ଶିକ୍ଷାଦାନରେ ବାଧାପ୍ରାପ୍ତ ଏବଂ ପାଠ୍ୟକ୍ରମ ଶେଷ ହୋଇ ନ ଥିବା କାରଣରୁ ଛାତ୍ରୀଛାତ୍ରଙ୍କ ପାଠପଢ଼ାକୁ ଗୁରୁତ୍ୱ ଦେଇ ଖରାଛୁଟି କମାଇବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ଏତେ ଦିନ ଖରାଛୁଟି ନ କରି ଏହି ସମୟରେ ପାଠ୍ୟକ୍ରମ ଶେଷ କରିବାକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଚିନ୍ତା କରିଛି। ତେଣୁ ମାତ୍ର ୧୧ ଦିନ ଅର୍ଥାତ୍ ଜୁନ୍ ୬ରୁ ୧୬ ପର୍ଯ୍ୟନ୍ତ ଖରାଛୁଟି କରିବାକୁ ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ରାଜ୍ୟର ସମସ୍ତ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଏବଂ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକରେ ଏହା ଲାଗୁ ହେବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା



ବିଭାଗ ପକ୍ଷରୁ ଶନିବାର ସୂଚନା ଦିଆଯାଇଛି।

ଏବେ ରାଜ୍ୟରେ ଗ୍ରୀଷ୍ମପ୍ରବାହ ଜାରି ରହିଥିବାରୁ ସକାଳୁଆ ସ୍କୁଲ ଚାଲୁ ରହିବ। ତେବେ ପାଠପଢ଼ା ସମୟସାରିଣୀରେ କିଛିଟା ପରିବର୍ତ୍ତନ କରାଯାଇଛି। ମେ’ ପହିଲାରୁ ଜୁନ୍ ୫ତାରିଖ ପର୍ଯ୍ୟନ୍ତ ସକାଳ ୬ଟାରୁ ୯ଟା ପର୍ଯ୍ୟନ୍ତ ପାଠପଢ଼ା ହେବ। ମେ’ ୧ତାରିଖ ରବିବାର ☞ପୃଷ୍ଠା-୪

### ଏଥର ୧୦୦% ସିଲାବସ୍‌ରେ ପଢ଼ା

**ଭୁବନେଶ୍ୱର, ୧୬।୪(ବ୍ୟୁରୋ)**

ଏଣିକି ୧୦୦% ସିଲାବସ୍‌ରେ ପାଠପଢ଼ା ହେବ। ମେ’ ପହିଲାରୁ ନୂତନ ଶିକ୍ଷାବର୍ଷ ଆରମ୍ଭ ହେବ। ନୂଆ ଶିକ୍ଷାବର୍ଷରୁ ନବମ ଓ ଦଶମ ଶ୍ରେଣୀ ପାଇଁ ପ୍ରାକ୍ଟିକାଲ ପରୀକ୍ଷା ହେବ ବୋଲି ଶନିବାର ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ସୂଚନା ଦେଇଛନ୍ତି। କୋଭିଡ୍ ମହାମାରୀ ଯୋଗୁ ଗତ ବର୍ଷ ୩୦% ପାଠ୍ୟକ୍ରମ କଟା ଯାଇଥିଲା। ହେଲେ ଚଳିତ ବର୍ଷ ମହାମାରୀ ପ୍ରଭାବ ନ ଥିବାରୁ ପୂର୍ବଭଳି ସ୍ୱାଭାବିକ ଭାବେ ଶତ ପ୍ରତିଶତ କୋର୍ସରେ ପାଠପଢ଼ା ହେବ ବୋଲି ସିବିଏସ୍‌ଇ ନିଷ୍ପତ୍ତି ନେଇଥିବାରୁ ଆମେ ମଧ୍ୟ ଏନେଇ ଚିନ୍ତା କରୁଛୁ ବୋଲି ମନ୍ତ୍ରୀ ଦାଶ କହିଛନ୍ତି।

# ବୁଡ଼ିଗଲା ଡିଜେଲ ଜାହାଜ

## ୭୫୦ ଟନ୍ ତେଲ ସମୁଦ୍ରରେ ମିଶିବା ଆଶଙ୍କା

**ଟ୍ୟୁନିସ୍, ୧୬।୪**

ଡିଜେଲ ନେଇ ଇଜିପ୍ଟରୁ ମାଲ୍ଟା ଯାଉଥିବା ଏକ ଜାହାଜ ଶନିବାର ଟ୍ୟୁନିସିଆର ଦକ୍ଷିଣପୂର୍ବ ଉପକୂଳ ଗେବ୍‌ସ ଉପସାଗରରେ ବୁଡ଼ିଯାଇଛି। ଏଥିରେ ଥିବା ୭୫୦ ଟନ୍ ଡିଜେଲ ସମୁଦ୍ରରେ ମିଶିବା ଆଶଙ୍କା ଦେଖାଦେଇଛି। ଏଥିଯୋଗୁ ସାମୁଦ୍ରିକ ପରିବେଶ ପ୍ରଭାବିତ ହେବା ନେଇ ପରିବେଶବିତ ଚିନ୍ତା ପ୍ରକଟ କରିଛନ୍ତି। ଟ୍ୟୁନିସିଆ ଜଳସୀମାରେ ବୁଡ଼ିଥିବା ଏହି ଜାହାଜରୁ ତେଲ ଲିକ୍ ହୋଇ ନ ଥିବା ସ୍ଥାନୀୟ ପ୍ରଶାସନ କହିଛି। ପରିବେଶ ସମ୍ପର୍କିତ ବିପର୍ଯ୍ୟୟକୁ ରୋକିବା ପାଇଁ ବିପର୍ଯ୍ୟୟ ପ୍ରତିରୋଧ କମିଟି ପକ୍ଷରୁ ପଦକ୍ଷେପ ନିଆଯାଉଥିବା କୁହାଯାଇଛି।

ଶୁକ୍ରବାର ରାତିରେ ଖରାପ ପାଗ ଯୋଗୁ ଡିଜେଲ ପରିବହନ କରି ଯାଉଥିବା ଜାହାଜଟି ଆଗକୁ ବଢ଼ିବାରେ ଅସୁବିଧା ହୋଇଥିଲା।



ଫଳରେ ଟ୍ୟୁନିସିଆ ଜଳ ସୀମାରେ ଜାହାଜଟି ପ୍ରବେଶ ପାଇଁ ଅନୁମତି ମାଗିଥିଲା। ଟ୍ୟୁନିସିଆ ଉପକୂଳଠାରୁ ପ୍ରାୟ ୭ କି.ମି. ଦୂରରୁ ଜାହାଜରେ ପାଣି ପଶିଥିଲା। ପରେ ୧୯୦ ଫୁଟ୍ ଲମ୍ବ ଏବଂ ୩୦ ଫୁଟ ଚଉଡ଼ା ବିଶିଷ୍ଟ ଏହି ଜାହାଜର ଇଞ୍ଜିନ୍ ରୁମ୍ ମଧ୍ୟ ବୁଡ଼ିଯାଇଥିଲା। ଦୁର୍ଘଟଣାଗ୍ରସ୍ତ ହେବା ପରେ ଜାହାଜରୁ ୭ କ୍ରିଉ ମେମ୍ବରଙ୍କୁ ଉଦ୍ଧାର କରାଯାଇଛି। ପାରମ୍ପରିକ ଭାବେ ମତ୍ସ୍ୟଜୀବୀଙ୍କ ଅଞ୍ଚଳ ଭାବେ ଜଣା ଗଲ୍ଫ ଅଫ୍ ଗେବ୍‌ସରେ ଏବେ ପ୍ରଦୂଷଣର ମାତ୍ରା ବଢ଼ିବାରେ ଲାଗିଛି। ଗେବ୍‌ସ ସିଟିରେ ଥିବା ଫସ୍‌ଫରସ୍ ପ୍ରକ୍ରିୟାକରଣ ଶିଳ୍ପ ପ୍ରଦୂଷଣର ପ୍ରମୁଖ କାରଣ ପାଲଟିଥିବାବେଳେ ତେଲ ଜାହାଜ ବୁଡ଼ି ସାମୁଦ୍ରିକ ପରିବେଶ ନଷ୍ଟ ହେବା ଭଳି ଘଟଣା ମଧ୍ୟ ଚିନ୍ତାର କାରଣ ପାଲଟିଛି। ୨୦୧୮ ଅକ୍ଟୋବରରେ ଟ୍ୟୁନିସିଆର ମାଲବାହୀ ଜାହାଜ କୋର୍ସିକାରୁ ପ୍ରାୟ ୩୦ କି.ମି. ଦୂର ଭର୍ଜିନିଆରେ ଦୁର୍ଘଟଣାଗ୍ରସ୍ତ ହେବାରୁ ଶତାଧିକ ଟନ୍‌ର ତୈଳ ଭୂମଧ୍ୟ ସାଗରରେ ମିଶିଥିଲା। ଜାହାଜରୁ ସମସ୍ତ ଟ୍ୟାଙ୍କ କାଢ଼ି ସେଥିରୁ ପ୍ରାୟ ୫୨୦ କ୍ୟୁବିକ୍ ମିଟର ତୈଳ ବାହାର କରାଯାଇଥିଲା।

# ଉପନିର୍ବାଚନରେ ଭାଜପାକୁ ଝଟକା

- ପଶ୍ଚିମବଙ୍ଗରେ ଟିଏମ୍‌ସି, ବିହାରରେ ଆର୍‌ଜେଡି ବିଜୟୀ
- ଛତିଶଗଡ଼, ମହାରାଷ୍ଟ୍ରରେ କଂଗ୍ରେସକୁ ସଫଳତା



ଶତ୍ରୁଘ୍ନ ସିହ୍ନା

**ନୂଆଦିଲ୍ଲୀ/କୋଲକାତା,୧୬।୪**

ଗୋଟିଏ ଲୋକ ସଭା ଏବଂ ୪ ବିଧାନସଭା ଆସନ ଲାଗି ହୋଇଥିବା ଉପନିର୍ବାଚନରେ ଭାଜପାକୁ ଶକ୍ତ ଝଟ୍‌କା ଲାଗିଛି। କେନ୍ଦ୍ରରେ ଶାସନରେ ଥିବା ଏହି ଦଳ ଗୋଟିଏ ହେଲେ ଆସନ ଜିତିପାରି ନାହିଁ। ବିହାରର ବୋଚହାନ, ମହାରାଷ୍ଟ୍ରର କୋହ୍ଲାପୁର ଉତ୍ତର, ଛତିଶଗଡ଼ର ଖଇରାଗଡ଼ ଏବଂ ପଶ୍ଚିମବଙ୍ଗର ବାଲିଗଞ୍ଜ ବିଧାନସଭା ଆସନ ଏବଂ ଆସାନସୋଲ ଲୋକ ସଭା ଆସନ ଲାଗି ମଙ୍ଗଳବାର ଅନୁଷ୍ଠିତ ଉପନିର୍ବାଚନର ଫଳାଫଳ ଶନିବାର ପ୍ରକାଶ ପାଇଛି। ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ସୁପାରିସକୁ ଅପେକ୍ଷା

**ଆଜିର ମନ୍ତବ୍ୟ**

“ ଘୃଣା, ଧର୍ମାନ୍ଧତା ଓ ଅସହିଷ୍ଣୁ ମନୋଭାବ ଦେଶକୁ କବଳିତ କରିଛି। ଏହାକୁ ରୋକା ନ ଗଲେ ସମାଜର ଅପୂରଣୀୟ କ୍ଷତି ସାଧିତ ହେବ।

–ସୋନିଆ ଗାନ୍ଧୀ, କଂଗ୍ରେସ ଅଧ୍ୟକ୍ଷା







ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୧୭ ଏପ୍ରିଲ, ୨୦୨୨



ଆମ୍ନେଷ୍ଟି ଇଣ୍ଟରନ୍ୟାଶନାଲର ପୂର୍ବତନ ଅଧକ୍ଷ ଆକର ପଟେଲଙ୍କ ବିରୋଧରେ ଜାରି ଲୁକ୍ଆଉଟ୍ ସର୍କୁଲାର ପ୍ରତ୍ୟାହାର ଲାଗି ଦିଲ୍ଲୀର ଏକ ଅଦାଲତ ଶନିବାର କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ସର୍କୁଲାର ଯୋଗୁ ଆକାର ବିଦେଶ ଯାଇପାରୁ ନାହାନ୍ତି। ତେବେ ସିବିଆଇ ଆକାରଙ୍କୁ କ୍ଷମା ମାଗିବା ଆବଶ୍ୟକ ନାହିଁ ବୋଲି ଅଦାଲତ କହିଛନ୍ତି। ଗତ ୭ ତାରିଖରେ ତଳ କୋର୍ଟ ଆକାରଙ୍କୁ ଲିଖିତ କ୍ଷମା ମାଗିବା ଲାଗି ସିବିଆଇକୁ ନିର୍ଦ୍ଦେଶ ଦେଇଥିବାବେଳେ ପରେ ନିର୍ଦ୍ଦେଶନାମାକୁ ସ୍ଥଗିତ ରଖିଥିଲା।



## ସଂକ୍ଷେପରେ

### ଆଫଗାନିସ୍ତାନରେ ପାକିସ୍ତାନର ଏୟାରଷ୍ଟ୍ରାଇକ୍: ୩୦ ମୃତ

**କାବୁଲ,୧୬।୪:** ଆଫଗାନିସ୍ତାନର ଖୋଷ୍ଟ ପ୍ରଦେଶରେ ଶୁକ୍ରବାର ରାତିରେ ପାକିସ୍ତାନ ପକ୍ଷରୁ ଏୟାରଷ୍ଟ୍ରାଇକ୍ କରାଯାଇଛି। ଏଥିରେ ମହିଳା ଓ ଶିଶୁଙ୍କ ସମେତ ୩୦ ଜଣଙ୍କ ମୃତ୍ୟୁ ଘଟିଥିବା ଆଫଗାନିସ୍ତାନର ସ୍ଥାନୀୟ ଅଧିକାରୀ ସୂଚନା ଦେଇଛନ୍ତି। ପାକିସ୍ତାନର ଅନ୍ୟୁନ ୨୬ ଯୁଦ୍ଧବିମାନ ଖୋଷ୍ଟ ପ୍ରଦେଶର ସ୍ପୁରା ଜିଲାର କେତେକ ଗ୍ରାମକୁ ଟାର୍ଗେଟ କରିଥିଲା। ଏହା ବ୍ୟତୀତ ଗୋର୍ବଜ ଜିଲାର ମାଷ୍ଟରବେଲ୍ ଅଞ୍ଚଳରେ ପାକିସ୍ତାନ ଓ ତାଲିବାନ ସୈନ୍ୟଙ୍କ ମଧ୍ୟରେ ସଂଘର୍ଷ ହୋଇଥିଲା। ଉତ୍ତର ୱାଜିରିସ୍ତାନରେ ହୋଇଥିବା ଏୟାରଷ୍ଟ୍ରାଇକ୍‌ରେ ସରକାର ବିରୋଧୀ ଅନେକ ଆତଙ୍କବାଦୀ ନିହତ ହୋଇଥିବା ପାକିସ୍ତାନ ଗଣମାଧମ ପକ୍ଷରୁ କୁହାଯାଇଛି। ତେବେ ପାକ୍ ସରକାର କିମ୍ବା ଆଫଗାନିସ୍ତାନ ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଏ ନେଇ କୌଣସି ମନ୍ତବ୍ୟ ଦିଆଯାଇନାହିଁ।

### ରଚନା ହେଲେ ଆମେରିକା ରାଷ୍ଟ୍ରଦୂତ



**ୱାଶିଂଟନ୍, ୧୬।୪:** ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଭାରତୀୟ ବଂଶୋଦ୍ଭବ ରଚନା ସଚସେବ କୋରହୋନେନ୍‌ଙ୍କୁ ମାଲି ପାଇଁ ରାଷ୍ଟ୍ରଦୂତ ନିଯୁକ୍ତ କରିଛନ୍ତି। ଏ ନେଇ ହ୍ୱାଇଟ୍‌ହାଉସ ପକ୍ଷରୁ ଘୋଷଣା କରାଯାଇଛି। ମାସକରେ କୌଣସି ଭାରତୀୟ ବଂଶୋଦ୍ଭବଙ୍କୁ ଏଭଳି ନିଯୁକ୍ତି ମିଳିବାରେ ଏହା ତୃତୀୟ। ଆମେରିକା ବିଦେଶ ସେବାରେ ରଚନା ନିଜ କ୍ୟାରିୟର ଆରମ୍ଭ କରିଥିଲେ। ସେ ଏବେ ଆମେରିକା ବହିର୍ବ୍ୟାପାର ବ୍ୟୁରୋର ନିଅର ଇଷ୍ଟର୍ଣ୍ଣ ଆଫାୟର୍ସ ଏବଂ ବ୍ୟୁରୋ ଅଫ୍ ସାଉଥ ଆଣ୍ଡ୍ ସେଣ୍ଟ୍ରାଲ ଏସିଆନ୍ ଆଫାୟର୍ସର ଗୁରୁତ୍ୱପୂର୍ଣ୍ଣ ପଦବୀରେ ଅଛନ୍ତି। ପୂର୍ବରୁ ସେ ସାଉଦି ଆରବର ଧରାନସ୍ଥିତ ଆମେରିକା କନ୍‌ସୁଲେଟରେ କନ୍‌ସଲ୍ ଜେନେରାଲ ଏବଂ ପ୍ରିନ୍ସିପାଲ ଅଫିସର ଥିଲେ ବୋଲି ହ୍ୱାଇଟ ହାଉସ ପକ୍ଷରୁ କୁହାଯାଇଛି। ଏଥିସହ ରଚନା କଲମ୍ବୋସ୍ଥିତ ଆମେରିକା ଦୂତାବାସର ମ୍ୟାନେଜମେଣ୍ଟ ସେକ୍ସନର ନେତୃତ୍ୱ ନେଇଛନ୍ତି। ଏଥିସହ ୱାଶିଂଟନ୍‌ରେ ମଧ ମ୍ୟାନେଜମେଣ୍ଟ ସେକ୍ରେଟାରୀଙ୍କ ଅଧୀନରେ ସ୍ପେଶିଆଲ ଆସିଷ୍ଟାଣ୍ଟ ରହିଥିଲେ।

### ମଞ୍ଚରେ ଲୁହା ସ୍ତମ୍ଭ ଖସି ଜଣେ ମୃତ

**ଅଳ୍ପକେ ବର୍ତ୍ତିଲେ କେନ୍ଦ୍ରମନ୍ତ୍ରୀ ମେଘୱାଲ**

**ଆଗ୍ରା,୧୬।୪:** ଉତ୍ତରପ୍ରଦେଶର ଆଗ୍ରାଠାରେ ଏକ କାର୍ଯ୍ୟକ୍ରମ ବେଳେ ମଞ୍ଚର ଲୁହା ସ୍ତମ୍ଭ ଖସିପଡ଼ିବାରୁ ଜଣେ ପ୍ରାଣ ହରାଇବା ସହ ୪ ଜଣ ଆହତ ହୋଇଛନ୍ତି। ମଞ୍ଚରେ ଉପସ୍ଥିତ ଥିବା କେନ୍ଦ୍ରମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ସେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଶୁକ୍ରବାର ରାତିରେ ସଦର ଥାନା ଅନ୍ତର୍ଗତ ଭୀମନଗରୀ ଅଞ୍ଚଳରେ ଆମ୍ବେଡ୍‌କର ଜୟନ୍ତୀ ପାଳନ ବେଳେ ଏଭଳି ଅଘଟଣ ଘଟିଥିବା ପୋଲିସ କହିଛି। ପ୍ରାଣ ହରାଇଥିବା ବ୍ୟକ୍ତି ସ୍ଥାନୀୟ ଅଞ୍ଚଳର ରାଜେଶ କୁମାର (୫୦)। ଆହତମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଲୁହା ସ୍ତମ୍ଭ ମଞ୍ଚରେ ବସିଥିବା ବିଶିଷ୍ଟ ବ୍ୟକ୍ତି, ଭାଜପା ନେତା ଓ ଉତ୍ସବ ଆୟୋଜକଙ୍କ ଉପରେ ପଡ଼ିଥିଲା।

# ଯୁଦ୍ଧାସ୍ତ୍ର ପ୍ଲାଣ୍ଟରେ ମିଶାଇଲ ମାଡ଼

**ଆକ୍ରମଣରୁ ନିସ୍ତାର ନାହିଁ**
- ■ରୁଷିଆ ଟାର୍ଗେଟକୁ ଫେରିଲା କିଭ୍
- ■ମିଳିଲାଣି ୯୦୦ ମୃତଦେହ



ରୁଷିଆ ସପକ୍ଷବାଦୀ ସୈନ୍ୟମାନେ ମାରିଉପୋଲରେ ୟୁକ୍ରେନ୍ ବିରୋଧରେ ଲଢ଼ିବା ପାଇଁ ଅସ୍ତ୍ରଶସ୍ତ୍ର ନେଉଛନ୍ତି।

**କିଭ୍, ୧୬।୪**

ୟୁକ୍ରେନ୍ ରାଜଧାନୀରୁ ସୈନ୍ୟ ପ୍ରତ୍ୟାହାର କରି ଦେଶର ପୂର୍ବ ଭାଗ ଉପରେ ଦୃଷ୍ଟି ପକାଇଥିବା ରୁଷିଆ ପୁଣି କିଭ୍‌କୁ ଟାର୍ଗେଟ କରିଛି। କିଭ୍‌ରେ ସ୍ଥିରତା ଫେରିବା ଆଶା କରାଯାଉଥିବାବେଳେ ରୁଷିଆ ଏହାର ଉପାନ୍ତରେ ଥିବା ଏକ ମିଲିଟାରି ପ୍ଲାଣ୍ଟ ଉପରେ ମିଶାଇଲ ମାଡ଼ କରିଛି। ଯୁଦ୍ଧ ସାମଗ୍ରୀ ନିର୍ମାଣ ହେଉଥିବା ଡାନ୍‌ନିର୍ସ୍କି ଜିଲାସ୍ଥିତ ଏହି ଫ୍ୟାକ୍ଟ୍ରିରେ ରୁଷିଆ ବିସ୍ଫୋରଣ ଘଟାଇଥିବା କିଭ୍ ମେୟର ଭିଟାଲି କ୍ଲିଟ୍‌ସ୍କୋ କହିଛନ୍ତି। ଗତ ମାସରେ ରୁଷୀୟ ସୈନ୍ୟ ଫେରି ପୂର୍ବ ୟୁକ୍ରେନ୍‌ର ଡୋନ୍‌ବାସ୍ ଅଞ୍ଚଳକୁ ଯିବାରେ କିଭ୍ ଆକ୍ରମଣରୁ କିଛି ସମୟ ପାଇଁ ନିସ୍ତାର ପାଇଥିଲା। ହେଲେ ଏବେ ପୁଣି ରୁଷିଆ ସେଠାରେ ଆକ୍ରମଣ କରିଛି। ମିଲିଟାରି ଫ୍ୟାକ୍ଟ୍ରି ଉପରେ ମସ୍କୋ ଦୂରଗାମୀ କ୍ଷେପଣାସ୍ତ୍ର ମାଡ଼ କରି ବିଲ୍ଡିଂକୁ ନଷ୍ଟ କରାଯାଇଥିବା ରୁଷିଆ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ସେହିପରି ଲଭିଭ୍‌ରେ ମଧ୍ୟ ମସ୍କୋ

ନିକଟରେ ୟୁକ୍ରେନ୍‌ର ନେପଚ୍ୟୁନ୍ ମିଶାଇଲ ଆକ୍ରମଣରେ ରୁଷିଆର ଯୁଦ୍ଧଜାହାଜ ମସ୍କୋଭା କୃଷ୍ଣସାଗରରେ ବୁଡ଼ିଯିବା ପରେ ମସ୍କୋକୁ ବଡ଼ ଝଟକା ଲାଗିଛି। ଏହାପରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ୟୁକ୍ରେନ୍ ଉପରେ ଆକ୍ରମଣ ଜୋର୍‌ଦାର କରିବାକୁ ଧମକ ଦେଇଛନ୍ତି। ଯୁଦ୍ଧ ଯୋଗୁ ୟୁକ୍ରେନ୍ ନାଗରିକଙ୍କ ଦୁର୍ଦ୍ଦଶା ସାମ୍ନାକୁ ଆସିବାରେ ଲାଗିଛି। ୨ ସପ୍ତାହ ତଳେ ରୁଷିଆ ସୈନ୍ୟ କିଭ୍ ଛାଡ଼ିଯିବା ପରେ କେବଳ ସେହି ଅଞ୍ଚଳରୁ ୯୦୦ ମୃତଦେହ ଠାବ କରାଯାଇଥିବା ୟୁକ୍ରେନ୍ ପକ୍ଷରୁ କୁହାଯାଇଛି। ଖର୍କିଭର ଏକ ମାର୍କେଟରେ ଶନିବାର ମିଶାଇଲ ମାଡ଼ ଯୋଗୁ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୧୮ ଜଣ ଆହତ ହୋଇଛନ୍ତି। ମାରିଉପୋଲ ବନ୍ଦର ଓ ଷ୍ଟିଲ୍ ପ୍ଲାଣ୍ଟ ନିକଟରେ ଉଭୟ ପକ୍ଷ ମଧ୍ୟରେ ଜୋର୍‌ଦାର ଲଢ଼େଇ ଚାଲିଛି। ମାରିଉପୋଲରେ ୟୁକ୍ରେନ୍ ସୁରକ୍ଷାକର୍ମୀଙ୍କୁ ହତ୍ୟା କରାଗଲେ ରୁଷିଆ ସହ ଆଲୋଚନା ବନ୍ଦ ହେବ ବୋଲି ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି କହିଛନ୍ତି। ମାରିଉପୋଲରେ ୟୁକ୍ରେନୀୟ ସୈନ୍ୟମାନେ ଆତ୍ମସମର୍ପଣ ନ କଲେ ସେମାନଙ୍କୁ ହତ୍ୟା କରାଯିବ ବୋଲି ରୁଷିଆ ସମର୍ଥିତ ଡୋନେସ୍କ ପିପୁଲ୍ସ ରିପବ୍ଲିକ୍‌ର ମୁଖ୍ୟ କହିଥିଲେ।

## ବୋରିସ୍‌ଙ୍କୁ ବ୍ୟାନ୍ କଲା ମସ୍କୋ



**ତାଲିକାରେ ୩ ଭାରତୀୟ ବଂଶୋଦ୍ଭବ**

ବ୍ରିଟେନ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନ୍‌ଙ୍କ ଉପରେ ରୁଷିଆ କଟକଣା ଲଗାଇଛି। ୟୁକ୍ରେନ୍ ଯୁଦ୍ଧରେ ଶତ୍ରୁତାପୂର୍ଣ୍ଣ ବ୍ୟବହାର ଦେଖାଇଥିବାରୁ ବୋରିସ୍ ରୁଷିଆ ଆସିପାରିବେ ନାହିଁ ବୋଲି ମସ୍କୋ ପକ୍ଷରୁ କୁହାଯାଇଛି। ଏହାସହ ବ୍ରିଟେନ ସରକାରଙ୍କ ମୋଟ ୧୩ ଜଣଙ୍କ ଉପରେ ଏହି ବ୍ୟାନ୍ ଲଗାଯାଇଥିବା ରୁଷିଆ ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ସେମାନଙ୍କ ମଧ୍ୟରେ ବ୍ରିଟେନର ବହିର୍ବ୍ୟାପାର ସଚିବ ଲିଜ୍ ଟ୍ରୁସ୍, ପ୍ରତିରକ୍ଷା ସଚିବ ବେନ୍ ୱାଲାସେ, ଉପପ୍ରଧାନମନ୍ତ୍ରୀ ଲର୍ଡ ଚାନ୍‌ସେଲର, ନ୍ୟାୟ ବିଭାଗର ପରରାଷ୍ଟ୍ର ସଚିବ ଜଷ୍ଟିସ୍ ଡୋମିନିକ୍ ରାବ୍, ୩ ଭାରତୀୟ ବଂଶୋଦ୍ଭବ ଗୃହ ସଚିବ ପ୍ରୀତି ପଟେଲ, ଚାନ୍‌ସେଲର ରିଶି ସୁନକ ଏବଂ ଆର୍ଟର୍ନି ଜେନେରାଲ ସୁଏଲା ବ୍ରେଭରମ୍ୟାନ୍, ପୂର୍ବତନ ପ୍ରଧାନମନ୍ତ୍ରୀ ଥେରେସା ମେ, ସ୍କଟ୍‌ଲାଣ୍ଡର ପ୍ରଥମ ମନ୍ତ୍ରୀ ନିକୋଲା ଷ୍ଟରଜନ୍ ପ୍ରମୁଖ ରହିଛନ୍ତି। ରୁଷିଆ ବିରୋଧରେ ବ୍ରିଟେନ ଲଗାଇଥିବା କଟକଣା ବିରୋଧରେ ଏହି ପଦକ୍ଷେପ ନିଆଯାଇଥିବା ମସ୍କୋ ପକ୍ଷରୁ କୁହାଯାଇଛି।

## ପୁଟିନ୍‌ଙ୍କ ସହଯୋଗୀଙ୍କୁ ମାଡ଼ ମାରିଛନ୍ତି ୟୁକ୍ରେନ୍ ଅଧିକାରୀ



ଭିକ୍ଟୋର ମେଡ୍‌ଭେଦ୍‌ଚୁକ୍‌ଙ୍କ ସହ ଓକ୍‌ସାନା ମାର୍‌ଚେନ୍‌କୋ

**କିଭ୍, ୧୬।୪**

ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ଘନିଷ୍ଠ ସହଯୋଗୀ କୁହାଯାଉଥିବା ଭିକ୍ଟୋର ମେଡ୍‌ଭେଦ୍‌ଚୁକ୍‌ଙ୍କୁ ୟୁକ୍ରେନ୍ ଗୋଇନ୍ଦା ଅଧିକାରୀ ମଙ୍ଗଳବାର ଗିରଫ କରିଥିଲେ। ତାଙ୍କୁ ମାଡ଼ ମରାଯାଇଥିବା ଭିକ୍ଟୋରଙ୍କ ସେଲିବ୍ରିଟି ସ୍ତ୍ରୀ ଓକ୍‌ସାନା ମାର୍‌ଚେନ୍‌କୋ ଅଭିଯୋଗ କରିଛନ୍ତି। ଭିକ୍ଟୋରଙ୍କ ଉପରେ ଅତ୍ୟାଚାର ବନ୍ଦ କରି ତାଙ୍କୁ ମୁକ୍ତ କରାଯିବାକୁ ଓକ୍‌ସାନା ଶୁକ୍ରବାର ଏକ ଭିଡିଓ ବାର୍ତ୍ତାରେ ଦାବି କରିଛନ୍ତି। ରାଜନୈତିକ ଶତ୍ରୁତା ରଖାଯାଇ ଭିକ୍ଟୋରଙ୍କୁ ବେଆଇନ ଭାବେ ଗିରଫ କରାଯାଇଥିବା ତାଙ୍କ ସ୍ତ୍ରୀ କହିଛନ୍ତି। ପୂର୍ବତନ ଟିଭି ଷ୍ଟାର ତଥା 'ଏକ୍ସ ଫ୍ୟାକ୍ଟର' ଉପସ୍ଥାପିକା ଓକ୍‌ସାନା ସ୍ୱାମୀ ଭିକ୍ଟୋରଙ୍କୁ ମୁକୁଳାଇବା ନିମନ୍ତେ ତୁରନ୍ତ ପଦକ୍ଷେପ ନେବାକୁ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କିଙ୍କୁ ନିବେଦନ କରିଛନ୍ତି।

ଭିକ୍ଟୋର ମେଡଭେଦ୍‌ଚୁକ ୟୁକ୍ରେନ୍‌ର ଜଣେ ରାଜନେତା ତଥା ଦେଶର ବିତ୍ତଶାଳୀ ବ୍ୟକ୍ତି। ପୁଟିନ୍‌ଙ୍କ ସହ ଘନିଷ୍ଠତା ଯୋଗୁ ସେ ସର୍ବଦା ବିବାଦରେ ରହିଥାନ୍ତି। ରୁଷିଆର ୟୁକ୍ରେନ୍ ଆକ୍ରମଣ ପୂର୍ବରୁ ଭିକ୍ଟୋରଙ୍କୁ ଗୃହବନ୍ଦୀ ରଖାଯାଇଥିଲା। ଯୁଦ୍ଧବେଳେ ସେ ବାହାରକୁ ପଳାଇଆସିଥିଲେ।

## ୬ ମାସ ପରେ ଫେରିଲେ ଚାଇନା ମହାକାଶଚାରୀ



**ବେଜିଂ, ୧୬।୪**

**ଟିଆଙ୍ଗ୍‌ଓଙ୍ଗ ସ୍ପେସ୍ ଷ୍ଟେଶନରେ ଦୀର୍ଘତମ ରହଣି**

ମହାକାଶରେ ଦୀର୍ଘ ୬ ମାସର ରହଣି ପରେ ଭୂପୃଷ୍ଠକୁ ଫେରିଛନ୍ତି ଚାଇନାର ୩ ମହାକାଶଚାରୀ। ଚାଇନାର ନୂଆ ସ୍ପେସ୍ ଷ୍ଟେଶନରେ ପୂର୍ବଥର ଅପେକ୍ଷା ଦୁଇଗୁଣା ସମୟ ଧରି ରହିବାରେ ଏକ ନୂଆ ରେକର୍ଡ ହୋଇଛି। ଶେନ୍‌ଜୋଉ-୧୩ କ୍ୟାପ୍‌ସୁଲରେ ମହାକାଶଚାରୀ ଝାଇ ଝିଗାଙ୍ଗ, ୱାଙ୍ଗ୍ ୟାପିଙ୍ଗ୍ ଏବଂ ୟେ ଗୁଆଙ୍ଗଫୁ ସୁରକ୍ଷିତ ଭାବେ ଉତ୍ତର ଚାଇନାସ୍ଥିତ ଲ୍ୟାଣ୍ଡିଂ ସାଇଟ୍‌ରେ ଅବତରଣ କରିଥିଲେ। ଫଳରେ ମାନବଯୁକ୍ତ ଏହି ସ୍ପେସ୍‌ଫ୍ଲାଇଟ୍ ମିଶନ ସଫଳ ହୋଇଛି ବୋଲି ଗ୍ଲୋବାଲ ଟାଇମ୍ସ କହିଛି। ମହାକାଶଚାରୀମାନେ ଟିଆଙ୍ଗ୍‌ଓଙ୍ଗ ସ୍ପେସ୍ ଷ୍ଟେଶନରେ ୬ ମାସ ଧରି ରହିଥିଲେ। ସେମାନେ ଦୁଇଥର ସ୍ପେସ୍‌ୱାକ୍ ମଧ କରିଥିଲେ। ଗତ ନଭେମ୍ବରରେ ମହାକାଶରେ ଚାଲିବାରେ ୱାଙ୍ଗ ପ୍ରଥମ ଚାଇନା ମହିଳା ହୋଇଥିଲେ। ପୂର୍ବରୁ ଶେନ୍‌ଜୋଉ-୧୨ କ୍ୟାପ୍‌ସୁଲ ଯୋଗେ ଯାଇଥିବା ମହାକାଶଚାରୀ ଉକ୍ତ ସ୍ପେସ୍ ଷ୍ଟେଶନରେ ୯୨ ଦିନ ରହଣି କରିଥିଲେ।

## ପଞ୍ଜାବରେ ୩୦୦ ୟୁନିଟ୍ ଯାଏ ବିଜୁଳି ମାଗଣା

**ଚଣ୍ଡିଗଡ଼,୧୬।୪**

ପଞ୍ଜାବର ପ୍ରତି ପରିବାରକୁ ମାସିକ ୩୦୦ ୟୁନିଟ ପର୍ଯ୍ୟନ୍ତ ବିଦ୍ୟୁତ୍ ଜୁଲାଇ ୧ରୁ ମାଗଣାରେ ଯୋଗାଇ ଦିଆଯିବ। ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍‌ଙ୍କ ସରକାର ଶନିବାର ଗୋଟିଏ ମାସ ପୂରଣ କରିଥିବାବେଳେ ଉପରୋକ୍ତ ଘୋଷଣା କରାଯାଇଛି। ଆମ୍ ଆଦ୍‌ମୀ ପାର୍ଟି (ଏଏପି) କ୍ଷମତାକୁ ଆସିଲେ ୩୦୦ ୟୁନିଟ ପର୍ଯ୍ୟନ୍ତ ବିଜୁଳି ମାଗଣାରେ ଯୋଗାଇ ଦିଆଯିବ ବୋଲି ନିର୍ବାଚନ ବେଳେ ପ୍ରତିଶ୍ରୁତି ଦେଇଥିଲା। ଅନୁସୂଚିତ ଜାତି, ପଛୁଆ ବର୍ଗ, ଦାରିଦ୍ର୍ୟ ସୀମାରେଖା ତଳେ ଥିବା ପରିବାର ଏବଂ ସ୍ୱାଧୀନତା ସଂଗ୍ରାମୀଙ୍କ ପରିବାରକୁ ଏବେ ପ୍ରତି ମାସରେ ୨୦୦ ୟୁନିଟ ବିଦ୍ୟୁତ୍ ମାଗଣା ମିଳୁଥିବାବେଳେ ଜୁଲାଇରୁ ସେମାନେ ୩୦୦ ୟୁନିଟ୍ ଲେଖାଏ ପାଇବେ। ତେବେ ଦୁଇ ମାସରେ ସେମାନଙ୍କ ବିଦ୍ୟୁତ୍ ଉପଯୋଗ ୬୦୦ ୟୁନିଟ୍‌ରୁ ଅଧିକ ହେଲେ ଅତିରିକ୍ତ ୟୁନିଟ୍ ପାଇଁ ସେମାନଙ୍କୁ ଦେୟ ପୈଠ କରିବାକୁ ପଡ଼ିବ ବୋଲି ମାନ୍ କହିଛନ୍ତି। ଅନ୍ୟ ପରିବାରଗୁଡ଼ିକରେ ବିଦ୍ୟୁତ୍ ଉପଯୋଗ ଦୁଇ ମାସରେ ୬୦୦ ୟୁନିଟ୍‌ରୁ ଅଧିକ ହେଲେ ସେମାନଙ୍କୁ ସମ୍ପୂର୍ଣ୍ଣ ଦେୟ ଭରିବାକୁ ପଡ଼ିବ। ଚାଷୀମାନଙ୍କୁ ମାଗଣା ବିଦ୍ୟୁତ୍ ଯୋଗାଣ ଜାରି ରହିବ। ଶିଳ୍ପ ଓ ବ୍ୟବସାୟିକ ଉପଭୋକ୍ତାଙ୍କ ଲାଗି ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ହେବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ତାମିଲନାଡୁରେ ହିନ୍ଦୀ ବିରୋଧୀ ଆନ୍ଦୋଳନ

**ଚେନ୍ନାଇ,୧୬।୪**

ହିନ୍ଦୀକୁ ଇଂଲିଶର ବିକଳ୍ପ କରାଯାଉ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ମନ୍ତବ୍ୟ ଦେବା ପରେ ଏହା ବିରୋଧରେ ତାମିଲନାଡୁରେ ଆନ୍ଦୋଳନ ମୁଣ୍ଡ ଟେକିଛି। ଶାହାଙ୍କ ମନ୍ତବ୍ୟ ବିରୋଧରେ ଶାସକ ଡିଏମ୍‌କେ, ବିରୋଧୀ ଦଳ ଏଆଇଏଡିଏମ୍‌କେ, ପିଏମ୍‌କେ, ଏମ୍‌ଡିଏମ୍‌କେ ଓ ଅନ୍ୟ ଦଳଗୁଡ଼ିକ ରାସ୍ତାକୁ ଓହ୍ଲାଇଛନ୍ତି। ଡିଏମ୍‌କେର ଦୈନିକ ଖବରକାଗଜ 'ମୁରାସୋଲି'ରେ ଶାହାଙ୍କ ମତାମତ ବିରୋଧରେ ଲେଖା ପ୍ରକାଶ ପାଇଛି। କୌଣସି ଭାଷାକୁ ଜବରଦସ୍ତ ଲଦିଦେବା ଦ୍ୱାରା ଦେଶରେ ଏକତା ସୃଷ୍ଟି ହେବ ନାହିଁ ବରଂ ଏହା ଭାଙ୍ଗିଯିବ ବୋଲି ଡିଏମ୍‌କେ ଏମ୍‌ପି କାନିମୋଝି କହିଛନ୍ତି। ପୂର୍ବରୁ ହିନ୍ଦୀ ବିରୋଧୀ ଆନ୍ଦୋଳନରେ ବହୁ ଲୋକଙ୍କ ଜୀବନ ଯାଇଥିଲା। କେନ୍ଦ୍ର ସରକାର ଓ ତାଙ୍କର ମନ୍ତ୍ରୀମାନେ ଏହା ଜାଣିବା ଆବଶ୍ୟକ ବୋଲି ସେ କହିଛନ୍ତି। ରାଜ୍ୟବାସୀଙ୍କ ଉପରେ ହିନ୍ଦୀ ଲଦି ଦିଆଗଲେ ଭାଜପା ଏହାକୁ ଗ୍ରହଣ କରିବ ନାହିଁ ବୋଲି ଏହାର ରାଜ୍ୟ ନେତାମାନେ କହିଛନ୍ତି।

ବିଶ୍ୱ ପରିଚୟ ହାସଲ ପାଇଁ ସାରା ଦେଶରେ ଗୋଟିଏ ଭାଷା ପ୍ରଚଳନ ହେବା ଅତି ଜରୁରୀ ବୋଲି ଶାହା ଦୁଇବର୍ଷ ପୂର୍ବରୁ କହିଥିଲେ। କେବଳ ହିନ୍ଦୀ ହିଁ ସେହି ଏକଜୁଟ କରିବା ଶକ୍ତି ହୋଇପାରିବ ବୋଲି ସେ ମତ ଦେଇଥିଲେ। ତେବେ ହିନ୍ଦୀ ଭାଷାକୁ ଲଦିଦେବା ଲାଗି ଏହା କେନ୍ଦ୍ରର ଉଦ୍ୟମ ବୋଲି ତାମିଲନାଡୁ, କର୍ନାଟକ ଆଦି ବିଭିନ୍ନ ରାଜ୍ୟର ରାଜନେତାମାନେ ଅଭିଯୋଗ କରିଆସୁଛନ୍ତି। ଗୋଟିଏ ରାଷ୍ଟ୍ର, ଗୋଟିଏ ଭାଷା ନୀତି ଦେଶ ପାଇଁ ବିପର୍ଯ୍ୟୟ ସାବ୍ୟସ୍ତ ହେବ ବୋଲି ଡିଏମ୍‌କେ ଏବଂ ପିଏମ୍‌କେ ପକ୍ଷରୁ କୁହାଯାଇଛି।

## ସାମ୍ପ୍ରଦାୟିକ ଦଙ୍ଗା ନେଇ ବିରୋଧୀଙ୍କ ଉଦ୍‌ବେଗ

**ନୂଆଦିଲ୍ଲୀ,୧୬।୪**

**୧୩ ଦଳର ମିଳିତ ବିବୃତି ଜାରି**



ମମତା ବାନାର୍ଜୀ | ସୋନିଆ ଗାନ୍ଧୀ | ଶରଦ ପାୱାର

ଦେଶର ବିଭିନ୍ନ ସ୍ଥାନରେ ଘଟିଯାଇଥିବା ସାମ୍ପ୍ରଦାୟିକ ଦଙ୍ଗାକୁ ନେଇ ଶନିବାର ୧୩ ବିରୋଧୀ ଦଳର ନେତା ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ଶାନ୍ତି ଓ ସଦ୍‌ଭାବନା ବଜାୟ ରଖିବା ଲାଗି ସେମାନେ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି। ଖାଦ୍ୟ, ବସ୍ତ୍ର, ବିଶ୍ୱାସ, ଉତ୍ସବ ଓ ଭାଷାକୁ ନେଇ ଯେଭଳି ବିବାଦ ସୃଷ୍ଟି କରାଯାଉଛି ତାହା ଚିନ୍ତାଜନକ ବୋଲି କଂଗ୍ରେସ ଅଧକ୍ଷା ସୋନିଆ ଗାନ୍ଧୀଙ୍କ ସମେତ ଏନ୍‌ସିପି ଅଧକ୍ଷ ଶରଦ ପାୱାର, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ, ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ, ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ ପ୍ରମୁଖ ମିଳିତ ବିବୃତିରେ କହିଛନ୍ତି। ସାମ୍ପ୍ରଦାୟିକ ହିଂସାକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନୀରବତା ସେମାନଙ୍କୁ ବ୍ୟଥିତ କରିଛି। ଯେଉଁମାନେ ଧର୍ମାନ୍ଧତାର ପ୍ରଚାର କରାଉଛନ୍ତି ସମାଜରେ ଉତ୍ତେଜନା ସୃଷ୍ଟି କରୁଛନ୍ତି, ସେମାନଙ୍କ ବିରୋଧରେ ପ୍ରଧାନମନ୍ତ୍ରୀ ପଦେ ହେଲେ ନ କହିବା ଦୁର୍ଭାଗ୍ୟଜନକ। ଭାରତକୁ ଶହ ଶହ ବର୍ଷ ଧରି ସମୃଦ୍ଧ କରି ରଖିଥିବା ସାମାଜିକ ଏକତା ଓ ସଦ୍‌ଭାବନା ବଜାୟ ରଖିବା ଦିଗରେ ମିଳିତ ଭାବେ କାର୍ଯ୍ୟ କରିବା ଲାଗି ବିରୋଧୀ ନେତାମାନେ ଦୋହରାଇଛନ୍ତି।

## ୧୦୮ ଫୁଟ୍‌ର ହନୁମାନ ମୂର୍ତ୍ତି ଉନ୍ମୋଚିତ

**ନୂଆଦିଲ୍ଲୀ,୧୬।୪**

ଗୁଜରାଟର ମୋର୍ବିଠାରେ ୧୦୮ ଫୁଟ୍ ଉଚ୍ଚର ହନୁମାନ ମୂର୍ତ୍ତିକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ଭିଡିଓ କନ୍‌ଫରେନ୍ସ ଯୋଗେ ଉନ୍ମୋଚନ କରିଛନ୍ତି। ଏହି ଅବସରରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ କହିଥିଲେ, ଶିମ୍‌ଲାରେ ବହୁବର୍ଷ ହେଲା ସୁଉଚ୍ଚ ହନୁମାନ ମୂର୍ତ୍ତି ପୂଜା ପାଇଆସୁଥିବାବେଳେ ମୋର୍ବିରେ ସେଭଳି ମୂର୍ତ୍ତି ନିର୍ମାଣ ହୋଇଛି। ଖୁବ୍‌ଶୀଘ୍ର ରାମେଶ୍ୱରମ୍ ଏବଂ ପଶ୍ଚିମବଙ୍ଗରେ ଏଭଳି ପ୍ରତିମୂର୍ତ୍ତି ନିର୍ମାଣ କରାଯିବ ବୋଲି ମୋଦି କହିଥିଲେ। ଏହି କାର୍ଯ୍ୟକ୍ରମରେ ଯୋଗଦେବାର ସୁଯୋଗ ପାଇଥିବାରୁ ସେ ଟୁଇଟର ଯୋଗେ କୃତଜ୍ଞତା ଜଣାଇଛନ୍ତି।



# ହନୁମାନ ଜୟନ୍ତୀ ଶୋଭାଯାତ୍ରାରେ ହିଂସା

**ନୂଆଦିଲ୍ଲୀ,୧୬।୪**



ଦିଲ୍ଲୀର ଜାହାଙ୍ଗିରପୁରୀ ଅଞ୍ଚଳରେ ଶନିବାର ସନ୍ଧ୍ୟାରେ ହନୁମାନ ଜୟନ୍ତୀ ଶୋଭାଯାତ୍ରା ଯାଉଥିବାବେଳେ ଦୁଇ ସମ୍ପ୍ରଦାୟ ମଧ୍ୟରେ ବଚସାରୁ ସଂଘର୍ଷ ଘଟିଯାଇଛି। ଉଭୟ ପକ୍ଷ ପରସ୍ପରକୁ ଟେକାମାଡ଼ କରିବାରୁ ପୋଲିସ କର୍ମଚାରୀଙ୍କ ସମେତ ଅନେକ ଲୋକ ଆହତ ହୋଇଛନ୍ତି। ସେମାନଙ୍କୁ ବାବୁ ଜଗଜୀବନ ରାମ ମେମୋରିଆଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଦୁର୍ବୃତ୍ତମାନେ କେତେକ ଗାଡ଼ି ଭାଙ୍ଗିଦେଇଛନ୍ତି। କେବଳ ଜାହାଙ୍ଗିରପୁରୀ ନୁହେଁ ଆଖପାଖ ଅଞ୍ଚଳର ଲୋକେ ମଧ ହିଂସାକାଣ୍ଡରେ ସାମିଲ ହୋଇଥିଲେ ବୋଲି ପୋଲିସ କମିଶନର ରାକେଶ ଅସ୍ଥାନା କହିଛନ୍ତି। ଉତ୍ତେଜନା ଲାଗି ରହିଥିବାରୁ ଉକ୍ତ ଅଞ୍ଚଳ ଉପରେ ନଜର ରଖାଯିବା ସହ ଅତିରିକ୍ତ ସୁରକ୍ଷା ବଳ ମୁତୟନ କରାଯାଇଛି। ଜାହାଙ୍ଗିରପୁରୀ ଓ ଆଖପାଖ ଅଞ୍ଚଳକୁ ଦୁଇ କମ୍ପାନୀ ରାପିଡ୍ ଆକ୍ସନ ଫୋର୍ସ ପଠାଯାଇଛି।

**ଦିଲ୍ଲୀରେ ଅନେକେ ଆହତ**

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଦିଲ୍ଲୀ ପୋଲିସ ଅଧିକାରୀଙ୍କ ସହ କଥା ହୋଇ ହିଂସା ରୋକିବା ଦିଗରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଢେଲାମାଡ଼ ଘଟଣାକୁ ନିନ୍ଦା କରିବା ସହ ଏଥିରେ ସମ୍ପୃକ୍ତ ଲୋକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଏଥିସହିତ ସମସ୍ତେ ପରସ୍ପରର ହାତ ଧରି ଶାନ୍ତି ବଜାୟ ରଖିବାକୁ ସେ ଟୁଇଟ୍ କରିଛନ୍ତି। ଶାନ୍ତି ଶୃଙ୍ଖଳା ବିନା ଦେଶ ଆଗେଇ ପାରିବ ନାହିଁ। ଶାନ୍ତି ରକ୍ଷାକରିବା କେନ୍ଦ୍ର ସରକାରଙ୍କ ଦାୟିତ୍ୱ ବୋଲି କେଜ୍‌ରିୱାଲ କହିଛନ୍ତି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୦,୩୯,୯୪,୮୯୭ | ୬୨,୨୧,୧୫୨ | ୪୫,୪୫,୩୯,୯୫୯ |
| ଭାରତ | ୪,୩୦,୪୦,୯୪୭ | ୫,୨୧,୭୭୬ | ୪,୨୫,୦୭,୮୩୪ |
| ଓଡ଼ିଶା | ୧୨,୮୭,୯୧୨ | ୯୧୨୩(+୫୩) | ୧୨,୭୮,୬୨୨ |

ଶନିବାର ରାତି ୧୨ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର




# ଯୋଡ଼ା ଗୋଷ୍ଠୀ ସଂଘର୍ଷ ଘଟଣାରେ ୧୧ ଗିରଫ

**ଯୋଡ଼ା, ୧୬।୪(ଡି.ଏନ.ଏ.)**

କେନ୍ଦୁଝର ଜିଲା ଯୋଡ଼ା ସହରରେ ରାମ ନବମୀରେ ଝଣ୍ଡା ସ୍ଥାପନକୁ ନେଇ ହୋଇଥିବା ଗୋଷ୍ଠୀ ସଂଘର୍ଷ ଘଟଣାରେ ପୋଲିସ ଉଭୟ ଗୋଷ୍ଠୀର ୧୧ଜଣଙ୍କୁ ଗିରଫ କରିଛି। ଏନେଇ ପୋଲିସ ଏକ ମାମଲା (ନଂ.୬୫/୨୨) ରୁଜୁ କରି ଯୋଡ଼ା କଣ୍ଟ୍ରାକ୍ଟର କଲୋନୀର ରାକେଶ ମହାନ୍ତି, କୁନ୍ଦୁରୁନାଲା ଅଞ୍ଚଳର ମୁକେଶ ବାରିକ, ଅମନ କାରୁଆ, ନରେଶ ମହାକୁଡ, ଚନ୍ଦନ ଗୁପ୍ତା,ସହିଦ ନଗରର ବିଶ୍ୱଜିତ ଶର୍ମାଙ୍କୁ ଗିରଫ କରିଛି। ସେହିପରି ପାଲଟା ଅଭିଯୋଗରେ ପୋଲିସ ଆଉ ଏକ ମାମଲା (ନଂ. ୬୬/୨୨) ରୁଜୁ କରି ଯୋଡ଼ା ସଂଖ୍ୟାଲଘୁ ସମ୍ପ୍ରଦାୟର ଏମ୍‌ଡି ୱକିଲ, ଏମ୍‌ଡି ଦିଲାସାଦ ଆଲାମ, ଏମ୍‌ଡି ବାବୁ, ଏମ୍‌ଡି ମୁଦାସାର ଅନସାରୀ ଓ ହୁଡ଼ିସାହିର ଏମ୍‌ଡି ଏକବାଲଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି।

ପ୍ରକାଶଯୋଗ୍ୟ, ରାମ ନବମୀ ପରବର୍ତ୍ତୀ ଦିନ ୪ନଂ ୱାର୍ଡରେ ଥିବା ଏକ ଶିବମନ୍ଦିରରେ ରାମ ଝଣ୍ଡା ସ୍ଥାପନକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦ ହୋଇ ପଥର ମାଡ଼ ହୋଇଥିଲା। ପୋଲିସ ଏହାକୁ ନିୟନ୍ତ୍ରଣ କରିବା ପାଇଁ ଫାଙ୍କା ଗୁଳିଚାଳନା କରିବା ସହ ପରିସ୍ଥିତିକୁ ଦୃଷ୍ଟିରେ ରଖି ୧୪୪ ଧାରା ଏବେ ମଧ୍ୟ ସହରରେ ବଳବତ୍ତର ରହିଛି। ତେବେ ଆଇନ୍‌ଶୃଙ୍ଖଳା ପରିସ୍ଥିତିରେ ସୁଧାର ଆଣିବା ପାଇଁ ବିଘଟନକାରୀଙ୍କ ଉପରେ ପ୍ରଶାସନ ପକ୍ଷରୁ କଡ଼ା ଆଭିମୁଖ୍ୟ ଗ୍ରହଣ କରାଯିବ ବୋଲି ଯୋଡ଼ା ଆଇଆଇସି ପଦ୍ମାଳୟା ସାହୁ କହିଛନ୍ତି।

DADLS-10




ମହାନ୍ ଜନନାୟକ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ
ରାଜ୍ୟସ୍ତରୀୟ ଶ୍ରାଦ୍ଧୋତ୍ସବ
୧୭ ଅପ୍ରେଲ, ୨୦୨୨

ସନ୍ଧ୍ୟା ଘ.୫.୩୦ମି. | ସାଧାରଣ ସଭା | ଜୟଦେବ ଭବନ

ମୁଖ୍ୟ ଅତିଥି : – ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ, ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା ଭର୍ଚୁଆଲ ପ୍ଲାଟଫର୍ମ ମାଧ୍ୟମରେ ଯୋଗଦାନ କରିବେ।

ସଭାପତି : – ଶ୍ରୀଯୁକ୍ତ ରଘୁନନ୍ଦନ ଦାସ, ମାନ୍ୟବର ମନ୍ତ୍ରୀ, ଜଳସମ୍ପଦ, ସୂଚନା ଓ ଲୋକସମ୍ପର୍କ

ସମ୍ମାନିତ ଅତିଥି :
– ଶ୍ରୀଯୁକ୍ତ ଅଶୋକ ଚନ୍ଦ୍ର ପଣ୍ଡା, ମାନ୍ୟବର ମନ୍ତ୍ରୀ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ବିଜ୍ଞାନ ଓ ବୈଷୟିକ, ସାଧାରଣ ଉଦ୍ୟୋଗ
– ଶ୍ରୀଯୁକ୍ତ ଅନନ୍ତ ନାରାୟଣ ଜେନା, ମାନ୍ୟବର ବିଧାୟକ, ଭୁବନେଶ୍ୱର (ମଧ୍ୟ)
– ଶ୍ରୀଯୁକ୍ତ ସୁଶାନ୍ତ କୁମାର ରାଉତ, ମାନ୍ୟବର ବିଧାୟକ, ଭୁବନେଶ୍ୱର (ଉତ୍ତର)
– ଶ୍ରୀମତୀ ସୁଲୋଚନା ଦାସ, ମାନ୍ୟବର ମେୟର, ଭୁବନେଶ୍ୱର ମହାନଗର ନିଗମ
– ଶ୍ରୀଯୁକ୍ତ ମାନସ ରଞ୍ଜନ ମଙ୍ଗରାଜ, ଉପଦେଷ୍ଟା ଓଡ଼ିଶା ସରକାର (ଗଣମାଧ୍ୟମ ଓ ଲୋକସମ୍ପର୍କ)
– ଡ. ଲେନିନ୍ ମହାନ୍ତି, ସମ୍ପାଦକ, ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁ

ସ୍ୱାଗତ ଭାଷଣ : – ଶ୍ରୀଯୁକ୍ତ ବିଷ୍ଣୁପଦ ସେଠୀ, ପ୍ରମୁଖ ଶାସନ ସଚିବ, ସୂଚନା ଓ ଲୋକସମ୍ପର୍କ ବିଭାଗ

ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଏହି ସ୍ମୃତି ସଭାରେ ଯୋଗ ଦେବାକୁ ବିନମ୍ର ଅନୁରୋଧ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

ମହାନ ଜନନାୟକ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ହେଉଛନ୍ତି ଓଡ଼ିଆ ସ୍ପର୍ଦ୍ଧା ଓ ସ୍ୱାଭିମାନର ପ୍ରତୀକ। ଏକାଧାରରେ ସ୍ୱାଧୀନତା ସଂଗ୍ରାମୀ, ଦୁଃସାହସୀ ବୈମାନିକ, ଶିଳ୍ପପତି, ବିଚକ୍ଷଣ ରାଷ୍ଟ୍ରନୀତିଜ୍ଞ, ଦୂରଦୃଷ୍ଟି ସମ୍ପନ୍ନ ରାଜନେତା ଭାବେ ସେ ଯେଉଁ ଶୀର୍ଷବିନ୍ଦୁକୁ ଅତିକ୍ରମ କରିଯାଇଥିଲେ, ତାହା ଅକଳ୍ପନୀୟ। ବିଗତ ଶତାବ୍ଦୀରେ ଓଡ଼ିଶାର ସାମାଜିକ, ରାଜନୈତିକ ଏବଂ ଅର୍ଥନୈତିକ ଉତ୍ତରଣରେ ତାଙ୍କର ଭୂମିକା ସମୃଦ୍ଧ ଏବଂ ସମୁଜ୍ଜ୍ୱଳ। ସମଗ୍ର ବିଶ୍ୱସ୍ତରରେ ଜଣେ ଅଦ୍ୱିତୀୟ ରାଷ୍ଟ୍ରନେତା ଭାବେ ନିଜକୁ ପ୍ରତିପାଦିତ କରିଥିବା ବିଜୁ ପଟ୍ଟନାୟକ ହେଉଛନ୍ତି ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ଗର୍ବ ଓ ଗୌରବ। ନବ ଉତ୍କଳର ଏହି ବିନ୍ଧାଣିଙ୍କ ଉତ୍ତୁଙ୍ଗ ବ୍ୟକ୍ତିତ୍ୱ ଚିରକାଳ ଓଡ଼ିଆ ଜାତିର ପଥ ଓ ପୃଥିବୀକୁ ଆଲୋକିତ କରୁଥିବ।

OIPR-15001/13/0013/2223

# ପରିବାର ଆଗରେ ସମୁଦ୍ରରେ ଭାସିଗଲେ

**ପୁରୀ ଅଫିସ/ ଲଙ୍ଗଳେଶ୍ୱର(ଡି.ଏନ୍.ଏ.), ୧୬।୪**

ସପରିବାର ପୁରୀ ଆସିଥିଲେ ମହାପ୍ରଭୁଙ୍କ ଦର୍ଶନ କରିବା ସହ ପୁଅର ମାନସିକ ପୂରଣ କରିବାକୁ। ଶନିବାର ପୁଅର ମୁଣ୍ଡନ କାର୍ଯ୍ୟକ୍ରମ ସରିବାପରେ ସମୁଦ୍ରରେ ସ୍ନାନ କରିଥିଲେ। ହେଲେ ଏହି ସ୍ନାନ ଯେ ତାଙ୍କ ପାଇଁ କାଳ ହେବ ତାହା ଜାଣି ନ ଥିଲେ। ପୁଅ ସହ ସମୁଦ୍ରରେ ଗାଧୋଉଥିବା ସମୟରେ ଜଣେ ବ୍ୟକ୍ତି ଭାସିଯାଇଛନ୍ତି। ନିଖୋଜ ବ୍ୟକ୍ତି ହେଉଛନ୍ତି ବାଲେଶ୍ୱର ଜିଲା ବସ୍ତା ବ୍ଲକ ଛଟିନା ଗ୍ରାମର ବଂଶୀଧର ବେହେରା(୩୫)। ଖବରପାଇ ଅଗ୍ନିଶମ ବିଭାଗ ଓ ଲାଇଫଗାର୍ଡ ପକ୍ଷରୁ ଦୀର୍ଘ ସମୟ ଧରି ସର୍ଚ୍ଚ ଅପରେଶନ୍ ଜାରି ରହିଥିଲେ ମଧ୍ୟ ବଂଶୀଧରଙ୍କ ପତ୍ତା ମିଳିପାରି ନାହିଁ। ତେବେ ବଂଶୀଧର ଭାସିଯିବା ସମୟର ଦୃଶ୍ୟ ତାଙ୍କ ପରିବାର ସଦସ୍ୟଙ୍କ ମୋବାଇଲରେ କଏଦ ହୋଇଛି। ଏହି ଭିଡିଓଟି ସୋସିଆଲ୍ ମିଡିଆରେ ଭାଇରାଲ ହେଉଥିବାବେଳେ ଏହା ଅତ୍ୟନ୍ତ ହୃଦୟ ବିଦାରକ। ଏ ନେଇ ପରିବାର ପକ୍ଷରୁ ସମୁଦ୍ରକୂଳ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକ୍ରମେ ପୋଲିସ ପକ୍ଷରୁ ମଧ୍ୟ ସବୁ ସେକ୍ଟର ପାଟ୍ରୋଲିଂ ଟିମ୍‌କୁ ସଜାଗ କରାଯାଇଛି ବୋଲି ଆଇଆଇସି ଚିନ୍ମୟ ରାଉତ କହିଛନ୍ତି।

**ଭାସିଯିବା ସମୟର ଭିଡିଓ ଭାଇରାଲ**



ମିଳିଥିବା ସୂଚନାନୁସାରେ ପୁଅର ମାନସିକ ଚୁଟି ପକାଇବା ପାଇଁ ଶୁକ୍ରବାର ବଂଶୀଧର ସ୍ତ୍ରୀ ଓ ପୁଅ କାର୍ତ୍ତିକଙ୍କୁ ଧରି ପୁରୀ ଆସିଥିଲେ। ପୁରୀରେ ଜଗନ୍ନାଥଙ୍କ ଦର୍ଶନ ପରେ ଶନିବାର ସକାଳ ପ୍ରାୟ ସାଢ଼େ ୯ଟାରେ ପୁଅର ଚୁଟି ପକାଇବା ପରେ ସ୍ଥାନୀୟ ଚୈତନ୍ୟ ଛକ ନିକଟ ସମୁଦ୍ର କୂଳକୁ ଯାଇ ପୁଅ ସହ ବଂଶୀଧର ଗାଧୋଇଥିଲେ। ଗାଧୋଇବାର ଦୃଶ୍ୟକୁ ଖୁସିରେ ସ୍ତ୍ରୀ ମୋବାଇଲ୍‌ରେ ରେକର୍ଡିଂ କରୁଥିଲେ। ହେଲେ ବଂଶୀଧର ଲହଡ଼ି ଭାଙ୍ଗୁଥିବା ବେଳେ ଅସାବଧାନତାବଶତଃ ତାଙ୍କ ମୁଣ୍ଡ ମାଡ଼ ହୋଇଯିବାରୁ ସେ ଚେତାଶୂନ୍ୟ ହୋଇପଡ଼ିଥିଲେ। ଫଳରେ ସେ ପହଁରି ନ ପାରି ସମୁଦ୍ରରେ ଭାସି ଯାଇଥିଲେ ବୋଲି ପ୍ରତ୍ୟକ୍ଷଦର୍ଶୀ ଲାଇଫଗାର୍ଡ ଲୋକନାଥ ବେହେରା କହିଛନ୍ତି। ଖବରପାଇ ଅଗ୍ନିଶମ ବିଭାଗ ଓ ଲାଇଫଗାର୍ଡ ପକ୍ଷରୁ ଦୀର୍ଘ ସମୟ ଧରି ସର୍ଚ୍ଚ ଅପରେଶନ୍ ଜାରି ରହିଥିଲେ ମଧ୍ୟ ବଂଶୀଧରଙ୍କ ପତ୍ତା ମିଳିପାରି ନାହିଁ। ଅପରପକ୍ଷରେ ଶନିବାର ପୂର୍ଣ୍ଣିମା ଥିବାରୁ ଗତ ୨ଦିନ ହେବ ଅଧିକ ଢେଉ ରହିଛି। ହେଲେ ଏନେଇ ବାହାରୁ ଆସୁଥିବା ପର୍ଯ୍ୟଟକଙ୍କୁ ସଚେତନ କରାଯାଉ ନ ଥିବାରୁ ଏଭଳି ଅଭାବନୀୟ ଘଟଣା ଘଟୁଛି ବୋଲି କିଛି ସ୍ଥାନୀୟ ଲୋକ ପ୍ରକାଶ କରିଛନ୍ତି। ଅପରପକ୍ଷରେ ପୁଅର ନିଖୋଜ ଖବର ଶୁଣିବା ପରେ ଗ୍ରାମରେ ଥିବା ବୃଦ୍ଧ ମା'ବାପା କାନ୍ଦି କାନ୍ଦି ଚେତା ଶୂନ୍ୟ ହୋଇପଡୁଛନ୍ତି। ପୁଅ କେତେବେଳେ ଫେରିବ ତାକୁ ଅପେକ୍ଷା କରି ରହିଛନ୍ତି। ସେହିଭଳି ସମୁଦ୍ରରେ ଶନିବାର ଆଉ ଦୁଇ ପର୍ଯ୍ୟଟକ ଗାଧୋଉଥିବା ସମୟରେ ବୁଡ଼ିଯାଉଥିବାବେଳେ ଲାଇଫଗାର୍ଡ ଉଦ୍ଧାର କରିଛନ୍ତି। ସେମାନେ ହେଲେ ଝାଡ଼ଖଣ୍ଡର ନିଶାନ୍ତ ଗୋୟେଲ ଓ ହିମାଂଶୁ କୁମାର। ଦୁଇ ବନ୍ଧୁ ପୁରୀ ଆସି ବେଳାଭୂମିକୁ ବୁଲିବାକୁ ଯାଇଥିବା ବେଳେ ସମୁଦ୍ର ଭିତରକୁ ଚାଲି ଯାଇଥିଲେ।



86 YEARS TRUST IS TIMELESS

*Steal a glance with him, and then another.*
*A little extra*
**ବାହାଘର**

A little old-fashioned and a whole lot of bold.
It's your wedding and you deserve to have a little more of everything.
Come, celebrate it with Khimji Jewellers.
**Widest range of BIS hallmarked jewellery**

UP TO 50% OFF* ON MAKING CHARGES ON GOLD JEWELLERY

*Wedding Collection 2022 by*
KHIMJI®
*Jewellers since 1936*

*T&C apply.

STORES ONLY AT

| BHUBANESWAR | BHUBANESWAR | BERHAMPUR | CUTTACK | JHARSUGUDA | ROURKELA |
|---|---|---|---|---|---|
| 621, Saheed Nagar, Janpath | 309 District Centre, Chandrasekharpur | Venkatraju Arcade, Sano Bazar | 558/834, Cantonment Road | Sarbahal Road, Jharsuguda | Kesar Bhawan, Main Road |

NOWHERE ELSE

100% BIS Hallmarked | 100% Certified IGI Diamonds | Lowest Gold Price in Odisha | Lifetime Buyback Guarantee*

PLATINUM | DE BEERS FOREVERMARK | MONT BLANC | SWAROVSKI

Toll Free: 1800 3131 777
Follow us:

ନିଜର କୌଣସି ବ୍ୟକ୍ତିଗତ ଅଭିରୁଚି ନ ରଖି- ତୁମର ସମସ୍ତ ବ୍ୟକ୍ତିଗତ ଆକର୍ଷଣ ଓ ଭଲ ଲାଗିବାରୁ ମୁକ୍ତ ହୋଇ, କେବଳ ମାତ୍ର ସତ୍ୟ ଉପରେ ନିର୍ଭର କରି ତୁମେ ଯାହାକୁ ହେଉ କରିପାର - କାରଣ ସତ୍ୟ ହିଁ ପଥପ୍ରଦର୍ଶକ। -ଶ୍ରୀମା



# ସୁପାରିସକୁ ଅପେକ୍ଷା



ଆକାର ପଟେଲ

ୟୁନାଇଟେଡ୍ ଷ୍ଟେଟ୍ସ କମିଶନ ଅନ୍ ଇଣ୍ଟରନ୍ୟାଶନାଲ ରିଲିଜିୟସ୍ ଫ୍ରିଡମ୍ (ୟୁଏସ୍‌ସିଆଇଆର୍‌ଏଫ୍) ଏକ ସ୍ୱାଧୀନ ଏବଂ ଦ୍ୱିଦଳୀୟ ସଂଘୀୟ ସରକାରୀ ସଂସ୍ଥା। ସ୍ୱାଧୀନ କହିଲେ ଏହା ଆମେରିକା ସଂଘୀୟ ସରକାରର ଏକ ଅଂଶ ନୁହେଁ ଏବଂ ଦ୍ୱିଦଳୀୟ ମାନେ ଦୁଇ ପ୍ରମୁଖ ଦଳ ଡେମୋକ୍ରାଟସ୍ ଏବଂ ରିପବ୍ଲିକାନ୍ସ ପ୍ରତିନିଧିମାନେ ଉକ୍ତ ସଂସ୍ଥାରେ ରହିଛନ୍ତି। ବିଶ୍ୱର ବିଭିନ୍ନ ଦେଶରେ ଧାର୍ମିକ ସ୍ୱାଧୀନତା ଉପରେ ସମୀକ୍ଷା କରି ଏହା ଆମେରିକା ରାଷ୍ଟ୍ରପତି, ପରରାଷ୍ଟ୍ର ସଚିବ ଏବଂ ଆମେରିକା କଂଗ୍ରେସକୁ ବିଭିନ୍ନ ନୀତି ସୁପାରିସ କରିଥାଏ ଓ ପରେ ଏହି ସୁପାରିସଗୁଡ଼ିକର କାର୍ଯ୍ୟକାରିତା ଉପରେ ନଜର ରଖିଥାଏ। ୨୦୨୦ରେ, ୟୁଏସ୍‌ସିଆଇଆର୍‌ଏଫ୍ ୧୩ 'ବିଶେଷ ଚିନ୍ତାଜନକ ଦେଶ'କୁ ନେଇ ପ୍ରସ୍ତୁତ ବୃତ୍ତାନ୍ତ ତାଲିକାରେ ଭାରତକୁ ସ୍ଥାନିତ କରିଥିଲା। ଆଇନ ମାଧ୍ୟମରେ(ସିଏଏ ଓ ଏନ୍‌ଆର୍‌ସିକୁ ଦର୍ଶାଇଛି) ମୁସଲମାନଙ୍କ ବିରୋଧରେ ବାଛବିଚାର ଭାବ ପ୍ରଦର୍ଶନ କରିବା, ଧର୍ମ ପ୍ରଚାର ଉପରେ କଟକଣା ଏବଂ ଗୋହତ୍ୟାକୁ ନେଇ ହିଂସା ଓ ଭିଡ଼ ହିଂସା କାରଣରୁ ଭାରତକୁ ତାଲିକାରେ ରଖାଯାଇଛି ବୋଲି ରିପୋର୍ଟରେ କହିଥିଲା। ଧାର୍ମିକ ସ୍ୱାଧୀନତାର ଉଲ୍ଲଂଘନ ପାଇଁ ଭାରତର ଯେଉଁ ସରକାରୀ ସଂସ୍ଥା ଏବଂ ଅଧିକାରୀମାନେ ଦାୟୀ ସେମାନଙ୍କ ବିରୋଧରେ କଟକଣା ଲାଗୁ କରିବା ସକାଶେ ୟୁଏସ୍‌ସିଆଇଆର୍‌ଏଫ୍ ଆମେରିକା ସରକାରଙ୍କୁ ସୁପାରିସ୍ କରିଥିଲା। ସେମାନଙ୍କ ସମ୍ପତ୍ତି ଜବତ କରିବା କିମ୍ବା ସେମାନଙ୍କୁ ଆମେରିକା ପ୍ରବେଶକୁ ରୋକିବାକୁ କହିଥିଲା। ସ୍ମରଣଯୋଗ୍ୟ, ୨୦୦୨ ଗୁଜରାଟ ଗଣହତ୍ୟା ପରେ ୟୁଏସ୍‌ସିଆଇଆର୍‌ଏଫ୍ ସୁପାରିସକ୍ରମେ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ଆମେରିକା ଭିଜା ଉପରେ ପ୍ରତିବନ୍ଧକ ଲଗାଯାଇଥିଲା। କିନ୍ତୁ ଏଥର ଭାରତକୁ କଟକଣା ଭୁକ୍ତ କରିବାରେ ଅସହମତି ପ୍ରକାଶ ପାଇଲା। ୟୁଏସ୍‌ସିଆଇଆର୍‌ଏଫ୍ କମିଶନର ଗ୍ୟାରି ବୌଏର(ଜଣେ ରିପବ୍ଲିକାନ) ଏବଂ ତେନ୍‌ଜିନ ଦୋର୍ଜି(ଜଣେ ତିବ୍ବତ ଶରଣାର୍ଥୀ) ଉଲ୍ଲେଖ କରିଥିଲେ ଯେ, ଭାରତରେ ଯାହା ଘଟୁଛି ତାହାକୁ ନେଇ ସେମାନେ ଚିନ୍ତିତ। କିନ୍ତୁ ଆମେରିକା ଭାରତ ଉପରେ କଟକଣା ଲଗାଇବା ଉଚିତ ନୁହେଁ। ଏଣୁ କଟକଣା ପାଇଁ ୟୁଏସ୍‌ସିଆଇଆର୍‌ଏଫର ସୁପାରିସକୁ ପ୍ରଶାସନ ଗ୍ରହଣ କରି ନ ଥିଲା। ଭାରତରେ ଧାର୍ମିକ ସ୍ୱାଧୀନତା ନିମ୍ନଗାମୀ ହେଉଥିବା ଦର୍ଶାଇ ୟୁଏସ୍‌ସିଆଇଆର୍‌ଏଫ୍ ୨୦୨୧ରେ 'ବିଶେଷ ଚିନ୍ତାଜନକ ଦେଶ'' ତାଲିକାରେ ଭାରତକୁ ପୁନର୍ବାର ସ୍ଥାନିତ କରିଥିଲା। ତାହା ଦିଲ୍ଲୀ ଦଙ୍ଗା, ସିଏଏ ପ୍ରତିବାଦକୁ ନେଇ ଦେଶରେ ସଂଗଠିତ ହିଂସା ଓ ବାବ୍ରି ମସ୍‌ଜିଦ ମାମଲାରେ ସମସ୍ତଙ୍କୁ ଦୋଷମୁକ୍ତ କରିବା ଆଦି ଘଟଣାକୁ ଏହା ଦର୍ଶାଇଥିଲା। ପୁଣି ଥରେ ଭାରତ ସରକାରଙ୍କ ଅଧିକାରୀ ଏବଂ ସଂସ୍ଥାଗୁଡ଼ିକ ବିରୋଧରେ କଟକଣା ଲଗାଇବାକୁ ସୁପାରିସ କରିଥିଲେ ବି ବାଇଡେନ୍ ପ୍ରଶାସନ ସ୍ୱୀକାର କରି ନ ଥିଲା। ଏଥର କିନ୍ତୁ ୟୁଏସ୍‌ସିଆଇଆର୍‌ଏଫ୍‌ରେ କେହି ଜଣେ ମଧ୍ୟ ବିରୋଧ କରି ନ ଥିଲେ। ଏହାର ଜଣେ କମିଶନର ଜନି ମୋରେ ଉଲ୍ଲେଖ କଲେ ଯେ, ମୁଁ ଭାରତକୁ ଭଲ ପାଏ। ମୁଁ ବଡ଼ି ସକାଳୁ ଗଙ୍ଗାରେ ନୌକାରେ ଯାଇଛି, ଦିଲ୍ଲୀର ପ୍ରତ୍ୟେକ ଗଳିରେ ବୁଲିଛି, ଆଗ୍ରା ସ୍ଥାପତ୍ୟ ଦେଖି ବିସ୍ମିତ ହୋଇଛି, ଧର୍ମଶାଳାରେ ଦଲାଇଲାମା ମନ୍ଦିର ପାଖରେ ଚା ପିଇଛି, ଆଜ୍‌ମେର ଧର୍ମପୀଠ ଚାରିପାଖେ ବୁଲିଛି। ବୁଲିବା ଭିତରେ ଖ୍ରୀଷ୍ଟିଆନ ଭଉଣୀ ଭାଇମାନେ ନିଃସ୍ୱାର୍ଥପର ଭାବେ କଠିନ ପରିସ୍ଥିତିରେ ଗରିବଙ୍କ ସେବା କରିବା ଦେଖିଛି। ଏଣୁ ବିଶ୍ୱର ସବୁ ଦେଶ ମଧ୍ୟରେ ଭାରତ 'ବିଶେଷ ଚିନ୍ତାଜନକ ଦେଶ' ହେବା ଉଚିତ ନୁହେଁ। ଭାରତର ଗଣତନ୍ତ୍ର ଏବେ ବି ବଳିଷ୍ଠ ଏବଂ ମୁକ୍ତଧାରାରେ ଚାଲିଛି। ତେବେ ବୃଦ୍ଧି ପାଉଥିବା ଆନ୍ତଃ ସମ୍ପ୍ରଦାୟ ସଂଘର୍ଷକୁ ଭାରତ ବିରୋଧ କରିବା ଦରକାର। ସାମାଜିକ ସଦ୍‌ଭାବ ରକ୍ଷାକରି ଏବଂ ସମସ୍ତଙ୍କ ଅଧିକାର ସୁରକ୍ଷା କରି ଭାରତ ସରକାର ଓ ନାଗରିକମାନେ ଲାଭ ପାଇବେ ଏବଂ କିଛି ବି ହରାଇବାର ନାହିଁ। ଭାରତ ଏହା କରିପାରିବ, କରିବା ବି ଦରକାର।

ଆସନ୍ତା ମାସରେ ୨୦୨୨ ପାଇଁ ୟୁଏସ୍‌ସିଆଇଆର୍‌ଏଫ୍ ସୁପାରିସ୍ କରିବ। ଏହି ଆଧାରରେ କିଛି ଦିନ ପୂର୍ବେ ଏକ ସାମ୍ବାଦିକ ସମ୍ମିଳନୀରେ ଜୟଶଙ୍କର ଓ ରାଜନାଥ ସିଂଙ୍କ ଉପସ୍ଥିତିରେ ଆମେରିକା ପରରାଷ୍ଟ୍ର ସଚିବ ବ୍ଲିଙ୍କେନ ଦେଇଥିବା ମନ୍ତବ୍ୟକୁ ଆମେ ନିରୀକ୍ଷଣ କରିବା ଉଚିତ। ସେ କହିଥିଲେ ଯେ, ଆମେ ନିୟମିତ ଆମ ସହଯୋଗୀ ଭାରତ ସହ ସାମାଜିକ ବିଷୟଗୁଡ଼ିକରେ ଜଡ଼ିତ ରହିଛୁ ଏବଂ ଭାରତରେ ଏବେ ସରକାର, ପୋଲିସ ଏବଂ ଜେଲ ଅଧିକାରୀଙ୍କ ଦ୍ୱାରା ଉଲ୍ଲଂଘନ ହୋଇଥିବା ମାନବ ଅଧିକାର ସମେତ ଆଉ କିଛି ସମ୍ବନ୍ଧିତ ଘଟଣାକ୍ରମକୁ ଆମେ ନିରୀକ୍ଷଣ କରୁଛୁ। ଏଥିରେ ଆମ ସରକାର ଚିନ୍ତିତ ଥିଲେ; ଯେଉଁଥିପାଇଁ ଆମେରିକାରେ ମାନବିକ ଅଧିକାର ସ୍ଥିତିକୁ ନେଇ ଭାରତ ମଧ୍ୟ ଚିନ୍ତିତ ବୋଲି ଜୟଶଙ୍କର ଭାରତ ଫେରିବା ପରେ କହିବାକୁ ପଡ଼ିଲା। ଏହାକୁ ଏକ ବଡ଼ ପ୍ରତ୍ୟୁତ୍ତର ଭାବେ ଦେଖାଗଲା। କିନ୍ତୁ ଆମେରିକାରେ ସୃଷ୍ଟି ହୋଇଥିବା ପ୍ରସଙ୍ଗକୁ ଏହା ସମାଧାନ କରୁ ନାହିଁ। କିଛିମାସ ପୂର୍ବର ଘଟଣାଗୁଡ଼ିକୁ ଦେଖିଲେ ସମ୍ଭବତଃ ଭାରତ ତାଲିକାରେ ରହିବ ଏବଂ ୟୁଏସ୍‌ସିଆଇଆର୍‌ଏଫ୍ ଆମେରିକାକୁ ମାନବ ଅଧିକାର ସମ୍ପର୍କିତ ଘଟଣାରେ କଟକଣା ଲଗାଇବାକୁ କହିପାରେ। ଏହା ଲାଗି ରହିବ ଓ ଆମକୁ ଏଥିପାଇଁ ପ୍ରସ୍ତୁତ ହେବାକୁ ପଡ଼ିବ। ଏବେ ଭାରତରେ କ'ଣ ସବୁ ଘଟୁଛି ତା'ପ୍ରତି ବିଶ୍ୱ ଆଖି ବନ୍ଦ କରି ବସି ନାହିଁ। ଏଥିରେ ବିଶ୍ୱ ଅସନ୍ତୁଷ୍ଟ।

ଭାଇଚାରା ଓ ଗଣତନ୍ତ୍ରକୁ ନେଇ ଭାରତର ଅପୂର୍ବ ଖ୍ୟାତି ରହିଛି। ହେଲେ ଏଠାରେ ଦେଶର ଛବି ଖରାପ କରୁଥିବା ଘଟଣାଗୁଡ଼ିକୁ ଭାରତ ବେଶିଦିନ ଲୁଚାଇ ପାରିବ ନାହିଁ। ଯାହା ଘଟୁଛି ତାହା ଭୁଲ୍ ଓ ସରକାର ତାହା ବିରୋଧରେ ଅଛନ୍ତି ବୋଲି ଆମେ ବିଶ୍ୱକୁ ଆଶ୍ୱାସନା ଦେଇପାରିବା। କିନ୍ତୁ ତାହା କରିବାକୁ ଆମେ ଚାହୁଁନୁ। ଆମେ ଯେଉଁ ବାଟରେ ରହିଛୁ ସେଥିରେ ରହିବାକୁ ପସନ୍ଦ କରିଛୁ। ଏହି କାରଣରୁ ଆସନ୍ତା ମାସରେ ୟୁଏସ୍‌ସିଆଇଆର୍‌ଏଫ୍ କ'ଣ କହିବ ତାହା ଦେଖିବାକୁ ଜୟଶଙ୍କରଙ୍କ ମନ୍ତ୍ରଣାଳୟରେ ଅନେକ ଅପେକ୍ଷା କରି ବସିବେ। ଏହା କ'ଣ ସୁପାରିସ କରୁଛି ଓ ଏଥର ଏହାକୁ ଆମେରିକା ପ୍ରଶାସନ ପୁଣି ଥରେ ଅଣଦେଖା କରୁଛି କି ତା'ଉପରେ ପଦକ୍ଷେପ ନେଉଛି ତାହା ଜାଣିବାକୁ ଚାହିଁ ରହିବେ।

Email:aakar.patel@gmail.com

# ଦୁର୍ଗମ ପଥ, ଦୁର୍ଦ୍ଧର୍ଷ ପଥିକ



ଡ. ପ୍ରଫୁଲ୍ଲ କୁମାର ସାହୁ

ଜୀବିତାବସ୍ଥାରେ ଓଡ଼ିଶାର ଯେଉଁ ଦୁଇଜଣ ଯୋଗଜନ୍ମାଙ୍କୁ କିମ୍ବଦନ୍ତୀ ପୁରୁଷ ହେବାର ସୌଭାଗ୍ୟ ମିଳିଛି, ସେମାନଙ୍କ ଭିତରୁ ଜଣେ ହେଲେ ଉତ୍କଳଗୌରବ ମଧୁସୂଦନ ଦାସ ବା ମଧୁବାବୁ ଓ ଅନ୍ୟ ଜଣେ ବିଜୟାନନ୍ଦ ପଟ୍ଟନାୟକ ବା ବିଜୁବାବୁ। ମଧୁବାବୁ ଥିଲେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶର ପ୍ରାଣପ୍ରତିଷ୍ଠାତା। ବିଜୁବାବୁ ହେଉଛନ୍ତି ଆଧୁନିକ ଓଡ଼ିଶାର ନିର୍ମାତା। ମଧୁବାବୁଙ୍କ ପରେ ବିଜୁବାବୁ ଥିଲେ ଓଡ଼ିଆ ସ୍ୱାଭିମାନର ପ୍ରତୀକ, ଓଡ଼ିଶାର ପ୍ରାଣ ଓ ଚେତନା। ଦୁଃସାହସ ଥିଲା ତାଙ୍କ ଚରିତ୍ରର ବିଶେଷତ୍ୱ। ବାସ୍ତବରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପରେ ବିଜୁବାବୁ ହେଉଛନ୍ତି ଓଡ଼ିଶା ମାଟିର ବରପୁତ୍ର, ଯାହାଙ୍କ ସାହସିକତାକୁ ନେଇ ଗର୍ବ ଅନୁଭବ କରେ ପ୍ରତ୍ୟେକ ଓଡ଼ିଆ। ପିଲାଟି ଦିନରୁ ସେ ଥିଲେ ଦୁର୍ଗମ ପଥର ଦୁର୍ଦ୍ଧର୍ଷ ଯାତ୍ରୀ। ପଢ଼ିଆରେ ଫୁଟ୍‌ବଲ୍ ଖେଳିବାଠାରୁ ଆକାଶରେ ବିମାନ ଉଡ଼େଇବା ପର୍ଯ୍ୟନ୍ତ ସବୁଥିରେ ସେ ଥିଲେ ସାହସୀ, ଧୁରନ୍ଧର ଓ ଅନନ୍ୟ। ତାଙ୍କ ଦୁଃସାହସିକତା, ନିର୍ଭୀକତା ଓ ଦେଶପ୍ରେମକୁ କେନ୍ଦ୍ରକରି ଗଢ଼ିଉଠିଛି ଅନେକ କଥା, କାହାଣୀ ଓ କିମ୍ବଦନ୍ତୀ।

୧୯୨୩ ମସିହା କଥା। ବିଜୁଙ୍କୁ ସେତେବେଳେ ବୟସ ମାତ୍ର ୭ ବର୍ଷ। ହଠାତ୍ ଦିନେ ପେଟରେ ଅନୁଭବ କଲେ ଯନ୍ତ୍ରଣା। ଦିନକୁ ଦିନ ଯନ୍ତ୍ରଣା ବଢ଼ିଲେ ବି ଏହା ଅସହ୍ୟ ହେବା ପର୍ଯ୍ୟନ୍ତ କାହାକୁ କିଛି ନ କହି ଲୁଚେଇ ରଖିଲେ ନିଜ ଭିତରେ। ଶେଷରେ ପରିସ୍ଥିତି ଏଭଳି ହେଲା ଯେ ତାଙ୍କ ଯନ୍ତ୍ରଣା ଦେଖି ସ୍ତବ୍ଧ ହୋଇପଡ଼ିଲେ ପିତା ଲକ୍ଷ୍ମୀନାରାୟଣ ପଟ୍ଟନାୟକ ଓ ମାତା ଆଶାଲତା ଦେବୀ। ଡାକ୍ତରଖାନା ନେବାରୁ ଜଣାପଡ଼ିଲା ଆପେଣ୍ଡିସାଇଟ୍‌ସ ଫାଟିଯାଇଛି ଏବଂ ଏଥିପାଇଁ ତୁରନ୍ତ ଅପରେଶନ ଦରକାର। ମାତ୍ର ତତ୍କାଳ ନିଶ୍ଚେତକ ବ୍ୟବସ୍ଥା ଉପଲବ୍ଧ ହୋଇ ନ ପାରିବାରୁ କିଂକର୍ତ୍ତବ୍ୟବିମୂଢ଼ ହୋଇପଡ଼ିଲେ ଡାକ୍ତର। କାରଣ ବିନା ନିଶ୍ଚେତକରେ ଅସ୍ତ୍ରୋପଚାର କଲେ ପିଲା କଷ୍ଟ ସହିପାରିବ କି ନାହିଁ, ତାହା ହିଁ ଥିଲା ଚିନ୍ତାର ବିଷୟ। ବାଳକ ବିଜୁ ଡାକ୍ତରଙ୍କ ଆଶଙ୍କାକୁ ଅନୁଭବ କରି ସଙ୍ଗେସଙ୍ଗେ କହିଲେ ଆପଣ ଅପରେଶନ କରନ୍ତୁ, ମୁଁ ପ୍ରସ୍ତୁତ। ସେଦିନ ବିନା ନିଶ୍ଚେତକରେ ଅପରେଶନ ହେଲା ଏବଂ ସବୁ କଷ୍ଟ ସହିନେଲେ ବିଜୁ। ଅପରେଶନ କରିଥିବା ଇଂରେଜ ଡାକ୍ତର ମ୍ୟାଦର ଓନିଲ୍ ଆଶ୍ଚର୍ଯ୍ୟ ହୋଇ ସେହିଠାରେ ବିଜୁଙ୍କୁ ସମ୍ବୋଧନ କରି କହିଥିଲେ, 'ବ୍ରେଭ୍ ଆଣ୍ଡ ଡେୟାରିଂ ବୟ।'

୧୯୩୨ ମସିହାର କଥା। ସେତେବେଳେ ସେ ରେଭେନ୍ସା କଲେଜର ବିଜ୍ଞାନ ଛାତ୍ର। ବୟସ ମାତ୍ର ଷୋହଳ। ମୁଣ୍ଡକୁ ଘାରିଲା କଟକରୁ ପେଶାୱର(ବର୍ତ୍ତମାନ ପାକିସ୍ଥାନରେ ଅବସ୍ଥିତ) ପର୍ଯ୍ୟନ୍ତ ପ୍ରାୟ ୪ହଜାର ୫ଶହ ମାଇଲ ଦୁଃସାହସିକ ସାଇକେଲ ଯାତ୍ରାର ନିଶା। ଘରେ ସମସ୍ତେ ଆଶ୍ଚର୍ଯ୍ୟ। ବନ୍ଧୁବାନ୍ଧବ, ସାଇପଡ଼ିଶା ତାଜୁବ୍। ହେଲେ ବିଜୁଙ୍କ ଜିଦ୍ ଆଗରେ ହାର୍ ମାନିଲା ସମସ୍ତଙ୍କ ବାରଣ। ମେ' ୧ ତାରିଖ ଖରାଛୁଟିରେ ବନ୍ଧୁ ଅମର ଦେ ଓ ଭ୍ରମରବର ସାହୁଙ୍କୁ ସାଙ୍ଗରେ ନେଇ ଆରମ୍ଭ ହେଲା ପେଶାୱର ଯାତ୍ରା। ବଣଜଙ୍ଗଲ ଓ ପାହାଡ଼ିଆ ଦୁର୍ଗମ



ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସ ଉପଲକ୍ଷେ

ରାସ୍ତା ଅତିକ୍ରମ କରି ସେମାନେ ଲକ୍ଷ୍ୟସ୍ଥଳରେ ପହଞ୍ଚିଥିଲେ ଦୀର୍ଘ ୩୫ ଦିନର କଷ୍ଟସାଧ୍ୟ ଯାତ୍ରା ପରେ।

୧୯୪୭, ଜୁଲାଇ ୨୩ ବର୍ଷାଭିଜା ସକାଳ। କଲିକତା ଏୟାରପୋର୍ଟରୁ ଉଡ଼ିବାକୁ ପ୍ରସ୍ତୁତ ହେଉଥାଏ ଏକ ପୁରୁଣା ଡାକୋଟା ବିମାନ। ଆକାଶରେ ଚାଲିଥାଏ ମାଳ ମାଳ ଭସା ବାଦଲଙ୍କ ଲୁଚକାଳି ଖେଳ। ଧୀରେ ଧୀରେ ବଢୁଥାଏ ପବନର ବେଗ। ପାଇଲଟ୍‌ଙ୍କୁ ସତର୍କ କରାଇଦେବା ଉଦ୍ଦେଶ୍ୟରେ କେହି ଜଣେ ପଛରୁ କହିଲେ ଝଡ଼ ଆସୁଛି। ପିଲାଟିବେଳୁ ବିପଦ ସହ ଖେଳିବାକୁ ଭଲ ପାଉଥିବା ପାଇଲଟ୍ ଜଣକ ଏହାକୁ ଭ୍ରୂକ୍ଷେପ କରିବା ପରିବର୍ତ୍ତେ ଖୁବ୍ ହାଲ୍‌କା ଭାବେ ଗ୍ରହଣ କରି କହିଲେ, ବିଜୁର ଜାହାଜ ଉଡ଼େ ଝଡ଼ ଉପରେ। ତା'ପରେ ବିମାନ ଧରି ଉଡ଼ିଗଲେ ଆକାଶର ମଥାନ ଉପରକୁ। ଆଜୀବନ ବିପଦକୁ ବେଖାତିର କରି ଝଡ଼ ଉପରେ ଉଡୁଥିବା ସେହି ପାଇଲଟ୍ ଜଣକ ଥିଲେ ବିଜୁ ପଟ୍ଟନାୟକ। ସାଧାରଣତଃ ଅନ୍ୟ ପକ୍ଷୀମାନେ ଝଡ଼ର ସୂଚନା ପାଇବା ମାତ୍ରେ ଉଡ଼ିଯାଆନ୍ତି ନିରାପଦ ସ୍ଥାନକୁ। ମାତ୍ର ଝଡ଼ ଆସୁଛି ଜାଣି ମଧ୍ୟ ଆକାଶରେ ନିର୍ଭୟରେ ଉଡ଼େ ଇଗଲ୍। ଝଡ଼ର ବେଗ ଯେତିକି ବଢ଼େ, ସେତିକି ସେତିକି ଉପରକୁ ଉଡ଼େ ଇଗଲ୍‌ର ଡେଣା। ସେଦିନ ଠିକ୍ ସେହି ଇଗଲ୍ ପରି ଝଡ଼ ବତାସକୁ ଫୁତ୍କାରରେ ଉଡ଼େଇଦେଇ ବିଜୁ ପଟ୍ଟନାୟକ ଉଡ଼ିଯାଇଥିଲେ କଲିକତାରୁ ଜାଭା। ସେଠାରେ ଡଚ୍ ସେନା ଆଖିରେ ଆଙ୍ଗୁଠି ଗେଞ୍ଜି ଇଣ୍ଡୋନେସିଆର ଦୁଇ ତୁଙ୍ଗନେତା ସୁତନ ସହରିତ୍ ଓ ମହମ୍ମଦ ହାଟ୍ଟାଙ୍କୁ ବିମାନରେ ବସାଇ ଉଡ଼େଇ ଆଣିଥିଲେ ନୂଆଦିଲ୍ଲୀ। ଠିକ୍ ସେମିତି ରେଙ୍ଗୁନ ମାଟିରେ ବନ୍ଦୀହୋଇ ରହିଥିବା ବ୍ରିଟିଶ ନାଗରିକମାନଙ୍କୁ ସେ ଜାପାନୀ ଶତ୍ରୁଙ୍କ କବଳରୁ ମୁକୁଳେଇ ଆଣିଥିଲେ ଦ୍ୱିତୀୟ ବିଶ୍ୱଯୁଦ୍ଧ ବେଳେ। ଡଚ୍ ଆକ୍ରମଣ ବେଳେ ନିଜ ଜୀବନକୁ ଭ୍ରୂକ୍ଷେପ ନ କରି ସୋଭିଏଟ୍ ରୁଷିଆର ସୈନ୍ୟମାନଙ୍କୁ ଯୋଗାଇଥିଲେ ଲଢ଼େଇ ଅସ୍ତ୍ରଶସ୍ତ୍ର। ସେ ହିଁ ଥିଲେ ଭାରତର ପ୍ରଥମ ପାଇଲଟ୍, ଯିଏ ଅଶାନ୍ତ କଶ୍ମୀର ଉପତ୍ୟକାରେ ଅବତରଣ କରେଇ ପାରିଥିଲେ ଯୁଦ୍ଧ ବିମାନ। ତାଙ୍କ ନାମ ସହିତ ଯୋଡ଼ିହୋଇ ରହିଛି ୧୯୬୨ ଚାଇନା ଆକ୍ରମଣ ବେଳେ ବରଫାବୃତ୍ତ ଦୁର୍ଗମ ଅଞ୍ଚଳରେ ଲଢୁଥିବା ଭାରତୀୟ ସୈନ୍ୟଙ୍କ ପାଖରେ ଖାଦ୍ୟସାମଗ୍ରୀ ପହଞ୍ଚାଇପାରିବା ଭଳି ଅନେକ ଦୁଃସାହସିକ ଘଟଣା, ଯେଉଁ ଘଟଣାସବୁକୁ ବିଶ୍ୱାସ କରିହୁଏନି ସହଜରେ। ପ୍ରବାଦ ପରି ଲାଗେ।

୧୯୪୨ ଭାରତ ଛାଡ଼ ଆନ୍ଦୋଳନ ବେଳେ ଡାଲ୍‌ମିଆ ଜୈନ ଏୟାରୱେଜ୍‌ର ମୁଖ୍ୟ ପାଇଲଟ୍ ଥିବା ବିଜୁ ପଟ୍ଟନାୟକ ବହନ କରିଥିଲେ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ନିରାପଦ ସ୍ଥାନରେ ପହଞ୍ଚାଇବାର ଦାୟିତ୍ୱ। ତାଙ୍କର ସାହସିକତା ଯୋଗୁ ଅରୁଣା ଆସଫ୍ ଅଲ୍ଲୀ, ଜୟପ୍ରକାଶ ନାରାୟଣ, ଅଚ୍ୟୁତ ପଟବର୍ଦ୍ଧନଙ୍କ ଭଳି ନେତାମାନେ ବିଭିନ୍ନ ସ୍ଥାନରେ ପହଞ୍ଚି ପାରିଥିଲେ ନିରାପଦରେ।

ବ୍ରିଟିଶ୍ ବିରୋଧୀ କାର୍ଯ୍ୟକଳାପ ପାଇଁ ୧୯୪୩ ରେ ବନ୍ଦୀହୋଇ ଜେଲରେ ଥିବା ବିଜୁବାବୁ ପାରୋଲରେ ଆନନ୍ଦଭବନ ଫେରିଥିଲେ ୨ ବର୍ଷ ପରେ। ସେତେବେଳେ ସେ ସମ୍ପୂର୍ଣ୍ଣ ନିଃସ୍ୱ କହିଲେ ଚଳେ। ଅଥଚ ତାଙ୍କୁ ଘାରିଲା ଶିଳ୍ପାୟନ ମାଧ୍ୟମରେ ଓଡ଼ିଶାର ଦାରିଦ୍ର୍ୟ ଦୂର କରିବାର ନିଶା। ସେତେବେଳେ ଚୌଦ୍ୱାର ଥିଲା ଟାଙ୍ଗରା ଭୂଇଁ। ରାସ୍ତାଘାଟର ସୁବିଧା ନ ଥିଲା ଗମନାଗମନ ପାଇଁ। ସେଇ ଅପନ୍ତରା ଟାଙ୍ଗରା ଭୂଇଁରେ ସେ ପ୍ରତିଷ୍ଠା କଲେ ଆଧୁନିକ ଲୁଗାକଳ।

ବିଜୁବାବୁଙ୍କ ପ୍ରଥମ ମୁଖ୍ୟମନ୍ତ୍ରିତ୍ୱ ସମୟ, ଅର୍ଥାତ୍ ୧୯୬୧-୬୨ ମସିହାର ଘଟଣା। ମହାନଦୀର ଉପରମୁଣ୍ଡରେ ପ୍ରବଳ ବର୍ଷା ଯୋଗୁ ସୃଷ୍ଟି ହୋଇଥାଏ ହୀରାକୁଦ ବନ୍ଧ ଭାଙ୍ଗିଯିବାର ଆଶଙ୍କା। ହୀରାକୁଦ ବନ୍ଧ ଭାଙ୍ଗିଲେ ଭାସିଯିବ କଟକ ସହର। ସାରା ସହରବାସୀଙ୍କୁ ଆଚ୍ଛନ୍ନ କରି ରଖିଥାଏ ଏହି ଆଶଙ୍କା ଓ ଆତଙ୍କ। ଖବର ପହଞ୍ଚିଲା ବିଜୁବାବୁଙ୍କ ପାଖରେ। ସେ ସହସା ଆସି ପହଞ୍ଚିଗଲେ କଟକ ରେଳଷ୍ଟେଶନରେ। ଷ୍ଟେଶନର ଇନ୍‌କ୍ୱାରି ରୁମ୍‌ର ମାଇକ୍ ସାମ୍ନାକୁ ଯାଇ ସହରବାସୀଙ୍କ ଉଦ୍ଦେଶ୍ୟରେ ଆରମ୍ଭ କରିଦେଲେ ଉଦ୍‌ବୋଧନ। ତାଙ୍କର ବକ୍ତବ୍ୟ ଥିଲା- 'ମୁଁ ବିଜୁ ପଟ୍ଟନାୟକ କହୁଛି, ବନ୍ଧ ବିଲ୍‌କୁଲ ଭାଙ୍ଗିବନାହିଁ। ଯଦି ଇଞ୍ଜିନିୟରମାନଙ୍କ କଥାକୁ ବିଶ୍ୱାସ କରୁଛ, ତା'ହେଲେ ଗଛ, ପାହାଡ଼, ମୁଣ୍ଡିଆ ଯାହା ପାଉଛ ଚଢ଼ିଯାଅ। ଉଚ୍ଚ ଜାଗାକୁ ପଳେଇଯାଅ। ଯଦି ମୋ କଥା ମାନୁଛ, ତେବେ ନିଶ୍ଚିନ୍ତରେ ଯାଇ ଘରେ ଶୋଇପଡ଼।' ଆଶ୍ଚର୍ଯ୍ୟର କଥା ହେଲା, ସେଦିନ ବିଜୁବାବୁଙ୍କ କଥା ମାନି ସାହସ ବାନ୍ଧିଥିଲେ ସହରବାସୀ। ବିଜୁବାବୁଙ୍କ ଆକଳନ ଅନୁସାରେ ହୀରାକୁଦ ବନ୍ଧ ଭାଙ୍ଗି ନ ଥିଲା ଏବଂ ଭୁଲ୍ ପ୍ରମାଣିତ ହେଲା ଇଞ୍ଜିନିୟରମାନଙ୍କ ଆଶଙ୍କା।

ଏହା ହିଁ ତାଙ୍କ ଭଳି ଜଣେ ରାଷ୍ଟ୍ରନାୟକଙ୍କ ବ୍ୟକ୍ତିତ୍ୱର ଅସଲ ପରିଚୟ। ସେ ପରିଚୟ କେବଳ ଓଡ଼ିଶାରେ କାହିଁକି, ସମଗ୍ର ଭାରତବର୍ଷରେ ବିରଳ। ନିଜ ସାହସିକତା ସମ୍ପର୍କରେ ଏକ ସାକ୍ଷାତ୍‌କାରରେ ସେ କହିଛନ୍ତି- ବିଶ୍ୱବିଖ୍ୟାତ ନେପୋଲିୟନ ହେଉଛନ୍ତି ତାଙ୍କର ଆଦର୍ଶ ପୁରୁଷ, ଯିଏ କହୁଥିଲେ ଅସମ୍ଭବ ବୋଲି କୌଣସି ଶବ୍ଦ ତାଙ୍କ ଅଭିଧାନରେ ନାହିଁ। କଥାରେ ଅଛି-ରାଜା ସିନା ପୂଜା ପାଏ ଆପଣା ଦେଶରେ, କବି ପୂଜା ପାଉଥାଏ ଦେଶ ବିଦେଶରେ। କିନ୍ତୁ ଏହି ଉକ୍ତିକୁ ଅସମ୍ପୂର୍ଣ୍ଣ ପ୍ରମାଣିତ କରିଦେଇଛି ବିଜୁ ପଟ୍ଟନାୟକଙ୍କ ତ୍ୟାଗ ଓ ସାହସିକତା। ସେ କବି ନ ଥିଲେ ଅଥଚ ପୂଜା ପାଇଛନ୍ତି ନେପାଳ, ଇଣ୍ଡୋନେସିଆ ଓ ରୁଷିଆ ଆଦି ଦେଶରେ। ଇଣ୍ଡୋନେସିଆର ରାଜଧାନୀ ଜାକର୍ତ୍ତାଠାରେ ତାଙ୍କୁ ମିଳିଥିଲା ୨୧ ତୋପ ସଲାମି ସହ ଭୂମିପୁତ୍ର ଉପାଧି। ସୋଭିଏଟ୍ ରୁଷ୍‌ରୁ ପାଇଥିଲେ ସେ ଦେଶର ସର୍ବୋଚ୍ଚ ବେସାମରିକ ସମ୍ମାନ 'ଅର୍ଡର ଅଫ୍ ଲେଲିନ୍।' ସେ କହୁଥିଲେ-ପଢ଼ିବା ନୁହେଁ, ଇତିହାସ ଗଢ଼ିବା ତାଙ୍କର ଲକ୍ଷ୍ୟ। ୧୯୧୬, ମାର୍ଚ୍ଚ ୫ରେ ଜନ୍ମଗ୍ରହଣ କରି ଅନେକ ଇତିହାସ ରଚିଥିବା ଏହି ପ୍ରବାଦପୁରୁଷଙ୍କ ଜୀବନଦୀପ ୧୯୯୭, ଏପ୍ରିଲ୍ ୧୭ ତାରିଖରେ ଲିଭିଗଲା ସତ, କିନ୍ତୁ ଜାତୀୟତାର ହୃତ୍‌ପିଣ୍ଡରେ ସେ ସ୍ପନ୍ଦନ ହୋଇ ରହିଗଲେ କାଳ କାଳ ପାଇଁ।

ବିଜୁ ପଟ୍ଟନାୟକ ନଗର, ଭଦ୍ରକ
ମୋ:୬୩୭୧୬୪୨୪୬୪

# ସିଙ୍ଗାପୁରର ନୂଆ ନେତା

ବ୍ୟକ୍ତିତ୍ୱ



ଲରେନ୍ସ ୱଙ୍ଗ୍

ନଗର-ରାଷ୍ଟ୍ର ସିଙ୍ଗାପୁରର ପ୍ରଥମ ପ୍ରଧାନମନ୍ତ୍ରୀ ଲି କ୍ୟୁଆନ୍‌ଙ୍କ ବଡ଼ ପୁଅ ଲି ହେସିଏନ୍ ଲୁଙ୍ଗ୍‌ଙ୍କ ମନ୍ତ୍ରିମଣ୍ଡଳରେ ଅର୍ଥମନ୍ତ୍ରୀ ଥିବା ଲରେନ୍ସ ୱଙ୍ଗ୍‌ଙ୍କୁ ଏବେ ପ୍ରଧାନମନ୍ତ୍ରୀ ଘୋଷଣା କରାଯିବା ପରେ ଦେଶବ୍ୟାପୀ ଉତ୍ସାହ ଦେଖାଦେଇଛି। ୪୯ ବର୍ଷୀୟ ଯୁବ ନେତୃତ୍ୱ ସିଙ୍ଗାପୁରକୁ ଏକ ନୂଆ ଶୀର୍ଷରେ ପହଞ୍ଚାଇବେ ବୋଲି ସମସ୍ତେ ଆଶା ରଖିଛନ୍ତି। ୭୦ ବର୍ଷୀୟ ଲି ଲୁଙ୍ଗ୍ ଦେଶର ତୃତୀୟ ପ୍ରଧାନମନ୍ତ୍ରୀ ଅଛନ୍ତି। ଉପପ୍ରଧାନମନ୍ତ୍ରୀ ହେଙ୍ଗ୍ ସ୍ୱେ କିଟ୍ ୮ ଏପ୍ରିଲ ୨୦୨୧ରେ ଦେଶର ଅନ୍ୟତମ ପ୍ରମୁଖ ନେତା ସ୍ତରରୁ ଓହରିଯିବା ପରେ ଲି ଲୁଙ୍ଗ୍ ନୂଆ ନେତା ଚୟନ କରିବା ଲାଗି ପ୍ରକ୍ରିୟା ଆରମ୍ଭ କରିଥିଲେ। ଫଳରେ ଯୁବ ନେତା ୱଙ୍ଗ୍ ପ୍ରଧାନମନ୍ତ୍ରୀ ପଦବୀ ଲାଗି ଉପଯୁକ୍ତ ବ୍ୟକ୍ତି ବୋଲି ସ୍ଥିର କରାଯିବା ପରେ ତାଙ୍କ ନାମ ଘୋଷଣା କରାଯାଇଛି।

ଲରେନ୍ସ ୱଙ୍ଗ୍ ୧୯୭୨ରେ ଜନ୍ମଗ୍ରହଣ କରିଥିଲେ। ଚାଇନା ବଂଶୋଦ୍ଭବ ସିଙ୍ଗାପୁରବାସୀ ୱଙ୍ଗ୍ ସିଙ୍ଗାପୁରର ହାଏଗ୍ ବୟେଜ୍ ପ୍ରାଇମେରୀ ସ୍କୁଲରୁ ପ୍ରାଥମିକ ଶିକ୍ଷା ଶେଷ କରିବା ପରେ ଭିକ୍ଟୋରିଆ ଜୁନିୟର କଲେଜରୁ ଡିଗ୍ରୀ ଅର୍ଜନ କରିଥିଲେ। ଏହା ପରେ ସେ ଆମେରିକାର ୟୁନିଭର୍ସିଟି ଅଫ୍ ୱିସ୍‌କନ୍‌ସିନ୍‌ରେ ପଢ଼ିବା ପାଇଁ ପବ୍ଲିକ୍ ସର୍ଭିସ୍ କମିଶନ ସ୍କଲାରଶିପ୍ ପାଇଥିଲେ। ସେଠାରୁ ସେ ଅର୍ଥନୀତିରେ ବ୍ୟାଚ୍‌ଲର ଅଫ୍ ସାଇନ୍ସ ଡିଗ୍ରୀ ଗ୍ରହଣ କରିଥିଲେ। ପରେ ସେ ୟୁନିଭର୍ସିଟି ଅଫ୍ ମିଚିଗାନ୍‌ରୁ ଅର୍ଥନୀତିରେ ସ୍ନାତକୋତ୍ତର କରିଥିଲେ। ପ୍ରତିଭାସମ୍ପନ୍ନ ୱଙ୍ଗ୍ ମଧ୍ୟ ହାର୍ଭାର୍ଡ ବିଶ୍ୱବିଦ୍ୟାଳୟର ଜନ୍ ଏଫ୍. କେନେଡି ସ୍କୁଲ୍ ଅଫ୍ ଗଭର୍ନମେଣ୍ଟରୁ ପବ୍ଲିକ୍ ଆଡ୍‌ମିନିଷ୍ଟ୍ରେଶନରେ ସ୍ନାତକୋତ୍ତର କରିଥିଲେ। ଏହା ପରେ ସେ ସିଙ୍ଗାପୁର ସିଭିଲ୍ ସର୍ଭିସ୍‌ରେ ଉତ୍ତୀର୍ଣ୍ଣ ହୋଇଥିଲେ। ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟର ସହାୟକ ନିର୍ଦ୍ଦେଶକ (ଗବେଷଣା ଓ ଯୋଜନା) ଭାବେ ୧୯୯୭ରୁ ୧୯୯୯ ଯାଏ କାର୍ଯ୍ୟ କରିଥିଲେ। ଏହା ପରେ ସେ ଅର୍ଥ ମନ୍ତ୍ରଣାଳୟରେ କାର୍ଯ୍ୟ କରି ଡେପୁଟି ଡାଇରେକ୍ଟର (ବଜେଟ) ଓ ଇକୋନୋମିକ୍ ପ୍ରୋଗ୍ରାମ୍ ମୁଖ୍ୟ ହୋଇଥିଲେ। କାର୍ଯ୍ୟରେ ଦକ୍ଷତା ପ୍ରଦର୍ଶନ କରିବାରୁ ୨୦୦୫ରୁ ୨୦୦୮ ଯାଏ ସେ ଲି ଲୁଙ୍ଗ୍‌ଙ୍କ ପ୍ରିନ୍ସିପାଲ ପ୍ରାଇଭେଟ୍ ସେକ୍ରେଟାରୀ ଭାବେ କାର୍ଯ୍ୟ କରିଥିଲେ।

ୱଙ୍ଗ୍ ୨୦୧୧ରେ ରାଜନୀତିରେ ପ୍ରବେଶ କରିଥିଲେ। ପିପୁଲ୍ସ ଆକ୍ସନ ପାର୍ଟି (ପିଏପି)ରୁ ନିର୍ବାଚନ ଲଢ଼ି ସଫଳତା ହାସଲ କରିଥିଲେ। ତାଙ୍କ ପ୍ରଥମ ପଦାର୍ପଣରେ ସେ ପ୍ରତିରକ୍ଷା ଓ ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ହୋଇଥିଲେ। ୨୦୧୨ରେ ସେ କଲ୍‌ଚର, କମ୍ୟୁନିଟି ଆଣ୍ଡ ୟୁଥ୍ ମନ୍ତ୍ରଣାଳୟର ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିଥିଲେ। ଏହି ସମୟରେ ସେ ସିଙ୍ଗାପୁରର ବଟାନିକାଲ୍ ଗାର୍ଡେନ୍‌କୁ ୟୁନେସ୍କୋର ୱାର୍ଲ୍ଡ୍ ହେରିଟେଜ୍ ସାଇଟ୍ ତାଲିକାରେ ସ୍ଥାନିତ କରିବାରେ ସଫଳ ହୋଇଥିଲେ। ତେବେ କୋଭିଡ୍-୧୯ ଭୂତାଣୁ ଦେଖାଦେବା ପରେ ୱଙ୍ଗ୍‌ଙ୍କୁ ସରକାରଙ୍କ ଦ୍ୱାରା ୨୦୨୦ରେ ଗଠନ କରାଯାଇଥିବା ମଲ୍ଟି ମିନିଷ୍ଟେରିଆଲ୍ କମିଟିର ସହ-ଅଧ୍ୟକ୍ଷ କରାଯାଇଥିଲା। ସେତେବେଳେ ତାଙ୍କ କାର୍ଯ୍ୟ ଦେଶବାସୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ଦଳୀୟ ଶୀର୍ଷ ନେତାମାନେ କୋଭିଡ୍-୧୯କୁ ନିୟନ୍ତ୍ରଣ ମଧ୍ୟରେ ରଖିବାରେ ୱଙ୍ଗ୍‌ଙ୍କ ସମୟୋଚିତ ପଦକ୍ଷେପକୁ ପ୍ରଶଂସା କରିଥିଲେ। ଫଳରେ ୨୦୨୦ ଜୁଲାଇ ୨୭ରେ କ୍ୟାବିନେଟ୍ ଅଦଳବଦଳ ହେବାରୁ ତାଙ୍କୁ ଶିକ୍ଷା ମନ୍ତ୍ରଣାଳୟ ଦାୟିତ୍ୱ ଦିଆଯାଇଥିଲା। ସେହିବର୍ଷ ୮ ନଭେମ୍ବରରେ ସେ ପିଏପିର କେନ୍ଦ୍ରୀୟ କାର୍ଯ୍ୟକାରୀ କମିଟିକୁ ନିର୍ବାଚିତ ହୋଇଥିଲେ। ୧୫ ମେ ୨୦୨୧ରେ ପୁନଶ୍ଚ ହୋଇଥିବା କ୍ୟାବିନେଟ୍ ଅଦଳବଦଳ ବେଳେ ୱଙ୍ଗ୍‌ଙ୍କୁ ଗୁରୁତ୍ୱପୂର୍ଣ୍ଣ ଅର୍ଥ ମନ୍ତ୍ରଣାଳୟ ମିଳିଥିଲା। ତାଙ୍କ ସଫଳତା ଶିଖର ଛୁଇଁଥିଲା ଯେତେବେଳେ ଉପ ପ୍ରଧାନମନ୍ତ୍ରୀ ହେଙ୍ଗ୍ ସ୍ୱେ କିଟ୍‌ଙ୍କ ଉତ୍ତରାଧିକାରୀ ହୋଇ ସେ ପିଏପିର ୪ର୍ଥ ପିଢ଼ି (୪ଜି) ଟିମ୍‌ର ନେତା ହୋଇଥିଲେ। ଉଲ୍ଲେଖଯୋଗ୍ୟ ଯେ, ହେଙ୍ଗ୍ ୮ ଏପ୍ରିଲ ୨୦୨୧ରେ ୪ଜି ନେତା ପଦରୁ ଓହରି ଯାଇଥିଲେ। ଏହା ପରେ କ୍ୟାବିନେଟ୍‌ର ନିଷ୍ପତ୍ତି ଅନୁଯାୟୀ ୱଙ୍ଗ୍ ଦେଶର ପରବର୍ତ୍ତୀ ପ୍ରଧାନମନ୍ତ୍ରୀ ହେବେ ବୋଲି ଘୋଷଣା କରାଯାଇଛି। ଏ ବିଷୟ ପ୍ରଧାନମନ୍ତ୍ରୀ ଲି ୧୪ ଏପ୍ରିଲ ୨୦୨୨ରେ କହିବା ପରେ ଦେଶବାସୀ ୱଙ୍ଗ୍‌କୁ ସ୍ୱାଗତ କରିଛନ୍ତି।

ପିଲାଟି ବେଳୁ ୱଙ୍ଗ୍ ଥିଲେ ମେଧାବୀ। ନିଜକୁ ଦୂରଦୃଷ୍ଟିସମ୍ପନ୍ନ ନେତା ଭାବେ ପ୍ରତିଷ୍ଠିତ କରିବା ଲାଗି କରିଆସିଥିବା କାର୍ଯ୍ୟ ଓ ସମୟୋପଯୋଗୀ ନିଷ୍ପତ୍ତି ତାଙ୍କୁ ଦେଶର ଭାବୀ ପ୍ରଧାନମନ୍ତ୍ରୀ କରିପାରିଛି। ତାଙ୍କ ପିତା ଥିଲେ ଜଣେ ସେଲ୍ସ ଏକ୍‌ଜିକ୍ୟୁଟିଭ୍ ଓ ମାତା ଶିକ୍ଷୟିତ୍ରୀ। ବଡ଼ ଭାଇ ଏରୋସ୍ପେସ୍ ଇଞ୍ଜିନିୟର ହୋଇଥିବା ବେଳେ ୱଙ୍ଗ୍ ନିଜକୁ ଦେଶର ପ୍ରଧାନମନ୍ତ୍ରୀ ସ୍ତରକୁ ନେଇଯିବା ନିଶ୍ଚିତ ଭାବେ ଏକ ସାଧାରଣ ପରିବାରର ପିଲା ସକାଶେ ଗୌରବର କଥା।

– ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ଉଦ୍ୟମାନର ଛତୁଚାଷ କରି ଏକ ଉଦାହରଣ ସୃଷ୍ଟି କରିଛନ୍ତି କେରଳର ମା' ଓ ପୁଅ। ଏର୍ନାକୁଲମ ନିବାସୀ ଲିନା ଥୋମାସ୍ ଏବଂ ତାଙ୍କ ପୁଅ ଜିତୁ ଛତୁଚାଷରୁ ଦିନକୁ ୩୫-୪୦ ହଜାର ଟଙ୍କା ରୋଜଗାର କରୁଛନ୍ତି। ଜିତୁ ୪ ବର୍ଷ ପୂର୍ବେ ପ୍ରଥମେ ଏହି ଚାଷ ଆରମ୍ଭ କରିଥିଲେ। ପରେ ମା'ଙ୍କ ସହଯୋଗରେ ଦୁହେଁ ଏତେ ବାଟ ଯାଇପାରିଛନ୍ତି। ସେମାନେ ୫ ହଜାର ବର୍ଗଫୁଟ ଜାଗାରେ ଚାଷ କରି ଦିନକୁ ୮୦ରୁ ୧୦୦ କେ.ଜି. ଛତୁ ଉତ୍ପାଦନ କରୁଛନ୍ତି। ବୈଜ୍ଞାନିକ ପଦ୍ଧତିରେ ଏହି ଚାଷ କରି ଖୁବ୍ ଶୀଘ୍ର ସଫଳତା ପାଇଛନ୍ତି। ଜିତୁ ଏକ ଏନ୍‌ଜିଓରେ ସୋସିଆଲ ଏଣ୍ଟରପ୍ରିନ୍ୟୁୟର ଭାବେ କାର୍ଯ୍ୟ କରୁଛନ୍ତି ଏବଂ ଛତୁଚାଷକୁ ଏକ ସାଇଡ୍ ବିଜ୍‌ନେସ୍ ଭାବେ ଚଳାଇଛନ୍ତି। ଛତୁ ପ୍ୟାକେଟ କରିବା ଓ ତାହାର ମାର୍କେଟିଂ କାର୍ଯ୍ୟ କରୁଛନ୍ତି ତାଙ୍କ ମା'। ଏଥିଲାଗି ୧୧ ଜଣ ମହିଳାଙ୍କୁ ନିଯୁକ୍ତ କରାଯାଇଛି। ସେମାନେ ଛତୁ ପ୍ୟାକେଟ କରିବା ସହ ୩୦ କି.ମି ପରିଧି ମଧ୍ୟରେ ସବୁ ପରିବା ଦୋକାନରେ ପହଞ୍ଚାଉଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧୭ ଏପ୍ରିଲ ୧୯୯୭

- ମକ୍କାଠାରୁ ୬ କି.ମି. ଦୂର ମୀନଠାରେ ଖୋଲାଯାଇଥିବା ହଜ୍ ତୀର୍ଥଯାତ୍ରୀଙ୍କ ଶିବିରରେ ଗ୍ୟାସ୍ ସିଲିଣ୍ଡର ବିସ୍ଫୋରଣ ଘଟି ୪୦୦ରୁ ଊର୍ଦ୍ଧ୍ୱ ଯାତ୍ରୀଙ୍କ ମୃତ୍ୟୁ।
- ଚୀନ୍‌ର ଓଜାଙ୍ଗ ନଦୀରେ ଏକ ମାଲବାହୀ ଜାହାଜ ଦୁର୍ଘଟଣାଗ୍ରସ୍ତ ହୋଇ ବୁଡ଼ିଯିବା ଫଳରେ ୭୦ ମୃତ।

## ଚିରନ୍ତନୀ

ବଧୂ ଆସେ ମୋର ଧୀର ସୁଲଳିତ
ତୃତୀୟା ଜୋଛନା ସମ
ବଢ଼ାଏ ମୋ କରେ କମ୍ପିତ କର
ସୁକୁମାର ଅନୁପମ
ଲାଜଲା ଗଣ୍ଡେ ନ କହଇ କଥା
ଭାଦର ବଉଦେ ଲୁଚାଏ ତା' ମଥା
କି ନିବିଡ଼ ବ୍ୟଥା ଲାଗେ ଏ ପୀରତି-
ପୀଡ଼ିତ ମରମେ ମମ
ବଧୂ ଆସେ ମୋର ଧୀର ସୁଲଳିତ
ତୃତୀୟା ଜୋଛନା ସମ।

(ମଧୁ-ବିବାହ)

-କାଳିନ୍ଦୀଚରଣ ପାଣିଗ୍ରାହୀ

## ସୁ|ଡୋ|କୁ

su|do|ku
Puzzles by Srikant Ghosh

ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | | | | | 4 | | | |
| | 8 | | | | 9 | 6 | 2 | |
| | 2 | 6 | 1 | | | 7 | | |
| | | 9 | | | | 1 | 7 | |
| 3 | | | | | | | | 8 |
| 8 | 7 | | | | | | | 4 |
| | 3 | | 7 | | 2 | | | |
| | | 7 | | 6 | | | | 5 |
| | | | 3 | | | 8 | | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 3 | 7 | 8 | 9 | 5 | 4 | 1 | 6 |
| 8 | 6 | 5 | 1 | 2 | 4 | 7 | 9 | 3 |
| 9 | 1 | 4 | 6 | 7 | 3 | 8 | 2 | 5 |
| 1 | 4 | 6 | 7 | 3 | 8 | 2 | 5 | 9 |
| 5 | 2 | 9 | 4 | 6 | 1 | 3 | 7 | 8 |
| 7 | 8 | 3 | 9 | 5 | 2 | 6 | 4 | 1 |
| 3 | 5 | 1 | 2 | 8 | 7 | 9 | 6 | 4 |
| 4 | 9 | 2 | 3 | 1 | 6 | 5 | 8 | 7 |
| 6 | 7 | 8 | 5 | 4 | 9 | 1 | 3 | 2 |

ଗତ କାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ଜଳକଷ୍ଟ ଦୂର ହେଉ

ମହାଶୟ,

ପ୍ରତିବର୍ଷ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଲୋକେ ଜଳକଷ୍ଟର ସମ୍ମୁଖୀନ ହେଉଛନ୍ତି। ଯଦି ଶୀତଦିନେ ଏବଂ ବର୍ଷାଦିନେ ନଳକୂପ ଏବଂ ପୁଷ୍କରିଣୀଗୁଡ଼ିକୁ ଠିକ୍ କରି ଦିଆଯାଆନ୍ତା, ତେବେ ଲୋକଙ୍କୁ ଏ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ନ୍ତା ନାହିଁ। ସେ ଅଞ୍ଚଳର ସରପଞ୍ଚ କିମ୍ବା ଏମ୍‌ଏଲ୍‌ଏ ସେହି ବିଷୟରେ ଚିନ୍ତା କରୁନାହାନ୍ତି କିମ୍ବା ପିଏଚ୍‌ଡି ବିଭାଗ ମଧ୍ୟ ଚିନ୍ତା କରୁନାହାନ୍ତି। ଲୋକେ ଖରାଦିନେ ମାଇଲ ମାଇଲ ଦୂରକୁ ଯାଇ ଗରା ମାଠିଆରେ ପାଣି ବୋହୁଛନ୍ତି କିମ୍ବା ଚୁଆ ଖୋଳି ନଦୀରୁ ମଇଳା ପାଣି ଆଣୁଛନ୍ତି। ଖରାଦିନ ପୂର୍ବରୁ ସରକାର ଏ ବିଷୟରେ ସତର୍କତା ଅବଲମ୍ବନ କରି ଲୋକଙ୍କର ଜଳକଷ୍ଟ ଦୂର କରିବା ଉଚିତ।

– ଅକ୍ଷୟ ମହାନ୍ତି, ନିର୍ମାଲ ଏନ୍‌କ୍ଲେଭ, ମହୁରା, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଜିଓଲୋଜିକାଲ ସୋସାଇଟି ଅଫ ଇଣ୍ଡିଆ ରିଜିଓନାଲ ସେଣ୍ଟର ଉଦ୍‌ଘାଟନୀ ଉତ୍ସବ, ଇଡ୍‌କୋଲ ଅଡିଟୋରିୟମ୍ ହଲ୍, ପୂର୍ବାହ୍ନ ୧୦ଟା ୩୦।
- ଆନିମଲ୍ ୱେଲ୍‌ଫେୟାର ଟ୍ରଷ୍ଟ ଏକାମ୍ର ପକ୍ଷରୁ ଆଶଅରୟ ୨୦୨୨, ଭୁବନେଶ୍ୱର ପାଭିଲିୟ, ନନ୍ଦନକାନନ ପାଖ, ଦିନ ୩ଟା।
- ଚିନ୍ତା ଓ ଚେତନା ପକ୍ଷରୁ ୪୩ତମ ଜାତୀୟ ବୈଶାଖୀ ଉତ୍ସବ-୨୦୨୨, ସୂଚନା ଭବନ, ସନ୍ଧ୍ୟା ୫ଟା ୩୦।
- ଦ୍ୱିତୀୟ ମ୍ୟୁଜିକ୍ ଆୱାର୍ଡ-୨୦୨, ଉତ୍କଳ ମଣ୍ଡପ, ସନ୍ଧ୍ୟା ୬ଟା।
- ମା' ତାରିଣୀଙ୍କର ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ, ମା' ତାରିଣୀ ମନ୍ଦିର, ୨ୟ ପୋଷ୍ଟାଲ କଲୋନୀ ନିକଟ, ବୀର ସୁରେନ୍ଦ୍ର ସାଏ ନଗର, ରାତି ୮ଟା।

**ତିଗିରିଆ**

- ବିଜୁ ପଟ୍ଟନାୟକଙ୍କ ୨୫ତମ ତିରୋଧାନ ଦିବସ ପାଳନ, ଗାନ୍ଧୀ ପଡିଆ, ଅପରାହ୍ନ ୪ଟା।

**ବାଲିଅନ୍ତା**

- ଦୟଣା ଚୋର ମେଳଣ, ଭିଙ୍ଗାରପୁର, ଶ୍ରୀବକ୍ରେଶ୍ୱର ମନ୍ଦିର ନିକଟ ପଡିଆ, ସକାଳ୯ଟା।
- ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସ, ଖମଙ୍ଗ ଛକ ନିକଟ, ସକାଳ ୯ଟା।
- ବାଦୀପାଲା, ସୁନ୍ଦରାପାଟଣା, ରୁଦ୍ରପୁର, ମା' ଗେହ୍ଲାଦେବୀଙ୍କ ବିଜେ ସ୍ଥଳୀ, ରାତି ୭ଟା।
- ବାଦୀପାଲା, ମହାନ୍ତିପାଟଣା, ମା' ବନଦୁର୍ଗାଙ୍କ ପୀଠସ୍ଥଳୀ, ରାତି ୭ଟା।
- ରାମଲୀଳା ପରିବେଷଣ, ବେଣୁପୁର ଓ କାକଟ୍ରପୁର ରାମଲୀଳା ପଡିଆ ରାତି ୧୧ଟା।

**କଟକ**

- ପେଟ୍ରୋଲିୟମ କଞ୍ଜରଭେଶନ ରିସର୍ଚ୍ଚ ଆସୋସିଏଶନ ପକ୍ଷରୁ ସାଇକ୍ଲୋଥନ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ମହାନଦୀବିହାର, ସକାଳ ୭ଟା ୩୦ ।
- ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧୋତ୍ସବ, ଆନନ୍ଦ ଭବନ, ସକାଳ ୮ଟା ।
- କଟକ ନଗର ବିଜେଡି ପକ୍ଷରୁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସରେ ତିଳତର୍ପଣ, ବାଲିଯାତ୍ରା ପଡ଼ିଆ ନିକଟ ଘାଟ, ସକାଳ ୯ଟା ।
- ଇଗଲ୍ କ୍ଲବ ପକ୍ଷରୁ ରକ୍ତଦାନ ଶିବିର, ଆନ୍ଧ୍ର ବାଳ ବାଳିକା ବିଦ୍ୟାଳୟ, ଦେୱାନ ବଜାର, ତେଲୁଗୁ ସାହି, ସକାଳ ୯ଟା ୩୦ ।
- ଥିଙ୍କର୍ସ କ୍ଲବ ପକ୍ଷରୁ ଅନ୍‌ଲାଇନ ମାଧ୍ୟମରେ ଆଲୋଚନାଚକ୍ର, ଅପରାହ୍ନ ୪ଟା ।
- ରବୀନ୍ଦ୍ର କୁମାର ଲାଇବ୍ରେରୀର ୭୩ତମ ବାର୍ଷିକୋତ୍ସବ, ଶତାବ୍ଦୀ ଭବନ, ଟାଉନ ହଲ୍ ରୋଡ୍, ଅପରାହ୍ନ ୫ଟା ୩୦ ।
- ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ପ୍ରଫେସର ଡ. ବିକ୍ରମ ଦାସ ଶତାବ୍ଦି ସ୍ମାରକୀ ବକ୍ତୃତା, ଶ୍ରୀରାମଚନ୍ଦ୍ର ଭବନ, ସନ୍ଧ୍ୟା ୬ଟା ୩୦।

# ଓୟୁଟିଆର୍‌କୁ ଉତ୍କର୍ଷ କେନ୍ଦ୍ର କରିବାକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

**ଭୁବନେଶ୍ୱର, ୧୬।୪(ବ୍ୟୁରୋ)**

ଓଡ଼ିଶା ବୈଷୟିକ ଓ ଗବେଷଣା ବିଶ୍ୱବିଦ୍ୟାଳୟ(ଓୟୁଟିଆର୍)କୁ ଇଞ୍ଜିନିୟରିଂ ଶିକ୍ଷା କ୍ଷେତ୍ରରେ ଏକ ଉତ୍କର୍ଷ କେନ୍ଦ୍ରରେ ପରିଣତ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ଶନିବାର ୫-ଟି ସଚିବ ଭି.କେ. ପାଣ୍ଡିଆନ ଭୁବନେଶ୍ୱର ଘାଟିକିଆଠାରେ ଥିବା ଓୟୁଟିଆର୍ ପରିଦର୍ଶନ କରି ଭିତ୍ତିଭୂମିର ବିକାଶ ପାଇଁ ସ୍ଥିତି ଅନୁଧ୍ୟାନ କରିଛନ୍ତି। ଓୟୁଟିଆର୍ ନାମ ପୂର୍ବରୁ କଲେଜ୍ ଅଫ୍ ଇଞ୍ଜିନିୟରିଂ ଆଣ୍ଡ୍ ଟେକ୍ନୋଲୋଜି (ସିଇଟି) ଥିଲା। ୨୦୨୧ ଜୁଲାଇ ୧୭ରେ ନାମ ପରିବର୍ତ୍ତନ ପାଇଁ କ୍ୟାବିନେଟ୍‌ରେ ନିଷ୍ପତ୍ତି ହୋଇଥିଲା। ତେବେ କଲେଜରୁ ବିଶ୍ୱବିଦ୍ୟାଳୟ ହେବା ପରେ ରାଜ୍ୟ ସରକାରଙ୍କ ରୂପାନ୍ତରୀକରଣ ପ୍ରକ୍ରିୟାରେ ସାମିଲ କରାଯାଇଛି। ଏହାର ଭିତ୍ତିଭୂମିର ବିକାଶକୁ ଦୃଷ୍ଟିରେ ରଖି ୫-ଟି ସଚିବ ପାଣ୍ଡିଆନଙ୍କ ସହ ଆଇଟି ବିଭାଗ ପ୍ରମୁଖ ସଚିବ ହେମନ୍ତ ଶର୍ମା ଓୟୁଟିଆର୍ ଗସ୍ତ କରିଥିଲେ। ବିଶ୍ୱବିଦ୍ୟାଳୟର ପ୍ରସ୍ତାବିତ ମାଷ୍ଟର ପ୍ଲାନ ଦେଖିବା ସହ ଭିତ୍ତିଭୂମିର ବିକାଶ, ଆବଶ୍ୟକ କର୍ମଚାରୀ ଓ ଅଧ୍ୟାପକ, ଛାତ୍ରୀଛାତ୍ରଙ୍କ ପାଇଁ ସୁବିଧାସୁଯୋଗ ସମ୍ପର୍କରେ ପାଣ୍ଡିଆନ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷ ଓ ବିଭାଗୀୟ ସଚିବଙ୍କ ସହ ବିସ୍ତୃତ ଆଲୋଚନା କରିଥିଲେ। ପ୍ରଥମ ପର୍ଯ୍ୟାୟରେ ୩୦୦ କୋଟି ବିନିଯୋଗ ପାଇଁ ମୁଖ୍ୟମନ୍ତ୍ରୀ ଅନୁମୋଦନ କରିଥିବାବେଳେ ଅଧିକ ୪ଟି ବିଭାଗ ଖୋଲିବା ନେଇ ମଧ୍ୟ ନିଷ୍ପତ୍ତି ହୋଇଛି। ୨ରୁ ୩ବର୍ଷ ମଧ୍ୟରେ ବିକାଶ କାର୍ଯ୍ୟ ଓ ଭିତ୍ତିଭୂମି ସ୍ଥାପନ କରି ଜାତୀୟସ୍ତରରେ କିଭଳି ଏହାକୁ ଏକ ଅଗ୍ରଣୀ ଶିକ୍ଷାନୁଷ୍ଠାନ କରାଯିବ ସେଥିପ୍ରତି ଆଲୋଚନାରେ ଗୁରୁତ୍ୱ ଦିଆଯାଇଛି। ବିଶ୍ୱବିଦ୍ୟାଳୟରେ ମୋଟ୍ ୨୬ଟି ବିଭାଗ ଥିବାବେଳେ ୪ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଏହି ଅବସରରେ ୫-ଟି ସଚିବ ବିଶ୍ୱବିଦ୍ୟାଳୟର ବିଭିନ୍ନ ଲାବୋରେଟୋରୀ ଓ ସ୍ମାର୍ଟକ୍ଲାସ ବୁଲି ଦେଖିଥିଲେ। ଏହାସହିତ ବିଶ୍ୱବିଦ୍ୟାଳୟର ବିଭିନ୍ନ ବିଭାଗର ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରି ସେମାନଙ୍କଠାରୁ ଫିଡ୍‌ବ୍ୟାକ ନେଇଥିଲେ। ୫-ଟି ସଚିବଙ୍କ ସହ ସିଧାସଳଖ କଥାହେବା ସହିତ ନିଜ ଶିକ୍ଷାନୁଷ୍ଠାନର ଉନ୍ନତି ବିଷୟରେ ଜାଣି ଛାତ୍ରୀଛାତ୍ରମାନେ ଖୁସିବ୍ୟକ୍ତ କରିଛନ୍ତି। ସୂଚନାଯୋଗ୍ୟ, କୋଭିଡ୍ ସମୟରେ ସମଗ୍ର ଦେଶରେ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଥିଲା। ତେଣୁ ପ୍ରଥମେ ସ୍କୁଲ ଓ ପରେ କଲେଜର ରୂପାନ୍ତରୀକରଣ ମାଧ୍ୟମରେ ଶିକ୍ଷା ବ୍ୟବସ୍ଥାକୁ ସଜାଡ଼ିବାକୁ ରାଜ୍ୟ ସରକାର ପଦକ୍ଷେପ ନେଇଥିବାବେଳେ ଏବେ ବିଶ୍ୱବିଦ୍ୟାଳୟଗୁଡ଼ିକର ରୂପାନ୍ତରଣ ଆରମ୍ଭ ହୋଇଛି। ରାଜ୍ୟ ସରକାରଙ୍କ ଏହି ପଦକ୍ଷେପ ଦ୍ୱାରା ଇଞ୍ଜିନିୟରିଂ ପଢୁଥିବା ଛାତ୍ରୀଛାତ୍ରମାନେ ବିଶେଷ ଭାବରେ ଉପକୃତ ହେବେ।



ବିଶ୍ୱବିଦ୍ୟାଳୟ ପରିସରରେ ୫-ଟି ସଚିବ ଭି.କେ. ପାଣ୍ଡିଆନ ଓ ଅନ୍ୟମାନେ।

## କ୍ଷେତ୍ର ପରିଦର୍ଶନ କଲେ ୫-ଟି ସଚିବ

- ଭିତ୍ତିଭୂମିର ବିକାଶ ସହିତ ଖୋଲିବ ଆଉ ୪ ବିଭାଗ
- ପ୍ରଥମ ପର୍ଯ୍ୟାୟରେ ବିନିଯୋଗ ହେବ ୩ଶହ କୋଟି

# ଡିଏନ୍ ୱିଜ୍‌ଡମ୍ ଟ୍ରି ଗ୍ଲୋବାଲ ସ୍କୁଲ ଲୋକାର୍ପିତ





ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଡିଏନ୍ ୱିଜ୍‌ଡମ୍ ଟ୍ରି ଗ୍ଲୋବାଲ ସ୍କୁଲକୁ ଉଦ୍‌ଘାଟନ କରୁଛନ୍ତି।

**ଭୁବନେଶ୍ୱର,୧୬।୪ (ବ୍ୟୁରୋ**

## ମୁଖ୍ୟମନ୍ତ୍ରୀ କଲେ ଉଦ୍‌ଘାଟନ

ଶିକ୍ଷା ଜରିଆରେ ସବୁ କିଛି ସମ୍ଭବ। ଏଭଳି ଲକ୍ଷ୍ୟ ନେଇ ଭୁବନେଶ୍ୱର ନିକଟସ୍ଥ ଚନ୍ଦକା ସୁନ୍ଦରପୁରଠାରେ ନବନିର୍ମିତ ଡିଏନ୍ ୱିଜ୍‌ଡମ୍ ଟ୍ରି ଗ୍ଲୋବାଲ ସ୍କୁଲର ଲୋକାର୍ପଣ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଏଥିରେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସ୍କୁଲ ପରିସରରେ ଚାରାରୋପଣ କରିବା ସହ ସ୍କୁଲ କ୍ୟାମ୍ପସ ସମ୍ପର୍କରେ କର୍ତ୍ତୃପକ୍ଷଙ୍କଠାରୁ ପଚାରି ବୁଝିଥିଲେ। ଅନ୍ୟମାନଙ୍କ ମଧ୍ୟରେ ୫-ଟି ସଚିବ ଭି.କେ. ପାଣ୍ଡିଆନଙ୍କ ସମେତ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ଏବଂ ସ୍କୁଲର ଅଧ୍ୟକ୍ଷ ଜଗଦୀଶ ପ୍ରସାଦ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

ଓଡ଼ିଶା ଏପରିକି ଭୁବନେଶ୍ୱରରେ ଅନେକ ସ୍କୁଲ ଥିଲେ ମଧ୍ୟ ଏହି ଗ୍ଲୋବାଲ୍ ସ୍କୁଲ ଅନ୍ୟମାନଙ୍କ ଠାରୁ ଭିନ୍ନ । ଜାତୀୟସ୍ତରୀୟ ଶିକ୍ଷାଦାନ ସହ ଭଲ ମଣିଷ ତିଆରି କରିବା ଲକ୍ଷ୍ୟ ନେଇ ଦାଶରଥୀ ନାଏକ ଫାଉଣ୍ଡେଶନ ଆଗକୁ ଅନେକ ଯୋଜନା କରିଛି ବୋଲି ଅଧ୍ୟକ୍ଷ ନାଏକ କହିଛନ୍ତି। ୧୭ ଏକର ପରିମିତ ଜମିରେ ନିର୍ମିତ ଏହି ସ୍କୁଲ ୨୦୧୮ରେ ଆରମ୍ଭ ହୋଇଥିଲା। ଏଠାରେ ନର୍ସରିଠାରୁ ୬ଷ୍ଠ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଦାନ କରାଯାଉଛି। ପରବର୍ତ୍ତୀ ସମୟରେ ଯୁକ୍ତ ୨ପର୍ଯ୍ୟନ୍ତ ଶିକ୍ଷାଦାନ କରାଯିବ। ପିଲାଙ୍କ ଦକ୍ଷତା ବୃଦ୍ଧି ସକାଶେ କ୍ରୀଡ଼ାଠାରୁ ନେଇ ପରିବେଶ ପର୍ଯ୍ୟନ୍ତ ସମସ୍ତ ବିଷୟରେ ବିକଶିତ ଦେଶଗୁଡ଼ିକର ସ୍କୁଲ ଭଳି ଏଠାରେ ଗୁଣାତ୍ମକ ଶିକ୍ଷାଦାନର ଯୋଜନା ରହିଛି ବୋଲି ନାଏକ କହିଛନ୍ତି।

# ଘନଉଛି ସେଲ୍ଫ ଫାଇନାନ୍ସିଂ କୋର୍ସ କଟକଣା ବିବାଦ

## ୮ ଅଧିକାରୀଙ୍କୁ କଟକଣା କାର୍ଯ୍ୟକାରିତା ନେଇ ଚିଠି

**ଭୁବନେଶ୍ୱର, ୧୬।୪(ବ୍ୟୁରୋ)**

ରାଜ୍ୟରେ ଘନଉଛି ସେଲ୍ଫ ଫାଇନାନ୍ସିଂ କୋର୍ସ କଟକଣା ପ୍ରସଙ୍ଗ। କଟକଣା ନେଇ କୁଳାଧିପତିଙ୍କ ସଚିବ ଶାଶ୍ୱତ ମିଶ୍ରଙ୍କ ପତ୍ର ନେଇ ଉଚ୍ଚ ଶିକ୍ଷା ବିଭାଗ ଅତିରିକ୍ତ ସଚିବ ଶନିବାର ବିଭାଗର ଅଧିକାରୀଙ୍କୁ ଚିଠି ଲେଖିଛନ୍ତି। ୧୩ଟି ସରକାରୀ ବିଶ୍ୱବିଦ୍ୟାଳୟ ଦାୟିତ୍ୱରେ ଥିବା ଉଚ୍ଚଶିକ୍ଷା ବିଭାଗର ୮ ଅଧିକାରୀଙ୍କୁ କଟକଣା କାର୍ଯ୍ୟକାରିତା ନେଇ ଚିଠିରେ ଉଲ୍ଲେଖ କରାଯାଇଛି। ସେପଟେ ଏହି ଚିଠି ନେଇ ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁ କିମ୍ବା ବିଭାଗୀୟ ଅଧିକାରୀଙ୍କ କୌଣସି ପ୍ରତିକ୍ରିୟା ମିଳିପାରିନି। ସୂଚନାଯୋଗ୍ୟ, ରାଜ୍ୟରେ ବିଭିନ୍ନ ବିଶ୍ୱବିଦ୍ୟାଳୟରେ ଚାଲିଥିବା ସେଲ୍ଫ ଫାଇନାନ୍ସିଂ ପାଠ୍ୟକ୍ରମ ଉପରେ ଅଙ୍କୁଶ ଲଗାଯାଇଛି। ବିଶ୍ୱବିଦ୍ୟାଳୟରେ ସେଲ୍ଫ ଫାଇନାନ୍ସିଂ ଯୋଗୁ ରେଗୁଲାର କୋର୍ସ ଆଢୁଆଳରେ ରହିଯାଉଛି। ବିଶ୍ୱବିଦ୍ୟାଳୟଗୁଡ଼ିକ ରେଗୁଲାର କୋର୍ସ ଉପରେ ସମ୍ପୂର୍ଣ୍ଣ ଗୁରୁତ୍ୱ ଦେବା ଉଚିତ ବୋଲି ଗତ ୧୨ତାରିଖରେ ଶାଶ୍ୱତ ମିଶ୍ର ସମସ୍ତ କୁଳପତିଙ୍କ ଚିଠି ଲେଖି ଜଣାଇଥିଲେ। ଏହା ପରେ ରାଜ୍ୟରେ ବିଭିନ୍ନ ସ୍ଥାନରେ ଏହି ଅଙ୍କୁଶକୁ ନେଇ ପ୍ରତିବାଦ ଦେଖାଦେଇଥିଲା। ଏପରିକି ଶନିବାର ମନ୍ତ୍ରୀ ଅରୁଣ କୁମାର ସାହୁଙ୍କ ବାସଭବନ ସମ୍ମୁଖରେ ଛାତ୍ର କଂଗ୍ରେସ ବିକ୍ଷୋଭ ପ୍ରଦର୍ଶନ କରିଥିଲା।

# ନିର୍ବାଚନ ପରବର୍ତ୍ତୀ ହିଂସା, ୩ ଗିରଫ

**ସାଲେପୁର, ୧୬।୪(ଡି.ଏନ୍.ଏ.):** ପଞ୍ଚାୟତ ନିର୍ବାଚନକୁ କେନ୍ଦ୍ର କରି ଶୁକ୍ରବାର ଜଣଙ୍କୁ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି। ଏନେଇ ସାଲେପୁର ପୋଲିସ ଶନିବାର ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ମିର୍ଜାପୁର ପଞ୍ଚାୟତର ମନୋଜ କୁମାର ଦାସ(୬୦), ଭରତ ଭୂଷଣ ଦାସ(୫୧), ଉପେନ୍ଦ୍ର ବାରିକ(୬୦)। ଅଭିଯୋଗ ଅନୁଯାୟୀ, ନିର୍ବାଚନ ଫଳାଫଳକୁ ନେଇ ମିର୍ଜାପୁର ପଞ୍ଚାୟତର ଚିରଞ୍ଜନ ସେନାପତି(୪୦)ଙ୍କୁ ୫ ଜଣ ଆକ୍ରମଣ କରିଥିଲେ। ଏନେଇ ଚିରଞ୍ଜନ ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା (ନଂ. ୧୧୯/୨୨) ରୁଜୁ କରିଛି। ଆଉ ଅଭିଯୁକ୍ତ ଫେରାରଥିବା ଜଣାପଡ଼ିଛି।

# ଓଡ଼ିଶୀରେ ନାରୀ ସୁରକ୍ଷା, ସଶକ୍ତୀକରଣର ବାର୍ତ୍ତା

**ଭୁବନେଶ୍ୱର,୧୬।୪(ବ୍ୟୁରୋ)**

## ରାଷ୍ଟ୍ରୀୟ ବୈଶାଖୀ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

ଓଡ଼ିଶୀ ନୃତ୍ୟରେ ଥିଲା ନାରୀ ସୁରକ୍ଷା, ନାରୀ ସଶକ୍ତୀକରଣର ବାର୍ତ୍ତା। ଅବସର ଥିଲା ଓଡ଼ିଆ ନବବର୍ଷ ପାଳନ ପରିପ୍ରେକ୍ଷୀରେ ଚିନ୍ତା ଓ ଚେତନା ପକ୍ଷରୁ ସୂଚନା ଭବନରେ ଚାଲିଥିବା ୪୩ତମ ରାଷ୍ଟ୍ରୀୟ ବୈଶାଖୀ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା। ଗୁରୁ ଡ. ଗଜେନ୍ଦ୍ର ପଣ୍ଡାଙ୍କ ତ୍ରିଧାରା ଅନୁଷ୍ଠାନର କଳାକାରଙ୍କ ସମୂହ ଓଡ଼ିଶୀ ନୃତ୍ୟ 'ଅଗ୍ନିକନ୍ୟା କ୍ରାନ୍ତି ପୃଥିବୀ'ରେ ନାରୀ ସୁରକ୍ଷା, କାନ୍ତିଧାରା, ନାରୀ ସଶକ୍ତୀକରଣ ପାଇଁ ବଳିଷ୍ଠ ବାର୍ତ୍ତା ରହିଥିଲା। ଚମତ୍କାର ନୃତ୍ୟ ସଂଯୋଜନା ଓ ପରିବେଷଣ ଅତିଥି, ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଗୁରୁ ପ୍ରଭାତ ସ୍ୱାଇଁଙ୍କ ନୃତ୍ୟନୈବେଦ୍ୟ ପକ୍ଷରୁ 'ନାରୀ ଓ ଗଣେଷ' ମଧ୍ୟ ସମସ୍ୱରରେ ନାରୀ ଜାଗରଣର କଥା କହିଥିଲା। ମୁଖ୍ୟ ଅତିଥି ଭାବେ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ଯୋଗଦେଇ ଚିନ୍ତା ଓ ଚେତନାର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଦ୍ୱାରା ସେ ମୂଳିଆରୁ ଆଜି ଜନସାଧାରଣଙ୍କ ସେବା କରିବାର ସୁଯୋଗ ପାଇଥିବା କହିଥିଲେ। ବିଶ୍ୱରେ ଓଡ଼ିଶାର କଳା, ସଂସ୍କୃତି ଓ ଭାଷା ସାହିତ୍ୟକୁ ଜଗନ୍ନାଥ ତତ୍ତ୍ୱ ଆଧାରରେ ପ୍ରଚାର ପ୍ରସାର କରିବାରେ ଚିନ୍ତା ଓ ଚେତନାର ଦୀର୍ଘ ୪୩ବର୍ଷର ଅବିରାମ ଉଦ୍ୟମକୁ ସେ ପ୍ରଶଂସା କରିଥିଲେ। ଅନୁଷ୍ଠାନର ସଭାପତି ସହଦେବ ସାହୁ, ରାଷ୍ଟ୍ରୀୟ ଅଧ୍ୟକ୍ଷ ଶଶିଭୂଷଣ ବେହେରା, ଡ. କୃଷ୍ଣକେଶବ ଷଡ଼ଙ୍ଗୀ, ମହାସଚିବ ସୁରେନ୍ଦ୍ର ଦାସ, ପ୍ରଜ୍ଞାଦୀପ୍ତା ଡ. ବିଜୟା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ସଙ୍ଗଠନ ସମ୍ପାଦକ ବିଭୂତି ଭୂଷଣ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ସଂସ୍କୃତି ବିଭାଗ, 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ', କେନ୍ଦ୍ର ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ, ଗୃହ ମନ୍ତ୍ରଣାଳୟ, ରାଜ୍ୟ ପୋଲିସ, କମିଶନରେଟ୍ ପୋଲିସର ମିଳିତ ସହଯୋଗରେ ଏହି ମହୋତ୍ସବ ତା'ର ସଫଳତାର ପାହାଚ ଚଢିବାରେ ସଫଳ ହୋଇ ପାରିଛି ବୋଲି ମହାସଚିବ ଦାସ କହିଥିଲେ। ଏହା ୨୦ ତାରିଖରେ ଉଦ୍‌ଯାପିତ ହେବ।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ କବୀର



@ ବିଶ୍ୱ



@ ଭାରତୀ



@ ଶୈଳେନ୍ଦ୍ର



@ ଶୁଭାଶିଷ

# ନରେନ୍ଦ୍ର ପୁଷ୍କରିଣୀରୁ ବାହାରିଲା ନନ୍ଦା, ଭଦ୍ରା ଡଙ୍ଗା

**ପୁରୀ ଅଫିସ,୧୬।୪**

ଶ୍ରୀମନ୍ଦିର ପରମ୍ପରା ଅନୁଯାୟୀ ଚୈତ୍ର ମାସ ପୂର୍ଣ୍ଣିମା ଅବସରରେ ନରେନ୍ଦ୍ର ପୁଷ୍କରିଣୀରୁ ଚାପଡଙ୍ଗାକୁ ପାଣି ମଧ୍ୟରୁ ଭୋଇସେବକମାନେ ବାହାର କରିଛନ୍ତି। ଶ୍ରୀବିଗ୍ରହଙ୍କ ଚଳନ୍ତି ପ୍ରତିମା ମଦନମୋହନ, ରାମକୃଷ୍ଣ, ଶ୍ରୀଦେବୀ, ଭୂଦେବୀ ଏବଂ ଶ୍ରୀକ୍ଷେତ୍ରର ପଞ୍ଚ ମହାଦେବ ଅକ୍ଷୟ ତୃତୀୟାଠାରୁ ଭଉଁରି ଯାତ୍ରା ପର୍ଯ୍ୟନ୍ତ ୨୧ ଦିନ ଧରି ନରେନ୍ଦ୍ର ପୁଷ୍କରିଣୀରେ ନୈକା ବିହାର ବା ଚାପ ଖେଳିଥାନ୍ତି। ଏହି ୨୧ଦିନକୁ ବାହାର ଚନ୍ଦନ ଯାତ୍ରା ବା ଚାପ ବୋଲି କୁହାଯାଇଥାଏ। ଠାକୁରମାନେ ଯେଉଁ ଦୁଇଟି ନୌକାରେ ବିଜେକରି ଜଳକ୍ରୀଡ଼ା କରିଥାନ୍ତି ସେହି ନୌକା ଦୁଇଟିକୁ ନନ୍ଦା ଏବଂ ଭଦ୍ରା କୁହାଯାଇଥିବା ବେଳେ ଚାପ ଡଙ୍ଗା ଆଗରେ ଯାଉଥିବା ଡଙ୍ଗାକୁ ବୈଜୟନ୍ତୀ ଡଙ୍ଗା ବୋଲି କୁହାଯାଇଥାଏ। ପାଣି ମଧ୍ୟରୁ ନନ୍ଦା ଚାପ ପାଇଁ ଦୁଇଟି ଡଙ୍ଗା, ଭଦ୍ରା ଚାପ ପାଇଁ ଦୁଇଟି ଡଙ୍ଗା ଏବଂ ବୈଜୟନ୍ତୀ ଡଙ୍ଗା ପାଇଁ ଗୋଟିଏ ଡଙ୍ଗାକୁ ଭୋଇ ସେବକମାନେ ପାଣି ମଧ୍ୟରୁ ବାହାର କରିଛନ୍ତି। ଭୋଇ ସର୍ଦ୍ଦାର ରବି ଭୋଇ ଏବଂ ମୁଖ୍ୟ ଭୋଇ ସେବକ କାର୍ତ୍ତିକ ଭୋଇଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଭୋଇ ସେବକ ପାଣି ମଧ୍ୟରୁ ଡଙ୍ଗା ବାହାର କରିବା କାର୍ଯ୍ୟ ସମ୍ପାଦନା କରିଥିଲେ। ସେହିପରି ପାଣିରୁ କଢାଯାଇଥିବା ଡଙ୍ଗାଗୁଡିକ ଖରାରେ ଶୁଖାଯାଇ ଯାଞ୍ଚ କରି ମରାମତି କରାଯିବ।





ତୃତୀୟ ବିଶ୍ୱଯୁଦ୍ଧକୁ ବିରୋଧ କରି ଅହମଦିଆ ମୁସଲିମ୍ ଜମାତ ଭୁବନେଶ୍ୱର ପକ୍ଷରୁ ଶନିବାର ମାଷ୍ଟରକ୍ୟାଣ୍ଟିନ ଛକରେ ବିକ୍ଷୋଭ।





ଚିନ୍ତା ଓ ଚେତନା ପକ୍ଷରୁ ଭୁବନେଶ୍ୱର ସୂଚନା ଭବନରେ ଚାଲିଥିବା ୪୩ତମ ରାଷ୍ଟ୍ରୀୟ ବୈଶାଖୀ ମହୋତ୍ସବର ଶନିବାର ଦ୍ୱିତୀୟ ସନ୍ଧ୍ୟାରେ ଶିଳ୍ପୀମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରୁଛନ୍ତି।



ଆସନ୍ତା ଚନ୍ଦନ ଚାପ ପାଇଁ ଭୋଇ ସେବକମାନେ ଶନିବାର ନରେନ୍ଦ୍ର ପୁଷ୍କରିଣୀରୁ ନନ୍ଦା, ଭଦ୍ରା ଓ ବୈଜୟନ୍ତୀ ଡଙ୍ଗାକୁ ବାହାର କରୁଛନ୍ତି।

# ଅପାସୋରା ସ୍ମୃତିକୁ ତାଜାକଲା ରେଡିଓ ମେଳା

## ପ୍ରଦର୍ଶନୀରେ ୪ହଜାର ପୁରୁଣା ରେଡିଓ, ଗ୍ରାମ୍‌ଫୋନ୍, ପ୍ରସାରଣ ସାମଗ୍ରୀ

ଭୁବନେଶ୍ୱର,୧୬।୪(ବ୍ୟୁରୋ)

ସମୟର ପରିବର୍ତ୍ତନ ସହ ଆଧୁନିକତାର ପାହାଚ ଚଢ଼ି ଆମ ଆଗରେ ସେ ଅବହେଳିତ ହୋଇପଡ଼ିଛି। ଖବର ପରିବେଷଣ ହେଉ ଅଥବା ମନୋରଞ୍ଜନ ସବୁଥିରେ ସେ ଦିନେ ଥିଲା ସର୍ବଶ୍ରେଷ୍ଠ ମାଧ୍ୟମ। ହେଲେ ଆଜି ଅଲୋଡ଼ା ପାଲଟିଛି। ହଁ ଆମେ କହୁଛୁ 'ରେଡ଼ିଓ'ର କଥା। କାହା ଘରେ ରେଡିଓ ବାଜିଲେ, ଝରକା ପଟେ ଲୋକେ କାନ ଡେରନ୍ତି। ପିଣ୍ଡାରେ ରଖି ଗାଁଟା ସାରା ଖବର, ଗୀତ, ପାଲା ଆଦି ଶୁଣନ୍ତି। ଖାଇବାଠାରୁ ଶୋଇବା ପର୍ଯ୍ୟନ୍ତ ଆପଣାର ପାଲଟିଥିବା ରେଡିଓର ସେହି ଅପାସୋରା ସ୍ମୃତିକୁ ତାଜା ରଖିବାକୁ ପ୍ରୟାସ ଜାରି ରଖିଛନ୍ତି ଆଉଟ୍‌ରିଚର ମୁଖ୍ୟ ସୁବ୍ରତ କୁମାର ପତି। ଏହି ପରିପ୍ରେକ୍ଷୀରେ ଶନିବାର ଭଞ୍ଜକଳା ମଣ୍ଡପର ମୁକ୍ତାକାଶ ତଳେ ଆରମ୍ଭ ହୋଇଛି ଦୁଇଦିନିଆ ୮ତମ ଅନ୍ତର୍ଜାତୀୟ ରେଡିଓ ମେଳା। ଏଥିରେ ଦେଶ, ବିଦେଶର ରେଡିଓ ସଂଗ୍ରାହକ, ନିର୍ମାତା, ରେଡିଓ ଚ୍ୟାନେଲ ପ୍ରମୁଖ ଅଂଶଗ୍ରହଣ କରିଛନ୍ତି। କମିଶନରେଟ ପୋଲିସ, ଓଡ଼ିଶା ହ୍ୟାମ୍ସ, ଭିକାରୀ ବଳ ଫାଉଣ୍ଡେଶନ, ଘନଶ୍ୟାମ ପଟ୍ଟନାୟକ, ରାଧାକ୍ରିଷ୍ଣା, ଓଲ୍ଡ ରେଡ଼ିଓ ଆଣ୍ଡ୍ ହ୍ୟାଣ୍ଡମେଡ୍ ରେଡ଼ିଓ ନାମରେ ଷ୍ଟଲ୍ ଖୋଲିଥିବାବେଳେ ଏଥିରେ ୧୯୪୦ ମସିହାରୁ ଏଯାଏ ପ୍ରାୟ ୪ହଜାରରୁ ଊର୍ଦ୍ଧ୍ୱ ରେଡ଼ିଓ, ଗ୍ରାମଫୋନ, ପ୍ରସାରଣ ସାମଗ୍ରୀ, ୱାକି ଟକି, ରେକର୍ଡ ଆଦି ପ୍ରଦର୍ଶନ କରାଯାଇଛି। ଘରେ ଖରାପ ହୋଇଥିବା ରେଡ଼ିଓକୁ ସଜାଡ଼ିବା ସହ ନୂଆ ରେଡ଼ିଓ ମଧ କିଣି ଘରକୁ ନେବାର ବ୍ୟବସ୍ଥା ରହିଛି। ଏହି ରେଡ଼ିଓ ମେଳାକୁ ଛାତ୍ରୀଛାତ୍ର ଓ ବିଭିନ୍ନ ବର୍ଗର ଲୋକ ପରିଦର୍ଶନରେ ଆସୁଛନ୍ତି। ଦର୍ଶକଙ୍କ ପାଇଁ ଫୁଡ୍ ଷ୍ଟଲର ମଧ ଆୟୋଜନ କରାଯାଇଛି। ପ୍ରଥମ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବାବେଳେ ମଧ୍ୟପ୍ରଦେଶର ଜଣାଶୁଣା ଆର୍‌ଜେ ଭିନି ଯୋଗଦେଇ ମନୋରଞ୍ଜନ କରିଥିଲେ। ଆର୍‌ଜେ ରାଘବ, ମୋ କଲେଜର ଅଧ୍ୟକ୍ଷ ଆକାଶ ଦାସ ନାୟକ, ଭାରତୀୟ ଜନ ସଞ୍ଚାର ସଂସ୍ଥାନର ଆଞ୍ଚଳିକ ନିର୍ଦ୍ଦେଶକ ମୃଣାଳ ଚାଟାର୍ଜୀ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଆୟୋଜକ ସୁବ୍ରତ କହିଛନ୍ତି, ଏ ବର୍ଷ ଛାତ୍ରୀଛାତ୍ରଙ୍କୁ ଆମେ ମେଳାରେ ଯୋଡ଼ିଛୁ। ବାଂଲାଦେଶରୁ ମଧ ବ୍ୟବସାୟୀ ଆସି ମେଳାରେ ନିଜ ଷ୍ଟଲ ପକାଇଛନ୍ତି। ପାଗକୁ ଦେଖି ଅନେକ ବ୍ୟବସ୍ଥା କରାଯାଇ ପାରିନାହିଁ।



ଭଞ୍ଜକଳା ମଣ୍ଡପଠାରେ ୮ମ ଅନ୍ତର୍ଜାତୀୟ ରେଡିଓ ମେଳାର ଉଦ୍‌ଘାଟନ ଅବସରରେ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।



### ନିଆରା ରେଡିଓ ପ୍ରେମୀ ରାଜେନ୍ଦ୍ର



ମେଳାରେ ବହୁ ରେଡିଓ ପ୍ରେମୀଙ୍କୁ ଦେଖିବାକୁ ମିଳିଥିଲା। ହେଲେ ରାଜେନ୍ଦ୍ର ସାହୁଙ୍କ ରେଡିଓ ପ୍ରେମ ସମ୍ପୂର୍ଣ୍ଣ ନିଆରା। ୫ବର୍ଷ ବୟସରୁ ରେଡ଼ିଓ ଶୁଣିବା ପରଠାରୁ ସେହି ପ୍ରେମରେ ପଡ଼ିଯାଇଥିଲେ। ରେଡ଼ିଓ ଯେ ତାଙ୍କ ଜୀବନରେ ଏକ ଶ୍ରେଷ୍ଠ ଅଂଶ ପାଲଟିଯିବ ସେ କେବେ ବି ଭାବି ନ ଥିଲେ। ରେଡିଓ କିଣିବାକୁ ସେ ୧୨ ବର୍ଷ ବୟସରୁ ବାପାଙ୍କ ପାଖରୁ ମିଳୁଥିବା ପକେଟ ମନିକୁ ସଞ୍ଚୟ କରୁଥିଲେ। ଆଉ ଆଜି ତାଙ୍କ ପାଖରେ ଶହ ଶହ ରେଡ଼ିଓ, ରେକର୍ଡ, କ୍ୟାସେଟ ରହିଛି। ବୃତ୍ତିରେ ଜଣେ ବଢ଼େଇ ହୋଇଥିବାରୁ କାଠରେ ବିଭିନ୍ନ ପ୍ରକାରର ରେଡିଓ ତାଙ୍କ ପାଖରେ ଉପଲବ୍ଧ। ସେ କହିଛନ୍ତି, ବିଭିନ୍ନ ପ୍ରକାର ରେଡ଼ିଓ ସଂଗ୍ରହ କରି ରଖିବା ମୋର ଏକ ନିଶା। ଏଥିରୁ ମୋତେ ଆତ୍ମସନ୍ତୋଷ ମିଳିଥାଏ। ମୋ ସ୍ତ୍ରୀ ରେଡିଓ ସଂଗ୍ରହ କରିବାରେ ସାହାଯ୍ୟ କରନ୍ତି।

## ସଂକ୍ଷେପରେ

### ଡା. ମନୋଜ ସାହୁଙ୍କୁ 'ଫେଲୋଶିପ ଅଫ୍ ଏସ୍‌ଜିଇଆଇ' ସାର୍ଟିଫିକେଟ୍



ଭୁବନେଶ୍ୱର, ୧୬।୪(ବ୍ୟୁରୋ): ଓଡ଼ିଶାର ଲୋକପ୍ରିୟ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜିଷ୍ଟ ପ୍ରଫେସର ଡା. ମନୋଜ ସାହୁଙ୍କୁ ସୋସାଇଟି ଅଫ୍ ଗ୍ୟାଷ୍ଟ୍ରୋଇଣ୍ଟେଷ୍ଟିନାଲ ଏଣ୍ଡୋସ୍କୋପି ଅଫ୍ ଇଣ୍ଡିଆ (ଏସ୍‌ଜିଇଆଇ) ପକ୍ଷରୁ 'ଫେଲୋଶିପ୍ ଅଫ୍ ସୋସାଇଟି ଗ୍ୟାଷ୍ଟ୍ରୋଇଣ୍ଟେଷ୍ଟିନାଲ ଏଣ୍ଡୋସ୍କୋପି ଅଫ୍ ଇଣ୍ଡିଆ' ସାର୍ଟିଫିକେଟ୍ ପ୍ରଦାନ କରାଯାଇଛି। ଏସ୍‌ଜିଇଆଇ କେନ୍ଦ୍ର ସରକାରଙ୍କ ଦ୍ୱାରା ଏକ ସ୍ୱୀକୃତିପ୍ରାପ୍ତ ସଂସ୍ଥା, ଯାହାକି ବିଭିନ୍ନ ସମୟରେ ପ୍ରତିଷ୍ଠିତ ଓ ସୁନାମଧନ୍ୟ ବିଶେଷଜ୍ଞଙ୍କୁ ସମ୍ମାନିତ କରିଥାନ୍ତି। ୨୦୨୧ ଜୁନ ୨୬ରେ ଏସ୍‌ଜିଇଆଇ ପକ୍ଷରୁ ପେଟ ରୋଗ ଉପରେ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଏକ ପରୀକ୍ଷା କରାଯାଇଥିଲା। ଏଥିରେ ଓଡ଼ିଶାରୁ ପ୍ରଫେସର ସାହୁ କୃତିତ୍ୱ ଅର୍ଜନ କରିଥିଲେ। ଏସ୍‌ଜିଇଆଇ ସଭାପତି ଡା. ମାଥ୍ୟୁଫିଲିପ୍ ଓ ସମ୍ପାଦକ ସନ୍ଦୀପ ଲାଖଟିକିଆ ପ୍ରଫେସର ସାହୁଙ୍କୁ ସାର୍ଟିଫିକେଟ୍ ପ୍ରଦାନ କରିବା ସହ ଓଡ଼ିଶାରେ ଗ୍ୟାଷ୍ଟ୍ରୋଇଣ୍ଟେଷ୍ଟିନାଲ ଚିକିତ୍ସା କ୍ଷେତ୍ରରେ ପ୍ରଫେସର ସାହୁଙ୍କ ଅବଦାନ ପ୍ରଶଂସାଯୋଗ୍ୟ ବୋଲି କହିଛନ୍ତି। ସୂଚନାଯୋଗ୍ୟ, ପ୍ରଫେସର ସାହୁ ଓଡ଼ିଶାରେ ଉନ୍ନତ ଚିକିତ୍ସା ସେବା ଯୋଗାଇବା କ୍ଷେତ୍ରରେ ନୂଆ ନୂଆ ଜ୍ଞାନକୌଶଳ ବିଦେଶରୁ ଆଣିଛନ୍ତି। ଥେରାପିଟିଭ୍ ଇୟୁଏସ୍, ଥାର୍ଡ ସ୍ପେସ୍ ଏଣ୍ଡୋସ୍କୋପି, ଟନେଲ୍ ସର୍ଜରି, ଏଣ୍ଡୋସ୍କୋପିକ୍ ସବମୁକୋଜାଲ୍ ଡିସେକ୍ଶନ ଭଳି ଅତ୍ୟାଧୁନିକ ଜ୍ଞାନକୌଶଳକୁ ସେ ଗ୍ୟାଷ୍ଟ୍ରୋଇଣ୍ଟେଷ୍ଟିନାଲ ଚିକିତ୍ସାରେ ପ୍ରୟୋଗ କରି ରୋଗୀଙ୍କ ମୁହଁରେ ହସ ଫୁଟାଉଛନ୍ତି।

### ମଞ୍ଚସ୍ଥ ହେଲା ନାଟକ ଉସ୍‌ମାନ ତାରା

ଭୁବନେଶ୍ୱର,୧୬।୪(ବ୍ୟୁରୋ): ଓଡ଼ିଆ କଥା ସାହିତ୍ୟର ଜନକ ଫକୀରମୋହନ ସେନାପତିଙ୍କ ପେଟେଣ୍ଟ ମେଡିସିନ ଗଳ୍ପ ଉପରେ ଆଧାରିତ ନାଟକ ଉସମାନ ତାରା ଶନିବାର ନାଟ୍ୟ ଅନୁଷ୍ଠାନ ହୃଦୟ ପକ୍ଷରୁ ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ରମାକାନ୍ତ ମିଶ୍ରଙ୍କ ରଚିତ ଓ ନିର୍ଦ୍ଦେଶିତ ଏହି ନାଟକ ଏକ ନିଆରା ଦେହଜୀବୀର କାହାଣୀକୁ ନେଇ ପରିବେଷ୍ଟିତ। ଉସ୍‌ମାନ ତାରା ଏକ ନାଚବାଲୀ ଓ ନଷ୍ଟ ଚରିତ୍ରର ସ୍ତ୍ରୀ ଲୋକ ଭାବେ ନାଟକରେ ଚିତ୍ରଣ ହୋଇଛି। ତା' ଜୀବନର କାହାଣୀକୁ ସେ ନିଜେ କିପରି ବର୍ଣ୍ଣନା କରିଛନ୍ତି ତାହାକୁ ନେଇ ନାଟକର ପ୍ରସ୍ତୁତି। ଏହି ଅବସରରେ ଲେଖକ ଦେବଦାସ ଛୋଟରାୟ, ସମାଜର ସମ୍ପାଦକ ସୁଶାନ୍ତ କୁମାର ମହାନ୍ତି, ସଙ୍ଗୀତ ଏକାଡେମୀ ସଚିବ ପ୍ରବୋଧ ରଥ, ଆମ ଓଡ଼ିଶା ସମ୍ପାଦକ ସ୍ୱାତି ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଅନୁଷ୍ଠାନର ସଚିବ ସନ୍ତୋଷ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ତମାଖୁ ନିୟନ୍ତ୍ରଣ ନୀତି ସୁଦୃଢ଼ ହେଉ

ଭୁବନେଶ୍ୱର, ୧୬।୪(ବ୍ୟୁରୋ)

ଜାତୀୟ ଓ ରାଜ୍ୟସ୍ତରୀୟ ନୀତିରେ ପରିବର୍ତ୍ତନ ଆଣି ତମାଖୁ ସେବନ ହ୍ରାସ କରିବା ପାଇଁ କୋଆଲିଶନ୍ ଫର୍ ଟବାକୋ ଫ୍ରି ଓଡ଼ିଶା ଆନୁକୂଲ୍ୟରେ 'କୋଟପା ଏବଂ ତମାଖୁ ନିୟନ୍ତ୍ରଣ ନୀତିକୁ ସୁଦୃଢ଼ କରି ଜନସ୍ୱାସ୍ଥ୍ୟରେ ଉନ୍ନତି' ଶୀର୍ଷକ ଆଲୋଚନାଚକ୍ର ଶନିବାର ଅନୁଷ୍ଠିତ ହୋଇଛି। ରାଜ୍ୟ ସଭା ସଦସ୍ୟ ପ୍ରଶାନ୍ତ ନନ୍ଦ, ମିଜିବୁଲ୍ଲା(ମୁନ୍ନା) ଖାନ୍ ଏବଂ ସୁଜିତ କୁମାର ଭର୍ଚୁଆଲ୍‌ରେ ଯୋଗଦେଇ ତମାଖୁ ସେବନକୁ ନିୟନ୍ତ୍ରଣ କରିବା ପାଇଁ ଗୁରୁତ୍ୱର ସହ ପଦକ୍ଷେପ ନେବା ଦିଗରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଆହ୍ୱାନ ଦେଇଥିଲେ। ରାଜ୍ୟ ସଭା ସଦସ୍ୟ ନନ୍ଦ କହିଛନ୍ତି, ଚଳଚ୍ଚିତ୍ର ତଥା ଡିଜିଟାଲ୍ ପ୍ଲାଟଫର୍ମରେ ତମାଖୁ ବ୍ୟବହାର ପ୍ରଦର୍ଶନର କଟକଣା ନେଇ ନିର୍ଦ୍ଦିଷ୍ଟ ନିୟମ ନ ଥିବାରୁ ଏହା ଦିନକୁ ଦିନ ବୃଦ୍ଧି ପାଉଛି। ଯାହାକି ଲୋକଙ୍କ ଉପରେ ଏହାର କୁପ୍ରଭାବ ପଡୁଛି। ତେଣୁ ତମାଖୁର ପ୍ରଦର୍ଶନକୁ ନନ୍ଦ ବିରୋଧ କରିଥିଲେ। ପିଲାମାନଙ୍କ ମଧ୍ୟରେ ତମାଖୁ ସେବନ ବଢୁଥିବା ପ୍ରବଣତାକୁ ବିରୋଧ କରି ରାଜ୍ୟ ସଭା ସଦସ୍ୟ ମୁନ୍ନା ଖାନ୍ କହିଛନ୍ତି, 'ତମାଖୁ ଏବଂ ସିଗାରେଟ୍ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ବିପଦଜନକ। ଏହା ସହଜରେ ମିଳିଯାଉଥିବାରୁ ଆଜିକାଲି ପିଲାମାନେ ତମାଖୁ ସେବନ କରୁଛନ୍ତି। ତମାଖୁ ସେବନ ଦ୍ୱାରା ବିଭିନ୍ନ ସ୍ୱାସ୍ଥ୍ୟଗତ ସମସ୍ୟା ଯଥା ଶ୍ୱାସରୋଗ, କର୍କଟ, ଇଣ୍ଟ୍ରାଟେରାଇନ୍ ଅଭିବୃଦ୍ଧି, ସ୍ନାୟୁଜନିତ ରୋଗ ଆଦି ହୋଇଥାଏ ବୋଲି ଅଙ୍କୋଲୋଜିଷ୍ଟ ଡ.କୃପାସିନ୍ଧୁ ପଣ୍ଡା କହିଥିଲେ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ୨୦୧୮ ରିପୋର୍ଟ ଅନୁଯାୟୀ, ତମାଖୁ ଯୋଗୁ ପ୍ରତିବର୍ଷ ୧ ନିୟୁତରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ହେଉଛି। ରାଜ୍ୟ ସଭା ସଦସ୍ୟ ସୁଜିତ କୁମାର, ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟର ଭିସି ପ୍ରଫୁଲ୍ଲ ମହାନ୍ତି, ସୁପ୍ରିମକୋର୍ଟ ଆଇନଜୀବୀ ରିତ୍ କୁମାର ସିଂ, ଶିକ୍ଷାବିତ୍ ମୀନାକ୍ଷୀ ପଣ୍ଡା ଏବଂ ପିକର୍‌ର ସମ୍ପାଦକ ରଞ୍ଜନ ମହାନ୍ତି ଯୋଗଦେଇଥିଲେ। ପିକର୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ଅନୁରାଧା ମହାନ୍ତି ସଂଯୋଜନା କରିଥିଲେ।

### ନିଃଶୁଳ୍କ ବିଜୁଳି ଦାବି ଦୋହରାଇଲା ସମାଜବାଦୀ ପାର୍ଟି

ଭୁବନେଶ୍ୱର,୧୬।୪ (ବ୍ୟୁରୋ)

ଦିଲ୍ଲୀ ପରେ ଶନିବାର ପଞ୍ଜାବରେ ୩୦୦ ୟୁନିଟ୍ ପର୍ଯ୍ୟନ୍ତ ଦେୟ ମୁକ୍ତ ବିଜୁଳି ଯୋଗାଇ ଦିଆଯିବ ବୋଲି ଶନିବାର ପଞ୍ଜାବ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଓଡ଼ିଶାରେ ଦେୟ ମୁକ୍ତ ବିଜୁଳି କେବେ ଉପଲବ୍ଧ କରାଯିବ ବୋଲି ସମାଜବାଦୀ ପାର୍ଟି ପକ୍ଷରୁ ପ୍ରଶ୍ନ କରାଯାଇଛି। ଏନେଇ ଦଳର ସଭାପତି ରବି ବେହେରା କହିଛନ୍ତି, ଓଡ଼ିଶା ବିଜୁଳି ଉତ୍ପାଦନ କ୍ଷେତ୍ରରେ ସ୍ୱାବଲମ୍ବୀ ବୋଲି ପରିଗଣିତ ହୋଇଥାଏ। ଏପରିକି ଆମ ରାଜ୍ୟ ଅନ୍ୟ ରାଜ୍ୟକୁ ମଧ ବିଜୁଳି ରପ୍ତାନି କରିଥାଏ। କିନ୍ତୁ ବହୁବାର ରାଜ୍ୟରେ ଦେୟମୁକ୍ତ ବିଜୁଳିପାଇଁ ଦାବିକରାଯାଇଥିଲେ ମଧ ସରକାର ଏବଂ ଓଇଆର୍‌ସି ଏହାକୁ ଭ୍ରୂକ୍ଷେପ କରିନାହାନ୍ତି। ୨୦୧୫ରେ ଚାଷୀଙ୍କୁ ମାଗଣାରେ ବିଜୁଳି ଦେବା ପାଇଁ ରାଜ୍ୟ ସରକାର କହିଥିବାବେଳେ ଆଜି ପର୍ଯ୍ୟନ୍ତ ତାହା କାର୍ଯ୍ୟକାରୀ ହୋଇପାରିନାହିଁ। ଶିଘ୍ର ନିଃଶୁଳ୍କ ବିଦ୍ୟୁତ୍ ସହ ଅଘୋଷିତ ବିଦ୍ୟୁତ୍ କାଟ ବନ୍ଦ କରିବାକୁ ସେ ଦାବି କରିଛନ୍ତି।

# କ୍ୟାପିଟାଲ ରିଜନ୍ ରିଂରୋଡ୍ ପାଇଁ ଜମି ଅଧିଗ୍ରହଣ ନିର୍ଦ୍ଦେଶ

କଟକ ଅଫିସ, ୧୬।୪

କେନ୍ଦ୍ରାଞ୍ଚଳ ରାଜସ୍ୱ ଜିଲାଗୁଡ଼ିକରେ ଚାଲୁ ରହିଥିବା ବିଭିନ୍ନ ଜାତୀୟ ରାଜପଥ, ରେଲ୍‌ୱେ ଓ ଜଳସେଚନ ପ୍ରକଳ୍ପଗୁଡ଼ିକ ନିମନ୍ତେ ଜମି ଅଧିଗ୍ରହଣ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ (ଆର୍‌ଡିସି) ସୁରେଶ ଚନ୍ଦ୍ର ଦଳାଇ କହିଛନ୍ତି। ଏଥିସହ କ୍ଷତିଗ୍ରସ୍ତ ଜମି ମାଲିକମାନଙ୍କୁ ତୁରନ୍ତ କ୍ଷତିପୂରଣ ପ୍ରଦାନ କରିବାକୁ ରାଜସ୍ୱ ଅଧିକାରୀଙ୍କୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଜମି ଅଧିଗ୍ରହଣ କାର୍ଯ୍ୟ ତ୍ୱରିତ କରିବା ପାଇଁ ଭର୍ଚୁଆଲରେ ଶନିବାର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଆର୍‌ଡିସି ଦଳାଇ ଯୋଗଦେଇ ଜାତୀୟ ରାଜପଥ-୫୭ର ଜମି ଅଧିଗ୍ରହଣ ଓ କ୍ଷତିପୂରଣ ପ୍ରଦାନ କାର୍ଯ୍ୟ ଆସନ୍ତା ୪ ଦିନ ମଧ୍ୟରେ ଶେଷ କରିବାକୁ ଖୋର୍ଦ୍ଧା ଅତିରିକ୍ତ ଜିଲାପାଳ ଓ ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀଙ୍କୁ କହିଥିଲେ। ସେହିପରି କ୍ୟାପିଟାଲ ରିଜନ୍ ରିଂ ରୋଡ୍ ପାଇଁ ଜମି ଅଧିଗ୍ରହଣ ନିମନ୍ତେ ପ୍ରାଥମିକତା ଦେବାକୁ ପୁରୀ, କଟକ ଓ ଖୋର୍ଦ୍ଧା ଅତିରିକ୍ତ ଜିଲାପାଳମାନଙ୍କୁ ଆର୍‌ଡିସି ନିର୍ଦ୍ଦେଶ ଦେଇଥିଲେ। ସେହିପରି ଯୁଗ୍ମ ବୈଠକ କରି ବିବାଦୀୟ ରେଳପଥ ଜମି ଅଧିଗ୍ରହଣ ମାମଲାର ଫଇସଲା କରିବାକୁ ଟାଙ୍ଗୀ-ଚୌଦ୍ୱାର ତହସିଲଦାରଙ୍କୁ ପରାମର୍ଶ ଦେଇଥିଲେ। ଉକ୍ତ ବୈଠକରେ କୋଣାର୍କ- ନୂଆଗାଁ-ପାରାଦୀପ-ରତନପୁର ଜାତୀୟ ରାଜପଥ ଭାରତମାଳା ପ୍ରକଳ୍ପ, ଜାତୀୟ ରାଜପଥ-୫୫, କଟକ-ପାରାଦୀପ ରେଳଲାଇନ, ହରିଦାସପୁର-ପାରାଦୀପ ରେଳଲାଇନ, ହାଡୁଆ ଓ ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପ ଏବଂ ଦେଓ ଜଳସେଚନ ପ୍ରକଳ୍ପ ବିଷୟରେ ସମୀକ୍ଷା କରାଯାଇଥିଲା। ସେହିପରି ଦୟାନଦୀ ଉପରେ ହାଇଲେଭଲ ପୋଲ ନିର୍ମାଣ, ଦୟାନଦୀର ଦକ୍ଷିଣପାର୍ଶ୍ୱ ବନ୍ଧରେ ୨ ଲେନ୍ ରାସ୍ତା ନିର୍ମାଣ, ଗଙ୍ଗୁଆ ନଦୀର ବାମପାର୍ଶ୍ୱ ବନ୍ଧରେ ଜାତୀୟ ରାଜପଥ-୩୧୬ରୁ କପିଳେଶ୍ୱର ପର୍ଯ୍ୟନ୍ତ ୨ ଲେନ୍ ରାସ୍ତା ନିର୍ମାଣ ପାଇଁ ଡିପିଆର୍ ପ୍ରସ୍ତୁତ କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା।

# ପିଲାଙ୍କ ଦକ୍ଷତା ବିକାଶକୁ ଗୁରୁତ୍ୱ



କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଓଡ଼ିଶା ସ୍କିଲ୍ ଡେଭଲପ୍‌ମେଣ୍ଟ ଅଥରିଟିର ଚେୟାରମ୍ୟାନ ସୁବ୍ରତୋ ବାଗ୍‌ଚୀ ଓ ଅନ୍ୟମାନେ।

## ଏସ୍‌ଡିଆଇ ଓ ଏନ୍‌ଏସଡିସି ମଧ୍ୟରେ ଏମ୍‌ଓୟୁ

- ଉପକୃତ ହେବେ ଓଡ଼ିଶାର ୭୫ଲକ୍ଷ ଯୁବକ
- ଏସଡିଆଇ କ୍ୟାମ୍ପସରେ ଡ୍ରାଇଭିଂ ପ୍ରଶିକ୍ଷଣ କେନ୍ଦ୍ର ପାଇଁ ପ୍ରସ୍ତାବ

ଖୋର୍ଦ୍ଧା ଅଫିସ/ଜଟଣୀ, ୧୬।୪(ଡି.ଏନ୍.ଏ.)

ଦକ୍ଷତା ବିକାଶ ପ୍ରତିଷ୍ଠାନ (ଏସ୍‌ଡିଆଇ), ଜଟଣୀ କ୍ୟାମ୍ପସଠାରେ ଭାରତ ସରକାରଙ୍କ ଜାତୀୟ ଦକ୍ଷତା ବିକାଶ ଉଦ୍ୟୋଗ (ଏନ୍‌ଏସ୍‌ଡିସି) ଇଣ୍ଟରନ୍ୟାଶନାଲ ଓ ରାଜ୍ୟ ସରକାରଙ୍କ ମଧ୍ୟରେ ବୁଝାମଣା ପତ୍ର (ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଛି। ଏଥିସହିତ ତିନୋଟି କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ବେଳେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉପସ୍ଥିତ ଥିଲେ। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ କହିଥିଲେ, ଓଡ଼ିଶାର ୧୫ରୁ ୨୫ବର୍ଷ ବୟସ ପର୍ଯ୍ୟନ୍ତ ୭୫ଲକ୍ଷ ପିଲାଙ୍କୁ ସ୍କିଲ୍ ଦ୍ୱାରା ରୋଜଗାରକ୍ଷମ କରିବା ପାଇଁ ଯୋଜନା କରାଯିବ। ସ୍କିଲ ସହ ଜଡିତ ଥିବା ଓଡ଼ିଆ ପିଲାଙ୍କୁ ଦକ୍ଷ, ବିଦେଶରେ ସାମାଜିକ ସୁରକ୍ଷା ପ୍ରଦାନ କରିବା ପାଇଁ ସ୍କିଲ ଇଣ୍ଡିଆ ଇଣ୍ଟରନ୍ୟାଶନାଲ ସେଣ୍ଟର, ୱାର୍ଲ୍ଡ ସ୍କିଲ ଏକାଡେମୀ, ନ୍ୟାଶନାଲ ଏକାଡେମୀ ଫର ସ୍କିଲ ଟିଚରର ଶୁଭାରମ୍ଭ ହୋଇଯାଇଛି। ଏହା ସହ ଏନ୍‌ଏସଡିସି ଇଣ୍ଟରନ୍ୟାଶନାଲ ସହ ରାଜ୍ୟ ସରକାର ଏବଂ ଓଭରସିଜ୍ ଏମ୍ପ୍ଲୟରଙ୍କ ମଧ୍ୟରେ ପୃଥକ ଭାବେ ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଛି। ଏ ଦିଗରେ ଏନ୍‌ଏସଡିସି ୟୁଏଇ, ସାଉଦି ଆରବ, ବାହାରିନ ଭଳି ଉପସାଗରୀୟ ଦେଶ ସମେତ ବିଭିନ୍ନ ଦେଶର ସରକାରଙ୍କ ସହ ସମନ୍ୱୟ ରକ୍ଷା କରିବ।

ଶୁଭାରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମଗୁଡିକ ଯୁବକଙ୍କୁ ବିଦେଶରେ ନିଯୁକ୍ତି ଦେବା ସହ ଆଗାମୀ ଦିନରେ ନିଯୁକ୍ତି ଏବଂ ବୈଷୟିକ ଆହ୍ୱାନକୁ ସାମ୍ନା କରୁଥିବା ବିଶ୍ୱସ୍ତରୀୟ ମାନବ ସମ୍ବଳ ପ୍ରସ୍ତୁତ କରିବାରେ ସହାୟକ ହୋଇପାରିବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି। ସେ ଆହୁରି କହିଥିଲେ, ନୂତନ ଶିକ୍ଷାନୀତି ଯୁବପିଢ଼ିଙ୍କ ଆକାଂକ୍ଷାକୁ ବାସ୍ତବରୂପ ଦେବାରେ ମାର୍ଗଦର୍ଶକ ହୋଇଛି। ଆଗାମୀ ଦିନରେ ଓଡ଼ିଶା ସ୍କିଲ ଓ ଉଚ୍ଚକୋଟୀର ମାନବ ସମ୍ବଳ ଭାବେ ଖ୍ୟାତି ପାଇବ। ଏସ୍‌ଡିଆଇ କ୍ୟାମ୍ପସ ପରିସରରେ ଡ୍ରାଇଭିଂ ପ୍ରଶିକ୍ଷଣ କେନ୍ଦ୍ର ଖୋଲିବା ପାଇଁ ଏସ୍‌ଡିଆଇକୁ କେନ୍ଦ୍ରମନ୍ତ୍ରୀ ପ୍ରସ୍ତାବ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ସ୍କିଲ୍ ଡେଭଲପ୍‌ମେଣ୍ଟ ଅଥରିଟିର ଚେୟାରମ୍ୟାନ ସୁବ୍ରତୋ ବାଗ୍‌ଚୀ, ଶିଳ୍ପ ବିଭାଗର ପ୍ରମୁଖ ସଚିବ ହେମନ୍ତ ବର୍ମା, ଏସ୍‌ଡିଆଇ ଭୁବନେଶ୍ୱର ଚେୟାରମ୍ୟାନ ରଞ୍ଜନ କୁମାର ମହାପାତ୍ର, ଏନ୍‌ଏସଡିସିର ସିଇଓ ବେଦମଣି ତିୱାରୀ, ଏସ୍‌ଡିଆଇର ସିଇଓ ସଞ୍ଜୟ ଶ୍ରୀବାସ୍ତବ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରାଥମିକ ଶିକ୍ଷକଙ୍କ ପଦୋନ୍ନତି ଦାବି

ଭୁବନେଶ୍ୱର,୧୬।୪(ବ୍ୟୁରୋ)

ପ୍ରାଥମିକ ଶିକ୍ଷକଙ୍କ ପଦୋନ୍ନତି ଓ ଅନ୍ୟାନ୍ୟ ସମସ୍ୟା ନେଇ ନିଖିଳ ଓଡ଼ିଶା ପ୍ରାଥମିକ ତାଲିମପ୍ରାପ୍ତ ସ୍ନାତକ ଶିକ୍ଷକ ସଂଘ, ଖୋର୍ଦ୍ଧା ଜିଲା ଶାଖା ପକ୍ଷରୁ ଶନିବାର ଖୋର୍ଦ୍ଧା ଜିଲା ଶିକ୍ଷାଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସଂଘର କହିବାନୁସାରେ, ଅଦ୍ୟାବଧି ଖୋର୍ଦ୍ଧା ଜିଲାର ବିଭିନ୍ନ ପ୍ରାଥମିକ ଓ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଅନେକ ପଦବୀ ଖାଲି ପଡ଼ିଛି। ଅନ୍ୟ ଜିଲାଗୁଡ଼ିକରେ ପଦୋନ୍ନତି ବହୁ ଆଗରୁ କରାଯାଉଥିବାବେଳେ ଖୋର୍ଦ୍ଧା ଜିଲା ପଛୁଆ ରହିଛି। ଉଚ୍ଚ ପ୍ରାଥମିକ ଶ୍ରେଣୀରେ ଗଣିତ ଓ ବିଜ୍ଞାନ ଶିକ୍ଷାଦାନ ପାଇଁ ଅନେକ ବିଷୟଭିତ୍ତିକ ଶିକ୍ଷକ ପଦବୀ ଖାଲି ପଡ଼ିଛି। ଏହାଦ୍ୱାରା ପିଲାଙ୍କର ପାଠପଢ଼ାରେ ବାଧା ସୃଷ୍ଟି ହେଉଛି। ଏହାର ସମାଧାନ ପାଇଁ ସ୍ୱତନ୍ତ୍ର କ୍ୟାଡର ଗଠନ କରିବା ଦିଗରେ ଏକ ପ୍ରସ୍ତାବ ସରକାରଙ୍କ ପାଖରେ ଉପସ୍ଥାପନା କରାଯାଉ ବୋଲି ସଂଘ ପକ୍ଷରୁ ଦାବି କରାଯାଇଛି। ଏ ନେଇ ସଂଘ ସମ୍ପାଦକ ସୁବାସ ଚନ୍ଦ୍ର ଦାସ ଓ ସଭାପତି ନମିତା ମହାପାତ୍ର ଖୋର୍ଦ୍ଧା ଜିଲା ଶିକ୍ଷାଧିକାରୀଙ୍କୁ ଚିଠି ଲେଖିଛନ୍ତି।

# ରାସ୍ତାରେ ମୋବିଲ, ଦୁର୍ଘଟଣାରେ ୨୦ରୁ ଊର୍ଦ୍ଧ୍ୱ ଆହତ

ଭୁବନେଶ୍ୱର,୧୬।୪ (ବ୍ୟୁରୋ)

ରାସ୍ତାରେ ମୋବିଲ ଢାଳି ହୋଇଯିବା ଯୋଗୁ ଶନିବାର ଏକାଧିକ ଦୁର୍ଘଟଣା ଘଟି ୨୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ଜାତୀୟ ରାଜପଥର ନୟାପଲ୍ଲୀ ଆଇଡି ମାର୍କେଟ ଛକରୁ ସିଆର୍‌ପି ଛକ ପୂର୍ବ ପେଟ୍ରୋଲ ପମ୍ପ ମଧ୍ୟରେ ଏହି ଘଟଣା ଘଟିଛି। ଦୁର୍ଘଟଣାରେ କାହାର ହାତ ଭାଙ୍ଗିଛି ତ ଆଉ କିଏ ଖଣ୍ଡିଆ ଖାବରା ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ଏଥିସହ ରାସ୍ତାର ଉକ୍ତ ପାର୍ଶ୍ୱରେ ଦୀର୍ଘ ସମୟ ପର୍ଯ୍ୟନ୍ତ ଟ୍ରାଫିକ ଜାମ୍ ଲାଗି ରହିଥିଲା। ଖବର ପାଇ ଟ୍ରାଫିକ ପୋଲିସ ପହଞ୍ଚି ଦୁର୍ଘଟଣାକୁ ଏଡାଇବା ପାଇଁ ସ୍ଥାନୀୟ ଲୋକଙ୍କ ସହଯୋଗରେ ରାସ୍ତାରେ ବାଲି ପକାଯାଇଥିଲା। ଏହାପରେ ଗାଡି ଚଳାଚଳ ସ୍ୱାଭାବିକ ହୋଇଥିଲା।

ସୂଚନାନୁସାରେ, ଅପରାହ୍ଣ ୫ଟାରେ କୌଣସି ଏକ ଗାଡିରୁ ମୋବିଲ ଲିକ୍ ହୋଇ ରାସ୍ତାରେ ଜମି ରହିଥିଲା। ଏଥିଯୋଗୁ ଉକ୍ତ ରାସ୍ତା ଚିକ୍କଣ ହୋଇଯାଇଥିଲା। ସେହିବାଟ ଦେଇ ଯାଉଥିବା ବାଇକ୍ ଚାଳକ ବ୍ରେକ୍ ଦେବାକ୍ଷଣି ଗାଡିଟି ସ୍ଲିପ୍ ହେବା ସହ ଭାରସାମ୍ୟ ହରାଇ ତଳେ ପଡିଯାଉଥିଲେ। ଏଥିସହ ଗାଡି ଗାଡି ମଧ୍ୟରେ ମଧ ଧକ୍କା ଲାଗିଥିଲା। ତେବେ ଏଥିରେ କେହି ମୃତହତ ହୋଇ ନ ଥିବାରୁ ବଡ ଦୁର୍ଘଟଣା ଟଳିଯାଇଛି।


ମୋବିଲ ପଡ଼ିଥିବା ସ୍ଥାନରେ ବାଲି ପକାଯାଉଛି।

# ମେୟରଙ୍କୁ ଭେଟିଲେ ଝାରପଡ଼ା ହାଟ କ୍ଷତିଗ୍ରସ୍ତ ବ୍ୟବସାୟୀ

ଭୁବନେଶ୍ୱର, ୧୬।୪ (ବ୍ୟୁରୋ)

ଝାରପଡ଼ାସ୍ଥିତ ଗଣେଶ ମଣ୍ଡପ ଉଚ୍ଛେଦ ପ୍ରସଙ୍ଗକୁ ନେଇ ହାଟ ବ୍ୟବସାୟୀ ସଂଘ ମେୟର ସୁଲୋଚନା ଦାସଙ୍କୁ ଭେଟିଛନ୍ତି। ଏ ସମ୍ପର୍କରେ ଶନିବାର ବିଏମ୍‌ସି ସଭାଗୃହରେ ଉପସ୍ଥିତ ବ୍ୟବସାୟୀମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସମ୍ପୃକ୍ତ ବ୍ୟବସାୟୀ ସଂଗଠନର ପ୍ରତିନିଧିମାନେ ଯୋଗଦେଇଥିଲେ। ଆଲୋଚନାକ୍ରମରେ ପ୍ରତିନିଧିମାନେ ନିଜର ରୋଜଗାର ମାଧ୍ୟମ ହରାଇବା ନେଇ ଦାବି ଉପସ୍ଥାପନା କରିଥିଲେ। ଏଥିସହ ସେମାନଙ୍କର କ୍ଷୟକ୍ଷତି ଭରଣା ପାଇଁ ଅନୁରୋଧ କରିଥିଲେ।

ସରକାରଙ୍କ ନିୟମ ଅନୁସାରେ ସେମାନଙ୍କ ପାଇଁ କିପରି ଏକ ଦୀର୍ଘସ୍ଥାୟୀ ସମାଧାନ ହୋଇପାରିବ ସେଥିପାଇଁ ରାଜ୍ୟ ସରକାର ଏବଂ ବିଏମ୍‌ସି କର୍ତ୍ତୃପକ୍ଷ ଚେଷ୍ଟା ଚଳାଇଥିବା ମେୟର କହିଛନ୍ତି। ସର୍ଭେର ନିୟମ ଅନୁସାରେ, ଏଥିରେ ଅନ୍ତର୍ଭୁକ୍ତ ହେଉଥିବା ସମସ୍ତ ବ୍ୟବସାୟୀଙ୍କୁ ଏହି ସୁବିଧା ଦିଆଯିବ ଏବଂ ଆଇନ ଅନୁସାରେ କୌଣସି ପକ୍ଷପାତିତା କରାଯିବ ନାହିଁ ବୋଲି ସେ କହିଥିଲେ। ତେବେ କ୍ଷୟକ୍ଷତି ଭରଣା ଏବଂ ଅସ୍ଥାୟୀ ସ୍ଥାନ ଏହାର ସମାଧାନ ନୁହେଁ ବୋଲି ମେୟର କହିଥିଲେ। ବରଂ ନିୟମ ଅନୁସାରେ ଅନ୍ତର୍ଭୁକ୍ତ ହେଉଥିବା ବ୍ୟବସାୟୀମାନଙ୍କୁ ସ୍ଥାୟୀ ଦୋକାନ ଘର ଯୋଗାଇଦେବାରେ ସେମାନେ ଅଧିକ ଉପକୃତ ହେବେ ବୋଲି ପ୍ରତିଶ୍ରୁତି ଦିଆଯାଇଛି। ସରକାରଙ୍କର ନିୟମ ଅନୁସାରେ ସହାୟତା ଗୋଟିଏ ଥର ମିଳିଥାଏ। ଅସ୍ଥାୟୀ ସହାୟତା ପ୍ରଦାନ ଫଳରେ ସ୍ଥାୟୀ ସହାୟତା ଆଡକୁ ସୁଯୋଗ ନ ମିଳିପାରେ ବୋଲି ମେୟର ଏବଂ ବିଏମ୍‌ସି ପଦାଧିକାରୀ ବ୍ୟବସାୟୀଙ୍କୁ ଜଣାଇଥିଲେ। ସ୍ଥାୟୀ ସମାଧାନ ପାଇଁ ପ୍ରକ୍ରିୟା ଓ ବ୍ୟବସାୟ ପାଇଁ ସ୍ଥାନ ଚୟନ ଜାରି ରହିଛି। ଥଇଥାନ ନିମନ୍ତେ ସ୍ଥାନ ନିରୂପଣ ଆଦି ନେଇ ବିଚାରବିମର୍ଶ ଚାଲିଛି। ସମସ୍ତ ଯୋଗ୍ୟ ହିତାଧିକାରୀ ଏହି ପ୍ରକାର ସ୍ଥାୟୀ ସମାଧାନ ପାଇଁ କ୍ଷତିଗ୍ରସ୍ତ ବ୍ୟବସାୟୀଙ୍କ ସହଯୋଗ ଲୋଡ଼ିଛି ବିଏମ୍‌ସି। ବୈଠକରେ ବିଏମ୍‌ସିର ଅଧିକାରୀଙ୍କ ସମେତ ୱାର୍ଡ ନଂ. ୩୩ର କର୍ପୋରେଟର ଧରିତ୍ରୀ ଜେନା ଏବଂ ୱାର୍ଡ ନଂ ୪୫ର କର୍ପୋରେଟର ଅମରେଶ ଜେନା ଉପସ୍ଥିତ ଥିଲେ।



ମେୟରଙ୍କୁ ଭେଟିବାକୁ ଆସିଥିବା ହାଟ ବ୍ୟବସାୟୀ ଓ ସେମାନଙ୍କ ପରିବାର ସଦସ୍ୟ।

## ଶସ୍ତା ହୋଇପାରେ ଖାଇବା ତେଲ

ନୂଆଦିଲ୍ଲୀ: ଗତ କିଛି ମାସ ହେବ ଦରବୃଦ୍ଧିକୁ ନେଇ ସାରା ଦେଶରେ ଆଲୋଡ଼ନ ସୃଷ୍ଟି ହୋଇଛି। ଆଗାମୀ କିଛିଦିନ ମଧ୍ୟରେ ଖାଇବା ତେଲ ଦର ଶସ୍ତା ହୋଇପାରେ ବୋଲି ବିଶେଷ ସୂତ୍ରରୁ ଜଣାପଡିଛି। ଏପରିକି ସରକାର ଖାଇବା ତେଲ ଉପରେ ଆମଦାନୀ ଶୁଳ୍କ ହ୍ରାସ କରିବାକୁ ଯୋଜନା କରୁଛନ୍ତି। ମିଳିଥିବା ସୂଚନା ଅନୁସାରେ ଖାଇବା ତେଲ ଉପରେ ଲାଗୁ ହେଉଥିବା ୨ଟି ସେସ୍‌ରେ ପରିମାଣ ହ୍ରାସ କରିବାକୁ ସରକାର ଯୋଜନା ରଖିଛନ୍ତି। ଏହାଛଡ଼ା ସରକାର ଖାଇବା ତେଲର ଆମଦାନୀ ଶୁଳ୍କ ଉପରେ ବର୍ତ୍ତମାନର ହ୍ରାସକୁ ସେପ୍ଟେମ୍ବର ପର୍ଯ୍ୟନ୍ତ ବଢ଼ାଇବାକୁ ଯୋଜନା କରୁଛନ୍ତି। ଖାଇବା ତେଲ ଆମଦାନୀ ଉପରେ ବର୍ତ୍ତମାନ ୫.୫% ଶୁଳ୍କ ରହିଛି।

## ସଂକ୍ଷେପରେ

### କ୍ରମ୍ପଟନର ନୂତନ କୁଲର ସିରିଜ

ଭୁବନେଶ୍ୱର,୧୬।୪ : ଚଳିତ ବର୍ଷ ଗ୍ରୀଷ୍ମଋତୁ ଅବସରରେ କ୍ରମ୍ପଟନ ଗ୍ରୀଭ୍‌ସ କଞ୍ଜୁମର ଇଲେକ୍ଟ୍ରିକାଲ୍ସ ଲିମିଟେଡ୍ ପକ୍ଷରୁ ନୂତନ କୁଲର ସିରିଜର ଶୁଭାରମ୍ଭ କରାଯାଇଛି। ଦୀର୍ଘ ୮୦ ବର୍ଷର ବଜାର ଅଭିଜ୍ଞତା ସହ କ୍ରମ୍ପଟନର କୁଲ୍‌ବ୍ରିଜ୍ ଡେଜର୍ଟ କୁଲର ବର୍ଗ ସହିତ ନିଜର ଶୀତଳୀକରଣ ପରିବ୍ୟବସ୍ଥାରେ ଆଉ ଏକ ନବସୃଜନ ଯୋଗ କରିଛି। ଏ ସମ୍ପର୍କରେ କ୍ରମ୍ପଟନ ଗ୍ରୀଭସ କଞ୍ଜୁମର ଇଲେକ୍ଟ୍ରିକାଲ୍ସ ଲିମିଟେଡ୍‌ର ଭାଇସ ପ୍ରେସିଡେଣ୍ଟ, ଆପ୍ଲାଏନ୍ସ ବିଜ୍‌ନେସ ସଚିନ ଫାରଟିୟାଲ କହିଛନ୍ତି, ଗ୍ରୀଷ୍ମଋତୁଗୁଡିକ ପୂର୍ବାପେକ୍ଷା ଉତ୍ତପ୍ତ ହେବାକୁ ଲାଗିଥିବାବେଳେ ଉତ୍ତାପରୁ ତତ୍‌କ୍ଷଣାତ ଆଶ୍ୱସ୍ତି ଲାଭ କରିବା ସମ୍ପ୍ରତି ପୂର୍ବାପେକ୍ଷା ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇପଡିଛି। ଉତ୍ତାପ ପ୍ରବାହ ଏକ ନୂତନ ସ୍ୱାଭାବିକତା ହେଉଛି ଏବଂ ଆଧୁନିକ ଯୁଗର ଗ୍ରାହକ ବାହାରେ କ୍ଳାନ୍ତ ଶ୍ରାନ୍ତ ସମୟ ବିତାଇବା ପରେ ଘର ଭିତରେ ତତ୍‌କ୍ଷଣାତ ଶୀତଳ ପରିବେଶ ଆବଶ୍ୟକ କରୁଛନ୍ତି।

### ସେନ୍‌ହାଇଜର ନୂତନ ସ୍ପିକର

ନୂଆଦିଲ୍ଲୀ,୧୬।୪ : ସେନ୍‌ହାଇଜର ପକ୍ଷରୁ ମାଇକ୍ରୋସଫ୍ଟ ଟିମ୍ ପାଇଁ ଏକ ଇଣ୍ଟେଲିଜେଣ୍ଟ ସ୍ପିକର ସାର୍ଟିଫାଏଡ୍, ଦି ଟିମ୍ କନେକ୍ଟ ଇଣ୍ଟେଲିଜେଣ୍ଟ ସ୍ପିକରର ଶୁଭାରମ୍ଭ କରାଯାଇଛି। ଟିମ୍ କନେକ୍ଟ ଇଣ୍ଟେଲିଜେଣ୍ଟ ସ୍ପିକର ସହିତ ଦୂରରେ ଥିବା କିମ୍ବା ଏକ ରୁମ୍‌ରେ ଥିବା ପାଖାପାଖି ୧୦ଜଣ ଲୋକଙ୍କ ପାଇଁ ସେନ୍‌ହାଇଜର ସ୍ମାର୍ଟ କେନ୍ଦ୍ରିତ ଏବଂ ସମାବେଶୀ ମିଟିଂ ପାଇଁ ସମାଧାନ ପ୍ରଦାନ କରୁଛି। ଯାହା ୩.୫ମି. ବ୍ୟାସାର୍ଦ୍ଧ ପର୍ଯ୍ୟନ୍ତ କଭର କରିଥାଏ ଏବଂ ଏଥିରେ ୭ଟି ବିମ୍‌ଫର୍ମିଙ୍ଗ ମାଇକ୍ରୋଫୋନ ରହିଛି। ସେନ୍‌ହାଇଜର ଇଣ୍ଡିଆର ସେଲ୍‌ସ ବିଜ୍‌କମ୍ ନିର୍ଦ୍ଦେଶକ ମ୍ରିଦୁଲ ଜୈନ କହିଛନ୍ତି, ସେନ୍‌ହାଇଜର ଆମ ଉଦ୍ୟୋଗର ଅଗ୍ରଣୀ ଟିମ୍ କନେକ୍ଟ ସିଲିଂ ୨ମାଇକ୍ରୋଫୋନ ସହିତ ଟ୍ରୁଭଏସ୍ ଲିଫ୍ଟ ପାଇଁ ପରିଚିତ। ଆମ୍ଭମାନଙ୍କର ଟିମ୍ କନେକ୍ଟ ପରିବାର ସହିତ ଏହି ନୂତନ ମିଶ୍ରଣ ଆମ୍ଭମାନଙ୍କୁ ଏକ ଭିନ୍ନ ପ୍ରକାର ସାକ୍ଷାତ୍‌କାର ଗୃହକୁ ଏପରି ଏକ ମୂଲ୍ୟରେ ସମ୍ପ୍ରସାରଣ ହେବା ପାଇଁ ସୁଯୋଗ ପ୍ରଦାନ କରୁଛି।

# ମହଙ୍ଗା ହୋଇପାରେ ବିମାନଯାତ୍ରା

■ଏଟିଏଫ ମୂଲ୍ୟ ୦.୨% ବୃଦ୍ଧି
■ଚଳିତ ବର୍ଷରେ ୮ ଥର ବଢ଼ିଲାଣି

ନୂଆଦିଲ୍ଲୀ,୧୬।୪



ଚଳିତ ବର୍ଷ ଆରମ୍ଭରୁ ବିମାନ ଇନ୍ଧନ ମୂଲ୍ୟ ବଢ଼ିଚାଲିଛି। ଏପରିକି ପ୍ରତି ମାସରେ ୨ ଥର ଏପରିକି ଗତ ୪ ମାସରେ ୮ ଥର ପାଇଁ ଏହାର ମୂଲ୍ୟ ବୃଦ୍ଧି ହୋଇସାରିଛି। ଗୋଟିଏ ପଟରେ କ୍ରମାଗତ ଭାବେ ଅନ୍ତର୍ଜାତୀୟ ବଜାରରେ ତୈଳ ଦର ବୃଦ୍ଧି ପାଉଛି। ଅପରପକ୍ଷରେ ତୈଳ ଦର ବୃଦ୍ଧି ଯୋଗୁ ବିମାନ ସେବା ଯୋଗାଇଥିବା କମ୍ପାନୀଗୁଡିକ ବ୍ୟାପକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏଭଳି ପରିସ୍ଥିତିରେ କମ୍ପାନୀଗୁଡିକ ସେହି ଅନୁସାରେ ମୂଲ୍ୟ ବୃଦ୍ଧି କରିବାକୁ ଯୋଜନା କରୁଛନ୍ତି।

ଗତ କିଛିଦିନର ବିରତି ପରେ ପୁଣି ଥରେ ଅନ୍ତର୍ଜାତୀୟ ବଜାରରେ ତୈଳ ଦର ବୃଦ୍ଧି ପାଇବାରେ ଲାଗିଛି। ଏହାର ପ୍ରଭାବ ଭାରତ ବଜାର ଉପରେ ପଡୁଛି। ଏପରିକି ବିମାନରେ ଇନ୍ଧନ ରୂପେ ବ୍ୟବହାର କରାଯାଉଥିବା ଏଟିଏଫ୍ (ଆଭିଏଶେନ ଟର୍ବାଇନ ଫୁଏଲ) ର ମୂଲ୍ୟ ମଧ୍ୟ ୦.୨% ବୃଦ୍ଧି ପାଇଛି। ବିମାନ ଇନ୍ଧନ ଯୋଗାଇଥିବା ତୈଳ କମ୍ପାନୀଗୁଡିକର ସୂଚନା ଅନୁସାରେ ଶନିବାର ଏଟିଏଫ୍ ମୂଲ୍ୟ କିଲୋଲିଟରେ ପିଛା ୨୭୭.୫ ଟଙ୍କା ଅର୍ଥାତ୍ ୦.୨% ବୃଦ୍ଧି ଘଟିଛି। ଏହି ମୂଲ୍ୟ ବୃଦ୍ଧି ଫଳରେ ନୂଆଦିଲ୍ଲୀରେ ଏଟିଏଫ୍ ମୂଲ୍ୟ ୧,୧୩,୨୦୨.୩୩ ଟଙ୍କାରେ ପହଞ୍ଚିଛି।

ଏହା ପୂର୍ବରୁ ପ୍ରାୟ ୨ସପ୍ତାହ ମଧ୍ୟରେ ପେଟ୍ରୋଲ ଏବଂ ଡିଜେଲ ପ୍ରାୟ ୧୧ ଟଙ୍କା ପ୍ରତି ଲିଟର ପିଛା ବୃଦ୍ଧି ପାଇଥିଲା।

ସୂଚନାଯୋଗ୍ୟ, ପ୍ରତି ମାସର ୧ ଏବଂ ୧୬ ତାରିଖରେ ବିମାନ ଇନ୍ଧନ ମୂଲ୍ୟ ସଂଶୋଧନ କରାଯାଇଥାଏ। ଅପରପକ୍ଷରେ ପ୍ରତିଦିନ ଉଭୟ ପେଟ୍ରୋଲ ଏବଂ ଡିଜେଲର ମୂଲ୍ୟ ପରିବର୍ତ୍ତନ ତୈଳ ବିପଣନ କମ୍ପାନୀଗୁଡିକ କରିଥାନ୍ତି।

ଚଳିତ ବର୍ଷ ମାର୍ଚ୍ଚ ୧୬ ରେ ଏଟିଏଫ୍ ମୂଲ୍ୟରେ ୧୮.୩% ସହ ବଡ଼ ମୂଲ୍ୟ ବୃଦ୍ଧି ହୋଇଥିଲା। ଏହାପରେ ଏପ୍ରିଲ ୧ରେ ମଧ୍ୟ ଏହାର ମୂଲ୍ୟରେ ୨% ବୃଦ୍ଧି ଘଟିଥିଲା। ବର୍ତ୍ତମାନର ବୃଦ୍ଧି ପରେ ମୁମ୍ବାଇର ଏଟିଏଫ୍ ମୂଲ୍ୟ କିଲୋଲିଟରେ ପିଛା ୧,୧୧,୯୮୧.୯୯ ଟଙ୍କା ହୋଇଛି। ଏହା କୌଣସି ବିମାନ କମ୍ପାନୀର ପରିଚାଳନା ଖର୍ଚ୍ଚରେ ପ୍ରାୟ ୪୦%ର ଅଂଶ ରଖୁଥିବା କୁହାଯାଇଛି।

# ଟିପିଏସ୍‌ଓଡିଏଲ୍ ପକ୍ଷରୁ କଲ୍ ସେଣ୍ଟର ଶୁଭାରମ୍ଭ



ଭୁବନେଶ୍ୱର,୧୬।୪

ଦକ୍ଷିଣ ଓଡ଼ିଶାରେ ବିଦ୍ୟୁତ୍ ବିତରଣ ପାଇଁ ଗଠିତ ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ସଦର୍ନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିଏସ୍‌ଓଡିଏଲ୍) ପକ୍ଷରୁ ବ୍ରହ୍ମପୁରର ଆମ୍ବଗଡ଼ାଠାରେ ଏକ ୫୦ ସିଟ୍ ବିଶିଷ୍ଟ କଲ୍ ସେଣ୍ଟରର ଶୁଭାରମ୍ଭ କରାଯାଇଛି। ଏହି ସେଣ୍ଟରରେ ଏକ ସମନ୍ୱିତ ଇଣ୍ଟରଆକ୍ଟିଭ୍ ଭଏସ୍ ରେସ୍‌ପନ୍ସ ସିଷ୍ଟମ୍ (ଆଇଭିଆର୍‌ଏସ୍), କମ୍ପ୍ୟୁଟର ଟେଲିଫୋନି ଇଣ୍ଟିଗ୍ରେସନ (ସିଟିଆଇ) ଓ ଗ୍ରାହକ ସମ୍ପର୍କ ପରିଚାଳନା (ସିଆର୍‌ଏମ୍) ର ବ୍ୟବସ୍ଥା ସହିତ ସମସ୍ତ ଗ୍ରାହକ ଅଭିଯୋଗର ଯତ୍ନ ନେବା ପାଇଁ ଉଚ୍ଚ ତାଲିମପ୍ରାପ୍ତ ପେସାଦାରମାନେ ରହିଛନ୍ତି। ସେହିଭଳି ବିଭାଗ ସମ୍ବନ୍ଧୀୟ ବିଭିନ୍ନ ପ୍ରକାର ସେବା ପାଇଁ ଏକ ଦେୟମୁକ୍ତ (ଟୋଲ୍ ଫ୍ରି) ନମ୍ବର ୧୮୦୦-୩୪୫-୬୭୯୭,୧୯୧୨ ସହ ୨୪/୭ ଘଣ୍ଟିଆ ସେବା ଜାରି ରହିବ। ଏହି ଦେୟମୁକ୍ତ ନମ୍ବରକୁ ଉଭୟ ମୋବାଇଲ ଓ ଲ୍ୟାଣ୍ଡଲାଇନରେ ଯୋଗାଯୋଗ କରିହେବ।

ଏ ସମ୍ପର୍କରେ ଟିପି ସଦର୍ନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍‌ର ସିଇଓ, ଅରବିନ୍ଦ ସିଂହ କହିଛନ୍ତି, ବହୁ ଅଭିଯୋଗ ପାଇଁ ଗୋଟିଏ ସମାଧାନ କେନ୍ଦ୍ର ଭାବେ ଆମେ କଲ୍ ସେଣ୍ଟର ସେବାର ଶୁଭାରମ୍ଭ କରିଛୁ। ଆମ ମୂଲ୍ୟବାନ୍ ଗ୍ରାହକଙ୍କ ପ୍ରଶ୍ନଗୁଡ଼ିକୁ ସ୍ୱଳ୍ପ ସମୟ ଭିତରେ ସମାଧାନ କରିବାରେ ଏହା ସହାୟକ ହେବ। ଗ୍ରାହକମାନଙ୍କ ଅସୁବିଧାକୁ ଚିହ୍ନଟ କରିବା ଏବଂ ନୂଆ ଓ ଅଭିନବ ସମାଧାନ ଜରିଆରେ ସେଗୁଡ଼ିକର ସମାଧାନ କରିବା ଲାଗି ଆମେ ପଦକ୍ଷେପ ଗ୍ରହଣ କରିବା ଜାରି ରଖିବୁ।

# ସ୍ୱତନ୍ତ୍ର ଅନୁଭୂତି ଦେବ ଅଡି କ୍ୟୁ ଡ୍ରାଇଭ୍

ନୂଆଦିଲ୍ଲୀ,୧୬।୪



ଦେଶର ପ୍ରମୁଖ ସୌଖୀନ କାର୍ ଅଡି ଇଣ୍ଡିଆ ପକ୍ଷରୁ ଏହାର ସମ୍ଭାବ୍ୟ ଗ୍ରାହକ ଓ ଅଫ୍ ରୋଡିଂରେ ଗାଡ଼ିଚାଳନା ପାଇଁ ଉତ୍ସାହୀ ମାଲିକମାନଙ୍କୁ ଏକ ସ୍ୱତନ୍ତ୍ର ଅନୁଭୂତି ଦେବାକୁ ପ୍ରୟାସ ଆରମ୍ଭ କରାଯାଇଛି। ବିଶେଷକରି କମ୍ପାନୀର ସ୍ୱୀକୃତିପ୍ରାପ୍ତ ଡିଲର ଅଡି ଭୁବନେଶ୍ୱର ଜରିଆରେ 'କ୍ୟୁ ଡ୍ରାଇଭ' ନାମରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଓଡ଼ିଶାର ଅଡି ପ୍ରେମୀମାନେ ଏହାର ସର୍ବୋଚ୍ଚ ମାନର ଷ୍ଟାଇଲ, ପ୍ରଦର୍ଶନ ଆଦିର ଅନୁଭୂତି ହାସଲ କରିବାକୁ ସୁଯୋଗ ପାଇବେ। ଅଡି ଚାଳନା ଅନୁଭୂତି ଅଧୀନରେ ଅଡି କ୍ୟୁ ଡ୍ରାଇଭ ସର୍ବାଧିକ ପରିବ୍ୟାପ୍ତ କାର୍ଯ୍ୟକ୍ରମ ହୋଇଛି। ଅଡି କ୍ୟୁ ଡ୍ରାଇଭ ସ୍ୱତନ୍ତ୍ର ଭାବେ ନିର୍ମିତ ଅଫ୍ ରୋଡିଂ ଟ୍ରାକ୍‌ରେ କାର୍ଯ୍ୟକାରୀ କରାଯାଉଛି। ଏହାକୁ ଅଡିର କିମ୍ବଦନ୍ତୀ କ୍ୱାଟ୍ରୋ ଟେକ୍ନୋଲୋଜି ଓ ନୂତନ ବ୍ୟବସ୍ଥା ସମେତ ଅଡି କ୍ୟୁ ବର୍ଗର ପ୍ରମୁଖ ଅଂଶ ଏବଂ ବୈଶିଷ୍ଟ୍ୟକୁ ମନ ମଧ୍ୟରେ ରଖି ଏହାର ଡିଜାଇନ କରାଯାଇଛି। ଏ ସମ୍ପର୍କରେ ଅଡି ଭୁବନେଶ୍ୱରର ପରିଚାଳନା ନିର୍ଦ୍ଦେଶକ ଦେବଜ୍ୟାତି ପଟ୍ଟନାୟକ କହିଛନ୍ତି, ଗ୍ରାହକମାନଙ୍କୁ ଏହି ସ୍ୱତନ୍ତ୍ର ବ୍ୟବସ୍ଥା ମଧ୍ୟରେ ସେମାନଙ୍କର ବାସ୍ତବ ସାମର୍ଥ୍ୟ ସମ୍ପର୍କରେ ଅନୁଭୂତି ପ୍ରଦାନ ଓ ହାସଲ କରିବା ବ୍ୟତୀତ ଅଡି କ୍ୟୁ ବର୍ଗ ସମ୍ପର୍କରେ ମଧ୍ୟ ଏହାର ବିଶେଷଜ୍ଞ ଦଳ ବିସ୍ତୃତ ଭାବେ ବର୍ଣ୍ଣନା କରାଇ ସେମାନଙ୍କ ଜ୍ଞାନରେ ଉନ୍ନତି ଘଟାଇବା ନିମନ୍ତେ ଏଭଳି ପ୍ରୟାସ କରାଯାଇଛି। ଏପରିକି କିମ୍ବଦନ୍ତୀ କ୍ୱାଟ୍ରୋର ଅତୀବ ସାମର୍ଥ୍ୟ ଓ ଗତିଶୀଳତା ପ୍ରଦର୍ଶନ କରିବା ନିମନ୍ତେ ଅଡି କ୍ୟୁ ଡ୍ରାଇଭ ଆମକୁ ଏକ ସୁଯୋଗ ଯୋଗାଇ ଦେଇଛି। ଏହା ସବୁଠାରୁ ଆହ୍ୱାନପୂର୍ଣ୍ଣ ଭୌଗୋଳିକ ପରିବେଶରେ ମଧ୍ୟ ପ୍ରଦର୍ଶନ କରିବାକୁ ଡିଜାଇନ ପ୍ରସ୍ତୁତ କରାଯାଇଛି। ଅଡି କ୍ୟୁ ଡ୍ରାଇଭ୍‌ର ସଫଳତା ପାଇଁ ଅଡି ଭୁବନେଶ୍ୱରରେ ଆମ୍ଭେମାନେ ଅତ୍ୟନ୍ତ ଆନନ୍ଦିତ ଏବଂ ଅଡି କ୍ୟୁ ଡ୍ରାଇଭ୍‌ରେ ଅଂଶଗ୍ରହଣ କରିବା ପାଇଁ ମୁଁ ଆମର ପୃଷ୍ଠପୋଷକ ଏବଂ ସମସ୍ତ ଅଡିପ୍ରେମୀଙ୍କୁ ଧନ୍ୟବାଦ ଜଣାଉଛି ବୋଲି ପଟ୍ଟନାୟକ ମତବ୍ୟକ୍ତ କରିଛନ୍ତି।

# ଇଲେକ୍ଟ୍ରୋନିକ୍ସ ଶିଳ୍ପକୁ ପୁନର୍ଜୀବିତ କରିବ ଇପିଆଇସି

ନୂଆଦିଲ୍ଲୀ,୧୬।୪

ଜାତୀୟସ୍ତରରେ ଇଲେକ୍ଟ୍ରୋନିକ୍ସ ଉତ୍ପାଦ ବଜାରରେ ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ଭାରତୀୟ ଉତ୍ପାଦ ଓ ଭାରତୀୟ ବ୍ରାଣ୍ଡ ସୃଷ୍ଟି କରି ଦେଶରେ ଇଲେକ୍ଟ୍ରୋନିକ୍ସ ଶିଳ୍ପକୁ ପୁନର୍ଜୀବିତ କରାଇବା ଲକ୍ଷ୍ୟରେ ଏଚ୍‌ସିଏଲ୍ ପ୍ରତିଷ୍ଠାତା ଡ. ଅଜୟ ଚୌଧୁରୀ ଏବଂ ସହପ୍ରତିଷ୍ଠାତା ଅର୍ଜୁନ ମାଲହୋତ୍ରା ଏବଂ ସେମିକଣ୍ଡକ୍ଟର ଶିଳ୍ପର ଅଭିଜ୍ଞ ସଦସ୍ୟ ଡ. ସତ୍ୟ ଗୁପ୍ତାଙ୍କ ଦ୍ୱାରା ପ୍ରତିଷ୍ଠିତ ଏକ ଅଣ ଲାଭକାରୀ ସଂସ୍ଥା ଇପିଆଇସି ଫାଉଣ୍ଡେଶନ। ଏ ସମ୍ପର୍କରେ ଏହାର ଚେୟାରମ୍ୟାନ୍ ଡ. ଅଜୟ ଚୌଧୁରୀ କହିଛନ୍ତି, ଫାଉଣ୍ଡେଶନର ଶୁଭାରମ୍ଭ କରି ଆମେ ବହୁ ଉତ୍ସାହିତ। ଆମର ଉଦ୍ଦେଶ୍ୟ ହେଉଛି ଇଲେକ୍ଟ୍ରୋନିକ୍ସ ଉତ୍ପାଦଗୁଡିକର ଡିଜାଇନଠାରୁ ଆରମ୍ଭକରି ଉତ୍ପାଦନ ପର୍ଯ୍ୟନ୍ତ ଓ ସେମିକଣ୍ଡକ୍ଟର ଚିପ୍ସ ଡିଜାଇନ ଏବଂ ଉତ୍ପାଦନ କ୍ଷେତ୍ରରେ ଭାରତୀୟ ଇଲେକ୍ଟ୍ରୋନିକ୍ସ ଶିଳ୍ପକୁ ବାସ୍ତବରେ ଆତ୍ମନିର୍ଭର କରେଇବା।

# କାରିଗରଙ୍କୁ ଜୀବିକା ଯୋଗାଉଛି ବେଦାନ୍ତ

ନୂଆଦିଲ୍ଲୀ,୧୬।୪

ବେଦାନ୍ତ ଆଲୁମିନିୟମ ଉଭୟ ଓଡ଼ିଶା ଓ ଛତିଶଗଡ଼ କାର୍ଯ୍ୟକ୍ଷେତ୍ର ଅଞ୍ଚଳ ତଥା ସ୍ଥାନୀୟ କାରିଗରମାନଙ୍କୁ ଜୀବିକା ଓ ସମର୍ଥନ ଯୋଗାଇ ଦେଉଆସୁଛି। ବିଶେଷକରି ଦେଶରେ ସମୃଦ୍ଧ ସାଂସ୍କୃତିକ ଓ କଳାତ୍ମକ ଐତିହ୍ୟକୁ ଉଜ୍ଜୀବିତ କରିବା ଲାଗି ବେଦାନ୍ତ ସ୍ଥାୟୀ ଜୀବିକା ନିର୍ବାହକୁ ପରାମର୍ଶ ଦେଉଛି। ଏପରିକି ଜାତୀୟ ଓ ଅନ୍ତର୍ଜାତୀୟ ପ୍ଲାଟ୍‌ଫର୍ମରେ ସେମାନଙ୍କ କଳାକୃତିର ବିକାଶ ପାଇଁ ବଜାର ଲିଙ୍କେଜ୍ ଜରିଆରେ ଆବଶ୍ୟକ ସହଯୋଗ ପ୍ରଦାନ କରୁଛି। ଅପରପକ୍ଷରେ କମ୍ପାନୀର କଳାହାଣ୍ଡି ଲାଞ୍ଜିଗଡ଼ଠାରେ ଥିବା ଆଲୁମିନିୟମ ରିଫାଇନେରି ନିକଟରେ ଅବସ୍ଥିତ କାଙ୍କେରୀ ଗ୍ରାମର ଡୋକ୍ରା କାରିଗରଙ୍କ ସହିତ ମିଶି କାମ କରୁଛି। କଳାହାଣ୍ଡି ଜଙ୍ଗଲ ମଧ୍ୟରେ ଏହିସବୁ କାରିଗରମାନଙ୍କ ଘର, ଯେଉଁମାନେ ପ୍ରାୟ ୫୦୦ବର୍ଷ ଧରି ଭାରତର ସମୃଦ୍ଧ ହସ୍ତତନ୍ତ କାରିଗର ଭାବେ ନିଜର ପରିଚୟ ଦେଇ ଆସିଛନ୍ତି। ଏ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ସିଇଓ ରାହୁଲ ଶର୍ମା କହିଛନ୍ତି, ଭାରତ କଳା ସଂସ୍କୃତିରେ ସମୃଦ୍ଧ। ଡୋକ୍ରା ଓ ମୂର୍ତ୍ତି ଚିତ୍ରକଳାର ସଂରକ୍ଷଣ ଏବଂ ଏହାକୁ ମୁଖ୍ୟ ସ୍ରୋତକୁ ଫେରାଇ ଆଣି ପାରିଥିବାରୁ ଆମେ ଗର୍ବିତ। ଏହି ପ୍ରକ୍ରିୟାରେ ଆମେ ସମ୍ପୃକ୍ତ କାରିଗରମାନଙ୍କ ସମୃଦ୍ଧି ପାଇଁ ଉପଯୁକ୍ତ ପଥ ଦେଖାଇ ପାରିଛୁ। ବିଶ୍ୱ କଳା ଦିବସରେ କଳା ଓ ସଂସ୍କୃତିରେ ଅଧିକ ସ୍ଥାୟୀ ଜୀବିକା ନିର୍ବାହ ଲାଗି ପ୍ରୟାସକୁ ଅଧିକ ମଜଭୁତ କରିଛୁ ଯାହା ଦେଶର ଆତ୍ମନିର୍ଭରଶୀଳ ଅଂଶଗ୍ରହଣକାରୀଙ୍କ ସ୍ୱପ୍ନକୁ ସାକାର କରିପାରିବ।

## ଫୁରସତ୍

# ସଚେତନତା ହିଁ ନିଦାନ

## ବିଶ୍ୱ ହେମୋଫିଲିଆ ଦିବସ

ପ୍ରତିବର୍ଷ ଏପ୍ରିଲ ୧୭କୁ ବିଶ୍ୱ ହେମୋଫିଲିଆ ଦିବସ ଭାବେ ପାଳନ କରାଯାଏ। ହେମୋଫିଲିଆ ଏକ ରକ୍ତସ୍ରାବଜନିତ ଶାରୀରିକ ସମସ୍ୟା। ସଚେତନତା ହିଁ ପ୍ରକୃତ ନିଦାନ। ଏଭଳି ଏକ ସମସ୍ୟାର ସମାଧାନ ଲାଗି ସଚେତନତା ଗୁରୁତ୍ୱପୂର୍ଣ୍ଣ। ଅନ୍ତର୍ଜାତୀୟ ସଚେତନତା ଦିବସ ଏବଂ ୱାର୍ଲ୍ଡ ଫେଡେରେଶନ ଅଫ୍ ହେମୋଫିଲିଆର ପ୍ରତିଷ୍ଠାତା ଫ୍ରାଙ୍କ ସ୍କାବେଲଙ୍କ ଜନ୍ମବାର୍ଷିକୀ ଅବସରରେ ଏହି ଦିବସ ପାଳିତ ହୋଇଥାଏ।

୧୯୮୯ଠାରୁ ଏହି ଦିବସ ପାଳିତ ହୋଇଆସୁଛି। ଇତ୍ୟବସରରେ ହେମୋଫିଲିଆ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ସହ ବିଭିନ୍ନ କାର୍ଯ୍ୟକ୍ରମରେ ବ୍ୟାପକ ଜନସାଧାରଣଙ୍କ ଯୋଗଦାନ ଉପରେ ଗୁରୁତ୍ୱାରୋପ କରାଯାଇଥାଏ। ଏଭଳି ସମସ୍ୟା କ୍ଷେତ୍ରରେ ଉପଯୁକ୍ତ ଯତ୍ନ ସମ୍ପର୍କରେ ଲୋକଙ୍କୁ ଅବଗତ କରାଯାଇଥାଏ।

ଦଶମ ଶତାବ୍ଦୀରେ ହେମୋଫିଲିଆ ସମସ୍ୟା ଚିହ୍ନଟ ହୋଇଥିଲା। ଏହା ମୁଖ୍ୟତଃ ପୁରୁଷମାନଙ୍କଠାରେ ଦେଖିବାକୁ



ମିଳିଥାଏ। ମହିଳାମାନେ ଏହି ସମସ୍ୟାର କ୍ୟାରିୟର ହୋଇଥା'ନ୍ତି। ଏହି ରୋଗ ସେତେବେଳେ ଅବୁଲକସିସ ନାମରେ ଜଣାଶୁଣା ଥିଲା। ୧୯୩୭ରେ, ହେମୋଫିଲିଆ ଜେନେଟିକ୍ ସମସ୍ୟା ଦୁଇ ପ୍ରକାରରେ ବିଭକ୍ତ ହେଲା- ଯଥା ଏ ଏବଂ ବି। ଏହି ସମସ୍ୟାର କୌଣସି ଉପଯୁକ୍ତ ଚିକିତ୍ସା ନାହିଁ। ଲୋକଙ୍କ ମଧ୍ୟରେ ଏହି ସମସ୍ୟା ବିଷୟରେ ସଚେତନତା ସୃଷ୍ଟି କରିବା ଏବଂ ଏହା ଉପରେ ସଠିକ ଧ୍ୟାନ ଦେବା ଆବଶ୍ୟକତାକୁ ଲୋକଙ୍କୁ ବୁଝାଇବାକୁ ନିଷ୍ପତ୍ତି ନିଆଗଲା ୧୯୬୩ରେ। ସମସ୍ତ ହେମୋଫିଲିଆ ଆକ୍ରାନ୍ତଙ୍କ ଚିକିତ୍ସା ଏବଂ ଯତ୍ନର ବିକାଶ ପାଇଁ ଡବ୍ଲ୍ୟୁଏଫଏମ୍ ପ୍ରତିଷ୍ଠା କରାଯାଇଥିଲା । ଏହି ଦିବସ ପାଳନ ଅବସରରେ ସଚେତନତା ଅଭିଯାନ, ଆଲୋଚନାଚକ୍ର, କର୍ମଶାଳା ଇତ୍ୟାଦି ବିଭିନ୍ନ ସଂସ୍ଥା ଏବଂ ଲୋକମାନଙ୍କ ଦ୍ୱାରା ଆୟୋଜିତ ହୋଇଥାଏ। ହେମୋଫିଲିଆ ସମସ୍ୟା ବିଷୟରେ ସାଧାରଣ ଜନତାଙ୍କୁ ଅବଗତ କରାଇବା ପାଇଁ ବିଭିନ୍ନ ପ୍ରକାରର କାର୍ଯ୍ୟକ୍ରମ ଆୟୋଜିତ ହୋଇଥାଏ। ବିଶ୍ୱ ହେମୋଫିଲିଆ ଦିବସ ପାଳନ ଅବସରରେ ଅଷ୍ଟ୍ରେଲିଆ ସମେତ କେତେକ ଦେଶରେ ବିଭିନ୍ନ ଲ୍ୟାଣ୍ଡମାର୍କ ଏବଂ ସ୍ମାରକୀକୁ ରାତିରେ ଲାଲ ରଙ୍ଗ ଆଲୋଗରେ ଆଲୋକିତ କରାଯାଇଥାଏ।

# ଛବି କର୍କଟରେ ଆକ୍ରାନ୍ତ

**ମୁମ୍ବାଇ:** ହିନ୍ଦୀ ଟେଲିଭିଜନ୍ ଜଗତର ଜଣେ ଜଣାଶୁଣା ଅଭିନେତ୍ରୀ ହେଉଛନ୍ତି ଛବି ମିତ୍ତଲ। ଛବି ଏବେ ସ୍ତନ କର୍କଟରେ ଆକ୍ରାନ୍ତ। ଏ ସମ୍ପର୍କରେ ଶନିବାର ସେ ଇନ୍‌ଷ୍ଟାଗ୍ରାମରେ ଏକ ଭାବବିହ୍ୱଳ ପୋଷ୍ଟ ଶେୟାର କରିଛନ୍ତି। ଯେଉଁଥିରେ ସେ ସ୍ତନ କର୍କଟ ବିଷୟରେ ଉଲ୍ଲେଖ କରିଛନ୍ତି। ମହିଳାଙ୍କ ଶରୀରରେ ସ୍ତନ ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ହୋଇଥିବାବେଳେ ଏହା ଉଭୟ ସୌନ୍ଦର୍ଯ୍ୟ ଏବଂ ଶିଶୁଙ୍କୁ ଖାଦ୍ୟ ଯୋଗାଇବା ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିଥିବା ସେ ଶେୟାର କରିଥିବା ପୋଷ୍ଟରେ ଲେଖିଛନ୍ତି। ରୋଗ ଚିହ୍ନଟ ପାଇଁ ତାଙ୍କୁ ୨୦ ଦିନ ଲାଗିଥିଲା। ଯେତେବେଳେ ଡାକ୍ତର ତାଙ୍କୁ ବାୟୋପ୍ସି କରିବାକୁ କହିଥିଲେ ସେତେବେଳେ ସ୍ୱାସ୍ଥ୍ୟଗତ ତ୍ରୁଟି ନେଇ ତାଙ୍କ ମନରେ ଆଶଙ୍କା ଉପୁଜିଥିଲା। ତେବେ ଗତ ସୋମବାର ରିପୋର୍ଟ ଆସିବା ପରେ ସେ ଜାଣିବାକୁ ପାଇଥିଲେ ଯେ, ତାଙ୍କୁ ସ୍ତନ କର୍କଟ ହୋଇଛି ବୋଲି। ସତ ଜାଣିବା ପରେ ସେ ଭାଙ୍ଗି ପଡ଼ିଥିଲେ। ପ୍ରତ୍ୟେକ ସମସ୍ୟାର ସମାଧାନ ରହିଥିବାବେଳେ ଏ ପ୍ରକାର ରୋଗର ସମାଧାନ ଖୋଜିବା ସେ ଆରମ୍ଭ କରିଦେଲେ। ଏ ସମ୍ପର୍କରେ ଛବି ବହୁ ପ୍ରକାର ଲୋକଙ୍କ ସହ ଆଲୋଚନା କରିଥିଲେ। ଆଉ ଏହାପରେ ସେ ଏକ ନିର୍ଯାଶରେ ଉପନୀତ ହୋଇଥିଲେ। ବହୁ ବାଧାବିଘ୍ନ ସତ୍ତ୍ୱେ ଜୀବନରେ ତାଙ୍କୁ ଆଗକୁ ବଢ଼ିବାର ଅଛି। ସେଥିପାଇଁ ଏ ପ୍ରକାର ଲଢ଼େଇ ତାଙ୍କୁ ଲଢ଼ିବା ସହ ଜିତିବାର ଅଛି ବୋଲି ଛବି କହିଛନ୍ତି। ତିନ ବହୁରୋନିୟା ଘର କି ଲକ୍ଷ୍ମୀ, ବେଟିଆ ଓ କୃଷ୍ଣଦାସୀ ଭଳି ଏକାଧିକ ହିନ୍ଦୀ ଧାରାବାହିକରେ ସେ ପ୍ରମୁଖ ଭୂମିକାର ଅଭିନୟ କରିଛନ୍ତି। ଏଥିସହ ସୋସିଆଲ ମିଡିଆରେ ବ୍ଲଗିଂ ସାଙ୍ଗକୁ ଛୋଟ ଛୋଟ ସୋସିଆଲ ମେସେଜ୍ ଭିଡିଓ ମଧ୍ୟ ସେ ତିଆରି କରନ୍ତି।



# ଘାଟରେ ଚାଲିଛି ଚାକିରି ପ୍ରସ୍ତୁତି



ପାଟନା

### ରାଜ୍ୟରୁ ବେକାରି ସମସ୍ୟା ଦୂର କରିବା ଲକ୍ଷ୍ୟ

ହଜାର ହଜାର ସଂଖ୍ୟାରେ ଛାତ୍ରୀଛାତ୍ର କାଗଜ, କଲମ ଧରି ଘାଟ କୂଳରେ ବସି ପାଠ ପଢୁଥିବାର ଏକ ଚିତ୍ର ସାମ୍ନାକୁ ଆସିଛି। ବିହାର ପାଟନା ୟୁନିଭର୍ସିଟି ନିକଟରେ ଥିବା ଏନ୍‌ଆଇଟି ଘାଟର ଏହି ଦୃଶ୍ୟ। ଯେଉଁଠାରେ ସରକାରୀ ଚାକିରି ପାଇଁ ଆଶାୟୀ ଯୁବପିଢ଼ି ବସି ପାଠ ପଢୁଛନ୍ତି। ଏସ୍‌କେ ଝା ନାମକ ଜଣେ ଇଂଜିନିୟରିଂ ଡିଗ୍ରୀ ପ୍ରାପ୍ତ ଯୁବକ, ଚାକିରି ଛାଡ଼ି ବର୍ତ୍ତମାନ ଛାତ୍ରୀଛାତ୍ରଙ୍କୁ ମାଗଣାରେ ଶିକ୍ଷାଦାନ କରୁଛନ୍ତି। ରେଲୱେ, ୟୁପିଏସ୍‌ସି ଏବଂ ଷ୍ଟାଫ ସର୍ଭିସ କମିଶନର (ଏସ୍‌ଏସ୍‌ସି) ଭଳି ସରକାରୀ ଚାକିରି କରିବାକୁ ଚାହୁଁଥିବା ବ୍ୟକ୍ତି ବିଶେଷଙ୍କ ପାଇଁ ଉକ୍ତ ସୁବିଧା ଉପଲବ୍ଧ। ପ୍ରତ୍ୟେକ ଶନିବାର ଓ ରବିବାର ଦୁଇଦିନ ଅଭ୍ୟାସ ମୂଳକ ପରୀକ୍ଷା କରାଯାଉଥିବାବେଳେ ପିଲାମାନେ ଘାଟରେ ବସି ପରୀକ୍ଷା ଦେଉଥିବା ଝା କହିଛନ୍ତି, ଯେଉଁଥିରେ ପାଖାପାଖି ୧୨ ହଜାରରୁ ୧୪ ହଜାର ପିଲା ଯୋଗ ଦେଉଛନ୍ତି। ଗତ ଦୁଇମାସ ହେବ ଝା ଏହି ସେବା ଆରମ୍ଭ କରିଛନ୍ତି। ରାଜ୍ୟରେ ବେକାରି ଏକ ବଡ଼ ସମସ୍ୟା ଭାବେ ଉଭା ହୋଇଥିବାବେଳେ ଏହାର ମୂଳପୋଛ ଏକମାତ୍ର ଲକ୍ଷ୍ୟ ବୋଲି ଗଣମାଧ୍ୟମକୁ ନିଜ ପ୍ରତିକ୍ରିୟା ଦେଇ ସେ କହିଛନ୍ତି।

# ମଞ୍ଜୁ ସିଂଙ୍କ ପରଲୋକ



**ମୁମ୍ବାଇ:** ହିନ୍ଦୀ ସିରିଏଲ୍ ପ୍ରଯୋଜକ ତଥା ଅଭିନେତ୍ରୀ ମଞ୍ଜୁ ସିଂଙ୍କ ପରଲୋକ ହୋଇଯାଇଛି। ଗୁରୁବାର ସକାଳେ ହୃଦ୍‌ଘାତରେ ତାଙ୍କ ମୃତ୍ୟୁ ହୋଇଥିବା ରିପୋର୍ଟ ପ୍ରକାଶ ପାଇଛି। ପ୍ରଯୋଜନା, ଅଭିନୟ ଏବଂ ଆଙ୍କରିଂ କ୍ଷେତ୍ରରେ ମଞ୍ଜୁ ଜଣେ ଦକ୍ଷ ବ୍ୟକ୍ତି ବିଶେଷ ଅଟନ୍ତି। ଟେଲିଭିଜନ ଜଗତରେ ତାଙ୍କୁ ସମସ୍ତେ ଦିଦି ବୋଲି ସମ୍ବୋଧନ କରନ୍ତି। ଦୂରଦର୍ଶନରେ ପ୍ରସାରଣ ଏକ କାହାନୀ, ଶୋ ଟାଇମ୍ ଭଳି ଅନେକ କାର୍ଯ୍ୟକ୍ରମ ସେ କରିଛନ୍ତି।

# ବନ୍ଧ କୋଠରିରେ ୧୦ ବର୍ଷ

## ଅଲୋଡ଼ା ହେଲେ ମା'

ଚେନ୍ନାଇ

ତାମିଲନାଡୁର ଥାନଜାଭୁରରୁ ଜିଲା ସମାଜ ମଙ୍ଗଳ ଅଧିକାରୀଙ୍କ ଦ୍ୱାରା ଜଣେ ୭୨ ବର୍ଷୀୟ ମହିଳାଙ୍କୁ ଉଦ୍ଧାର କରାଯାଇଛି। ଦୀର୍ଘ ୧୦ ବର୍ଷ ଧରି ଦୁଇପୁଅ ବୃଦ୍ଧାଙ୍କୁ ଗୋଟିଏ କୋଠରୀରେ ବନ୍ଦ କରି ରଖିଥିଲେ। ଉଦ୍ଧାର ସମୟରେ ବୃଦ୍ଧା ଜଣକ ଚଟାଣରେ ବିନାବସ୍ତ୍ରରେ ପଡ଼ି ରହିଥିବା ଦେଖିବାକୁ ମିଳିଥିଲା। ପଡ଼ୋଶୀଙ୍କ ଅଭିଯୋଗକ୍ରମେ ସମାଜ ମଙ୍ଗଳ ଅଧିକାରୀ ସେଠାକୁ ଯାଇଥିଲେ। ଉଦ୍ଧାରବେଳେ ମହିଳା ଜଣଙ୍କ ସେମାନଙ୍କ ଉପରେ ରାଗିଯାଇଥିଲେ। ଦୀର୍ଘ ୧୦ ବର୍ଷ ଧରି ଅନ୍ଧାର ଘରେ ରହିବା କାରଣରୁ ବୃଦ୍ଧା ଚିଡ଼ା ସ୍ୱଭାବର ହୋଇଯାଇଥିବାବେଳେ



ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ି ଯାଇଥିଲା। ଉଦ୍ଧାର ପରେ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ବୃଦ୍ଧାଙ୍କ ନାମ ଗ୍ନାନାଜୋଥି। ତାଙ୍କର ଦୁଇ ପୁଅଙ୍କ ମଧ୍ୟରୁ ଜଣେ ଅବସରପ୍ରାପ୍ତ ପୋଲିସ ଅଧିକାରୀ ହୋଇଥିବାବେଳେ ଆଉ ଜଣେ ଦୂରଦର୍ଶନରେ କାର୍ଯ୍ୟରତ। ମା'ଙ୍କ ସେବା କରିବାକୁ ଚାହୁଁ ନଥିବା ପୁଅମାନେ ତାଙ୍କୁ ଗୋଟିଏ କୋଠରୀରେ ବନ୍ଦ କରି ରଖିଥିଲେ। ସପ୍ତାହରେ ଗୋଟିଏ ଦିନ ତାଙ୍କୁ ଖାଇବାକୁ ଦେବା ସହ ପିଇବା ପାଣି ଦେଉ ନ ଥିଲେ। ୨୦୦୯ରେ ଦୂରଦର୍ଶନରେ ଚାକିରି କରିଥିବା ଗ୍ନାନାଜୋଥିଙ୍କ ସ୍ୱାମୀଙ୍କ ବିୟୋଗ ହୋଇଥିଲା , ଯାହାପରେ ତାଙ୍କ ଝିଅ ମା'ଙ୍କ ଦେଖାରଖା କରୁଥିଲେ। ସ୍ୱାମୀଙ୍କ ମୃତ୍ୟୁର ୨ ବର୍ଷ ପରେ ତାଙ୍କ ଝିଅ ମଧ୍ୟ ଆଖିବୁଜି ଦେଇଥିଲେ। ପୁଅମାନେ ମା'ଙ୍କୁ ନିଜ ପାଖରେ ରଖିବାକୁ ଚାହେଁ ନଥିବାବେଳେ ସେମାନେ ତାଙ୍କୁ ଏକ ବନ୍ଦ କୋଠରୀରେ ରଖୁଥିଲେ। ଦୁଇ ପୁଅଙ୍କ ବିରୋଧରେ ତାମିଲ ୟୁନିଭର୍ସିଟି ପୋଲିସ ଷ୍ଟେଶନରେ ଅଭିଯୋଗ ହୋଇଛି।

## ଶେହବାଜଙ୍କ ପୁଅ ପଞ୍ଜାବ ମୁଖ୍ୟମନ୍ତ୍ରୀ



ପାକିସ୍ତାନ ମୁସଲିମ୍ ଲିଗ୍ (ଏନ୍) ନେତା ତଥା ପାକିସ୍ତାନର ନୂଆ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫଙ୍କ ପୁଅ ହାମ୍‌ଜା ଶେହବାଜଙ୍କୁ ପାକିସ୍ତାନ ପଞ୍ଜାବ ମୁଖ୍ୟମନ୍ତ୍ରୀ ଭାବେ ଚୟନ କରାଯାଇଛି। ୧୯୭ ଭୋଟ ହାତେଇ ହାମ୍‌ଜା ପଞ୍ଜାବ ପ୍ରାନ୍ତର ୨୧ତମ ମୁଖ୍ୟମନ୍ତ୍ରୀ ହୋଇଛନ୍ତି। ଏହା ପୂର୍ବରୁ ଇମ୍ରାନଙ୍କ ଦଳ ପିଟିଆଇ ଏଠାରେ କ୍ଷମତାରେ ଥିଲା। ଆସେମ୍ବ୍ଲିରେ ଭୋଟଗ୍ରହଣ ସମୟରେ ପିଟିଆଇ ନେତା ଉପବାଚସ୍ପତି ଦୋସ୍ତ ମହମ୍ମଦ ମଜାରିଙ୍କ ଉପରକୁ ଆକ୍ରମଣ କରିବା ଅଭିଯୋଗରେ ଶନିବାର ୩ ପିଟିଆଇ ନେତାଙ୍କୁ ଗିରଫ କରାଯାଇଛି। ତେବେ ହାମ୍‌ଜାଙ୍କ ପ୍ରତିଦ୍ୱନ୍ଦ୍ୱୀ ଭାବେ ଛିଡ଼ା ହୋଇଥିବା ପରଭେଜ ଇଲାହିଙ୍କୁ ଗୋଟିଏ ବି ଭୋଟ ମିଳି ନାହିଁ।

## ସଂକ୍ଷେପରେ

### ଜୀବନ ହାରିଲେ ପ୍ରତାରିତ ଯୁବକ ମୃତ୍ୟୁ ପାଇଁ ପ୍ରେମିକା, ବନ୍ଧୁଙ୍କୁ ଦାୟୀ କଲେ

ଭଦ୍ରକ ଅଫିସ, ୧୬।୪-ପ୍ରେମରେ ପ୍ରତାରିତ ହେବା ପରେ ଭଦ୍ରକ ଗ୍ରାମାଞ୍ଚଳ ଥାନା ତେନ୍ତୁଳିଗଡ଼ିଆ ଗ୍ରାମର ଦିଗ୍‌ବିଜୟ ସ୍ୱାଇଁ ଶୁକ୍ରବାର ବିଳମ୍ବିତ ରାତିରେ ଆତ୍ମହତ୍ୟା କରିଛନ୍ତି। ଆତ୍ମହତ୍ୟା ପାଇଁ ସେ ତାଙ୍କ ପ୍ରେମିକା ଓ ଘନିଷ୍ଠ ବନ୍ଧୁଙ୍କୁ ଦାୟୀ କରି ଏକ ସୁଇସାଇଡ୍ ନୋଟ୍ ଛାଡ଼ି ଯାଇଛନ୍ତି। ଏନେଇ ମୃତକଙ୍କ ପରିବାର ଲୋକେ ଗ୍ରାମାଞ୍ଚଳ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୩୧/୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଛି।

### ଶିଶୁକନ୍ୟାକୁ ବଳାତ୍କାର ଅଭିଯୋଗ: ଅଭିଯୁକ୍ତ ଗିରଫ

କୁଚିଣ୍ଡା, ୧୬।୪(ଡି.ଏନ.ଏ.)-ସମ୍ବଲପୁର ଜିଲା ବାମରା ବ୍ଲକ ମହୁଲପାଲି ଥାନା ଅଞ୍ଚଳରେ ଏକ ୫ବର୍ଷର ଶିଶୁକନ୍ୟାକୁ ବଳାତ୍କାର ଅଭିଯୋଗ ହୋଇଛି। ପୋଲିସ ଏକ ମାମଲା ରୁଜୁକରି ଅଭିଯୁକ୍ତ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ସୁରେନ୍ଦ୍ର ବାଘ(୩୪)। ସୂଚନା ଅନୁଯାୟୀ ଗତ ୭ତାରିଖରେ ସୁରେନ୍ଦ୍ର ଶିଶୁକନ୍ୟା ଏକୁଟିଆ ଥିବା ଦେଖି ତାଙ୍କ ଘରକୁ ଯାଇଥିଲେ। ସେଠାରେ ସେ ମୋବାଇଲରେ ଆପତ୍ତିଜନକ ଭିଡିଓ ଦେଖାଇ ଶିଶୁକନ୍ୟାକୁ ବଳାତ୍କାର କରିଥିଲେ। ଘଟଣା ସମ୍ପର୍କରେ କାହାରି ଆଗରେ ପ୍ରକାଶ ନ କରିବାକୁ ମଧ ଧମକ ଦେଇଥିଲେ। ଘଟଣାର କିଛିଦିନ ପରେ ପୀଡିତାଙ୍କ ସମସ୍ୟା ହେବାରୁ ତାଙ୍କ ମାତାପିତା ଡାକ୍ତରଙ୍କ ପାଖକୁ ନେଇ ଚିକିତ୍ସା କରାଇଥିଲେ। ଶନିବାର ପରିବାର ଲୋକେ ଏ ନେଇ ମହୁଲପାଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଆଇପିସି ଦଫା ୩୭୬(ଏବି), ୫୦୬ରେ ମାମଲା (ନଂ୬୯/୨୨) ରୁଜୁକରି ସୁରେନ୍ଦ୍ରଙ୍କୁ ପୋକ୍ସୋ ଆକ୍ଟରେ ଗିରଫ କରିଛି। ଉଭୟଙ୍କ ଡାକ୍ତରୀ ପରୀକ୍ଷା ପରେ ଅଭିଯୁକ୍ତଙ୍କୁ ସମ୍ବଲପୁର ଜିଲା ଦୌରାଜଜ୍ କୋର୍ଟକୁ ଚାଲାଣ କରାଯାଇଛି।

### ୧୪ କରୋନା ଆକ୍ରାନ୍ତ ଶିଶୁ ହସ୍ପିଟାଲରେ ଭର୍ତ୍ତି

ନୂଆଦିଲ୍ଲୀ, ୧୬।୪:ରାଜଧାନୀ ଦିଲ୍ଲୀରେ କରୋନା ସଂକ୍ରମଣ ବୃଦ୍ଧି ପାଇବାରେ ଲାଗିଛି। ସହରରେ ମୋଟ ସଂକ୍ରମିତଙ୍କ ମଧ୍ୟରୁ ୫୩ ଜଣ ହସ୍ପିଟାଲରେ ଚିକିତ୍ସିତ ହେଉଥିବାବେଳେ ସେମାନଙ୍କ ମଧ୍ୟରେ୧୪ ଜଣ ଶିଶୁ ଅଛନ୍ତି। ୧୨ ଜଣ ଶିଶୁ ଦିଲ୍ଲୀସ୍ଥିତ କଳାବତୀ ସରଣ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। କୋଭିଡ୍ ସଂକ୍ରମଣ ନିୟନ୍ତ୍ରଣକୁ ଆସିବା ପରେ ଦିଲ୍ଲୀ ସରକାର ଏପ୍ରିଲ ୧ରୁ ସମସ୍ତ ସ୍କୁଲ ଖୋଲିବା ନେଇ ଘୋଷଣା କରିଥିଲେ। ଶୁକ୍ରବାର ସହରରେ ମୋଟ ୩୬୬ ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ରାଜଧାନୀରେ ପଜିଟିଭିଟି ରେଟ୍ ୩.୯୫ % ରହିଛି। ଆଗାମୀ ଦିନରେ ସଂକ୍ରମଣରେ ବଢ଼ିଲେ ସ୍କୁଲ ବନ୍ଦ କରାଯିବ ବୋଲି ଦିଲ୍ଲୀ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆ କହିଛନ୍ତି।

# ୨୦ ସୁଦ୍ଧା ରିପୋର୍ଟ ଦାଖଲ ନିର୍ଦ୍ଦେଶ

## ନକଲି ଶିକ୍ଷକ ମାମଲା

ଯାଜପୁର ଅଫିସ, ୧୬।୪

ନକଲି ପ୍ରମାଣପତ୍ର ବଳରେ ଚାକିରି କରୁଥିବା ପ୍ରାଥମିକ ଶିକ୍ଷକମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଏକାଧିକ ନିର୍ଦ୍ଦେଶ ହେଉଛି। ଏପରି କି ତଦନ୍ତରେ ଶିଥିଳତା, କାର୍ଯ୍ୟରେ ଅବହେଳା, ଉପଯୁକ୍ତ ତଦନ୍ତ କରୁ ନ ଥିବା ଅଧିକାରୀଙ୍କୁ ମଧ କାର୍ଯ୍ୟାନୁଷ୍ଠାନ ପରିସରଭୁକ୍ତ କରାଯିବ ବୋଲି ଚେତାବନୀ ଦିଆଯାଉଛି। ଏହିସବୁ ପ୍ରକ୍ରିୟା ନିର୍ଦ୍ଧାରିତ ସମୟସୀମା ମଧରେ ସମ୍ପନ୍ନ କରିବାକୁ ପରାମର୍ଶ ଦିଆଯାଉଥିଲେ ହେଁ ଅଧିକାଂଶ ଜିଲା ଶିକ୍ଷାଧିକାରୀ(ଡିଇଓ) ଏବଂ ଜିଲା ପ୍ରକଳ୍ପ ସଂଯୋଜକ (ଡିପିସି) ସୂଚନା ଦେବାରେ ଅବହେଳା କରୁଛନ୍ତି। କେତେଜଣ ଡିଇଓ ବ୍ଲକ ଶିକ୍ଷାଧିକାରୀ(ବିଇଓ)ମାନଙ୍କୁ ନକଲି ଶିକ୍ଷକମାନଙ୍କ ବିଷୟରେ ସୂଚନା ଦେବାକୁ ନିର୍ଦ୍ଦେଶ ଦେଇ ଦ୍ୱନ୍ଦ୍ୱ ସୃଷ୍ଟି କରୁଛନ୍ତି। ତେଣୁ ଆସନ୍ତା ୨୦ ତାରିଖ ସୁଦ୍ଧା ସମସ୍ତ ପର୍ଯ୍ୟାୟଭୁକ୍ତ ଶିକ୍ଷକମାନଙ୍କ ସମ୍ପର୍କରେ ସୂଚନା ଦେବା ପାଇଁ ଉଚ୍ଚ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟର ଆଞ୍ଚଳିକ ନିର୍ଦ୍ଦେଶକ ନିର୍ଦ୍ଦେଶ ଜାରି କରିଛନ୍ତି।

ନକଲି ଶିକ୍ଷାଗତ ଏବଂ ଜାତିଗତ ପ୍ରମାଣପତ୍ର ଦାଖଲ କରି ଅନେକେ ଶିକ୍ଷା ବିଭାଗରେ ଚାକିରି କରୁଛନ୍ତି। ଶିକ୍ଷା ବିଭାଗ ପକ୍ଷରୁ ୩୮୦ଜଣଙ୍କ ତାଲିକା ପ୍ରସ୍ତୁତ ହୋଇଛି। ହେଲେ ବାସ୍ତବରେ ଏହି ସଂଖ୍ୟାର ୧୦ ଗୁଣରୁ ଅଧିକ ନକଲି ପ୍ରମାଣପତ୍ର ବଳରେ ନିଯୁକ୍ତି ପାଇଥିବା ଚର୍ଚ୍ଚା ହେଉଛି। ବିଭାଗୀୟ ଅଧିକାରୀଙ୍କ ଖାମଖିଆଲି ତଦନ୍ତରୁ ଏହାର ବାସ୍ତବତା ବହୁ ଦୂରରେ ରହିଥିବା ମତପ୍ରକାଶ ପାଇଛି। ଅନ୍ୟପକ୍ଷରେ ଗତ ୬ ବର୍ଷ ହେଲା କେବଳ ତଦନ୍ତ ନିର୍ଦ୍ଦେଶରେ କାର୍ଯ୍ୟାନୁଷ୍ଠାନ ସୀମିତ ରହିଛି। ଉଚ୍ଚ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶକୁ ନ ମାନି ଏହି ନକଲି ଡିଗ୍ରୀଧାରୀ ଶିକ୍ଷକଙ୍କୁ ପୋଲିସ ମାମଲାରୁ ଦୂରେଇ ରଖାଯାଉଥିବା ସନ୍ଦେହ କରାଯାଉଛି।

ସୂଚନାଥାଉ କି ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟସ୍ତରରେ କେତେକ ବରିଷ୍ଠ ଅଧିକାରୀଙ୍କୁ ନେଇ ୨୦୧୯ ଜୁଲାଇରେ ଏକ ସ୍ୱତନ୍ତ୍ର ଦଳ ଗଠନ ହୋଇଥିଲା। ଶିକ୍ଷକମାନଙ୍କ ଶିକ୍ଷାଗତ ଓ ତାଲିମ ପ୍ରମାଣପତ୍ର ଯାଞ୍ଚ କରି କ'ଣ କାର୍ଯ୍ୟାନୁଷ୍ଠାନ ହୋଇଛି ସେ ନେଇ ବୃତ୍ତାନ୍ତ ରିପୋର୍ଟ ଦାଖଲ କରିବାକୁ ସେତେବେଳେ ବିଭାଗୀୟ ନିର୍ଦ୍ଦେଶ ହୋଇଥିଲା। ହେଲେ ଏହି ସ୍ୱତନ୍ତ୍ର ଦଳ କୁଆଡେ ଗଲେ ଓ କ'ଣ କରୁଛନ୍ତି ତାହା ଏଯାଏ ସ୍ପଷ୍ଟ ହୋଇ ପାରିନାହିଁ। ଏହିକ୍ରମରେ ବାଲେଶ୍ୱର, ଭଦ୍ରକ, କଟକ, ଜଗତ୍‌ସିଂହପୁର, ଯାଜପୁର, କେନ୍ଦ୍ରାପଡ଼ା, ଖୋର୍ଦ୍ଧା, ମୟୂରଭଞ୍ଜ, ନୟାଗଡ଼ ଓ ପୁରୀ ଜିଲାର ନକଲି ପ୍ରମାଣପତ୍ରଧାରୀ ନକଲି ଶିକ୍ଷକଙ୍କ ସଂକ୍ରାନ୍ତରେ ତଦନ୍ତ କରିବାକୁ ଭୁବନେଶ୍ୱର ଆଞ୍ଚଳିକ ଉଚ୍ଚ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ନିର୍ଦ୍ଦେଶ ହୋଇଛି। ଏଥିରେ ବିଭିନ୍ନ ପର୍ଯ୍ୟାୟଭୁକ୍ତ ନିଯୁକ୍ତ ଶିକ୍ଷକଙ୍କ ସଂଖ୍ୟା, ରାଜ୍ୟ ବାହାରର ବୋର୍ଡ/ବିଶ୍ୱବିଦ୍ୟାଳୟରୁ ହାସଲ କରିଥିବା ପ୍ରମାଣପତ୍ର ସଂଖ୍ୟା, ଠିକ ଥିବା ପ୍ରମାଣପତ୍ର ସଂଖ୍ୟା, ନକଲି ପ୍ରମାଣପତ୍ର ଚିହ୍ନଟ, କାର୍ଯ୍ୟାନୁଷ୍ଠାନ ଆଦି ବିଷୟ ରହିଛି। ମିଳିଥିବା ସୂଚନା ଅନୁଯାୟୀ କେତେଜଣ ଶିକ୍ଷକ କିଛି ଜମି କିଣି ସେଥିରେ ଆଦିବାସୀ ଓ ହରିଜନ ବର୍ଗ ଜାତି ଦର୍ଶାଇ ନକଲି ଜାତିଗତ ପ୍ରମାଣପତ୍ର ହାସଲ କରି ନିଯୁକ୍ତି ପାଉଛନ୍ତି। ଏହିସବୁ ନକଲି ପ୍ରମାଣପତ୍ର ଯାଞ୍ଚ ନିର୍ଦ୍ଦେଶ ୨୦୧୫ରୁ ହୋଇଆସୁଛି। ହେଲେ ଏପର୍ଯ୍ୟନ୍ତ ସମସ୍ତ ନକଲି ପ୍ରମାଣପତ୍ରଧାରୀ ଚିହ୍ନଟ ହୋଇ ପାରିନାହାନ୍ତି।

# ସରିଲା ରିମାଣ୍ଡ, ଆଜି କୋର୍ଟରେ ହାଜର



ବାଲିଚନ୍ଦ୍ରପୁର ହାଟ କମାରଶାଳରେ ସିନ୍ ରିକ୍ରିଏଟ କରାଯାଉଛି।

## ମାହାଙ୍ଗା ଗଣହତ୍ୟା ମାମଲା

### ବାଲିଚନ୍ଦ୍ରପୁର ହାଟ କମାର ଶାଳକୁ ନେଇ ସିନ୍ ରିକ୍ରିଏଶନ

ନିଶ୍ଚିନ୍ତକୋଇଲି/ମାହାଙ୍ଗା, ୧୬।୪(ସ୍ୱ.ପ୍ର.)

କଟକ ଜିଲା ମାହାଙ୍ଗା ଥାନା କୁସୁପୁର ଗ୍ରାମରେ ସମ୍ପତ୍ତି ବିବାଦରୁ ବଡ଼ଭାଇଙ୍କ ପରିବାରର ସମସ୍ତ ୫ ଜଣଙ୍କୁ ହତ୍ୟା କରିବା ଘଟଣାର ଅଭିଯୁକ୍ତ ତଥା ସାନ ଭାଇ ଶିବ ପ୍ରସାଦ ସାହୁଙ୍କ ୩ଦିନିଆ ରିମାଣ୍ଡ ଅବଧି ଶନିବାର ଶେଷ ହୋଇଛି। ରବିବାର ତାଙ୍କୁ କୋର୍ଟରେ ହାଜର କରାଯିବାସହ ଆବଶ୍ୟକ ପଡ଼ିଲେ ଆଉଥରେ ରିମାଣ୍ଡରେ ଆଣିବାକୁ ଆବେଦନ କରାଯାଇପାରେ ବୋଲି ପୋଲିସ କହିଛି। ତେବେ ରିମାଣ୍ଡର ତୃତୀୟ ତଥା ଅନ୍ତିମ ଦିନରେ ପୋଲିସ ସିନ୍ ରିକ୍ରିଏଶନ ପାଇଁ ମାହାଙ୍ଗା ଥାନାରୁ ବାଲିଚନ୍ଦ୍ରପୁର ହାଟକୁ ନେଇଥିଲା। ହତ୍ୟାକାଣ୍ଡରେ ଶିବ ଯେଉଁ କଟୁରି ବ୍ୟବହାର କରିଥିଲେ ତାକୁ ଘଟଣା ପୂର୍ବରୁ ପଜାଇ ଥିବା କମାର ଶାଳକୁ ନେଇ ସିନ୍ ରିକ୍ରିଏଶନ କରାଯାଇଥିଲା। କଟୁରି ପଜାଇବା ପରେ ତାକୁ କିଭଳି ସତର୍କତାର ସହ ଆଣି ଘରେ ରଖିଥିଲେ ସେନେଇ ଶିବ ପୋଲିସକୁ କହିଥିଲେ। ଶନିବାର ରିମାଣ୍ଡ ସରିବାକୁ ଥିବାରୁ ଘଟଣାରେ ଏକାଧିକ ବ୍ୟକ୍ତିଙ୍କ ସମ୍ପୃକ୍ତି ସମ୍ପର୍କରେ ପୋଲିସ ବାରମ୍ବାର ପ୍ରଶ୍ନ କରିଥିଲେ ସୁଦ୍ଧା ସେ ଏକମାତ୍ର ହତ୍ୟାକାରୀ ବୋଲି ଶିବ କହିଥିବା ଜଣାପଡ଼ିଛି।

ଘଟଣା ସମ୍ପର୍କରେ ମାହାଙ୍ଗା ଥାନା ଅଧିକାରୀ ନୀହାର ମହାନ୍ତିଙ୍କୁ ପ୍ରଶ୍ନ କରିବାରୁ ସେ ତଦନ୍ତ ଚାଲିଛି ବୋଲି କହି କଥାକୁ ଏଡ଼ାଇ ଦେଇଛନ୍ତି। ଅପରପକ୍ଷରେ ଶିବଙ୍କ ସ୍ତ୍ରୀ ଓ ଶ୍ୱଶୁର ଘର ଲୋକଙ୍କ ଘଟଣାରେ ସମ୍ପୃକ୍ତି ଅଛିକି ନାହିଁ ସେନେଇ ପୁଙ୍ଖାନୁପୁଙ୍ଖ ତଦନ୍ତର ଆବଶ୍ୟକତା ରହିଛି ବୋଲି ସାଧାରଣରେ ଆଲୋଚନା ହେଉଛି। ସୂଚନା ଥାଉକି ସମ୍ପତ୍ତି ବିବାଦକୁ ନେଇ ଗତ ସୋମବାର ରାତିରେ କୁସୁପୁର ଗ୍ରାମର ଶିବ ପ୍ରସାଦ ସାହୁ ତାଙ୍କ ବଡ଼ ଭାଇ, ଭାଉଜ, ଝିଆରୀ ଓ ୨ ପୁତୁରାଙ୍କୁ କଟୁରିରେ ହାଣି ହତ୍ୟା କରିଥିଲେ। ପରେ ମଙ୍ଗଳବାର ଘଟଣା ସମ୍ପର୍କରେ ସାମାଜିକ ଗଣମାଧମରେ ଏକ ଭିଡିଓ ଜାରି କରିବା ସହ ବାଲିଚନ୍ଦ୍ରପୁର ଥାନାରେ ଆତ୍ମସମର୍ପଣ କରିଥିଲେ।

# ଗୋପବନ୍ଧୁଙ୍କ ଜନ୍ମପୀଠ ବିକାଶ କାର୍ଯ୍ୟ ଦେଖିଲେ ୫-ଟି ସଚିବ

ଭୁବନେଶ୍ୱର(ବ୍ୟୁରୋ)/ସାକ୍ଷୀଗୋପାଳ (ଡି.ଏନ୍.ଏ./ସ୍ୱ.ପ୍ର.), ୧୬।୪



ସୁଆଣ୍ଡୋ ଗ୍ରାମର ବିକାଶ କାର୍ଯ୍ୟକୁ ୫-ଟି ସଚିବ ଭି.କେ.ପାଣ୍ଡିଆନ ଓ ଅନ୍ୟ ଅଧିକାରୀମାନେ ଅନୁଧ୍ୟାନ କରୁଛନ୍ତି।

ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜନ୍ମପୀଠ ପୁରୀ ଜିଲା ସୁଆଣ୍ଡୋ ଗ୍ରାମରେ ଚାଲିଥିବା ଐତିହ୍ୟ ପ୍ରକଳ୍ପର ଅଗ୍ରଗତି ନେଇ ଶନିବାର ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି. କାର୍ତ୍ତିକେୟ ପାଣ୍ଡିଆନ ସକାଳ ୭ଟାରେ ପରିଦର୍ଶନରେ ଯାଇ ବିକାଶ କାର୍ଯ୍ୟ ଅନୁଧ୍ୟାନ କରିଛନ୍ତି। ପ୍ରଥମେ ପାଣ୍ଡିଆନ ଗୋପବନ୍ଧୁଙ୍କ ଷଠିଘରକୁ ଯାଇ ଉତ୍କଳମଣିଙ୍କ ପ୍ରତି ଶ୍ରଦ୍ଧା ନିବେଦନ କରିଥିଲେ। ଗୋପବନ୍ଧୁଙ୍କ ଦାୟାଦମାନଙ୍କୁ ଭେଟି ସ୍ମୃତିପୀଠ ବିଷୟରେ ଆଲୋଚନା କରିଥିଲେ। ଉତ୍କଳମଣିଙ୍କ ଜନ୍ମପୀଠର ବିକାଶ ପାଇଁ ସରକାରଙ୍କ ପଦକ୍ଷେପର ସେମାନେ ଉଚ୍ଚ ପ୍ରଶଂସା କରିଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ଏହାର ପୁନରୁଦ୍ଧାର କାର୍ଯ୍ୟ ହାତକୁ ନିଆଯିବା ସହ ଦ୍ରୁତ ଗତିରେ ନିର୍ମାଣ କାର୍ଯ୍ୟ ଜାରି ରହିଛି।

ଶିବ ମନ୍ଦିର, ଦୁଇଟି ପୋଖରୀ, ପୈତୃକ ବାସଗୃହ, ଗ୍ରାମକୁ ଉନ୍ନତ ରାସ୍ତା, ଭୂତଳ ବିଦ୍ୟୁତ ଯୋଗାଣ ବ୍ୟବସ୍ଥା, ପାନୀୟ ଜଳ ଯୋଗାଣ, ପଟ୍ଟନାଇକିଆ ଛକ ଠାରୁ ଗୋପବନ୍ଧୁଙ୍କ ଷଠିଘର ପର୍ଯ୍ୟନ୍ତ ରାସ୍ତାକୁ ଖଣ୍ଡଲାଇଟ ପଥରରେ ଦୋହରି କରଣ କରାଯିବ, ଭାର୍ଗବୀ ନଦୀରେ ବୋଟିଂ, ଅତ୍ୟାଧୁନିକ ଲୋକ ବ୍ୟବସ୍ଥା ଓ ୱାଟର ପାର୍କ, ମ୍ୟୁଜିୟମର ନିର୍ମାଣ କାର୍ଯ୍ୟକୁ ୫-ଟି ସଚିବ ବୁଲି ଦେଖିଥିବା ବେଳେ ୨ରୁ ୩ ମାସ ମଧରେ ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସୁଆଣ୍ଡୋରେ ନିର୍ମାଣ ହେଉଥିବା ପାର୍କିଂ ପ୍ଲେସ, ରିସେପ୍‌ଶନ ସେଣ୍ଟର ତଥା ମନ୍ଦିରର ନିର୍ମାଣ କାର୍ଯ୍ୟକୁ ପାଣ୍ଡିଆନ ବୁଲି ଦେଖିବା ସହ ଗୋପବନ୍ଧୁଙ୍କ ସ୍ମୃତିବହନ କରୁଥିବା ବିଭିନ୍ନ ସାମଗ୍ରୀକୁ ନେଇ ମ୍ୟୁଜିୟମ ଏବଂ ପୋଖରୀ ଆଦିରେ ଚାଲିଥିବା ବିକାଶ କାମ ଅନୁଧ୍ୟାନ କରିଛନ୍ତି। ବିଶେଷ କରି ସୁଆଣ୍ଡୋରେ ଗୋପବନ୍ଧୁଙ୍କ ୧୫ଫୁଟ ଉଚ୍ଚର ଏକ ବ୍ରୋଞ୍ଜ ପ୍ରତିମୂର୍ତ୍ତି ସ୍ଥାପନ ନେଇ ସେ ଗ୍ରାମବାସୀଙ୍କ ସହ ଆଲୋଚନା କରିଛନ୍ତି। ପ୍ରାୟ ୨୪ କୋଟି ଟଙ୍କା ବ୍ୟୟରେ ନିର୍ମାଣ କରାଯାଉଥିବା ଏହି ସମସ୍ତ ପ୍ରକଳ୍ପ କାର୍ଯ୍ୟକୁ ଶୀଘ୍ର ଏବଂ ସୁଚାରୁରୂପେ ଶେଷ କରିବା ନେଇ ଲକ୍ଷ୍ୟ ରଖାଯାଇଛି। ଏ ଦିଗରେ ଗ୍ରାମବାସୀଙ୍କ ସହଯୋଗ ମଧ କାମନା କରାଯାଇଛି। ତେବେ ଦୀର୍ଘ ୫୦ ବର୍ଷ ପରେ ସୁଆଣ୍ଡୋ ଗ୍ରାମର ଏଭଳି ଉନ୍ନତୀକରଣ କାର୍ଯ୍ୟ କରାଯାଉଥିବା ନେଇ ସୁଆଣ୍ଡୋବାସୀ ବେଶ୍ ଗୌରବାନ୍ୱିତ ମନେକରିଥିବା ବେଳେ ସରକାରଙ୍କ ଏଭଳି ପ୍ରଚେଷ୍ଟାକୁ ସାଧୁବାଦ ଜଣାଇଛନ୍ତି। ଏହି ଗସ୍ତ ଅବସରରେ ପୁରୀ ଜିଲାପାଳ ସମର୍ଥ ବର୍ମା, ଉପ ଜିଲାପାଳ ଭବତାରଣ ସାହୁ, ସତ୍ୟବାଦୀ ତହସିଲଦାର ଜୟନ୍ତ କୁମାର ଜୟ ସିଂ, ଅତିରିକ୍ତ ତହସିଲଦାର ମୌସୁମୀ ମିଶ୍ର, ଓଡିଶା ସେତୁ ନିର୍ମାଣ ନିଗମର ପରିଚାଳନା ନିର୍ଦ୍ଦେଶକ ଜୟକୃଷ୍ଣ ଦାସ, ମୁଖ୍ୟ ସାଧାରଣ ପରିଚାଳକ ପୂର୍ଣଚନ୍ଦ୍ର ମହାପାତ୍ର, ନିର୍ବାହୀ ଯନ୍ତ୍ରୀ ସୁନ୍ଦର ମାଧବ ପାଢ଼ୀ, ଟିସିଇ ଟିମ ଲିଡର ସୁଧୀର ରଞ୍ଜନ ସ୍ୱାଇଁ, ସରପଞ୍ଚ ଦୁଃଶାସନ ପ୍ରଧାନ, ଗୋପବନ୍ଧୁଙ୍କ ବଂଶଜ ଧୀରେନ୍ଦ୍ର ନାଥ ଦାସ, ରବୀନ୍ଦ୍ର ନାଥ ଦାସ, ବୁଦ୍ଧିଜୀବୀ ହେମନ୍ତ ଦାସ, ସବ୍ୟସାଚୀ ଦାସ, ବସନ୍ତ ଦାସ, ସୁଶାନ୍ତ ଦାସ ଓ ତାରାକାନ୍ତ ଦାସ ପ୍ରମୁଖ ଓ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ସୁଦର୍ଶନ ସାହୁ ପାଇବେ କଳିଙ୍ଗ ରତ୍ନ ସମ୍ମାନ

କଟକ ଅଫିସ, ୧୬।୪

ପ୍ରସିଦ୍ଧ ସ୍ଥପତି ପଦ୍ମବିଭୂଷଣ ସୁଦର୍ଶନ ସାହୁ ଚଳିତବର୍ଷ 'କଳିଙ୍ଗ ରତ୍ନ' ସମ୍ମାନ ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସାରଳା ସାହିତ୍ୟ ସଂସଦ ପକ୍ଷରୁ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯିବ। ଆସନ୍ତା ୨୩ ତାରିଖରେ କଟକ ସାରଳା ଭବନରେ ସଂସଦର ୪୧ତମ ବାର୍ଷିକ ଉତ୍ସବରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଯୋଗଦେଇ ସାହୁଙ୍କୁ ଏହି ସମ୍ମାନ ପ୍ରଦାନ କରିବାର କାର୍ଯ୍ୟକ୍ରମ ରହିଛି। ଏ ସମ୍ପର୍କରେ ସଂସଦର ପ୍ରତିଷ୍ଠାତା ଓ ସଭାପତି ଇଂ. ପ୍ରଭାକର ସ୍ୱାଇଁ ଶନିବାର ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି। ସୂଚନାଯୋଗ୍ୟ, ୧୯୩୯ ମାର୍ଚ୍ଚ ୧୧ ତାରିଖରେ ପୁରୀରେ ଜନ୍ମଗ୍ରହଣ କରିଥିବା ସାହୁ କାରୁକଳା ପାଇଁ ଜାତୀୟ ଓ ଅନ୍ତର୍ଜାତୀୟ କ୍ଷେତ୍ରରେ ପ୍ରସିଦ୍ଧି ଲାଭ କରିଛନ୍ତି।



ସୁଦର୍ଶନ ସାହୁ।

# ମୃତକଙ୍କ ପରିବାରକୁ ମିଳିବ ୨୫ ଲକ୍ଷ

## ଦେଓଗଡ଼ ରୋପୱେ ଦୁର୍ଘଟଣା

ରାଞ୍ଚି: ୧୬।୪

ଝାଡଖଣ୍ଡ ଦେଓଗଡ଼ ରୋପ୍‌ୱେ ଦୁର୍ଘଟଣାରେ ପ୍ରାଣହରାଇଥିବା ୩ ଜଣଙ୍କ ପରିବାରକୁ ଦାମୋଦର ରୋପୱେ ଆଣ୍ଡ ଇନ୍‌ଫ୍ରା ଲିମିଟେଡ୍ ପକ୍ଷରୁ ୨୫ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପା ରାଶି ପ୍ରଦାନ କରାଯିବ। ଶନିବାର କମ୍ପାନୀର ଜେନେରାଲ ମ୍ୟାନେଜର ମହେଶ ମୋଇଟା ଏହି ସୂଚନା ଦେଇଛନ୍ତି। ତେବେ ଦୁର୍ଘଟଣାରେ ପ୍ରାଣ ହରାଇଥିବା ରାକେଶ ମଣ୍ଡଳଙ୍କ ସ୍ତ୍ରୀଙ୍କୁ ଚାକିରି ଦିଆଯିବ। ଗତ ୧୦ ତାରିଖରେ ଦେଓଗଡ଼ ରୋପ୍‌ୱେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଶୁକ୍ରବାର ୨୫ ଲକ୍ଷର ଚେକ୍ କମ୍ପାନୀ ପକ୍ଷରୁ ଜିଲା ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ପୂର୍ବରୁ ମୃତକଙ୍କ ପରିବାରକୁ ୫ ଲକ୍ଷ ଟଙ୍କା ଲେଖାଏ ସହାୟତା ରାଶି ଦିଆଯିବା ନେଇ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ଘୋଷଣା କରିଥିଲେ।


CLASSIFIED DISPLAY
ALL EDITION - B/W (Everyday)
TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact: 0674-2580385 8637280816, 7894447167, 9338226625


# ମତ୍ସ୍ୟଜୀବୀଙ୍କ ଜୀବନଜୀବିକାକୁ ଗୁରୁତ୍ୱ ଦିଅ

## ଚିଲିକାରେ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କଲେ ମନ୍ତ୍ରୀ

ଭୁବନେଶ୍ୱର, ୧୬।୪(ବ୍ୟୁରୋ)

ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଶନିବାର ଚିଲିକା ବନ୍ୟପ୍ରାଣୀ ବନଖଣ୍ଡ ଅଞ୍ଚଳ ପରିଦର୍ଶନରେ ଯାଇ ଉଭୟ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ (ସିଡିଏ) ଏବଂ ଚିଲିକା ବନ୍ୟପ୍ରାଣୀ ବନଖଣ୍ଡରେ ବିଭାଗ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ବରକୁଳସ୍ଥିତ ଆର୍ଦ୍ରଭୂମି ଗବେଷଣା ଓ ତାଲିମ କେନ୍ଦ୍ରର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ରାଜ୍ୟ ସରକାରଙ୍କ ୫-'ଟି' ଓ 'ମୋ ସରକାର' କାର୍ଯ୍ୟକ୍ରମକୁ ପ୍ରାଧାନ୍ୟ ଦେଇ ବିଭାଗୀୟ କାର୍ଯ୍ୟ ସମ୍ପାଦନ କରିବା ପାଇଁ ମନ୍ତ୍ରୀ ଉପସ୍ଥିତ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ବିଭାଗୀୟ କାର୍ଯ୍ୟକ୍ରମ ଜରିଆରେ ସ୍ଥାନୀୟ ମତ୍ସ୍ୟଜୀବୀଙ୍କ ଜୀବନଜୀବିକାରେ ଯେଉଁଳି ଅଧିକ ଉନ୍ନତି ଆସିପାରିବ ସେଥିପ୍ରତି ଦୃଷ୍ଟି ଦେବା ସହ ଚିଲିକା ବନଖଣ୍ଡର ସୁରକ୍ଷା ଏବଂ ପରିବେଶ ପ୍ରତି ଅଧିକ ଯତ୍ନବାନ ହେବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ବିଭିନ୍ନ ଯୋଜନାଗୁଡ଼ିକର ଅଗ୍ରଗତିରେ ରହିଥିବା ଅସୁବିଧା ଓ ସମସ୍ୟା ସମ୍ପର୍କରେ ଅଧିକାରୀମାନେ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପୂର୍ବାହ୍ନରେ କ୍ଷେତ୍ର ପରିଦର୍ଶନରେ ଯାଇ ମନ୍ତ୍ରୀ ନଳବଣ ପକ୍ଷୀ ଅଭୟାରଣ୍ୟ ବୁଲି ଦେଖିଥିଲେ। ସେଠାରେ ସେ ପର୍ଯ୍ୟଟକଙ୍କ ପାଇଁ ରହିଥିବା ସୁବିଧାସୁଯୋଗ ଏବଂ ବହିରାଗତ ତଥା ସ୍ଥାନୀୟ ପକ୍ଷୀଙ୍କ ସୁରକ୍ଷା ନିମନ୍ତେ କାର୍ଯ୍ୟକାରୀ ହେଉଥିବା ପଦକ୍ଷେପଗୁଡ଼ିକ ସମ୍ପର୍କରେ ପଚାରି ବୁଝିଥିଲେ। ବୈଠକରେ ଆଞ୍ଚଳିକ ମୁଖ୍ୟ ବନସଂରକ୍ଷକ ମନୋଜ ମହାପାତ୍ର, ସିଡିଏର ଅତିରିକ୍ତ ମୁଖ୍ୟ ପରିଚାଳନା ଅଧିକାରୀ ଖୁସୱନ୍ତ ସିଂଙ୍କ ସମେତ ବିଭାଗୀୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।


ସରକାରୀ ସୁବିଧାର ଉଠାନ୍ତୁ ଲାଭ
(୧) କୃଷି ସୋଲାର ପମ୍ପ ଯୋଜନା
(୨) ଗୃହ ସୋଲାର ପ୍ୟାନେଲ ଯୋଜନା
(୩) ପ୍ରଧାନ ମନ୍ତ୍ରୀ ମୁଦ୍ରା ଲୋନ ଯୋଜନା
(୪) କିଷାନ କ୍ରେଡିଟ କାର୍ଡ ଯୋଜନା
6399403124

ALL EDITION - B/W (Everyday)
for Booking Contact:
0674-2580385
8637280816, 7894447167, 9338226625

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ଦେଓମାଳି ହେବ ଇକୋ ଟୁରିଜମ୍ ସେଣ୍ଟର



ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଝାଡୁ ତିଆରି କେନ୍ଦ୍ର ପରିଦର୍ଶନ କରୁଛନ୍ତି।

## କୋଟିଆ ଗସ୍ତରେ ମୁଖ୍ୟ ଶାସନ ସଚିବ

ପଟ୍ଟାଙ୍ଗୀ/କୋରାପୁଟ/ନାରାୟଣପାଟଣା, ୧୬।୪(ସ୍ୱ.ପ୍ର.)

ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କୋରାପୁଟ ଜିଲାକୁ ୨ଦିନିଆ ଗସ୍ତରେ ଆସି ଶନିବାର ପଟ୍ଟାଙ୍ଗୀ ବ୍ଲକର ଆନ୍ଧ୍ର ସୀମାନ୍ତ କୋଟିଆ ପଞ୍ଚାୟତ ଗସ୍ତ କରିଛନ୍ତି। ସେ ସେଠାରେ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ସମୀକ୍ଷା କରିଛନ୍ତି। ଓଡ଼ିଶାର ଉଚ୍ଚତମ ପର୍ବତ ଦେଓମାଳି ପରିଦର୍ଶନ କରି ସେଠାରେ ଇକୋ ଟୁରିଜିମ୍ ସେଣ୍ଟର କରାଯିବ। ଏଠାରେ କଟେଜ ନିର୍ମାଣ ସହ ଏକ ହୋଟେଲ ମଧ ନିର୍ମାଣ ହେବ। ଏହାର ପରିଚାଳନା ଦାୟିତ୍ୱ ସ୍ଥାନୀୟ ଅଞ୍ଚଳର ସାଲେମ ସ୍ୱୟଂ ସହାୟିକା ମହିଳା ଗୋଷ୍ଠୀଙ୍କୁ ଦିଆଯିବ ବୋଲି ମୁଖ୍ୟ ଶାସନ ସଚିବ କହିଥିଲେ। କୋଟିଆ ସରପଞ୍ଚ, ସମିତି ସଭ୍ୟ, ଜିଲା ପରିଷଦ ସଭ୍ୟ ଓ ୱାର୍ଡମେମ୍ବରମାନଙ୍କ ସହିତ କୋଟିଆର ବିକାଶ ସମ୍ପର୍କରେ ମହାପାତ୍ର ଆଲୋଚନା କରିଥିଲେ। କୋଟିଆ ଅଞ୍ଚଳର ଶିକ୍ଷିତ ଯୁବତୀଯୁବକଙ୍କ ନିଯୁକ୍ତି ଥଇଥାନ ସମ୍ପର୍କରେ ଜିଲା ପରିଷଦ ସଭ୍ୟା ଟିକାଇ ଗେମେଲ ପ୍ରସ୍ତାବ ଦେଇଥିଲେ। ମହିଳାମାନଙ୍କ ଆତ୍ମ ନିର୍ଭରଶୀଳ ପାଇଁ ଜୀବନ ଜୀବିକା ପ୍ରକଳ୍ପ ଜରିଆରେ ସେମାନଙ୍କ ଆର୍ଥିକ ଅଭିବୃଦ୍ଧି ଲକ୍ଷ୍ୟ ରଖାଯାଇଥିବା ମୁଖ୍ୟଶାସନ କହିଥିଲେ। ପରେ ମାଡକାରଠାରେ ନିର୍ମାଣାଧୀନ ବ୍ରିଜର ଅଗ୍ରଗତି ସମୀକ୍ଷା କରିଥିଲେ। କୋଟିଆ ପଞ୍ଚାୟତର ରାଜୁବେଡା ଗ୍ରାମରେ ଥିବା ଖଲି ତିଆରି କେନ୍ଦ୍ର, ଜାନିଗୁଡା ଗ୍ରାମରେ ଗ୍ରାମବାସୀଙ୍କ ଦ୍ୱାରା ଜୈବିକ ପଦ୍ଧତିରେ ହୋଇଥିବା ଷ୍ଟ୍ରବେରି ଚାଷ ବୁଲି ଦେଖିଥିଲେ। ପରେ ସେ ପଞ୍ଚାୟତରେ ହୋଇଥିବା ନୂତନ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରି ଡାକ୍ତରମାନଙ୍କ ସହ ଆଲୋଚନା କରିଥିଲେ। ଅପରାହ୍ନରେ ବନ୍ଧୁଗାଁ ବ୍ଲକ ଗସ୍ତ କରି ଆଲମଣ୍ଡାରେ ମେଡିକାଲର ନିର୍ମାଣାଧୀନ କୋଠା ଏବଂ ବିଜୁ ସେତୁ କାର୍ଯ୍ୟ ଶୀଘ୍ର ଶେଷ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସନ୍ଧ୍ୟାରେ ନାରାୟଣପାଟଣା ବ୍ଲକର ଚିନ୍ତାଗୁଡାଠାରେ ହେବାକୁ ଥିବା ବନ୍ଧର ସ୍ଥିତି ପରଖି ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଜିଲାପାଳ ଅବଦାଲ ଏମ. ଅକ୍ତାର, ଏସ୍‌ପି ବରୁଣ ଗୁଣ୍ଟୁପାଲି, ପ୍ରବେଶନର ଆଇଏଏସ ବେଦଭୂଷଣ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ହେମକାନ୍ତ ସଏ, ଡିଏଫଓ ଅନିତାରାଣୀ ରାୟଙ୍କ ସମେତ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।


ମନେ ପଡ଼ନ୍ତି

ପଞ୍ଚଦଶ ଶ୍ରାଦ୍ଧବାର୍ଷିକୀ
୧୭।୦୪।୨୦୨୨ (ରବିବାର)



ସ୍ୱର୍ଗତ ଡା. କ୍ଷୀରୋଦ କୁମାର ରଥ
(କଳାପ୍ରାଣ ସାହିତ୍ୟ-ସଂସ୍କୃତିମନା ସମାଜସେବୀ)
ଏଲ୍.ବି.-୬୧, ଷ୍ଟେଜ୍-୪, ବିଡ଼ିଏ କଲୋନୀ, ଲକ୍ଷ୍ମୀସାଗର, ଭୁବନେଶ୍ୱର
ତୁମେ ଯେଉଁଠି ଥାଅ ସଦା ସୁଖଶାନ୍ତିରେ ଥାଅ ଏବଂ ତୁମର ଅସରନ୍ତି ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ଆମକୁ ପଥ ପ୍ରଦର୍ଶନ କରୁଥାଉ । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ଏତିକି ପ୍ରାର୍ଥନା ।
ପତ୍ନୀ- ସରୋଜିନୀ ଓ ଆତ୍ମୀୟସ୍ୱଜନବୃନ୍ଦ
ଧ-୧୫୯

ପ୍ରଥମ ଶ୍ରାଦ୍ଧବାର୍ଷିକୀ



୰ଭଗବତୀ ଉଲ୍ଲାକା
ଡାଙ୍ଗସୋରଡ଼ା, ଚନ୍ଦ୍ରପୁର, ଜିଲ୍ଲା: ରାୟଗଡ଼ା
ଆବିର୍ଭାବ-୦୫।୧୦।୧୯୬୮
ତିରୋଧାନ- ୧୭।୦୪।୨୦୨୧
ହେ ମହାନ୍ ଆତ୍ମା, ଜୀବନର ଅଧା ସମୟ ଆମ ସହ ଅର୍ଦ୍ଧାଙ୍ଗୀ ଭାବେ ବିତେଇ ଥିଲ। ତୁମର କର୍ତ୍ତବ୍ୟନିଷ୍ଠା, ସ୍ନେହ, ଆଦର ସହ ଜଣେ ସରଳ ସଚ୍ଚୋଟ, ମହୀୟସୀ ମହିଳା ଭାବେ ତଥା ଜଣେ ଆଦର୍ଶ ମା ଭାବେ ଚିରସ୍ମରଣୀୟ ହୋଇ ରହିବ।
ଶୋକସନ୍ତପ୍ତ: ସ୍ୱାମୀ: ବିଜୟ ପ୍ରସାଦ ଉଲ୍ଲାକା, ସୁପୁତ୍ର: ହିମାଂଶୁ, ଝିଅ: ହାସିନା କୁମାରୀ ଓ ପରିବାରବର୍ଗ ।
ଧ-୧୬୨

ପଞ୍ଚଦଶ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତା ଶରଦଶଶୀ ନାୟକ
ଲୋ ମା', ତୁମେ ଯେଉଁଠି ଥାଅ ସୁଖ ଶାନ୍ତିରେ ଥାଅ ଏବଂ ତୁମର ଅସରନ୍ତି ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ଆମକୁ ପଥ ପ୍ରଦର୍ଶନ କରୁଥାଉ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ଏତିକି ପ୍ରାର୍ଥନା ।
-:ଶୋକସନ୍ତପ୍ତ:-
ସମସ୍ତ ନାୟକ ପରିବାର ଓ ସାହିପଡ଼ିଶାବୃନ୍ଦ ଓ ଚୌଧୁରୀ ସାହି, ବାଲେଶ୍ୱର
ଧ-୧୬୩

ସପ୍ତମ ମାସିକ ଶ୍ରାଦ୍ଧ ଉପଲକ୍ଷେ



୰ପ୍ରଭାତ ସୁନ୍ଦର ପାଣିଗ୍ରାହୀ
ଆବିର୍ଭାବ: ୧୩।୦୮।୧୯୪୦
ତିରୋଧାନ: ୨୧।୦୯।୨୦୨୧
ତୁମେ ଛାଡ଼ିଯାଇଥିବା ତୁମର ପରିବାର, ଜ୍ୟେଷ୍ଠପୁତ୍ର: ଜୀତେନ, ଜ୍ୟେଷ୍ଠ ପୁତ୍ରବଧୂ: ଶୁଭଯାନୀ, କନିଷ୍ଠପୁତ୍ର: ରୋଷନ, କନିଷ୍ଠ ପୁତ୍ରବଧୂ: ରଶ୍ମିପ୍ରଭା, ଦୁହିତା: ସ୍ମୃତି, ଜାମାତା: ସୀମାଞ୍ଚଳ ଓ ନାତି, ନାତୁଣୀ: ରୀମା, ସିତୁନ, ପପ୍‌ଲି, ପୀୟୂଷ, ନିତୁ, ସମସ୍ତ ପରିବାର ସହ ଅଶ୍ରୁପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛୁ। ଶ୍ରୀଜଗନ୍ନାଥଙ୍କ ପାଖରେ ଆମର ବିନୀତ ପ୍ରାର୍ଥନା ତୁମ ଆତ୍ମାର ସଦ୍‌ଗତି ହେଉ।
ଧ-୭୩୫୦୨

# ସ୍ମାର୍ଟ ୱାଚ୍

## ଫ୍ୟାଶନ୍ ସହ ଫିଟ୍‌ନେସ୍

ଦିନଥିଲା ହାତରେ ଘଣ୍ଟା ପିନ୍ଧାଯାଉଥିଲା ସମୟ ଦେଖିବା ପାଇଁ ଧୀରେ ଧୀରେ ଡ୍ରେସ୍ ସହ ମ୍ୟାଚ୍ କରି କେବେ ଚେନ୍ ତ କେବେ ଲେଦର ପୁଣି କେବେ ଭଳିକି ଭଳି କଲରଫୁଲ୍ ପ୍ଲାଷ୍ଟିକ୍ ବ୍ୟାଣ୍ଡ ଥିବା ଘଣ୍ଟା ପାଲଟିଲା ଷ୍ଟାଇଲ୍ ଷ୍ଟେଟ୍‌ମେଣ୍ଟ। ତେବେ ଏବେର ଘଣ୍ଟା ଆଉ କେବଳ ସମୟ ଦେଖିବା ଅବା ଫ୍ୟାଶନ୍‌ରେ ସୀମିତ ନାହିଁ ବରଂ ଏହାର ସ୍ଥାନ ନେଇଛି ସ୍ମାର୍ଟ ୱାଚ୍। ମୋବାଇଲ୍‌ରେ ଆସୁଥିବା ନୋଟିଫିକେଶନ୍‌ରୁ ଆରମ୍ଭ କରି ଫିଟ୍‌ନେସ୍ ଟ୍ରାକ୍ କରିବା ପର୍ଯ୍ୟନ୍ତ ବିଭିନ୍ନ ଫ୍ୟାସିଲିଟି ପାଇଁ ଏହା ପାଲଟିଛି ଅଧିକାଂଶ ଯୁବପିଢ଼ିଙ୍କ ପ୍ରଥମ ପସନ୍ଦ ...





ଘଣ୍ଟା ପିନ୍ଧିବା ଅଧିକାଂଶଙ୍କର ଆବଶ୍ୟକତା ହୋଇଥିବା ବେଳେ ଆଉ କେତେକଙ୍କ ପାଇଁ ସଉକ। ତେବେ ଏବେର ସ୍ମାର୍ଟ ୱାଚ୍ କିନ୍ତୁ ବଦଳାଇ ଦେଇଛି ଘଣ୍ଟାପିନ୍ଧାର ପରିଭାଷା। ସମୟ ଦେଖିବା, ସ୍ମାର୍ଟ ଏବଂ ଷ୍ଟାଇଲିଶ୍ ଲୁକ୍ ପାଇବା ସହ ଆହୁରି ଅନେକ ଉପଯୋଗିତା ଏହାକୁ କରାଇପାରିଛି ଅଧିକ ଲୋକପ୍ରିୟ...

**ନାହିଁ ବ୍ୟାଟେରି କିଣିବା ଟେନ୍‌ସନ୍:** କେବଳ ଯେ ଏହାକୁ ଅପରେଟ୍ କରିବା ବେଶ୍ ସହଜ ତା' ନୁହେଁ, ବରଂ ଏହା ଚାର୍ଜେବଲ୍ ହୋଇଥିବାରୁ ବାରମ୍ବାର ବ୍ୟାଟେରି କିଣିବାର ଟେନ୍‌ସନ୍ ବି ନାହିଁ। ଏଣୁ ଏହାକୁ ବ୍ୟବହାର କରିବାକୁ ଅନେକେ ଭଲ ପାଉଛନ୍ତି।

**ସାଜିଛି ହେଲ୍‌ଥ ଟ୍ରାକର:** ସ୍ୱାସ୍ଥ୍ୟ ପ୍ରତି ସଚେତନ ଥିବା ପ୍ରତ୍ୟେକଙ୍କ ପାଇଁ ସ୍ମାର୍ଟ ୱାଚ୍ ଏକ ବରଦାନ ସଦୃଶ। କାରଣ ଦିନକୁ ଆପଣ କେତେ ଷ୍ଟେପ୍ ଚାଲିଲେ, କେତେ କ୍ୟାଲୋରି ବର୍ନ କଲେ, ହାର୍ଟ ରେଟ୍‌ଠାରୁ ଆରମ୍ଭ କରି ବ୍ଲଡ୍‌ପ୍ରେସର ପର୍ଯ୍ୟନ୍ତ ସବୁକିଛି ଏଥିରୁ ଜାଣି ହେଉଛି ଖୁବ୍ ସହଜରେ। ତେଣୁ ଜିମ୍ ଯାଉଥିବା ଯୁବପିଢ଼ିଙ୍କର ଏହା ପ୍ରତି କ୍ରେଜ୍ ଖୁବ୍ ଅଧିକ। ଏଥିରେ ଥିବା ଡିଜିଟାଲ୍ ହେଲ୍‌ଥ ସେନ୍‌ସର ଦ୍ୱାରା ହୃଦ୍‌ରୋଗର ପୂର୍ବ ସୂଚନା ମଧ୍ୟ ଜାଣି ହୋଇ ପାରୁଥିବାରୁ ଯଥା ସମୟରେ ଚିକିତ୍ସା ସହଜ ହୋଇପାରୁଛି ଏବଂ ରୋଗୀର ଜୀବନ ରକ୍ଷା ହୋଇପାରୁଛି। ଏଥିରେ ରୋଗୀକୁ ମେଡିସିନ୍ ଖାଇବାର ସମୟ ସୂଚନା ଦେବାର ମଧ୍ୟ ସୁବିଧା ରହିଛି। କେତେକ ସ୍ମାର୍ଟୱାଚ୍‌ରେ ପଡ଼ିଯିବା କ୍ଷଣି ଆମ୍ବୁଲାନ୍ସ ସହ ପରିବାର ଲୋକଙ୍କୁ ସୂଚନା ପହଞ୍ଚାଇବାର ସୁବିଧା ମଧ୍ୟ ଉପଲବ୍ଧ। କେବଳ ଏତିକି ନୁହେଁ, ଏଥିରେ ଯୁବତୀମାନଙ୍କୁ ମାସିକ ଋତୁସ୍ରାବ ସୂଚନା ବା ମେନ୍‌ଷ୍ଟ୍ରୁଆଲ୍ ପିରିୟଡ୍ ରିମାଇଣ୍ଡର ଦେବା ପାଇଁ ମଧ୍ୟ ସୁବିଧା ରହିଛି।

**ଫୋନ୍‌ର ଛୋଟ ରୂପ:** ଏଥିରେ ଆପଣ ୧୨ କିମ୍ବା ୨୪ ଘଣ୍ଟିଆ ଟାଇମ୍ ସେଟ୍ କରିପାରିବେ। ଆଲାର୍ମ ମଧ୍ୟ ସେଟ୍ କରିପାରିବେ। ମୋବାଇଲ୍‌ରେ ଆସୁଥିବା କଲ୍ ରିସିଭ୍ କରିପାରିବେ, ମେସେଜ୍, ସୋସିଆଲ୍ ମିଡିଆର ବିଭିନ୍ନ ନୋଟିଫିକେଶନ୍ ପାଇପାରିବେ ଏବଂ ଇନ୍‌ଷ୍ଟାଣ୍ଟ ରିପ୍ଲାଏ କରିପାରିବେ। ଏଥିରେ ବିଭିନ୍ନ ଆପ୍ ମଧ୍ୟ ବ୍ୟବହାର କରିପାରିବେ। କେବଳ ଏତିକି ନୁହେଁ, କେତେକ ସ୍ମାର୍ଟ ୱାଚ୍‌ରେ ସ୍ମାର୍ଟ ଆପ୍ ବେସ୍‌ଡ ଇ-ପେମେଣ୍ଟ ସିଷ୍ଟମ ମଧ୍ୟ ଉପଲବ୍ଧ। ତେଣୁ ଆପଣ ଏହା ସାହାଯ୍ୟରେ କ୍ୟାଶଲେସ୍ ଶପିଂର ବି ଫାଇଦା ଉଠେଇ ପାରିବେ।

**ଅନ୍ୟାନ୍ୟ ସୁବିଧା:** ହଠାତ୍ ଫୋନ୍ ନ ମିଳିଲେ ଅବା ହଜିଗଲେ ଆପଣ 'ଫାଇଣ୍ଡ ଫୋନ୍' ଆପ୍ଲିକେଶନ୍ ଦ୍ୱାରା ନିଜ ଫୋନ୍‌କୁ ସହଜରେ ଖୋଜିପାରିବେ। ଏହାଛଡ଼ା ବର୍ତ୍ତମାନ ଆସୁଥିବା ବିଭିନ୍ନ ଲାଟେଷ୍ଟ ସ୍ମାର୍ଟୱାଚ୍‌ରେ ଏସି, ଫ୍ୟାନ୍, ଲାଇଟ୍, ଡୋର୍, ମାଇକ୍ରୋୱେଭ୍ ଓଭନ୍, ଟିଭି, ଫ୍ରିଜ୍ ଭଳି ସ୍ମାର୍ଟ ହୋମ୍ ଆପ୍ଲାଏନ୍‌ସେସ୍‌ଗୁଡ଼ିକୁ କଣ୍ଟ୍ରୋଲ୍ କରିବାର ଅପ୍ସନ ମଧ୍ୟ ଉପଲବ୍ଧ।



**ଟପ୍ ବ୍ରାଣ୍ଡ:** ଗ୍ଲୋବାଲ ସ୍ମାର୍ଟୱାଚ୍ ମାର୍କେଟ ତରଫରୁ ହୋଇଥିବା ଏକ ସର୍ଭେରୁ ଜଣାପଡ଼ିଛି ଯେ, ୨୦୨୧ରେ ବିକ୍ରି ହୋଇଥିବା ସମୁଦାୟ ହାତ ଘଣ୍ଟାର ପ୍ରାୟ ୪୦%ରୁ ଊର୍ଦ୍ଧ୍ୱ ହେଉଛି କେବଳ ସ୍ମାର୍ଟ ୱାଚ୍। ତେବେ ଗ୍ଲୋବାଲ୍ ମାର୍କେଟରେ ସବୁଠୁ ଅଧିକ ବିକ୍ରି ହେଉଥିବା ଟପ୍ ୯ ସ୍ମାର୍ଟ ୱାଚ୍ ବ୍ରାଣ୍ଡ ହେଉଛି ଆପଲ୍, ସାମ୍‌ସଙ୍ଗ୍, ହୁଆଇ, ଇମୁ, ଆମାଜ୍‌ଫିଟ୍, ଗାର୍ମିନ୍, ଫିଟ୍‌ବିଟ୍, ଜାଓମି, ନଏଜ୍; ଯାହାମଧ୍ୟରୁ ଆମ ଦେଶରେ ସବୁଠୁ ଅଧିକ ବିକ୍ରି ଏବଂ ଲୋକପ୍ରିୟତା ହାସଲ କରିଛି ନଏଜ୍ କମ୍ପାନୀର ସ୍ମାର୍ଟୱାଚ୍।

### କ'ଣ କୁହନ୍ତି ଏମାନେ...

***ବିଜୟ କୁମାର ସ୍ୱାଇଁ*** *(କର୍ମଜୀବୀ, ଭୁବନେଶ୍ୱର)*– ମୋର ନିତିଦିନିଆ ଜୀବନରେ ସ୍ମାର୍ଟ ୱାଚ୍ ବହୁତ ଜରୁରୀ ହୋଇପଡ଼ିଛି। ଜିମ୍‌ରେ ଏକ୍ସରସାଇଜ୍ କରିବାବେଳେ ଏହା ମୋର କେତେ କ୍ୟାଲୋରି ବର୍ନ ହେଲା ତାହା ଦର୍ଶାଇଥାଏ। ଏଥିସହ ଦିନ ଭିତରେ କେତେ ଷ୍ଟେପ୍ ଚାଲିଲି ତାହା ମଧ୍ୟ ଜଣାଇଥାଏ। ଯେଉଁ କାମ ଫୋନ୍ ଦ୍ୱାରା କରିପାରୁଛି, ତାହା ୱାଚ୍‌ରେ ମଧ୍ୟ କରିପାରେ। କୌଣସି ସ୍ଥାନରେ ଟଙ୍କା ଅନ୍‌ଲାଇନ୍‌ରେ ପେ' କରିବାର ଥିଲେ ମଧ୍ୟ ଏଥିରେ ଫିଚର୍ସ ଅଛି। କୌଣସି ମିଟିଂରେ ଥିଲେ ଯଦି ମୁଁ ଫୋନ୍ ରିସିଭ୍ କରିପାରେ ନାହିଁ, ତେବେ ଏହି ୱାଚ୍ ଦ୍ୱାରା କଲ୍ ରିସିଭ୍ କରିପାରେ, ଟେକ୍ସଟ୍ କରିପାରେ ଏବଂ ହ୍ୱାଟସ୍‌ଆପ୍‌ରେ ଫାଇଲ୍ ମଧ୍ୟ ପଠାଇପାରେ।

***ରାକେଶ କୁମାର ସାହୁ*** *(କମ୍ପ୍ୟୁଟର ଛାତ୍ର, ଯାଜପୁର)*– ବର୍ତ୍ତମାନ ସ୍ମାର୍ଟ ୱାଚ୍ ମୋ ପାଇଁ ଅତି ଦରକାରୀ ହୋଇପଡ଼ିଛି। ପ୍ରାୟ ସବୁବେଳେ ଏହାକୁ ପିନ୍ଧିଥାଏ, ହେଲେ ଖାସ୍ କରି ମର୍ନିଂ ୱାକ୍ ଏବଂ ବାହାରକୁ ଗଲାବେଳେ ବେଶି ବ୍ୟବହାର କରେ । କେତେ ବାଟ କିମ୍ବା କେତେ ଷ୍ଟେପ୍ ଚାଲିଲି, ତାହା ମୋତେ ଏହି ସ୍ମାର୍ଟ ୱାଚ୍‌ରୁ ଜଣାପଡ଼େ। ଏହା ସହ ଏଥିରେ ମୋର ହ୍ୱାଟ୍ସ ଆପ୍ ସେଟିଂ ବି ରହିଛି, ଯାହା ଫଳରେ କେତେବେଳେ କୌଣସି କଲ୍ କି ମେସେଜ୍ ଆସିଲେ ତାକୁ ମୁଁ ତୁରନ୍ତ ଜାଣିପାରୁଛି। କମ୍ପ୍ୟୁଟର ବିଭାଗ ଛାତ୍ର ହୋଇଥିବାରୁ ଏହା ମୋତେ ଅନେକ କ୍ଷେତ୍ରରେ ସାହାଯ୍ୟ କରୁଛି।

– ପୌର୍ଣ୍ଣମାସୀ


ରାକେଶ


ବିଜୟ



### ଯୁବପିଢ଼ିଙ୍କ ମଧ୍ୟରେ କ୍ରେଜ୍ ଅଧିକ



ଦୀର୍ଘ ବର୍ଷ ହେବ ଘଣ୍ଟା ବ୍ୟବସାୟ କରିଆସୁଛି। ଇତିମଧ୍ୟରେ ଘଣ୍ଟା ବ୍ୟବହାରକାରୀଙ୍କ ପସନ୍ଦକୁ ନେଇ ନୂଆ ନୂଆ ଘଣ୍ଟା କଲେକ୍ସନ ରଖୁଛି। ଯେପରି ପୂର୍ବରୁ କେବଳ ଚେନ୍ କିମ୍ବା ଲେଦର ବ୍ୟାଣ୍ଡ ଘଣ୍ଟା ଅଧିକ ବିକ୍ରି ହେଉଥିବା ବେଳେ ଧୀରେ ଧୀରେ ଭଳିକି ଭଳି ଡିଜାଇନ୍ ଏବଂ କଲରଫୁଲ୍ ଘଣ୍ଟାର ଚାହିଦା ବଢ଼ିବାକୁ ଲାଗିଲା। ଯଦିଓ ପ୍ରତ୍ୟେକ ବର୍ଗର ଲୋକେ ଏହାକୁ ପସନ୍ଦ କରୁଛନ୍ତି, ହେଲେ କଲେଜ ପଢୁଆ ହୁଅନ୍ତୁ କି ଜବ୍ ହୋଲ୍ଡର ଫ୍ୟାଶନ୍‌ପ୍ରିୟ ଯୁବତୀଯୁବକ ଏହାକୁ ବେଶୀ ପସନ୍ଦ କରୁଛନ୍ତି। ବିଶେଷ କରି ଜିମ୍ ଯାଉଥିବା ଯୁବପିଢ଼ି ଏହାକୁ ଅଧିକ କିଣିଥାଆନ୍ତି। ତେବେ ବର୍ତ୍ତମାନ ସ୍ମାର୍ଟୱାଚ୍ ଟ୍ରେଣ୍ଡରେ ଅଛି। ଯୁବପିଢ଼ିଙ୍କ ମଧ୍ୟରେ ଫ୍ୟାଶନ୍ ସହିତ ଫିଟ୍‌ନେସ୍ ତଥା ଅନ୍ୟାନ୍ୟ ସୁବିଧାକୁ ଆଖିଆଗରେ ରଖି ଏହାର ଡିମାଣ୍ଡ ବଢୁଥିବାର ଦେଖିବାକୁ ମିଳୁଛି। ତେଣୁ ଆମେ କେତେକ ନାମୀଦାମୀ ବ୍ରାଣ୍ଡର ବିଭିନ୍ନ କଲେକ୍ସନ ରଖୁଛୁ, ଯାହାର ଦାମ୍ ପ୍ରାୟ ୨ ହଜାରରୁ ୧୫ ହଜାର ଟଙ୍କା ପର୍ଯ୍ୟନ୍ତ ରହୁଛି। – ***ଗୌରୀଶଙ୍କର ମହାପାତ୍ର*** *(ସମୟ ଭବନ, ବାପୁଜୀନଗର)*

---

# ଦୂରାନ୍ତୁ ଫଙ୍ଗାଲ୍ ଇନ୍‌ଫେକ୍ସନ...

ଖରାଦିନେ ଝାଳ ଲାଗି ଶରୀରର ବିଭିନ୍ନ ସ୍ଥାନରେ ବିଶେଷକରି ଜଙ୍ଘ ଏବଂ କାଖ ଆଦି ସ୍ଥାନରେ କୁଣ୍ଡାଇ ହେବା ସମସ୍ୟା ଅନେକଙ୍କଠାରେ ଦେଖାଦେଇଥାଏ। ଏହାକୁ ଅନେକେ ଅଣଦେଖା କରନ୍ତି ଅବା ପାଉଡର ପକାଇ କମାଇବାକୁ ଚେଷ୍ଟା କରନ୍ତି। ହେଲେ କେବେକେବେ ଏହା ଫଙ୍ଗାଲ୍ ଇନ୍‌ଫେକ୍ସନ୍ କାରଣରୁ ମଧ୍ୟ ହୋଇପାରେ, ଯଥାଶୀଘ୍ର ଏହାର ପ୍ରତିକାର ନ କଲେ ତାହା ଜଟିଳ ସମସ୍ୟାର କାରଣ ବି ସାଜିପାରେ...



➤ଅଧିକ ଟାଇଟ୍ ପୋଷାକ ପିନ୍ଧିବା, ଝାଳ ଲାଗି ଅଧିକ ସମୟ ରହିବା, ଗାଧୋଇବା ପରେ ଭଲ ଭାବେ ପାଣି ପୋଛି ନ ହୋଇ ପୋଷାକ ପିନ୍ଧିବା ଭଳି ବିଭିନ୍ନ କାରଣରୁ ଫଙ୍ଗାଲ୍ ଇନ୍‌ଫେକ୍ସନ ଦେଖାଦେଇଥାଏ। ଏହାକୁ ଆଦୌ ଅଣଦେଖା ନ କରି ଡାକ୍ତରଙ୍କ ପରାମର୍ଶ ନେଇ ଆବଶ୍ୟକସ୍ଥଳେ ଔଷଧ ଏବଂ ଅଏଣ୍ଟମେଣ୍ଟ ବ୍ୟବହାର କରିବା ଆବଶ୍ୟକ।

**ଆପଣ ଚାହିଁଲେ କେତୋଟି ଘରୋଇ ଉପଚାର ଦ୍ୱାରା ମଧ୍ୟ ଫଙ୍ଗାଲ୍ ଇନ୍‌ଫେକ୍ସନ ଦୂର କରିପାରିବେ...**

➤ଘିକୁଆଁରୀରେ ଭରି ରହିଛି ଆଣ୍ଟିଫଙ୍ଗାଲ୍ ଗୁଣ। ତେଣୁ କୁଣ୍ଡେଇ ହେଉଥିବା ସ୍ଥାନରେ ଏହାକୁ ୧୫ ମିନିଟ୍ ପର୍ଯ୍ୟନ୍ତ ଘଷିବା ପରେ ପାଣିରେ ଧୋଇଦିଅନ୍ତୁ, ଦେଖିବେ ଧୀରେ ଧୀରେ ଉପଶମ ମିଳିବ।

➤ସେହିପରି ଲିମ୍ବପତ୍ର ମଧ୍ୟ ଏଥିପାଇଁ ବେଶ୍ ଉପକାରୀ। ପାଣିରେ ଲିମ୍ବପତ୍ର ପକାଇ ଫୁଟାଇ ଦିଅନ୍ତୁ। ଏହି ପାଣିରେ ଗାଧୋଇବା ଦ୍ୱାରା ଫଙ୍ଗାଲ୍ ଇନ୍‌ଫେକ୍ସନ ଦୂର ହେବା ସହ କୁଣ୍ଡେଇହେବା ସମସ୍ୟାରୁ ମୁକ୍ତି ମିଳିବ।

➤ଏକ ସଫା କପଡ଼ାରେ ବରଫ ଖଣ୍ଡ ନେଇ କୁଣ୍ଡାଇ ହେଉଥିବା ଭାଗରେ ଧୀରେ ଧୀରେ ଘଷିବା ଦ୍ୱାରା କୁଣ୍ଡାଇହେବା ଏବଂ ପୋଡ଼ିବା କମିଥାଏ।

➤ପାଣିରେ ହଳଦୀ ମିଶାଇ ଗାଧୋଇବା କିମ୍ବା ଉକ୍ତ ସ୍ଥାନରେ ଅଳ୍ପ ବଟା ହଳଦୀ ଲଗାଇବା ଦ୍ୱାରା ମଧ୍ୟ ଫଙ୍ଗାଲ୍ ଇନ୍‌ଫେକ୍ସନ୍ ଦୂର ହୋଇଥାଏ।

➤ପାଣିରେ ଅଳ୍ପ ଖାଇବାସୋଡ଼ା ମିଶାଇ କୁଣ୍ଡାଇ ହେଉଥିବା ସ୍ଥାନକୁ ଧୋଇଦେଲେ ମଧ୍ୟ ଆରାମ ମିଳିଥାଏ।

➤ମରା ନଡ଼ିଆ ତେଲ କିମ୍ବା ଅଲିଭ୍ ତେଲ ଲଗାଇଲେ ଆପଣ ଏହି ସମସ୍ୟାରୁ ମୁକ୍ତି ପାଇପାରିବେ।



---

## ଏ ସପ୍ତାହର ପ୍ରଶ୍ନ

୧– ମାଧବପୁର ମେଳା.......... ରାଜ୍ୟରେ ଆୟୋଜିତ ହୋଇଥାଏ ?
୨– ପୃଥିବୀର ସର୍ବାଧିକ ସୁନା ବ୍ୟବହାର କରୁଥିବା ଦେଶ......... ?
୩– .............. ସରକାରଙ୍କ ପକ୍ଷରୁ ସର୍ବପ୍ରଥମେ ଇଲେକ୍ଟ୍ରିକ୍ ଭେଇକିଲ୍ ପଲିସିରେ ଇ-ସାଇକେଲ୍‌କୁ ସାମିଲ କରାଯାଇଛି ?
୪– ଚଳିତବର୍ଷ ବିଶ୍ୱ ସ୍ୱାସ୍ଥ୍ୟ ଦିବସର ଥିମ୍ .................... ?
୫– ନିକଟରେ ଗ୍ରାମୀ ପୁରସ୍କାର ପାଇଥିବା ଦୁଇ ଭାରତୀୟଙ୍କ ନାମ ......... ?

## ଗତ ଥରର ଉତ୍ତର

୧ ତ୍ରିପୁରା
୨ ରୋବେର୍ଟୋ ବେନିନି
୩ ଅଗଷ୍ଟ ୩୦
୪ ମୌନା ଲୋଆ
୫ ନୀଳ ନଦୀ

## ଉତ୍ତରଦାତା


ଶେଖ୍ ୟାକୁବ୍
ଗୋପ


ଆରାଧନା
ଭଦ୍ରକ


ଏମ୍. କାମରାଜୁ ରାଜୁ
ଗଞ୍ଜାମ

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ-ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ସବୁଠୁ ଡେଙ୍ଗା ମହିଳା ମଡେଲ୍

୧– ଆନା ହିକ୍‌ମ୍ୟାନ୍........................................ ୬ ଫୁଟ୍ ୧ ଇଞ୍ଚ
୨– ହାନା ସୁକୁପୋଭା........................................ ୬ ଫୁଟ୍ ୧ ଇଞ୍ଚ
୩– ଓଲୁଚି ଅନ୍‌ୱିବା........................................ ୬ ଫୁଟ୍
୪– ଜୁଲିଆ ଷ୍ଟେଞ୍ଜର........................................ ୬ ଫୁଟ୍
୫– ଆନା ବିଟ୍ରିଜ୍ ବ୍ୟାରସ୍........................................ ୫ ଫୁଟ୍ ୧୧ ଇଞ୍ଚ
୬– ଜିସେଲେ ବଣ୍ଡ୍‌ଚେନ୍........................................ ୫ ଫୁଟ୍ ୧୧ ଇଞ୍ଚ
୭– ଡାରିଆ ୱେରାବର........................................ ୫ ଫୁଟ୍ ୧୧ ଇଞ୍ଚ
୮– କେଟ୍ ଗ୍ରିଗୋରିଭା........................................ ୫ ଫୁଟ୍ ୧୧ ଇଞ୍ଚ
୯– ବାରବାରା ଫିଆଲୋ........................................ ୫ ଫୁଟ୍ ୧୧ ଇଞ୍ଚ
୧୦– ଭାନେସା ମୁଡି........................................ ୫ ଫୁଟ୍ ୧୧ ଇଞ୍ଚ

## ଯୁବ ପ୍ରତିଭା

# ନୃତ୍ୟ ଦେଇଛି ପରିଚୟ



ତନିଶା

ପିଲାଟି ଦିନରୁ ତାଙ୍କର ନୃତ୍ୟ କ୍ଷେତ୍ରରେ ବେଶ୍ ରୁଚି। ଯେଉଁଥିପାଇଁ ସେ ନିଜ ଜିଲା ସମେତ ରାଜ୍ୟ ଓ ଜାତୀୟ ସ୍ତରରେ ସଫଳତା ହାସଲ କରି ଜଣେ ନୃତ୍ୟଶିଳ୍ପୀ ଭାବେ ନିଜର ଏକ ପରିଚୟ ସୃଷ୍ଟି କରିପାରିଛନ୍ତି। ସେ ହେଉଛି ବ୍ରହ୍ମପୁର ସହରର ବଡ଼ଖେମୁଣ୍ଡି ସାହିରେ ରହୁଥିବା ନମିତା ରାଣୀ ଏବଂ ନିରଞ୍ଜନ ପାତ୍ରଙ୍କ ଝିଅ ତନିଶା। ବର୍ତ୍ତମାନ ଦଶମ ଶ୍ରେଣୀର ଛାତ୍ରୀ। ମାତ୍ର ୨ୟ ଶ୍ରେଣୀରେ ପଢୁଥିବା ବେଳେ ନୃତ୍ୟ ଶିକ୍ଷା ଆରମ୍ଭ କରିଥିଲେ। ଏଥିରେ ତାଙ୍କ ମା' ପ୍ରେରଣା ଦେଇଥିଲେ। ବୟସ ବଢ଼ିବା ସହ ନୃତ୍ୟ ସାଙ୍ଗକୁ ସେ ମଡେଲିଂରେ ମଧ୍ୟ ସଫଳତା ହାସଲ କରିବାରେ ଲାଗିଲେ। ନିକଟରେ ଏକ ଘରୋଇ ଟିଭି ଚ୍ୟାନେଲରେ ପ୍ରସାରିତ ହୋଇଥିବା ରିଆଲିଟି ଶୋ'ରେ ସେ ୨ୟ ରନର୍ସ ଅପ୍ ରହିଛନ୍ତି। ଏଥିସହ ତନିଶା ରାଜ୍ୟସ୍ତରୀୟ ଓଡ଼ିଶୀ ନୃତ୍ୟ ପ୍ରତିଯୋଗିତାରେ ଭାଗ ନେଇ ସଫଳ ହୋଇଛନ୍ତି। ସେ ମଡେଲିଂରେ ସିଲ୍କ ସିଟି ୨୦୨୧ ପ୍ରତିଯୋଗିତାରେ ଭାଗ ନେଇ ମିସ୍ ଫ୍ୟାଶନ ଆଇକନ୍ ଭାବେ ବିଜୟୀ ହୋଇଛନ୍ତି। ଏଥିସହ ଜାତୀୟ ସ୍ତରୀୟ ପ୍ରତିଯୋଗିତା 'ଜଜୱା ସାହସ କି'ରେ ୩ୟ ସ୍ଥାନ, ୨୦୨୧ ମସିହାରେ ନୃତ୍ୟ ପ୍ରତିଯୋଗିତାରେ ୨ୟ ରନର୍ସ ଅପ, ୨୦୨୧ ମସିହା ବ୍ଲକସ୍ତରୀୟ ନୃତ୍ୟ ପ୍ରତିଯୋଗିତାରେ ୨ୟ, ୨୦୧୯ ମସିହା ଜିଲାସ୍ତରୀୟ ପ୍ରତିଯୋଗିତାରେ ଶ୍ରେଷ୍ଠ ନୃତ୍ୟ ଶିଳ୍ପୀ ଆୱାର୍ଡ, ୨୦୧୯ ମସିହା ଗୋପାଳପୁର ବେଳାଭୂମି ମହୋତ୍ସବରେ ଶ୍ରେଷ୍ଠ ନୃତ୍ୟ ଶିଳ୍ପୀ ଆୱାର୍ଡ, ୨୦୨୧ ମସିହାରେ ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ଆୟୋଜିତ ନୃତ୍ୟ ପ୍ରତିଯୋଗିତାରେ ଶ୍ରେଷ୍ଠ ନୃତ୍ୟ ଶିଳ୍ପୀ ଓ ୨୦୧୮ ମସିହା ପୁସ୍ତକ ମେଳାରେ ଶ୍ରେଷ୍ଠ ନୃତ୍ୟ ଶିଳ୍ପୀ ଆୱାର୍ଡ ହାସଲ କରିଛନ୍ତି। କେବଳ ଏତିକି ନୁହେଁ ସେ ରାଜ୍ୟର ବିଭିନ୍ନ ସ୍ଥାନରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ନୃତ୍ୟ ପ୍ରଦର୍ଶନ କରି ପୁରସ୍କୃତ ଓ ପ୍ରଶଂସିତ ହୋଇଛନ୍ତି। ତେବେ ନିଜ ସଫଳତାର ଶ୍ରେୟ ଅଭିଭାବକଙ୍କୁ ଦେଉଥିବା ତନିଶା ଭବିଷ୍ୟତରେ ଜଣେ ଅନ୍ତର୍ଜାତୀୟ ନୃତ୍ୟଶିଳ୍ପୀ ହେବାକୁ ଲକ୍ଷ୍ୟ ରଖିଛନ୍ତି।

–*ସ୍ମୃତି ରଞ୍ଜନ ମହାଲିକ୍*

# ରାହୁଲଙ୍କ ଶତକ: ପୁଣି ହାରିଲା ମୁମ୍ବାଇ

**ମୁମ୍ବାଇ,୧୬।୪**

ଚଳିତ ଆଇପିଏଲ୍‌ରେ ମୁମ୍ବାଇ ଇଣ୍ଡିଆନ୍ସର ପରାଜୟ ଧାରା ଜାରି ରହିଛି। ସ୍ଥାନୀୟ ବ୍ରାବୋର୍ନ ଷ୍ଟାଡିୟମରେ ଶନିବାର ଅପରାହ୍ଣରେ ଖେଳାଯାଇଥିବା ଆଇପିଏଲ୍ ଲିଗ୍ ମ୍ୟାଚ୍‌ରେ ମୁମ୍ବାଇକୁ ୧୮ ରନ୍‌ରେ ଲକ୍ଷ୍ନୌ ସୁପର ଜିଆଣ୍ଟ୍ସ ହରାଇ ଦେଇଛି। ସର୍ବାଧିକ ୫ ଥର ଚାମ୍ପିୟନ ରୋହିତ ଶର୍ମାଙ୍କ ନେତୃତ୍ୱାଧୀନ ଦଳ ପାଇଁ ଏହା କ୍ରମାଗତ ୬ଷ୍ଠ ପରାଜୟ। ଏହି ବିଜୟ ଯୋଗୁ ଲକ୍ଷ୍ନୌ ୮ ପଏଣ୍ଟ ସହ ପଏଣ୍ଟ ଟେବୁଲରେ ଦ୍ୱିତୀୟ ସ୍ଥାନକୁ ଉଠିଛି। ଅଧିନାୟକ



ଶତକ ହାସଲ ପରେ ଲୋକେଶ ରାହୁଲ।

ଲୋକେଶ ରାହୁଲ(୧୦୩*)ଙ୍କ ଅପରାଜିତ ଶତକ ବଳରେ ଲକ୍ଷ୍ନୌ ନିର୍ଦ୍ଧାରିତ ୨୦ ଓଭରରେ ୪ ଉଇକେଟ ହରାଇ ୧୯୯ ରନ୍ କରିଥିଲା। ଜବାବରେ ମୁମ୍ବାଇ ଇଣ୍ଡିଆନ୍ସ ୧୮୧ ରନ୍ କରିବାକୁ ସକ୍ଷମ ହୋଇଥିଲା। ଶତକୀୟ ପାଳି ପାଇଁ ରାହୁଲଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି।

ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ଲକ୍ଷ୍ନୌକୁ ବିସ୍ଫୋରକ ଆରମ୍ଭ ଦେଇଥିଲେ ଅଧିନାୟକ ରାହୁଲ ଏବଂ କ୍ୱିଣ୍ଟନ ଡି'କକ୍ (୨୪)। ଦୁହେଁ ମାତ୍ର ୫.୨ ଓଭରରେ ଦଳୀୟ ସ୍କୋରକୁ ୫୦ ପାର କରାଇଥିଲେ। ତା'ପରେ ମନୀଷ ପାଣ୍ଡେ (୩୮)ଙ୍କ ସହ ମିଶି ରାହୁଲ ଦ୍ୱିତୀୟ ଉଇକେଟ ଲାଗି ୭୨ ରନ୍ ଯୋଡ଼ିଥିଲେ। ମଧ୍ୟକ୍ରମରେ ମାର୍କସ ଷ୍ଟୋଇନିସ୍ (୧୦) ଓ ଦୀପକ ହୁଡା (୧୫) ଫେଲ୍ ମାରିଥିଲେ। ହେଲେ ରାହୁଲଙ୍କ ୧୦୩ (୯ ଚୌକା ଓ ୫ ଛକା) ରନ୍‌ର ଅପରାଜିତ ଶତକ ଯୋଗୁ ଲକ୍ଷ୍ନୌ ୪ ଉଇକେଟ ହରାଇ ୧୯୯ ରନ୍ କରିଥିଲା। ମୁମ୍ବାଇ ପାଇଁ ବୋଲିଂରେ ଜୟଦେବ ଉନାଡକଟ୍ ୨ ଉଇକେଟ ନେଇଥିବା ବେଳେ ମୁରୁଗାନ ଅଶ୍ୱିନ ଏବଂ ଫାବିଆନ ଆଲେନ ଗୋଟିଏ ଲେଖାଏ ଉଇକେଟ ହାତେଇଥିଲେ।

ଜବାବରେ ମୁମ୍ବାଇର କୌଣସି ବ୍ୟାଟର ଲକ୍ଷ୍ନୌ ବୋଲିଂ ଲାଇନ୍ ଆଗରେ ଅଧିକ ସମୟ ତିଷ୍ଠିପାରି ନ ଥିଲେ। ଦୁଇ ଓପନର ଅଧିନାୟକ ରୋହିତ (୬) ଓ ଇଶାନ କିଷନ(୧୩) ଖୁବ୍ ଶସ୍ତାରେ ଆଉଟ୍ ହୋଇଥିଲେ। ପରେ ଡେୱାଲ୍ଡ ବ୍ରେଭିସ(୩୧), ସୂର୍ଯ୍ୟକୁମାର ଯାଦବ(୩୭), ତିଳକ ବର୍ମା (୨୬) ଏବଂ କିରନ ପୋଲାର୍ଡ(୨୫)ଙ୍କୁ ଭଲ ଆରମ୍ଭ ମିଳିଥିଲା। ହେଲେ କେହି ବଡ଼ ଇନିଂସ ଖେଳିପାରି ନ ଥିଲେ, ଯାହାଫଳରେ ମୁମ୍ବାଇ ୨୦ ଓଭରରେ ୯ ଉଇକେଟ ହରାଇ ୧୮୧ ରନ୍ କରିବାକୁ ସକ୍ଷମ ହୋଇଥିଲା। ସ୍ଲୋ ଓଭର ରେଟ୍ ପାଇଁ ଲକ୍ଷ୍ନୌ ସୁପର ଜିଆଣ୍ଟ୍ସ ଅଧିନାୟକ ରାହୁଲଙ୍କୁ ୧୨ ଲକ୍ଷ ଟଙ୍କା ଜରିମାନା ହୋଇଛି।

**ସଂକ୍ଷିପ୍ତ ସ୍କୋର**

**ଲକ୍ଷ୍ନୌ ସୁପର ଜିଆଣ୍ଟ୍ସ** ୨୦ ଓଭରରେ ୧୯୯/୪(ଲୋକେଶ ରାହୁଲ ୧୦୩*, ମନୀଷ ପାଣ୍ଡେ ୩୮, କ୍ୱିଣ୍ଟନ ଡି'କକ୍ ୨୪, ଜୟଦେବ ଉନାଡକଟ୍ ୨/୩୨, ମୁରୁଗାନ ଅଶ୍ୱିନ ୧/୩୩)।

**ମୁମ୍ବାଇ ଇଣ୍ଡିଆନ୍ସ** ୨୦ ଓଭରରେ ୧୮୧/୯ (ସୂର୍ଯ୍ୟକୁମାର ଯାଦବ ୩୭, ଡେୱାଲ୍ଡ ବ୍ରେଭିସ୍ ୩୧, ତିଳକ ବର୍ମା ୨୬, କିରନ ପୋଲାର୍ଡ ୨୫, ଅଭେଶ ଖାନ୍ ୩/୩୦, ମାର୍କସ ଷ୍ଟୋଇନିସ ୧/୧୩, ଜାସନ ହୋଲ୍ଡର ୧/୩୪, ରବି ବିଷ୍ଣୋଇ ୧/୩୪ )।

**ଆଇପିଏଲ୍-୧୫**

**ଆଜିର ମ୍ୟାଚ**

**ପଞ୍ଜାବ କିଙ୍ଗ୍ସ ବନାମ ସନରାଇଜର୍ସ ହାଇଦ୍ରାବାଦ**
ସ୍ଥାନ: ମୁମ୍ବାଇ
ସମୟ: ଅପରାହ୍ଣ ୩ଟା ୩୦

**ଗୁଜରାଟ ଟାଇଟନ୍ସ ବନାମ ଚେନ୍ନାଇ ସୁପର କିଙ୍ଗ୍ସ**
ସ୍ଥାନ: ମୁମ୍ବାଇ
ସମୟ: ରାତି ୭ଟା ୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

MONTE BIANCO
— Smart Everyday —
FORMAL | CASUAL | MENSWEAR

## ବେତନ ଦାନ କରିବେ ହରଭଜନ

**ନୂଆଦିଲ୍ଲୀ,୧୬।୪(ପିଟି)**

କ୍ରିକେଟରରୁ ରାଜନେତା ପାଲଟିଥିବା ହରଭଜନ ସିଂ ଶନିବାର କହିଛନ୍ତି, ଚାଷୀମାନଙ୍କ ଝିଅଙ୍କ ଶିକ୍ଷା ଓ କଲ୍ୟାଣ ପାଇଁ ତାଙ୍କ ରାଜ୍ୟ ସଭା ଦରମା ଦାନ କରିବେ। ଭାରତର ଅନ୍ୟତମ ଶ୍ରେଷ୍ଠ ସ୍ପିନର ହରଭଜନ ଗତ ମାସରେ ବିନା ପ୍ରତିଦ୍ୱନ୍ଦ୍ୱିତାରେ ପଞ୍ଜାବରୁ ରାଜ୍ୟ ସଭାକୁ ନିର୍ବାଚିତ ହୋଇଥିଲେ।



''ଜଣେ ରାଜ୍ୟ ସଭା ସଦସ୍ୟ ଭାବେ ମୁଁ ଚାଷୀମାନଙ୍କ ଝିଅଙ୍କ ଲାଗି ଶିକ୍ଷା ଓ କଲ୍ୟାଣ ପାଇଁ ମୋ ଦରମାକୁ ଦାନ କରିବାକୁ ଚାହୁଁଛି। ଆମ ଦେଶର ଉନ୍ନତି କରିବା ଲାଗି ମୁଁ ରାଜନୀତିରେ ଯୋଗ ଦେଇଛି। ଏଥିଲାଗି ମୁଁ ସବୁକିଛି କରିବି। ଜୟ ହିନ୍ଦ୍'' ବୋଲି ପୂର୍ବତନ ଭାରତୀୟ ସ୍ପିନର ଟୁଇଟ୍ କରିଛନ୍ତି। ୪୧ ବର୍ଷୀୟ ହରଭଜନ ଗତ ବର୍ଷ ଡିସେମ୍ବରରେ ପ୍ରତିଦ୍ୱନ୍ଦ୍ୱିତାମୂଳକ କ୍ରିକେଟରୁ ଅବସର ଘୋଷଣା କରିଥିଲେ। ଚଳିତ ବର୍ଷ ମାର୍ଚ୍ଚରେ ହରଭଜନଙ୍କ ସମେତ ୫ ଜଣଙ୍କୁ ଉପର ସଦନ ଲାଗି ଆମ୍ ଆଦମୀ ପାର୍ଟି (ଏଏପି) ମନୋନୀତ କରିଥିଲା।

## ସଜନଙ୍କୁ ସ୍ୱର୍ଣ୍ଣ, ବେଦାନ୍ତଙ୍କୁ ରୌପ୍ୟ



ସଜନ ପ୍ରକାଶ | ବେଦାନ୍ତ ମାଧବନ

**ଡାନିଶ ଓପନ ସୁଇମିଂ**

**ନୂଆଦିଲ୍ଲୀ, ୧୬।୪ (ପି.ଟି.)**

ଭାରତର ଟପ୍ ସନ୍ତରଣକାରୀ ସଜନ ପ୍ରକାଶ ବିଜୟ ସହ ତାଙ୍କ ସିଜନ ଆରମ୍ଭ କରିଛନ୍ତି। ଡେନମାର୍କର କୋନେହାଗେନଠାରେ ଅନୁଷ୍ଠିତ ଡାନିଶ ଓପନ ସୁଇମିଂ ମିଟ୍‌ରେ ସେ ପୁରୁଷ ୨୦୦ ମିଟର ବଟରଫ୍ଲାଏରେ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ଭାରତର ଆଉ ଜଣେ ସନ୍ତରଣକାରୀ ବେଦାନ୍ତ ମାଧବନ ରୌପ୍ୟ ପଦକ ଲାଭ କରିଛନ୍ତି। ଚଳିତ ବର୍ଷରେ ସଜନଙ୍କର ଏହାଥିଲା ପ୍ରଥମ ଅନ୍ତର୍ଜାତୀୟ ମିଟ୍। ଶୁକ୍ରବାର ରାତିରେ ସେ ୧.୫୯.୨୭ ଟାଇମିଂରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଦୁବାଇରେ କୋଚ୍ ପ୍ରଦୀପ କୁମାରଙ୍କ ଅଧୀନରେ ଟ୍ରେନିଂ ନେଉଥିବା କେରଳର ଏହି ସନ୍ତରଣକାରୀ ପୂର୍ବରୁ ୨.୦୩.୬୭ ଟାଇମିଂରେ ଏ' ଫାଇନାଲକୁ ଯୋଗ୍ୟତା ଅର୍ଜନ କରିଥିଲେ। ଏଠାରେ ସ୍ୱର୍ଣ୍ଣ ଜିତିଥିଲେ ମଧ୍ୟ ସଜନ ତାଙ୍କ ବ୍ୟକ୍ତିଗତ ଶ୍ରେଷ୍ଠ ଟାଇମିଂକୁ ସେ ଅତିକ୍ରମ କରିପାରି ନ ଥିଲେ। ଗତବର୍ଷ ରୋମ୍‌ରେ ଅନୁଷ୍ଠିତ ଏକ ରେସ୍‌ରେ ତାଙ୍କର ଟାଇମିଂ ୧:୫୬:୩୮ ରହିଥିଲା। ସଜନ ପ୍ରଥମ ଭାରତୀୟ ସନ୍ତରଣକାରୀ ଭାବେ ଅଲିମ୍ପିକ ଏ' ଷ୍ଟାଣ୍ଡାର୍ଡ ଟାଇମିଂ ହାସଲ କରିପାରିଛନ୍ତି। ଅନ୍ୟପକ୍ଷରେ ସ୍ୱଳ୍ପ ବୟସ୍କ ବେଦାନ୍ତ ମାଧବନ ତାଙ୍କ ବ୍ୟକ୍ତିଗତ ଶ୍ରେଷ୍ଠ ଟାଇମିଂ ସହ ପୁରୁଷ ଫ୍ରିଷ୍ଟାଇଲ ୧୫୦୦ ମିଟର ଇଭେଣ୍ଟରେ ରୌପ୍ୟ ଜିତିଛନ୍ତି। ବେଦାନ୍ତ ହେଉଛନ୍ତି ଭାରତୀୟ ଅଭିନେତା ଆର. ମାଧବନଙ୍କ ପୁତ୍ର। ୧୦ଜଣ ସନ୍ତରଣକାରୀଙ୍କୁ ନେଇ ଅନୁଷ୍ଠିତ ଫାଇନାଲରେ ସେ ୧୫.୫୭.୮୬ ଟାଇମିଂ ସହ ଦ୍ୱିତୀୟ ହୋଇଥିଲେ।

# ଦିଲ୍ଲୀକୁ ହରାଇଲା ଆର୍‌ସିବି

**ମୁମ୍ବାଇ,୧୬।୪**

ସ୍ଥାନୀୟ ୱାଙ୍ଖେଡେ ଷ୍ଟାଡିୟମରେ ଶନିବାର ରାତିରେ ଦିଲ୍ଲୀ କ୍ୟାପିଟାଲ୍ସକୁ ୧୬ ରନ୍‌ରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର(ଆରସିବି) ହରାଇ ଦେଇଛି। ଏହି ବିଜୟ ସହ ବାଙ୍ଗାଲୋର ପଏଣ୍ଟ ଟେବୁଲରେ ୮ ପଏଣ୍ଟ ସହ ତୃତୀୟ ସ୍ଥାନକୁ ଉଠିଛି। ମ୍ୟାଚ୍‌ରେ ଆରସିବି ଏକଦା ମାତ୍ର ୯୨ ରନ୍‌ରେ ପ୍ରମୁଖ ୫ ଉଇକେଟ ହରାଇ ସଙ୍କଟରେ ପଡ଼ିଥିଲା। କିନ୍ତୁ ଦୀନେଶ କାର୍ତ୍ତିକଙ୍କ ୬୬ ରନ୍‌ର ବିସ୍ଫୋରକ ପାଳି ଯୋଗୁ ଦିଲ୍ଲୀ ଆଗରେ ଆର୍‌ସିବି ଧାର୍ଯ୍ୟ କରିଥିଲା ୧୯୦ ରନ୍‌ର ବିଜୟ ଲକ୍ଷ୍ୟ। ଜବାବରେ ଦିଲ୍ଲୀ ୭ ଉଇକେଟ ହରାଇ ୧୭୩ ରନ୍ କରିବାକୁ ସକ୍ଷମ ହୋଇଥିଲା।

ପ୍ରଥମେ ବ୍ୟାଟିଂ କରିଥିବା ଆରସିବି ଶୀଘ୍ର ୩ ଉଇକେଟ ହରାଇଥିଲା। ଗ୍ଲେନ ମ୍ୟାକ୍ସୱେଲ (୫୫ ରନ୍, ୭ ଚୌକା ଓ ୨ ଛକା) ସ୍ଥିତି ସମ୍ଭାଳିବାକୁ ଚେଷ୍ଟା କରିଥିଲେ। କିନ୍ତୁ କାର୍ତ୍ତିକ (୬୬* ରନ୍, ୫ ଲେଖାଏ ଚୌକା ଓ ଛକା) ଏବଂ ଶେହବାଦ ଅହମ୍ମଦ (୩୨) ୬ଷ୍ଠ ଉଇକେଟ ପାଇଁ ଅନ୍ତିମ ୫୨ ବଲରେ ଯୋଡ଼ିଥିଲେ ୯୭ ରନ୍। ଫଳରେ ଆର୍‌ସିବି ୨୦ ଓଭରରେ ୫ ଉଇକେଟ ହରାଇ ୧୮୯ ରନ୍ କରିପାରିଥିଲା। ଜବାବରେ ପୃଥ୍ୱୀ ଶ' (୧୬) ଓ ଡେଭିଡ୍ ୱାର୍ନର (୬୬ ରନ୍, ୪ ଚୌକା ଓ ୫ ଛକା)ଙ୍କ ଓପନିଂ ଯୋଡ଼ି ୫୦ ରନ୍‌ର ଭଲ ଆରମ୍ଭ ଦେଇଥିଲେ। କିନ୍ତୁ ଅଧିନାୟକ ପନ୍ତ (୩୪)ଙ୍କୁ ଛାଡ଼ି ଦେଲେ ଅନ୍ୟ ବ୍ୟାଟର ତିଷ୍ଠି ପାରି ନ ଥିଲେ।



ଦୀନେଶ କାର୍ତ୍ତିକ

**ସଂକ୍ଷିପ୍ତ ସ୍କୋର**

ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ୨୦ ଓଭରରେ ୧୮୯/୫ (କାର୍ତ୍ତିକ ୬୬*, ମ୍ୟାକ୍ସୱେଲ ୫୫, ଶେହବାଦ ୩୨*, ଶାର୍ଦ୍ଦୁଳ ୧/୨୭, ଅକ୍ଷର ୧/୨୯ )। ଦିଲ୍ଲୀ କ୍ୟାପିଟାଲ୍ସ ୨୦ ଓଭରରେ ୧୭୩/୭ (ୱାର୍ନର ୬୬, ପନ୍ତ ୩୪, ହାଜେଲଉଡ୍ ୩/୨୮, ସିରାଜ ୨/୩୧)।

## ଉଦ୍‌ଘାଟନୀ ଜିତିଲା ପଶ୍ଚିମବଙ୍ଗ

**ସନ୍ତୋଷ ଟ୍ରଫି ଫୁଟ୍‌ବଲ**

**ମାଲାପୁରମ(କେରଳ), ୧୬।୪(ପି.ଟି.)**

ଜାତୀୟ ଫୁଟ୍‌ବଲ ଚାମ୍ପିୟନଶିପ୍ ସନ୍ତୋଷ ଟ୍ରଫିର ଉଦ୍‌ଘାଟନୀ ମ୍ୟାଚରେ ପଶ୍ଚିମବଙ୍ଗ ବିଜୟ ଲାଭ କରିଛି। ଶନିବାର ଖେଳାଯାଇଥିବା ଗ୍ରୁପ୍ ଏ'ର ଏହି ମ୍ୟାଚରେ ଦଳ ପଞ୍ଜାବକୁ ୧–୦ ଗୋଲରେ ପରାସ୍ତ କରି ପ୍ରତିଯୋଗିତାରେ ଏହାର ଅଭିଯାନ ଆରମ୍ଭ କରିଛି। ଟୁର୍ନାମେଣ୍ଟର ଏହି ଶ୍ରେଷ୍ଠ ଦୁଇ ଦଳ ଆରମ୍ଭରୁ ୩ ପଏଣ୍ଟ ଅର୍ଜନ କରିବା ଲକ୍ଷ୍ୟ ନେଇ ଖେଳିଥିଲେ। ଉଭୟ ଦଳ ଆକ୍ରମଣାତ୍ମକ ରଣନୀତି ଆପଣେଇ ଥିଲେ। ପ୍ରଥମାର୍ଦ୍ଧ ଖେଳ ଗୋଲ୍ ଶୂନ୍ୟଭାବେ ଶେଷ ହୋଇଥିଲା। ଖେଳର ୬୧ତମ ମିନିଟ୍‌ରେ ଶୁଭମ ଭୌମିକ ପେନାଲ୍ଟି ସ୍ପଟ ନିକଟରୁ ବିଜୟସୂଚକ ଗୋଲଟିକୁ ସ୍କୋର କରିଥିଲେ। ଏହାର ୪ ମିନିଟ ପରେ ପଶ୍ଚିମବଙ୍ଗ ଦଳ ଆଉ ଏକ ଗୋଲ କରିବାର ସୁଯୋଗ ପାଇଥିଲେ ମଧ୍ୟ ସଫଳ ହୋଇପାରି ନ ଥିଲା।

## କିଟ୍‌ର ନେତୃତ୍ୱ ନେବେ ଦୁତୀ

**ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସ**

**ଭୁବନେଶ୍ୱର, ୧୬।୪ (ସ୍ପୋର୍ଟ୍ସ ବ୍ୟୁରୋ)**

ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ) ଓ ଆସୋସିଏଶନ ଅଫ୍ ଇଣ୍ଡିଆନ ୟୁନିଭର୍ସିଟିଜ୍ (ଏଆଇୟୁ)ର ମିଳିତ ଆନୁକୂଲ୍ୟରେ ବାଙ୍ଗାଲୋରସ୍ଥିତ ଜୈନ ୟୁନିଭର୍ସିଟି ପରିସରରେ ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସ ଅନୁଷ୍ଠିତ ହେବ। ଏହା ଏପ୍ରିଲ ୨୪ରୁ ମେ ୨ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ କିଟ୍‌ର ୨୧ ଆଥଲେଟ ଓ ୬ ସପୋର୍ଟ ଷ୍ଟାଫ୍ ଭାଗ ନେବେ। ଅଲିମ୍ପିଆନ ଦୁତୀ ଚାନ୍ଦ କିଟ୍ ଦଳର ନେତୃତ୍ୱ ନେବେ। କିଟ୍ ଦଳ ଆଥଲେଟିକ୍ସ (ମହିଳା), ଟେନିସ (ପୁରୁଷ), ଯୋଗାସନ (ମହିଳା) ଏବଂ ଭାରୋତ୍ତଳନ (ଉଭୟ ପୁରୁଷ ଓ ମହିଳା) ପ୍ରତିଯୋଗିତାରେ ଭାଗ ନେବେ।

## ୟୁନିଟି କପ୍ ଦିବାରାତ୍ର କ୍ରିକେଟ ଉଦ୍‌ଘାଟିତ

**ଭୁବନେଶ୍ୱର, ୧୬।୪ (ସ୍ପୋର୍ଟ୍ସ ବ୍ୟୁରୋ)**

ସ୍ଥାନୀୟ ସହିଦ ସ୍ପୋର୍ଟିଂ କ୍ଲବ ପରିସରରେ ୟୁନିଟି କପ୍ ଦିବାରାତ୍ର କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ୮ଟି ଦଳ ଭାଗ ନେଇଛନ୍ତି। ସେଗୁଡିକ ହେଲା କ୍ଲାରିଅନ ଲାୟନ୍ସ, ଜେବ୍ରୋନିକ୍ ଟାଇଗର୍ସ, ଏକ୍ସେସ୍ ୱାରିୟର୍ସ, ଆର୍‌ଭେକ୍ସ ଆଭେଞ୍ଜର୍ସ, ଫ୍ରଷ୍ଟେକ୍ ଆଟିଭର୍ସ, ମୋଲେକ୍ସ ରେଡ୍ ରାପ୍ଟର୍ସ, ଏଡିଅସ୍ ପିକ୍ସେଲ ପ୍ରୋ ୮'କେ ଓ ଡାଇଚି ଡେଭିଲ। ଉଦ୍‌ଘାଟନୀ ଦିବସରେ କର୍ପୋରେଟର ରାଜକିଶୋର ଦାସ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ୟୁନିଟି କପ୍‌ର ଉପଦେଷ୍ଟା ରଞ୍ଜିତ ପଣ୍ଡା, ଅବିନାଶ ପଟ୍ଟନାୟକ, ରାଧାକାନ୍ତ ଭଟରାୟ, ସମ୍ପାଦକ ପ୍ରମୋଦ ମହାନ୍ତି, କୋଷାଧ୍ୟକ୍ଷ ସୁବୋଧ ନାୟକ, ଆଥଲେଟିକ୍ ସେକ୍ରେଟାରି ପ୍ରକାଶ ତରାଇଙ୍କ ସମେତ ଅନ୍ୟ ଅଫିସିଆଲମାନେ ଉପସ୍ଥିତ ଥିଲେ। ପ୍ରଥମ ଦିବସରେ ୬ଟି ମ୍ୟାଚ ଖେଳାଯାଇଛି।

## ପ୍ରଥମ ମ୍ୟାଚ୍‌ରେ ହାରିଲା ଓଡ଼ିଶା

**ପୂର୍ବାଞ୍ଚଳ ଦିବ୍ୟାଙ୍ଗ କ୍ରିକେଟ**

**ଭୁବନେଶ୍ୱର,୧୬।୪(ସ୍ପୋର୍ଟ୍ସ ବ୍ୟୁରୋ)**

କୋଲକାତାର ନେତାଜୀ ସୁବାଷ ବୋଷ ଷ୍ଟାଡିୟମରେ ଶନିବାର ପୂର୍ବାଞ୍ଚଳ ଦିବ୍ୟାଙ୍ଗ କ୍ରିକେଟ ଆରମ୍ଭ ହୋଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସର୍ବଭାରତୀୟ ଦିବ୍ୟାଙ୍ଗ କ୍ରିକେଟ ଆସୋସିଏଶନ ଚୟନ କର୍ତ୍ତା ବ୍ରିଜେଶ ସୋଲେଙ୍କର ଯୋଗ ଦେଇଥିଲେ। ପ୍ରଥମ ମ୍ୟାଚ୍‌ରେ ଓଡ଼ିଶା ଏବଂ ଝାଡ଼ଖଣ୍ଡ ପରସ୍ପରକୁ ଭେଟିଥିଲେ। ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ୧୭.୩ ଓଭରରେ ୧୨୧ ରନ କରିଥିଲା। ଦଳ ପକ୍ଷରୁ ରାଜେଶ ପ୍ରଧାନ ସର୍ବାଧିକ ୩୦ ଓ ବଳରାମ ବଷ୍ଠିଆ ୨୮ରନ୍ କରିଥିବା ବେଳେ ଝାଡ଼ଖଣ୍ଡ ତରଫରୁ ଆମ୍ରି କୁମାର ଓ ଶୋଇବ ଅନସାରୀ ୨ ଲେଖାଏ ଉଇକେଟ ହାସଲ କରିଥିଲେ। ଜବାବରେ ଝାଡ଼ଖଣ୍ଡ ୧୬.୨ ଓଭରରେ ୫ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ଓଡ଼ିଶା ଦଳ ପକ୍ଷରୁ ପ୍ରଫୁଲ ତରାଇ, ବଳରାମ ପଣ୍ଡା, ମହମ୍ମଦ ଶୋଇଲ ୧ ଲେଖାଏ ଉଇକେଟ ହାତେଇଥିଲେ। ରବିବାର ଓଡ଼ିଶା ତା'ର ପରବର୍ତ୍ତୀ ମ୍ୟାଚ୍‌ରେ ବିହାରକୁ ଭେଟିବ।

# ଓଡ଼ିଶା ପୋଲିସ ବିପକ୍ଷରେ କେରଳର ବିପୁଳ ବିଜୟ

**ଇଣ୍ଡିଆନ ଓମେନ୍ସ ଲିଗ୍**

**ଭୁବନେଶ୍ୱର, ୧୬।୪ (ପି.ଟି.)**

ଚଳିତ ଇଣ୍ଡିଆନ ଓମେନ୍ସ ଫୁଟ୍‌ବଲ ଲିଗ୍‌ରେ ଶନିବାର ଖେଳାଯାଇଥିବା ଏକ ମ୍ୟାଚରେ ଗତଥରର ଚାମ୍ପିୟନ ଗୋକୁଲମ କେରଳ ୧୨–୦ ଗୋଲରେ ଓଡ଼ିଶା ପୋଲିସକୁ ହରାଇ ଦେଇଛି। ଭାରତୀୟ ଆଟାକିଂ ମିଡ୍‌ଫିଲ୍ଡର ମନୀଷା କଲ୍ୟାଣ ଏକାକୀ ୫ ଗୋଲ (୧୭ତମ, ୨୬ତମ, ୩୩ତମ, ୪୮ତମ ଓ ୭୩ତମ) ସ୍କୋର କରିଥିଲେ। ଅଦିତି ଚୌହାନଙ୍କ ନେତୃତ୍ୱାଧୀନ ଦଳ ପ୍ରଥମାର୍ଦ୍ଧ ଓ ଦ୍ୱିତୀୟାର୍ଦ୍ଧରେ ୬ଟି ଲେଖାଏ ଗୋଲ ସ୍କୋର କରିଥିଲା। ଅନ୍ୟମାନଙ୍କ ମଧ୍ୟରେ ବଦଳ ଖେଳାଳି ଏଲ୍‌ସାବାଇ (୬୨ତମ ଓ ୮୬ତମ) ଡବଲ ଗୋଲ ଦେଇଥିବା ବେଳେ ୱିନ ଥେଙ୍ଗି ତୁନ୍ (୨୫ତମ), ଡାଙ୍ଗମେଇ ଗ୍ରେସ୍ (୩୭ତମ), ରଞ୍ଜନା ଚାନୁ (୭୦ତମ) ଓ କରିଶ୍ମା ଶିରଭୋଲ୍‌କାର (୭୭ତମ ମିନିଟ) ପ୍ରମୁଖ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। କେରଳ ଦଳ ଆହୁରି ମଧ୍ୟ ସେମାନଙ୍କ ବିପକ୍ଷ ଦଳର ଆତ୍ମଘାତୀ ଗୋଲରୁ ଫାଇଦା ପାଇଥିଲା। ଖେଳର ୪୭ତମ ମିନିଟ୍‌ରେ ମନୀଷାଙ୍କ କ୍ରସ୍‌କୁ ଗ୍ରେସ୍ ହାତଛଡ଼ା କରିଥିଲେ। ମଧୁସ୍ମିତାଙ୍କ ତ୍ରୁଟି ଯୋଗୁ ବଲ୍‌ଟି ନିଜ ନେଟ ଭିତରକୁ ଚାଲିଯାଇଥିଲା। ସ୍ଥାନୀୟ ସପ୍ତମ ବାଟାଲିୟନ ଗ୍ରାଉଣ୍ଡରେ ଖେଳାଯାଇଥିବା ଅନ୍ୟ ଏକ ମ୍ୟାଚରେ ପୂର୍ବତନ ଚାମ୍ପିୟନ ସେଥୁ ଏଫ୍‌ସି ନବାଗତ ମାତା ରୁକ୍ମିଣୀ ଏଫ୍‌ସି ବିପକ୍ଷରେ ୬–୧ ଗୋଲରେ ବିଜୟ ହାସଲ କରିଛି। ମଦୁରାଇଭିତ୍ତିକ ଦଳ ପ୍ରଥମ ୭ ମିନିଟ୍ ଖେଳରେ ଏଲିଜାବେଥ୍ କାରୁଙ୍ଗା ଓ ଭାରତୀୟ ଅନ୍ତର୍ଜାତୀୟ ଖେଳାଳି ଅଞ୍ଜୁ ତମାଙ୍ଗ ଦୁଇଟି ଗୋଲ ସ୍କୋର କରିଥିଲେ। ପରେ ମାରିୟାମାଲଙ୍କ ଗୋଲ ଯୋଗୁ ୧୫ ମିନିଟ ଖେଳ ସୁଦ୍ଧା ଏହି ଦଳ ୩–୦ରେ ଅଗ୍ରଣୀ ଲାଭ କରିଥିଲା। ସେଥୁ ଏଫ୍‌ସି ପକ୍ଷରୁ ଚତୁର୍ଥ ଓ ପଞ୍ଚମ ଗୋଲ ୨୨ତମ ଓ ୨୪ତମ ମିନିଟ୍‌ରେ ଯଥାକ୍ରମେ ସଞ୍ଜୁ ଓ ଲାଲରାମପରୀ ସ୍କୋର କରିଥିଲେ। ଦଳ ପକ୍ଷରୁ ୬ଷ୍ଠ ଗୋଲ ୭୦ତମ ମିନିଟ୍‌ରେ ରେଣୁ ସ୍କୋର କରିଥିଲେ। ମାତା ରୁକ୍ମିଣୀ ଏଫ୍‌ସି ପକ୍ଷରୁ ରୀତ କାଶ୍ୟପ ୭୯ତମ ମିନିଟ୍‌ରେ ଏକମାତ୍ର ସାନ୍ତ୍ୱନାମୂଳକ ଗୋଲ ସ୍କୋର କରିଥିଲେ।



ଓଡ଼ିଶା ପୋଲିସ ଓ ଗୋକୁଲମ୍ କେରଳ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

**ସଂକ୍ଷେପରେ**

## ପୋଖରୀରୁ ମିଳିଲା ଅଷ୍ଟଧାତୁ ମୂର୍ତ୍ତି



**ଖୋର୍ଦ୍ଧା ଅଫିସ,୧୬।୪:** ଖୋର୍ଦ୍ଧା ସଦର ଥାନା ଅନ୍ତର୍ଗତ ବାଜପୁର ଗାଁ ପୋଖରୀରୁ ଅଷ୍ଟଧାତୁ ମୂର୍ତ୍ତି ମିଳିଛି। ଗ୍ରାମବାସୀ ଏହି ମୂର୍ତ୍ତିକୁ ପାଲିସକୁ ହସ୍ତାନ୍ତର କରିଛନ୍ତି। ତେବେ ପୋଖରୀକୁ ଅଷ୍ଟଧାତୁ ମୂର୍ତ୍ତି କିପରି ଆସିଲା, କେହି ଦୁର୍ବୃତ୍ତ ଏଠାରେ ଫୋପାଡି ଦେଇଥିବା ଅନୁମାନ କରାଯାଇଛି। ସୂଚନା ମୁତାବକ, ଗ୍ରାମର ଜଣେ ଯୁବକ ଗାଧୋଇବା ବେଳେ ଗୋଡ଼ରେ ଏହି ମୂର୍ତ୍ତି ବାଜିଥିଲା। ସେ ପାଣିରେ ବୁଡ଼ି ବାହାର କରିବା ବେଳେ ଏହି ଅଷ୍ଟଧାତୁ ମୂର୍ତ୍ତିକୁ ଦେଖି ଆଶ୍ଚର୍ଯ୍ୟ ହୋଇପଡ଼ିଥିଲେ। ପରେ ଏହାକୁ ସଫା କରିବା ସହ ଗ୍ରାମବାସୀ ଖବର ପାଇ ପହଞ୍ଚିଥିଲେ। ଚୋରା ମୂର୍ତ୍ତି ସନ୍ଦେହରେ ଏହାକୁ ପୋଲିସ ଜିମା ଦେଇଥିଲେ।

## ପୀଡ଼ିତାଙ୍କୁ ଭେଟିଲା ଦଳିତ ସମାଜ

**ବୋଲଗଡ଼,୧୬।୪:(ଡି.ଏନ୍.ଏ.):** ବୋଲଗଡ଼ ଥାନା ଅନ୍ତର୍ଗତ ଆରିକିମା ପଞ୍ଚାୟତ ଅଞ୍ଚଳର ଜଣେ ବଳାତ୍କାର ପୀଡ଼ିତାଙ୍କୁ ଶନିବାର ଅନୁସୂଚିତ ଜାତି ସେଲ୍‌ର ସମ୍ପାଦକ ଲିଟୁ ପ୍ରଧାନଙ୍କ ନେତୃତ୍ୱରେ ଏକ ଟିମ୍ ଭେଟିଛି। ଏଥିସହ ତାଙ୍କ ପରିବାର ସହ ଆଲୋଚନା କରିଛନ୍ତି। ଏନେଇ ସମ୍ପାଦକ ପ୍ରଧାନ କୁହନ୍ତି, ଖୋର୍ଦ୍ଧା ଏସ୍‌ପି ଓ ଡିଆଇଜିଙ୍କୁ ଭେଟି ଦଳିତ ମହିଳାଙ୍କ ଉପରେ ହେଉଥିବା ଆକ୍ରମଣ ଓ ବଳାତ୍କାର ସମ୍ପର୍କରେ ଆଲୋଚନା କରିବା ସହ ଦୋଷୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିବେ। ଅଭିଯୁକ୍ତଙ୍କୁ ପୋଲିସ ସୁରକ୍ଷା ଦେବା ଯୋଗୁ ନ୍ୟାୟ ମିଳିପାରୁ ନାହିଁ। ପୀଡ଼ିତାଙ୍କୁ ନ୍ୟାୟ ନ ମିଳିଲେ ଦଳିତ ସମାଜ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବ ବୋଲି ସେ କହିଛନ୍ତି। ଏହି ଗସ୍ତ ବେଳେ ଦଳିତ ମହାସଂଘର କାର୍ଯ୍ୟକାରୀ ସଭାପତି ପୀତବାସ ନାୟକ, ଟିକିନା ପରିଡା, ପ୍ରକାଶ ଚନ୍ଦ୍ର ପ୍ରଧାନ ପ୍ରମୁଖ ସାମିଲ ଥିଲେ। ସୂଚନାଥାଉ କି, ଏହି ବଳାତ୍କାର ଘଟଣାରେ ବାଙ୍କୋଇ ଫାଣ୍ଡି ପୋଲିସ ଜଣଙ୍କୁ ଗିରଫ କରିଛି।

## ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର

**ଟାଙ୍ଗୀ (ଖୋର୍ଦ୍ଧା),୧୬।୪:(ଡି.ଏନ୍.ଏ.):** ଟାଙ୍ଗୀ ଦୁର୍ଗାଚରଣ ଚିଲିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚାଲିଥିବା ୮ଦିନିଆ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ +୨ ପ୍ରଥମ ବର୍ଷର ୧୬୦ ଛାତ୍ରୀ ପ୍ରଶିକ୍ଷଣ ନେଇଥିଲେ। ବିଦ୍ୟାଳୟ ଅଧକ୍ଷ ସିତାଂଶୁ ଭୂଷଣ ନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ପଞ୍ଚାୟତ ସମିତି ଅଧକ୍ଷା ରିସ୍ମା ମାନ୍ଧାତା ମୁଖ୍ୟ ଅତିଥି, ବକ୍ତା ଭାବେ ବିଡିଓ ଐଶ୍ୱର୍ଯ୍ୟା ସାମନ୍ତରାୟ, ଅତିଥି ଭାବେ ପୂର୍ବତନ ଜିଲା ପରିଷଦ ଅଧକ୍ଷ ରାମଚନ୍ଦ୍ର ମହାପାତ୍ର, ପରିଚାଳନା କମିଟିର ପୂର୍ବତନ ସଭାପତି ରଘୁନାଥ ସାହୁ, ଖାଉଟି ଅଦାଲତର ଅବସରପ୍ରାପ୍ତ ବିଚାରପତି ନାରାୟଣ ମହାପାତ୍ର, ଥାନା ନିରୀକ୍ଷକ ବିଜୟ ମଲ୍ଲିକ ପ୍ରମୁଖ ଯୋଗଦେଇ ଶିବିରାର୍ଥୀଙ୍କୁ ଆତ୍ମରକ୍ଷା କୌଶଳର ବିଭିନ୍ନ ଦିଗ ସମ୍ପର୍କରେ ମନ୍ତବ୍ୟ ରଖିଥିଲେ। ଆସ୍ମା ବେଗମ ପ୍ରଶିକ୍ଷଣ ଦେଇଥିଲେ। ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅଧ୍ୟାପକ ରଞ୍ଜନ ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା, ଅଧ୍ୟାପକ ବିଶ୍ୱରଞ୍ଜନ ଦାସ ଧନ୍ୟବାଦ ଦେଇଥିଲେ।

## କମ୍ୟୁନିଷ୍ଟ ନେତା ଭୁବନେଶ୍ୱର ମହାରଣାଙ୍କ ସ୍ମୃତିସଭା

**ନିରାକାରପୁର,୧୬।୪(ଡିଏନ୍.ଏ.):** ନିରାକାରପୁର ଥାନା ଅଧୀନ ହରିପୁର ଗ୍ରାମର କମ୍ୟୁନିଷ୍ଟ ନେତା ସ୍ୱର୍ଗତ ଭୁବନେଶ୍ୱର ମହାରଣାଙ୍କ ୬ଷ୍ଠ ବାର୍ଷିକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ପ୍ରଫୁଲ୍ଲ ଚନ୍ଦ୍ର ସାମନ୍ତସିଂହାର, ଟାଙ୍ଗୀ ବ୍ଲକ ପୂର୍ବତନ ଅଧକ୍ଷ ରାମଚନ୍ଦ୍ର ମହପାତ୍ର, ଅନନ୍ତ ମଙ୍ଗରାଜ, ପଦ୍ମନାଭ ବିଶ୍ୱାଳ, ଟାଙ୍ଗୀ ବ୍ଲକ ଅଧକ୍ଷା ରିସ୍ମା ମାନ୍ଧାତା ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ସ୍ୱର୍ଗତ ମହାରଣା ପୁରୀ ଓ ଖୋର୍ଦ୍ଧା ଜିଲାରେ ଜଣେ କୃଷକ ନେତା ଭାବେ ପରିଚିତ ଥିଲେ। ଏହି ସଭାରେ ବହୁ ବିଶିଷ୍ଟ ବ୍ୟକ୍ତି ଓ ଗ୍ରାମବାସୀ ଯୋଗଦେଇଥିଲେ।

# କ୍ୟାପିଟାଲ ରିଜନ୍ ରିଂ ରୋଡ୍ ପାଇଁ ଜମି ଅଧିଗ୍ରହଣ ନିର୍ଦ୍ଦେଶ

**ଆର୍‌ଡିସିଙ୍କ ସମୀକ୍ଷା ବୈଠକ**

- କ୍ଷତିଗ୍ରସ୍ତ ଜମି ମାଲିକଙ୍କୁ ତୁରନ୍ତ କ୍ଷତିପୂରଣ ଦିଅ
- ଯୁଗ୍ମ ବୈଠକରେ ରେଳପଥ ଜମି ଅଧିଗ୍ରହଣ ମାମଲା ଫଇସଲା ହେଉ

**କଟକ ଅଫିସ, ୧୬।୪**

କେନ୍ଦ୍ରାଞ୍ଚଳ ରାଜସ୍ୱ ଜିଲାଗୁଡ଼ିକରେ ଚାଲୁ ରହିଥିବା ବିଭିନ୍ନ ଜାତୀୟ ରାଜପଥ, ରେଳବାଇ ଓ ଜଳସେଚନ ପ୍ରକଳ୍ପଗୁଡ଼ିକ ନିମନ୍ତେ ଜମି ଅଧିଗ୍ରହଣ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ (ଆର୍‌ଡିସି) ସୁରେଶ ଚନ୍ଦ୍ର ଦଳାଇ କହିଛନ୍ତି। ଏଥିସହ କ୍ଷତିଗ୍ରସ୍ତ ଜମି ମାଲିକମାନଙ୍କୁ ତୁରନ୍ତ କ୍ଷତିପୂରଣ ପ୍ରଦାନ କରିବାକୁ ରାଜସ୍ୱ ଅଧିକାରୀମାନଙ୍କୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଜମି ଅଧିଗ୍ରହଣ କାର୍ଯ୍ୟ ତ୍ୱରିତ କରିବା ପାଇଁ ଭର୍ଚୁଆଲ ମାଧ୍ୟମରେ ଶନିବାର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଆର୍‌ଡିସି ଦଳାଇ ଯୋଗଦେଇ ଜାତୀୟ ରାଜପଥ-୫୭ର ଜମି ଅଧିଗ୍ରହଣ ଓ କ୍ଷତିପୂରଣ ପ୍ରଦାନ କାର୍ଯ୍ୟ ଆସନ୍ତା ୪ ଦିନ ମଧ୍ୟରେ ଶେଷ କରିବାକୁ ଖୋର୍ଦ୍ଧା ଅତିରିକ୍ତ ଜିଲାପାଳ ଓ ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀଙ୍କୁ କହିଥିଲେ। ସେହିପରି କ୍ୟାପିଟାଲ ରିଜନ୍ ରିଂ ରୋଡ୍ ପାଇଁ ଜମି ଅଧିଗ୍ରହଣ ନିମନ୍ତେ ପ୍ରାଥମିକତା ଦେବାକୁ ପୁରୀ, କଟକ ଓ ଖୋର୍ଦ୍ଧା ଅତିରିକ୍ତ ଜିଲାପାଳମାନଙ୍କୁ ଆର୍‌ଡିସି ନିର୍ଦ୍ଦେଶ ଦେଇଥିଲେ। ଏଥିସହ ୧ ସପ୍ତାହ ମଧ୍ୟରେ ସର୍ଭିସ୍ ରୋଡ୍ ପାଇଁ ଜମି ଅଧିଗ୍ରହଣ କାର୍ଯ୍ୟ କରିବାକୁ ଭଦ୍ରକ ଅତିରିକ୍ତ ଜିଲାପାଳ ଓ ତହସିଲଦାରଙ୍କୁ କହିଥିଲେ। ବାକିଥିବା ୧୭ଟି ମାମଲା ଶୀଘ୍ର ଫଇସଲା କରିବାକୁ ଯଶୀପୁର ତହସିଲଦାରଙ୍କୁ କହିଥିଲେ। ସେହିପରି ଯୁଗ୍ମ ବୈଠକ କରି ବିବାଦୀୟ ରେଳବାଇ ଜମି ଅଧିଗ୍ରହଣ ମାମଲାର ଫଇସଲା କରିବାକୁ ଟାଙ୍ଗୀ-ଚୌଦ୍ୱାର ତହସିଲଦାରଙ୍କୁ ପରାମର୍ଶ ଦେଇଥିଲେ। ଯାଜପୁର ଜିଲା ଦର୍ପଣ ତହସିଲ ଅନ୍ତର୍ଗତ ବାଘୁଆ ଓ ମୂଳିଝର ଜମି ଅଧିଗ୍ରହଣ ମାମଲା ଏକ ସପ୍ତାହରେ ଏବଂ ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ୧୮ଟି ମାମଲା ମେ' ୧୫ ଓ ଆନନ୍ଦପୁର ବ୍ୟାରେଜ୍ ପ୍ରକଳ୍ପ ସମ୍ପର୍କିତ ମାମଲା ମେ' ୩ ମଧ୍ୟରେ ଶେଷ କରିବାକୁ ଆର୍‌ଡିସି ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ବୈଠକରେ କୋଣାର୍କ-ନୂଆଗାଁ-ପାରାଦୀପ-ରତନପୁର ଜାତୀୟ ରାଜପଥ ଭାରତମାଳା ପ୍ରକଳ୍ପ, ଜାତୀୟ ରାଜପଥ-୫୫, କଟକ-ପାରାଦୀପ ରେଳଲାଇନ, ହରିଦାସପୁର-ପାରାଦୀପ ରେଳଲାଇନ, ହାଡୁଆ ଓ ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପ ଏବଂ ଦେଓ ଜଳସେଚନ ପ୍ରକଳ୍ପ ବିଷୟରେ ସମୀକ୍ଷା କରାଯାଇଥିଲା। ସେହିପରି ଦୟାନଦୀ ଉପରେ ହାଇଲେଭଲ ପୋଲ ନିର୍ମାଣ, ଦୟାନଦୀର ଦକ୍ଷିଣପାର୍ଶ୍ୱ ବନ୍ଧରେ ୨ ଲେନ୍ ରାସ୍ତା ନିର୍ମାଣ, ଗଙ୍ଗୁଆ ନଦୀର ବାମପାର୍ଶ୍ୱ ବନ୍ଧରେ ଜାତୀୟ ରାଜପଥ-୩୧୬ରୁ କପିଳେଶ୍ୱର ପର୍ଯ୍ୟନ୍ତ ୨ ଲେନ୍ ରାସ୍ତା ନିର୍ମାଣ ପାଇଁ ଡିପିଆର୍ ପ୍ରସ୍ତୁତ କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଖୋର୍ଦ୍ଧା ବାଇପାସ୍, ନୟାଗଡ଼ ବାଇପାସ୍, ଜାତୀୟ ରାଜପଥ-୫୫ର କନ୍ଦରପୁରଠାରୁ ବାଲିକୁଦା ପର୍ଯ୍ୟନ୍ତ ପ୍ରକଳ୍ପ ସମ୍ପର୍କରେ ମଧ୍ୟ ସମୀକ୍ଷା କରାଯାଇଥିଲା। ସୂଚନାଯୋଗ୍ୟ, ଭୁବନେଶ୍ୱର ରାସ୍ତା ଓ ଗୃହ ନିର୍ମାଣ ଡିଭିଜନ-୫ ଦ୍ୱାରା ନାକା ଗେଟ୍ ଓ କାଟେନା ରାସ୍ତା ଉନ୍ନତୀକରଣ ନିମନ୍ତେ ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀଙ୍କ ନିକଟରେ ୨୧.୭୪ କୋଟି ଟଙ୍କା ଜମା କରାଯାଇଛି। ଏହି ବୈଠକରେ ଆର୍‌ଡିସିଙ୍କ ସଚିବ ଧନଞ୍ଜୟ ହେମ୍ବ୍ରମ୍, ଅତିରିକ୍ତ ସଚିବ ବିବେକାନନ୍ଦ ସାହୁ, ବିଭିନ୍ନ ଜିଲାର ଅତିରିକ୍ତ ଜିଲାପାଳ, ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ ଓ ତହସିଲଦାର ପ୍ରମୁଖ ଉପସ୍ଥିତ ଥିଲେ।



ଖୋର୍ଦ୍ଧା ଜିଲା ସାହିତ୍ୟ ସମାଜ କର୍ମକର୍ତ୍ତାମାନେ ଶନିବାର ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ରଙ୍କୁ ଖୋର୍ଦ୍ଧା ବିଷୁବ ସମ୍ମାନ-୨୦୨୨ ପ୍ରଦାନ କରୁଛନ୍ତି।

# ପ୍ରାଥମିକ ଶିକ୍ଷକଙ୍କ ପଦୋନ୍ନତି ଦାବି

**ଖୋର୍ଦ୍ଧା ଅଫିସ,୧୬।୪**

ନିଖିଳ ଓଡ଼ିଶା ପ୍ରାଥମିକ ତାଲିମ୍‌ପ୍ରାପ୍ତ ସ୍ନାତକ ଶିକ୍ଷକ ସଂଘ, ଖୋର୍ଦ୍ଧା ଜିଲା ଶାଖା ପକ୍ଷରୁ ଶିକ୍ଷକଙ୍କ ପଦୋନ୍ନତି ଏବଂ ବିଭିନ୍ନ ସମସ୍ୟା ନେଇ ଜିଲା ଶିକ୍ଷାଧିକାରୀ(ଡିଇଓ)ଙ୍କୁ ଶନିବାର ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ଦର୍ଶାଯାଇଛି ଯେ, ଜିଲାର ବିଭିନ୍ନ ପ୍ରାଥମିକ ଏବଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଭିନ୍ନ ବର୍ଗର ଶିକ୍ଷୟିତ୍ରୀ ଶିକ୍ଷକ ପଦବୀ ଖାଲିପଡିଛି। ଅନ୍ୟ ଜିଲାରେ ଶିକ୍ଷକଙ୍କ ପଦୋନ୍ନତି କରାଯାଇଥିବା ବେଳେ ଖୋର୍ଦ୍ଧା ଜିଲାରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଏହି ଜିଲାରେ ବର୍ତ୍ତମାନ ପର୍ଯ୍ୟନ୍ତ ତାହା କାର୍ଯ୍ୟକାରୀ କରାଯାଇନାହିଁ। ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗଣିତ, ବିଜ୍ଞାନ ଶିକ୍ଷାଦାନ ପାଇଁ ବିଷୟଭିତ୍ତିକ ଶିକ୍ଷକ ପଦବୀ ଖାଲିପଡିଛି। ଫଳରେ ପିଲାଙ୍କ ପଢ଼ାରେ ବାଧା ସୃଷ୍ଟି ହେଉଛି। ଅଦ୍ୟାବଧି ସରକାରୀ ବିଦ୍ୟାଳୟଗୁଡିକରେ ନୂତନ ଶିକ୍ଷାବର୍ଷ ୨୦୨୨-୨୩ରେ ନାମ ଲେଖାଇବା ପାଇଁ ନିର୍ଦ୍ଦେଶ ଆସି ନ ଥିବା ବେଳେ ବେସରକାରୀ ବିଦ୍ୟାଳୟରେ ଆଗୁଆ ପିଲାଙ୍କ ନାମଲେଖା ଆରମ୍ଭ ହୋଇଛି। ଏହାଦ୍ୱାରା ସରକାରୀ ବିଦ୍ୟାଳୟରେ ପିଲାଙ୍କ ନାମାଲେଖା କମିବା ଆଶଙ୍କା ରହିଛି। ଏଥିପ୍ରତି ଦୃଷ୍ଟିଦେବା ଜରୁରୀ ହୋଇପଡିଛି ବୋଲି କୁହାଯାଇଛି। ସଂଘ ଜିଲା ସଭାପତି ନମିତା ମହାପାତ୍ର, ସମ୍ପାଦକ ସୁବାସ ଚନ୍ଦ୍ର ଦାସଙ୍କ ସମେତ କାର୍ଯ୍ୟକାରୀ ସଭାପତି ଉମାକାନ୍ତ ବଡ଼ଜେନା, ଉପସଭାପତି ଦେବେନ୍ଦ୍ରନାଥ ଷଡ଼ଙ୍ଗୀ, ଧନେଶ୍ୱର ବରାଡ଼, ଅକ୍ଷୟ ପୃଷ୍ଟି, ତପନ କୁମାର ମେକାପ, ପ୍ରଦୀପ୍ତ କୁମାର ମହାପାତ୍ର, ସଂଗ୍ରାମ କେଶରୀ ପଟ୍ଟନାୟକ, ମକର କେତନ ସାହୁ ପ୍ରମୁଖ ଦାବି ଉପସ୍ଥାପନ କରିଛନ୍ତି।

# ପିଲାଙ୍କ ଦକ୍ଷତା ବିକାଶକୁ ଗୁରୁତ୍ୱ




କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଓଡ଼ିଶା ସ୍କିଲ ଡେଭଲପମେଣ୍ଟ ଅଥରିଟିର ଚେୟାରମ୍ୟାନ ସୁବ୍ରତୋ ବାଗ୍‌ଚୀ ଏବଂ ଅନ୍ୟମାନେ।

**ଏସ୍‌ଡିଆଇ ଓ ଏନ୍‌ଏସ୍‌ଡିସି ମଧ୍ୟରେ ଏମ୍‌ଓୟୁ**

- ଉପକୃତ ହେବେ ଓଡ଼ିଶାର ୭୫ଲକ୍ଷ ଯୁବକ
- ଏସ୍‌ଡିଆଇ କ୍ୟାମ୍ପସରେ ଡ୍ରାଇଭିଂ ପ୍ରଶିକ୍ଷଣ କେନ୍ଦ୍ର ପାଇଁ ପ୍ରସ୍ତାବ

**ଖୋର୍ଦ୍ଧା ଅଫିସ/ଜଟଣୀ, ୧୬।୪(ଡି.ଏନ୍.ଏ.)**

ଦକ୍ଷତା ବିକାଶ ପ୍ରତିଷ୍ଠାନ (ଏସ୍‌ଡିଆଇ), ଜଟଣୀ କ୍ୟାମ୍ପସ ଠାରେ ଭାରତ ସରକାରଙ୍କ ଜାତୀୟ ଦକ୍ଷତା ବିକାଶ ଉଦ୍ୟୋଗ (ଏନ୍‌ଏସ୍‌ଡିସି) ଇଣ୍ଟରନ୍ୟାଶନାଲ ଓ ରାଜ୍ୟ ସରକାରଙ୍କ ମଧ୍ୟରେ ବୁଝାମଣା ପତ୍ର(ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଛି। ଏଥିସହିତ ତିନୋଟି କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ବେଳେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉପସ୍ଥିତ ଥିଲେ। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ କହିଥିଲେ, ଓଡ଼ିଶାର ୧୫ରୁ ୨୫ବର୍ଷ ବୟସ ପର୍ଯ୍ୟନ୍ତ ୭୫ଲକ୍ଷ ପିଲାଙ୍କୁ ସ୍କିଲ୍ ଦ୍ୱାରା ରୋଜଗାରକ୍ଷମ କରିବା ପାଇଁ ଯୋଜନା କରାଯିବ। ସ୍କିଲ ସହ ଜଡିତ ଥିବା ଓଡ଼ିଆ ପିଲାଙ୍କୁ ଦକ୍ଷ, ବିଦେଶରେ ସାମାଜିକ ସୁରକ୍ଷା ପ୍ରଦାନ କରିବା ପାଇଁ ସ୍କିଲ ଇଣ୍ଡିଆ ଇଣ୍ଟରନ୍ୟାଶନାଲ ସେଣ୍ଟର, ୱାର୍ଲ୍ଡ ସ୍କିଲ ଏକାଡେମୀ, ନ୍ୟାଶନାଲ ଏକାଡେମୀ ଫର ସ୍କିଲ ଟିଚରର ଶୁଭାରମ୍ଭ ହୋଇଯାଇଛି। ଏହା ସହ ଏନ୍‌ଏସଡିସି ଇଣ୍ଟରନ୍ୟାଶନାଲ ସହ ରାଜ୍ୟ ସରକାର ଏବଂ ଓଭରସିଜ୍ ଏମ୍ପ୍ଲୟରଙ୍କ ମଧ୍ୟରେ ପୃଥକ ଭାବେ ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଛି। ଏ ଦିଗରେ ଏନ୍‌ଏସଡିସି ୟୁଏଇ, ସାଉଦି ଆରବ, ବାହାରିନ ଭଳି ଉପସାଗରୀୟ ଦେଶ ସମେତ ବିଭିନ୍ନ ଦେଶର ସରକାରଙ୍କ ସହ ସମନ୍ୱୟ ରକ୍ଷା କରିବ। ଶୁଭାରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମଗୁଡିକ ଯୁବକଙ୍କୁ ବିଦେଶରେ ନିଯୁକ୍ତି ଦେବା ସହ ଆଗାମୀ ଦିନରେ ନିଯୁକ୍ତି ଏବଂ ବୈଷୟିକ ଆହ୍ୱାନକୁ ସାମ୍ନା କରୁଥିବା ବିଶ୍ୱସ୍ତରୀୟ ମାନବ ସମ୍ବଳ ପ୍ରସ୍ତୁତ କରିବାରେ ସହାୟକ ହୋଇପାରିବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି। ସେ ଆହୁରି କହିଥିଲେ, ନୂତନ ଶିକ୍ଷାନୀତି ଯୁବପିଢିଙ୍କ ଆକାଂକ୍ଷାକୁ ବାସ୍ତବରୂପ ଦେବାରେ ମାର୍ଗଦର୍ଶକ ହୋଇଛି। ଆଗାମୀ ଦିନରେ ଓଡ଼ିଶା ସ୍କିଲ ଓ ଉଚ୍ଚକୋଟୀର ମାନବ ସମ୍ବଳ ଭାବେ ଖ୍ୟାତି ପାଇବ। ଏସ୍‌ଡିଆଇ କ୍ୟାମ୍ପସ ପରିସରରେ ଡ୍ରାଇଭିଂ ପ୍ରଶିକ୍ଷଣ କେନ୍ଦ୍ର ଖୋଲିବା ପାଇଁ ଏସ୍‌ଡିଆଇକୁ କେନ୍ଦ୍ରମନ୍ତ୍ରୀ ପ୍ରସ୍ତାବ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ସ୍କିଲ ଡେଭଲପମେଣ୍ଟ ଅଥରିଟିର ଚେୟାରମ୍ୟାନ ସୁବ୍ରତୋ ବାଗ୍‌ଚୀ, ଶିଳ୍ପ ବିଭାଗର ପ୍ରମୁଖ ସଚିବ ହେମନ୍ତ ବର୍ମା, ଏସ୍‌ଡିଆଇ ଭୁବନେଶ୍ୱର ଚେୟାରମ୍ୟାନ ରଞ୍ଜନ କୁମାର ମହାପାତ୍ର, ଏନ୍‌ଏସଡିସିର ସିଇଓ ବେଦମଣି ତିୱାରୀ, ଏସ୍‌ଡିଆଇର ସିଇଓ ସଞ୍ଜୟ ଶ୍ରୀବାସ୍ତବ ପ୍ରମୁଖ ଉପସ୍ଥିତ ଥିଲେ।

## ରାସ୍ତାରେ ମୋବିଲ, ଦୁର୍ଘଟଣାରେ ୨୦ରୁ ଉର୍ଦ୍ଧ୍ୱ ଆହତ

**ଭୁବନେଶ୍ୱର,୧୬।୪ (ବ୍ୟୁରୋ)**

ରାସ୍ତାରେ ମୋବିଲ ଢାଳି ହୋଇଯିବା ଯୋଗୁ ଶନିବାର ଏକାଧିକ ଦୁର୍ଘଟଣା ଘଟି ୨୦ରୁ ଉର୍ଦ୍ଧ୍ୱ ଆହତ ହୋଇଛନ୍ତି। ଜାତୀୟ ରାଜପଥର ନୟାପଲ୍ଲୀ ଆଇଡି ମାର୍କେଟ ଛକରୁ ସିଆର୍‌ପି ଛକ ପୂର୍ବ ପେଟ୍ରୋଲ ପମ୍ପ୍ ମଧ୍ୟରେ ଏହି ଘଟଣା ଘଟିଛି। ଦୁର୍ଘଟଣାରେ କାହାର ହାତ ଭାଙ୍ଗିଛି ତ ଆଉ କିଏ ଖଣ୍ଡିଆ ଖାବରା ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ଏଥିସହ ରାସ୍ତାର ଉକ୍ତ ପାର୍ଶ୍ୱରେ ଦୀର୍ଘ ସମୟ ପର୍ଯ୍ୟନ୍ତ ଟ୍ରାଫିକ ଜାମ୍ ଲାଗି ରହିଥିଲା। ଖବର ପାଇ ଟ୍ରାଫିକ ପୋଲିସ ପହଞ୍ଚି ଦୁର୍ଘଟଣାକୁ ଏଡାଇବା ପାଇଁ ସ୍ଥାନୀୟ ଲୋକଙ୍କ ସହଯୋଗରେ ରାସ୍ତାରେ ବାଲି ପକାଯାଇଥିଲା। ଏହାପରେ ଗାଡି ଚଳାଚଳ ସ୍ୱାଭାବିକ ହୋଇଥିଲା। ସୂଚନାନୁସାରେ, ଅପରାହ୍ଣ ୫ଟାରେ କୌଣସି ଏକ ଗାଡିରୁ ମୋବିଲ ଲିକ୍ ହୋଇ ରାସ୍ତାରେ ଜମି ରହିଥିଲା। ଏଥିଯୋଗୁ ଉକ୍ତ ରାସ୍ତା ଚିକ୍କଣ ହୋଇଯାଇଥିଲା। ସେହିବାଟ ଦେଇ ଯାଉଥିବା ବାଇକ୍ ଚାଳକ ବ୍ରେକ୍ ଦେବାକ୍ଷଣି ଗାଡିଟି ସ୍ଲିପ୍ ହେବା ସହ ଭାରସାମ୍ୟ ହରାଇ ତଳେ ପଡିଯାଉଥିଲେ। ଏଥିସହ ଗାଡି ଗାଡି ମଧ୍ୟରେ ମଧ୍ୟ ଧକ୍କା ଲାଗିଥିଲା। ତେବେ ଏଥିରେ କେହି ମୃତାହତ ହୋଇ ନ ଥିବାରୁ ବଡ ଦୁର୍ଘଟଣା ଟଳିଯାଇଛି।

# ଏମ୍‌ପିଙ୍କୁ ଭେଟି ସମସ୍ୟା ଜଣାଇଲେ



**ଭେଇକିଲ ଅଣ୍ଡରପାସ୍ ନିର୍ମାଣ ଘଟଣା**

**ଖୋର୍ଦ୍ଧା ଅଫିସ,୧୬।୪**

ଭୁବନେଶ୍ୱର-ଚେନ୍ନାଇ ୧୬ ନମ୍ବର ଜାତୀୟ ରାଜପଥ ଖୋର୍ଦ୍ଧା ନିକଟ ଗଡ଼ଖୋର୍ଦ୍ଧା ଏବଂ ବାଟମଙ୍ଗଳାଠାରେ ଏକ ଭେଇକିଲ ଅଣ୍ଡରପାସ୍ ନିର୍ମାଣ ଲାଗି ଦାବି ଜୋର୍ ଧରିଛି। ଖୋର୍ଦ୍ଧା ବିକାଶ ମଞ୍ଚ(କେବିଏମ୍)ର ଏକ ପ୍ରତିନିଧି ଦଳ ଶନିବାର ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀଙ୍କୁ କାର୍ଯ୍ୟାଳୟରେ ଭେଟିଛନ୍ତି। ଦୁଇଟି ଅଣ୍ଡରପାସ୍ ନିର୍ମାଣ ଲାଗି ଦାବି ଉପସ୍ଥାପନ କରିଥିଲେ। ଜାତୀୟ ରାଜପଥରେ ଭାରିଯାନ ଚଳାଚଳ ବେଳେ ଉଭୟ ଛକରେ ଦୈନିକ ଦୁର୍ଘଟଣା ଘଟୁଛି। ଏଠାରେ ଅଣ୍ଡରପାସ୍ ନିର୍ମାଣ କରାଗଲେ ଯାତାୟାତରେ ସୁବିଧା ସହ ଟ୍ରାଫିକ ସମସ୍ୟା ଦୂର ହେବ ବୋଲି ମଞ୍ଚ ପକ୍ଷରୁ କୁହାଯାଇଛି। ପ୍ରକାଶ ଯେ, ପୂର୍ବରୁ ଖୋର୍ଦ୍ଧାର ବିଭିନ୍ନ ସଙ୍ଗଠନ ଓ ବୁଦ୍ଧିଜୀବୀ ଜାତୀୟ ରାଜପଥ ଆଞ୍ଚଳିକ ନିର୍ଦ୍ଦେଶକଙ୍କ ସହ ଆଲୋଚନା କରିଥିଲେ। ନିକଟରେ ଖୋର୍ଦ୍ଧା ବିକାଶ ମଞ୍ଚର କର୍ମକର୍ତ୍ତା ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ କରିଥିଲେ। ଆଲୋଚନା ବେଳେ ପୂର୍ବତନ ବିଧାୟକ ଡ. ଦିଲୀପ ଶ୍ରୀଚନ୍ଦନ, ମଞ୍ଚ ଆବାହକ ନରେନ୍ଦ୍ର ପୃଷ୍ଟି, ବୁଦ୍ଧିଜୀବୀ ଡ. ବୃନ୍ଦାବନ ପଣ୍ଡା, ସାମାଜିକ କର୍ମୀ ସୁବାସ ବଳିୟାରସିଂ, ରବୀନ୍ଦ୍ର ବେହେରା, ଗିରିଜା ଦାସ, ବିପ୍ର ବେହେରା, ପ୍ରମୋଦ ସାହୁ, ହେମନ୍ତ ପାତ୍ର, ବିଷ୍ଣୁ ଦାସ, ଗାୟତ୍ରୀ ବୋଷ, ଶର୍ମିଷ୍ଠା ପଟ୍ଟନାୟକ, ସନ୍ଧ୍ୟାରାଣୀ ମିଶ୍ର, ସ୍ନିଗ୍ଧା ଦାସ, ରୀତାରାଣୀ ବେହେରା, ସସ୍ମିତା ଛୁଆଳସିଂ, ଉଷାରାଣୀ ବାରିକ, ବିନୋଦିନୀ ପଟ୍ଟନାୟକ, ସରସ୍ୱତୀ ଭଞ୍ଜ ପ୍ରମୁଖ ଉପସ୍ଥିତ ଥିଲେ।

# ରାଜ୍ୟ ଆଥ୍‌ଲେଟିକ୍ ମିଟ୍: ଖୋର୍ଦ୍ଧାକୁ ୨୧ ପଦକ

**ଖୋର୍ଦ୍ଧା ଅଫିସ,୧୬।୪**

ଭୁବନେଶ୍ୱର କିଟ୍ ବିଶ୍ୱବିଦ୍ୟାଳୟରେ ୬୮ତମ ରାଜ୍ୟ ଆଥଲେଟିକ୍ ମିଟ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଖୋର୍ଦ୍ଧାକୁ ସଫଳତା ମିଳିଛି। ପ୍ରତିଯୋଗୀମାନେ ବିଭିନ୍ନ ବର୍ଗରେ ୭ଟି ସ୍ୱର୍ଣ୍ଣ, ୫ଟି ରୌପ୍ୟ, ୯ଟି ବ୍ରୋଞ୍ଜ ପଦକ ଜିତି ଜିଲା ପାଇଁ ଗୌରବ ଆଣିଛନ୍ତି। ୧୮ବର୍ଷ ବାଳକ ବିଭାଗ ୧୫୦୦ ମିଟର ଦୌଡରେ ବେଣୁଧର ସ୍ୱାଇଁ, ୧୮ବର୍ଷ ବାଳିକା ବିଭାଗ ୧୦୦ମିଟର ଓ ୨୦୦ମିଟର ଦୌଡରେ କୃଷ୍ଣପ୍ରିୟା ବରିଶଲ, ୨୦ବର୍ଷ ବାଳିକା ବିଭାଗ ୨୦୦ମିଟର ଦୌଡରେ ରାଜଶ୍ରୀ ପ୍ରଧାନ, ୨୦ବର୍ଷ ବାଳକ ଶଟପୁଟ୍ ଥ୍ରୋରେ ପ୍ରଦ୍ୟୁମ୍ନ ଜେନା, ପୁରୁଷ ବିଭାଗ ଜାଭେଲିନ ଥ୍ରୋରେ ଦୀପଙ୍କର ବେହେରା, ୧୮ବର୍ଷ ବାଳକ ବିଭାଗ ଡିସ୍‌କସ୍ ଥ୍ରୋରେ ଯଶସ୍ୱୀ ଦାଶ ପ୍ରମୁଖ ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣ ପଦକ ପାଇଛନ୍ତି। ସେହିପରି ୧୮ବର୍ଷ ବାଳକ ବିଭାଗ ୪୦୦ମିଟର ହର୍ଡଲସରେ ଆକାଶ ସୁନ୍ଦରାୟ, ୨୦ବର୍ଷ ବାଳକ ବିଭାଗ ୪୦୦ ଓ ୮୦୦ମିଟର ଦୌଡରେ ସମ୍ବିତ କୁମାର ବିଶ୍ୱାଳ, ୨୦ବର୍ଷ ବାଳକ ବିଭାଗ ଡିସ୍‌କସ ଥ୍ରୋରେ ଆୟାନ ଖିଲାର, ପୁରୁଷ ବିଭାଗ ୧୦୦ମିଟର ଦୌଡରେ ଚନ୍ଦନ ସାଗର ସିଂ ପ୍ରମୁଖ ୨ୟ ସ୍ଥାନ ଅଧିକାର କରି ରୌପ୍ୟ ପଦକ ହାସଲ କରିଛନ୍ତି। ୧୪ବର୍ଷ ବାଳକ ବିଭାଗ ଲମ୍ଫଡିଆରେ ବିବେକ ରାଉତ, ୧୬ବର୍ଷ ବାଳିକା ବିଭାଗ ୩୦୦ମିଟର ଦୌଡରେ ଅର୍ପିତା ପ୍ରିୟଦର୍ଶିନୀ, ୨୦ବର୍ଷ ବାଳିକା ବିଭାଗ ୧୦୦ମିଟର ଦୌଡରେ ରାଜଶ୍ରୀ ପ୍ରଧାନ, ୨୦ବର୍ଷ ବାଳକ ବିଭାଗ ହାମର ଥ୍ରୋରେ ଆୟାନ ଖିଲାର, ପୁରୁଷ ବିଭାଗ ୧୧୦ମିଟର ହର୍ଡଲସରେ ସୁଶାନ୍ତ କୁମାର ଦାସ, ପୁରୁଷ ବିଭାଗ ଡିସକସ୍ ଥ୍ରୋରେ ଦୀପଙ୍କର ବେହେରା, ପୁରୁଷ ବିଭାଗ ହାମ୍ର ଥ୍ରୋରେ ରୋହନ କୁମାର ନାୟକ, ମହିଳା ୫୦୦୦ ମିଟର ଦୌଡରେ ମିନତୀ ବେହେରା, ମହିଳା ଜାଭେଲିନ୍ ଥ୍ରୋରେ ଆଦ୍ୟାଶା ପ୍ରିୟଦର୍ଶିନୀ କୋଦାମସିଂ ପ୍ରମୁଖ ତୃତୀୟ ସ୍ଥାନ ହାସଲ କରି ବ୍ରୋଞ୍ଜ ପଦକ ପାଇଛନ୍ତି। ଖେଳାଳିଙ୍କ ଏହି ସଫଳତା ପାଇଁ ଖୋର୍ଦ୍ଧା ଜିଲା ଆଥଲେଟିକ୍‌ଆସେସିଏଶନର ସାଧାରଣ ସମ୍ପାଦକ ଉପେନ୍ଦ୍ର ନାଥ ଦାସ, ସଭ୍ୟ ଅମିୟ କୁମାର ମହାନ୍ତି, ଭବାନୀଶଙ୍କର ମହାପାତ୍ର, ମ୍ୟାନେଜର ଦୀନବନ୍ଧୁ ନାୟକ ଓ ଅଫିସିଆଲ ସୁନୀଲ ପଟ୍ଟନାୟକ, ମନୋଜ ନିଶଙ୍କ, ଜିତେନ୍ଦ୍ର କୁମାର ଦେଓ, ଗୁରୁପ୍ରସାଦ ପଟ୍ଟନାୟକ, ନବୀନ ରାଉତ ଶୁଭେଚ୍ଛା ଜଣାଇଛନ୍ତି।

# ବିଦ୍ୟାଳୟ ଉନ୍ନତୀକରଣ ନେଇ ଆଲୋଚନାଚକ୍ର

**ଯାଁଳା,୧୬।୪(ଡି.ଏନ୍.ଏ.)**

ଭୁବନେଶ୍ୱର ବ୍ଲକ ଅନ୍ତର୍ଗତ ନଂପୁଟ ପଞ୍ଚାୟତର ବଡ଼ମହୁରାସ୍ଥିତ ଏକ ଘରୋଇ ସ୍କୁଲର ଉନ୍ନତୀକରଣ ନେଇ ଏକ ଆଲୋଚନାଚକ୍ର ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସମସ୍ତଙ୍କ ସହଯୋଗ ମିଳିଲେ ସ୍କୁଲ ଉନ୍ନତି ପଥରେ ଆଗେଇବ ବୋଲି ପ୍ରିନ୍ସିପାଲ ବିଦ୍ୟାଧର ସାହୁ କହିଥିଲେ। ଚେୟାରମ୍ୟାନ ରମାବଲ୍ଲଭ ପରିଡା ପିଲାମାନଙ୍କ ସମସ୍ତ ସୁବିଧା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଆଲୋଚନାଚକ୍ରରେ ସ୍କୁଲ ଡାଇରେକ୍ଟର ଅନ୍ନପୂର୍ଣ୍ଣା ଜେନାଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ ଅଭିଭାବକ ଉପସ୍ଥିତ ଥିଲେ।

# ଆତ୍ମରକ୍ଷା ପ୍ରଶିକ୍ଷଣ ନେଲେ ଛାତ୍ରୀ



ଜଣେ କୃତୀ ଛାତ୍ରୀଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଉଛି।

**ଜଟଣୀ,୧୬।୪:(ଡି.ଏନ୍.ଏ.)**

ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ଜଟଣୀ ମହାବିଦ୍ୟାଳୟରେ ଆତ୍ମରକ୍ଷା କୌଶଳ ତାଲିମ ଶିବିର ଶନିବାର ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟ ପ୍ରିନ୍ସିପାଲ ଡ. ରାଜୀବ କର ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଶିକ୍ଷଣାର୍ଥୀ ଛାତ୍ରୀଙ୍କୁ ଆତ୍ମରକ୍ଷା କୌଶଳର ଉପାଦେୟତା ଓ ବ୍ୟବହାର ଉପରେ କହିଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ଦର୍ଶନ ବିଭାଗ ପ୍ରାଧ୍ୟାପକ ଡ. ପ୍ରଶାନ୍ତ କୁମାର ପାଣିଗ୍ରାହୀ, ଓଡ଼ିଆ ବିଭାଗ ମୁଖ୍ୟ ଡ. ତପନ ମିଶ୍ର ପ୍ରମୁଖ ଯୋଗଦେଇ ଛାତ୍ରୀଙ୍କୁ ଦୈନନ୍ଦିନ ଜୀବନରେ ନିଜ ସୁରକ୍ଷା କିପରି କରିପାରିବେ ସେ ଦିଗରେ ଆଲୋକପାତ କରିଥିଲେ। ଏହି ଅବସରରେ ସମସ୍ତ କୃତୀ ଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ପ୍ରାଧ୍ୟାପିକା କଳ୍ପନା ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ପରମିତା ପ୍ରହରାଜ ଧନ୍ୟବାଦ ଦେଇଥିଲେ।

# କାର୍ଯ୍ୟାନୁଷ୍ଠାନ ନ ହେଲେ ଆନ୍ଦୋଳନ

**ଝାମୁଦଣ୍ଡ ଭାଙ୍ଗିବା ସହ ଆକ୍ରମଣ ଘଟଣା**

**ଖୋର୍ଦ୍ଧା ଅଫିସ,୧୬।୪**

ଖୋର୍ଦ୍ଧା ବ୍ଲକ କେରଙ୍ଗ ପଞ୍ଚାୟତର ଦିବ୍ୟସିଂହପ୍ରସାଦ ଗ୍ରାମରେ ଗତ ଗୁରୁବାର ଝାମୁଯାତ୍ରାରେ ମୁସ୍‌ଲିମ ସମ୍ପ୍ରଦାୟର କେତେଜଣ ବ୍ୟକ୍ତି ଝାମୁଦଣ୍ଡ ଭାଙ୍ଗିଦେବା ସହ ଆକ୍ରମଣ ଘଟଣାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ ଟାଉନ ଥାନାରେ ଅଭିଯୋଗ ହେବାର ୪୮ ଘଣ୍ଟା ପରେ ବି ପୋଲିସ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଏହି ଘଟଣାକୁ ବିଶ୍ୱ ହିନ୍ଦୁ ପରିଷଦ(ବିଏଚ୍‌ପି) ଖୋର୍ଦ୍ଧା ଜିଲା ପକ୍ଷରୁ ବିରୋଧ କରାଯାଇଛି। ଶନିବାର ବିଏଚ୍‌ପି କର୍ମକର୍ତ୍ତାମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ କରିଥିଲେ। ଏଥିସହ ଏକ ପ୍ରତିନିଧି ଦଳ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଏବଂ ଜିଲା ଆରକ୍ଷୀ ଅଧୀକ୍ଷକଙ୍କୁ ପୃଥକ୍ ଭାବେ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ଘଟଣାରେ ସମ୍ପୃକ୍ତ ଥିବା ଦୋଷୀଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆଗାମୀ ଦିନରେ ବିଏଚ୍‌ପି ରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି।



ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ବିଶ୍ୱ ହିନ୍ଦୁ ପରିଷଦର କର୍ମକର୍ତ୍ତାମାନେ।

ଅଭିଯୋଗରେ ଦର୍ଶାଯାଇଛି ଯେ, ଦିବ୍ୟସିଂହପ୍ରସାଦରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ପାରମ୍ପରିକ ଝାମୁଯାତ୍ରା ଆୟୋଜନ କରାଯାଇଥିଲା। ୧୩ ତାରିଖ ଅପରାହ୍ଣ ସାଢେ ୩ଟାରେ ଦଣ୍ଡୁଆମାନେ ପୋଖରୀରୁ ସ୍ନାନସାରି ଝାମୁଦଣ୍ଡ ଧରି ଗାଁ ଶୋଭାଯାତ୍ରା ଚାଲିଥିବା ବେଳେ ଗାଁ ମଝିରେ ମୁସ୍‌ଲିମ ସମ୍ପ୍ରଦାୟର କେତେଜଣ ବ୍ୟକ୍ତି ଗାଳିଗୁଲଜ କରିବା ସହ ଝାମୁ ବନ୍ଦ ଲାଗି ଧମକ ଦେଇଥିଲେ। ଯୋଜନାବଦ୍ଧ ଭାବେ ଝାମୁଦଣ୍ଡକୁ ଭାଙ୍ଗିବା ସହ ଆକ୍ରମଣ କରିଥିଲେ। ବାରମ୍ବାର ଏଭଳି ଘଟଣା ଏହି ଗ୍ରାମରେ ଘଟିଚାଲିଛି। ଏହି ଅଭିଯୋଗ ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଭବିଷ୍ୟତରେ ଏହା ଐତିହ୍ୟ ମାଟିରେ ମିଶିଯିବା ସହ ଏହି ଗ୍ରାମ ହିନ୍ଦୁଶୂନ୍ୟ ହୋଇଯିବ ବୋଲି ଉଲ୍ଲେଖ ରହିଛି। ବିଶ୍ୱ ହିନ୍ଦୁ ପରିଷଦ ବିଭାଗ ସମ୍ପାଦକ ବିଭୁରେନ୍ଦ୍ର ବିଦ୍ୟାଧର, ଜିଲା ସମ୍ପାଦକ ପ୍ରଦୀପ କୁମାର ସ୍ୱାଇଁ, ସନ୍ତୋଷ ଶ୍ରୀଚନ୍ଦନ, ବୀରେନ୍ଦ୍ର ସିଂ, ବସନ୍ତ କୁମାର ଦାସ, ଗୁଣନିଧି ମହାପାତ୍ର, ଶକ୍ତିଶଙ୍କର ମିଶ୍ର, ମିହିର ବିଧାର, ମଧୁସୂଦନ ଦାସ, ସତ୍ୟନାରାୟଣ ବିଶୋଇ, ଏସ୍.କେ. ବଳିୟାରସିଂ, ସର୍ବେଶ୍ୱର ମହାରଣା ପ୍ରମୁଖ ଉପସ୍ଥିତ ଥିଲେ। ଏନେଇ ବିଏଚ୍‌ପି ବିଭାଗ ସମ୍ପାଦକ ବିଦ୍ୟାଧର କହିଥିଲେ, ଝାମୁଯାତ୍ରା ହେଉଛି ଓଡ଼ିଶାର ଏକ ପ୍ରାଚୀନ ପରମ୍ପରା। ଯେଉଁଭଳି ଭାବେ ଝାମୁଯାତ୍ରାରେ ବାଧା ସୃଷ୍ଟି କରାଯାଇଛି,ଏହା ହିନ୍ଦୁ ସମାଜ ଅସ୍ମିତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହାର ପୁନରାବୃତ୍ତି ଘଟିଲେ ଆବଶ୍ୟକ ପଡ଼ିଲେ ଉଚିତ୍ ଜବାବ ଦିଆଯିବ ବୋଲି ସେ କହିଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୧୭ ଏପ୍ରିଲ, ୨୦୨୨

**ନାବାଳିକା ଅପହରଣ ଅଭିଯୋଗ, ଯୁବକ ଗିରଫ**

ପୁରୀ ଅଫିସ-ବଳିଆପଣ୍ଡା ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ଅପହରଣ କରିବା ଅଭିଯୋଗରେ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେ ହେଲେ ସେହି ଥାନା ଅଞ୍ଚଳର ଶୁଭେନ୍ଦୁ ଓରଫ ଆକାଶ ସନ(୨୦)। ପୋଲିସ ଏ ନେଇ ନଂ. ୧୨/୨୨ରେ ମାମଲା ରୁଜୁ କରିଛି। ଫେବୃୟାରୀ ୫ରେ ଉକ୍ତ ନାବାଳିକା ନିଜ ଘରରୁ ବାହାରକୁ ଯାଇଥିଲେ ହେଁ ଘରକୁ ଫେରି ନ ଥିଲେ। କେହି ଅପହରଣ କରିଥିବା ନେଇ ନାବାଳିକାଙ୍କ ପରିବାର ଲୋକ ଥାନାର ଦ୍ୱାରସ୍ଥ ହୋଇଥିଲେ। ବିଶେଷ ସୂତ୍ରରୁ ପୋଲିସ ସୂଚନା ପାଇଥିଲା ଯେ, ଅପହରଣ ହୋଇଥିବା ଯୁବତୀ ଜଣକ ଅଭିଯୁକ୍ତ ଶୁଭେନ୍ଦୁ ସହ ବେଙ୍ଗାଲୁରୁ ଅଞ୍ଚଳରେ ରହିଛନ୍ତି। ପରେ ପୋଲିସର ଏକ ଟିମ୍ ଗଠନ କରି ଉକ୍ତ ଅଞ୍ଚଳରେ ଚଢାଉ କରି ନାବାଳିକା ଉଦ୍ଧାର କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରି ପୁରୀ ଆଣିଥିଲେ। ପ୍ରାଥମିକ ତଦନ୍ତ ସହ ଉକ୍ତ ନାବାଳିକାଙ୍କ ଡାକ୍ତରୀ ମାଇନା କରାଯାଇଥିଲା।



**ଶ୍ରୀମନ୍ଦିର ହୁଣ୍ଡିରୁ ଆୟ**



୧୫।୪।୨୦୨୨

| | |
|---|---|
| ୬,୦୮,୦୮୨ ଟଙ୍କା | |
| ସୁନା | ୨୯.୪୦୦ ଗ୍ରାମ |
| ରୁପା | ୫୫.୮୦୦ ଗ୍ରାମ |

## ସଂକ୍ଷେପରେ

### କଳାପଦରରେ ଗୋଷ୍ଠୀ ସଂଘର୍ଷ, ୫ ଆହତ

କଣାସ,୧୬।୪(ସ୍ୱ.ପ୍ର.)- କଣାସ ବ୍ଲକ ଅନ୍ତର୍ଗତ ଗୋପୀନାଥପୁର ପଞ୍ଚାୟତର କଳାପଦର ଗ୍ରାମରେ ଶନିବାର ପଣା ନାଚକୁ କେନ୍ଦ୍ର କରି ଗୋଷ୍ଠୀ ସଂଘର୍ଷ ଘଟିଛି। ଏଥିରେ ୫ଜଣ ଆହତ ହୋଇ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ପରେ ଗଡ଼ିଶାଗୋଡା ଥାନା ଆଇଆଇସି ନାରାୟଣ ଚନ୍ଦ୍ର ଲେଙ୍କା, ଏସ୍‌ଡିପିଓ କିଶୋର ଚନ୍ଦ୍ର ମୁଣ୍ଡୁ, ବ୍ରହ୍ମଗିରି ଥାନା ଅଧିକାରୀ ପଞ୍ଚାନନ ପରିଡା, କଣାସ ଥାନା ଏସ୍‌ଆଇ ଗୌରଶଙ୍କର ସେଠୀ ଓ ଫୋର୍ସ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

### ନାବାଳିକାଙ୍କୁ ବୃଦ୍ଧଙ୍କ ବଳାତ୍କାର ଅଭିଯୋଗ

ନିମାପଡ଼ା,୧୬।୪(ଡି.ଏନ.ଏ.)- ନିମାପଡ଼ା ଥାନା ଅଞ୍ଚଳର ଜଣେ ୧୭ବର୍ଷୀୟା ବାଳିକାଙ୍କୁ କିଛିଦିନ ତଳେ ଜଣେ ବୃଦ୍ଧ ବଳାତ୍କାର କରିଥିବା ନେଇ ପୀଡ଼ିତାଙ୍କ ମା ଶନିବାର ଅଭିଯୋଗ କରିଛନ୍ତି। ଅଭିଯୋଗକ୍ରମେ ପୋଲିସ ପୋକ୍ସୋ ଆକ୍ଟରେ ଏକ ମାମଲା (ନଂ.୧୧୮/୨୨) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଏଥିସହ ପୋଲିସ ଶନିବାର ପୀଡ଼ିତାଙ୍କୁ ଡାକ୍ତରୀମାଇନା ପାଇଁ ନିମାପଡ଼ା ମେଡିକାଲକୁ ପଠାଇଥିଲେ। ହେଲେ ଡାକ୍ତରୀମାଇନା ପାଇଁ ନାବାଳିକା ଓ ତାଙ୍କ ମାଆ ପୋଲିସକୁ ମନା କରିଦେଇଥିଲେ। ପରେ ପୋଲିସ ପୀଡ଼ିତାଙ୍କ ବୟାନ ରେକର୍ଡ ପାଇଁ ପୁରୀ ପୋକ୍ସୋ କୋର୍ଟରେ ହାଜର କରିଥିବା ପୋଲିସ କହିଛି। ଏଥିସହ ପୁରୀରୁ ସାଇଣ୍ଟିଫିକ ଟିମ୍ ବଳାତ୍କାର ହୋଇଥିବା ବୃଦ୍ଧଙ୍କ ଅର୍ଦ୍ଧନିର୍ମିତ ଘରଠାରେ ପହଞ୍ଚି ତଦନ୍ତ ଚଳାଇଛି।

### ଦିବାରାତ୍ର କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ

ଅସ୍ତରଙ୍ଗ,୧୬।୪(ଡି.ଏନ୍.ଏ.): ମା' ଗାଲୁଆଣି କ୍ରିକେଟ କ୍ଲବ ପାଟଳଦା ଆନୁକୂଲ୍ୟରେ ପୁରୀ ଜିଲା ଅସ୍ତରଙ୍ଗ ବ୍ଲକ ପାଟଳଦା ଗ୍ରାମ ପଞ୍ଚାୟତସ୍ତରୀୟ ଦ୍ୱିତୀୟ ବର୍ଷିକ ଦିବାରାତ୍ର ପ୍ରିମିୟର ଲିଗ୍ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଟୁର୍ନାମେଣ୍ଟରେ ୧୬ଟି କ୍ରିକେଟ୍ କ୍ଲବକୁ ନେଇ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଶେଷ ଦିବସ ମ୍ୟାଚରେ ନୂଆଗଡ଼ କ୍ରିକେଟ କ୍ଲବ, ବାରଙ୍ଗ କ୍ରିକେଟ କ୍ଲବକୁ ହରାଇ ଟାଇଟଲ ହାସଲ କରି ଚାମ୍ପିୟନ ହୋଇଥିଲା। ଉଦ୍‌ଯାପିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଚଳଚ୍ଚିତ୍ର ଅଭିନେତ୍ରୀ ପ୍ରିୟା ଚୌଧୁରୀ, ମୁଖ୍ୟ ବକ୍ତା ଭାବେ ପାଟଳଦା ଗ୍ରାମପଞ୍ଚାୟତର ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ ବେହେରା, ସମିତିସଭ୍ୟାଙ୍କ ପ୍ରତିନିଧି ଶ୍ରୀମନ୍ ଛାଟୋଇ ଯୋଗଦେଇଥିଲେ। ଆୟୋଜିତ ଟୁର୍ନାମେଣ୍ଟରେ ବଣିକ ଶିକ୍ଷାନୁଷ୍ଠାନ ସମ୍ପୂର୍ଣ୍ଣ ସହଯୋଗ କରିଥିଲା।

### ହୃଦୟରେ କଳାକାର କାର୍ଯ୍ୟକ୍ରମ

ପୁରୀ ଅଫିସ,୧୬।୪ - ପୁରୀ ସାଂସ୍କୃତିକ ସମ୍ବଳ କେନ୍ଦ୍ର ଆନୁକୂଲ୍ୟରେ ଅନୁଷ୍ଠାନର ବାର୍ଷିକ ଉତ୍ସବ ଶନିବାର ସ୍ଥାନୀୟ ଶରଧାବାଲିସ୍ଥିତ ମୁକ୍ତାକାଶ ରଙ୍ଗମଞ୍ଚରେ ଉଦ୍‌ଘାଟିତ ହୋଇଛି। ଏହି ଅବସରରେ ସଙ୍ଗୀତ ଭିତ୍ତିକ କାର୍ଯ୍ୟକ୍ରମ 'ହୃଦୟରେ କଳାକାର' ପରିବେଷଣରେ ଦର୍ଶକ ବିମୋହିତ ହୋଇଥିଲେ। କାର୍ଯ୍ୟକ୍ରମରେ ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବରେ ଗୁରୁଶ୍ୟାମଳ ଭଟ୍ଟାଚାର୍ଯ୍ୟ ଯୋଗଦେଇଥିଲେ। ସଭାପତି ଭାବେ ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ଉପାଧ୍ୟକ୍ଷ ଡ.ଶଙ୍କରଶଣ ଦାଶ, ସମ୍ମାନିତ ଅତିଥି ସିବିଆଇର ଅତିରିକ୍ତ ଆଇନ ପରାମର୍ଶଦାତା କାଳୀଚରଣ ମିଶ୍ର, ସରୋଜ ସ୍ୱାଇଁ, ଜିଲା ଶିକ୍ଷାଧିକାରୀ ମମତା ମିଶ୍ର, ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ସଙ୍ଗୀତଜ୍ଞ ଯାମିନୀକାନ୍ତ ସାହୁ, ଡା. ଜ୍ଞାନେନ୍ଦ୍ର ତ୍ରିପାଠୀ, ଚଳଚ୍ଚିତ୍ର ପ୍ରଯୋଜକ ଦିଲୀପ ମିଶ୍ର ଏବଂ ସନାତନ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। କାର୍ତ୍ତିକ କୁମାର, କଣ୍ଠଶିଳ୍ପୀ ଅର୍ଜିତ ମହାପାତ୍ର, ମମତା ମହାପାତ୍ର, ସରୋଜ, ଅସୀମା ପଣ୍ଡା, ଅମ୍ରିତା ନାୟକଙ୍କ ସଂଗୀତ ପରିବେଷଣ କରିଥିଲେ। କୃଷ୍ଣଚନ୍ଦ୍ର ସାହୁ ପରିଚାଳନା କରିଥିଲେ।

# କ୍ୟାପିଟାଲ ରିଜନ୍ ରିଂ ରୋଡ୍ ପାଇଁ ଜମି ଅଧିଗ୍ରହଣ ନିର୍ଦ୍ଦେଶ

**ଆରଡିସିଙ୍କ ସମୀକ୍ଷା ବୈଠକ**

- ■ କ୍ଷତିଗ୍ରସ୍ତ ଜମି ମାଲିକଙ୍କୁ ତୁରନ୍ତ କ୍ଷତିପୂରଣ ଦିଅ
- ■ ଯୁଗ୍ମ ବୈଠକରେ ରେଳବାଇ ଜମି ଅଧିଗ୍ରହଣ ମାମଲା ଫଇସଲା ହେଉ

କଟକ ଅଫିସ, ୧୬।୪

କେନ୍ଦ୍ରାଞ୍ଚଳ ରାଜସ୍ୱ ଜିଲାଗୁଡ଼ିକରେ ଚାଲୁ ରହିଥିବା ବିଭିନ୍ନ ଜାତୀୟ ରାଜପଥ, ରେଳବାଇ ଓ ଜଳସେଚନ ପ୍ରକଳ୍ପଗୁଡ଼ିକ ନିମନ୍ତେ ଜମି ଅଧିଗ୍ରହଣ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ (ଆର୍‌ଡିସି) ସୁରେଶ ଚନ୍ଦ୍ର ଦଳାଇ କହିଛନ୍ତି। ଏଥିସହ କ୍ଷତିଗ୍ରସ୍ତ ଜମି ମାଲିକମାନଙ୍କୁ ତୁରନ୍ତ କ୍ଷତିପୂରଣ ପ୍ରଦାନ କରିବାକୁ ରାଜସ୍ୱ ଅଧିକାରୀମାନଙ୍କୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଜମି ଅଧିଗ୍ରହଣ କାର୍ଯ୍ୟ ତ୍ୱରିତ କରିବା ପାଇଁ ଭର୍ଚୁଆଲ ମାଧ୍ୟମରେ ଶନିବାର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଆର୍‌ଡିସି ଦଳାଇ ଯୋଗଦେଇ ଜାତୀୟ ରାଜପଥ-୫୭ର ଜମି ଅଧିଗ୍ରହଣ ଓ କ୍ଷତିପୂରଣ ପ୍ରଦାନ କାର୍ଯ୍ୟ ଆସନ୍ତା ୪ ଦିନ ମଧ୍ୟରେ ଶେଷ କରିବାକୁ ଖୋର୍ଦ୍ଧା ଅତିରିକ୍ତ ଜିଲାପାଳ ଓ ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀଙ୍କୁ କହିଥିଲେ। ସେହିପରି କ୍ୟାପିଟାଲ ରିଜନ୍ ରିଂ ରୋଡ୍ ପାଇଁ ଜମି ଅଧିଗ୍ରହଣ ନିମନ୍ତେ ପ୍ରାଥମିକତା ଦେବାକୁ ପୁରୀ, କଟକ ଓ ଖୋର୍ଦ୍ଧା ଅତିରିକ୍ତ ଜିଲାପାଳମାନଙ୍କୁ ଆର୍‌ଡିସି ନିର୍ଦ୍ଦେଶ ଦେଇଥିଲେ। ଏଥିସହ ୧ ସପ୍ତାହ ମଧ୍ୟରେ ସର୍ଭିସ୍ ରୋଡ୍ ପାଇଁ ଜମି ଅଧିଗ୍ରହଣ କାର୍ଯ୍ୟ କରିବାକୁ ଭଦ୍ରକ ଅତିରିକ୍ତ ଜିଲାପାଳ ଓ ତହସିଲଦାରଙ୍କୁ କହିଥିଲେ। ବାକିଥିବା ୧୭ଟି ମାମଲା ଶୀଘ୍ର ଫଇସଲା କରିବାକୁ ଯଶୀପୁର ତହସିଲଦାରଙ୍କୁ କହିଥିଲେ। ସେହିପରି ଯୁଗ୍ମ ବୈଠକ କରି ବିବାଦୀୟ ରେଳବାଇ ଜମି ଅଧିଗ୍ରହଣ ମାମଲାର ଫଇସଲା କରିବାକୁ ଟାଙ୍ଗୀ-ଚୌଦ୍ୱାର ତହସିଲଦାରଙ୍କୁ ପରାମର୍ଶ ଦେଇଥିଲେ। ଉକ୍ତ ବୈଠକରେ କୋଣାର୍କ-ନୂଆଗାଁ-ପାରାଦୀପ-ରତନପୁର ଜାତୀୟ ରାଜପଥ ଭାରତମାଳା ପ୍ରକଳ୍ପ, ଜାତୀୟ ରାଜପଥ-୫୫, କଟକ-ପାରାଦୀପ ରେଳଲାଇନ, ହରିଦାସପୁର-ପାରାଦୀପ ରେଳଲାଇନ, ହାଡୁଆ ଓ ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପ ଏବଂ ଦେଓ ଜଳସେଚନ ପ୍ରକଳ୍ପ ବିଷୟରେ ସମୀକ୍ଷା କରାଯାଇଥିଲା।

ସେହିପରି ଦୟାନଦୀ ଉପରେ ହାଇଲେଭଲ ପୋଲ ନିର୍ମାଣ, ଦୟାନଦୀର ଦକ୍ଷିଣପାର୍ଶ୍ୱ ବନ୍ଧରେ ୨ ଲେନ୍ ରାସ୍ତା ନିର୍ମାଣ, ଗଙ୍ଗୁଆ ନଦୀର ବାମପାର୍ଶ୍ୱ ବନ୍ଧରେ ଜାତୀୟ ରାଜପଥ-୩୧୬ରୁ କପିଳେଶ୍ୱର ପର୍ଯ୍ୟନ୍ତ ୨ ଲେନ୍ ରାସ୍ତା ନିର୍ମାଣ ପାଇଁ ଡିପିଆର୍ ପ୍ରସ୍ତୁତ କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଖୋର୍ଦ୍ଧା ବାଇପାସ୍, ନୟାଗଡ଼ ବାଇପାସ୍, ଜାତୀୟ ରାଜପଥ-୫୫ର କନ୍ଦରପୁରଠାରୁ ବାଲିକୁଦା ପର୍ଯ୍ୟନ୍ତ ପ୍ରକଳ୍ପ ସମ୍ପର୍କରେ ମଧ୍ୟ ସମୀକ୍ଷା କରାଯାଇଥିଲା। ସୂଚନାଯୋଗ୍ୟ, ଭୁବନେଶ୍ୱର ରାସ୍ତା ଓ ଗୃହ ନିର୍ମାଣ ଡିଭିଜନ-୫ ଦ୍ୱାରା ନାକା ଗେଟ୍ ଓ କାଟେନା ରାସ୍ତା ଉନ୍ନତୀକରଣ ନିମନ୍ତେ ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀଙ୍କ ନିକଟରେ ୨୧.୭୪ କୋଟି ଟଙ୍କା ଜମା କରାଯାଇଛି। ଏହି ବୈଠକରେ ଆର୍‌ଡିସିଙ୍କ ସଚିବ ଧନଞ୍ଜୟ ହେମ୍ବ୍ରମ୍, ଅତିରିକ୍ତ ସଚିବ ବିବେକାନନ୍ଦ ସାହୁ, ବିଭିନ୍ନ ଜିଲାର ଅତିରିକ୍ତ ଜିଲାପାଳ, ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ ଓ ତହସିଲଦାର ପ୍ରମୁଖ ଉପସ୍ଥିତ ଥିଲେ।

## ଆଜିଠାରୁ ବିଚ୍ କନେକ୍ଟ କାର୍ଯ୍ୟକ୍ରମ ଆରମ୍ଭ

ପୁରୀ ଅଫିସ,୧୬।୪

ଜିଲା ପ୍ରଶାସନ ଉଦ୍ୟମରେ ପୁରୀ ବେଳାଭୂମିରେ ବିଚ୍ କନେକ୍ଟ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହେବ। ପ୍ରତି ରବିବାର ସକାଳ ୫ଟା ୩୦ରୁ ୮ଟା ୩୦ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଚାଲୁ ରହିବ। ପ୍ରଥମେ ଏକ ଘଣ୍ଟା ଧରି ଦିଗବାରେଣୀଠାରୁ ସ୍ୱର୍ଗଦ୍ୱାର ପର୍ଯ୍ୟନ୍ତ ବେଳାଭୂମିକୁ ସଫେଇ କରାଯିବ। ଏଥିସହ ଯୋଗ, ବିଚ୍ ଭଲିବଲ୍, ମାଲଖମ୍ବ, ସ୍ୱାସ୍ଥ୍ୟ ପରୀକ୍ଷା, ସାଧାରଣଜ୍ଞାନ ପ୍ରତିଯୋଗିତା, ୱାଟର ସ୍ପୋର୍ଟ୍ସ, ପିଲାଙ୍କ ପାଇଁ ଫନ୍ ଗେମ୍, ଟଗ୍ ଅଫ୍ ୱାର୍ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ସେହିଭଳି ସେଲ୍‌ଫି ପଏଣ୍ଟ ସହ ଦସ୍ତଖତ ଅଭିଯାନର ମଧ୍ୟ ଆୟୋଜନ ହୋଇଛି। ଏ ନେଇ ପୁରୀ ସ୍ୱତନ୍ତ୍ର ପ୍ରଦକ୍ଷଣ ଗୃହରେ ଖବରଦାତା ସମ୍ମିଳନୀର ଆୟୋଜନ କରାଯାଇ ସୂଚନା ଦିଆଯାଇଛି। ପୌରସଂସ୍ଥା କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ କହିଛନ୍ତି, ପୁରୀ ସ୍ୱର୍ଣ୍ଣାଭ ବେଳାଭୂମିକୁ ସ୍ୱଚ୍ଛ ରଖିବା ପାଇଁ ବିଚ୍ କନେକ୍ଟ ପ୍ରୋଗ୍ରାମ ଆରମ୍ଭ ହେଉଛି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ବ୍ୟବସାୟୀ ଓ ପର୍ଯ୍ୟଟକଙ୍କୁ ସଚେତନ କରିବାକୁ ଚାହୁଁଛୁ। ପୁରୀ ସହରର ବିଭିନ୍ନ ବର୍ଗର ଲୋକେ ଏହି କାର୍ଯ୍ୟକ୍ରମରେ ଯୋଗଦେବେ। ପ୍ରତିଯୋଗିତାମାନ କରାଯାଇ ପୁରସ୍କୃତ କରାଯିବ। ସେହିଭଳି ପର୍ଯ୍ୟଟକମାନଙ୍କୁ ସଚେତନ କରାଇବାରେ ଦୋକାନୀଙ୍କ ପ୍ରମୁଖ ଭୂମିକା ରହିଛି। ପର୍ଯ୍ୟଟକମାନେ ବିଚ୍‌କୁ କିଭଳି ପରିଷ୍କାର ରଖିବେ ତାହା ଦୋକାନୀମାନେ ପର୍ଯ୍ୟଟକଙ୍କୁ ବୁଝାଇବା ଦରକାର। ପୁରୀର ବୁଦ୍ଧିଜୀବୀମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ପୁରୀ ବେଳାଭୂମିର ସ୍ୱଚ୍ଛତା ଦିଗରେ ନୂଆ ନୂଆ ପଦକ୍ଷେପ ସମ୍ପର୍କରେ ପରାମର୍ଶ ଦେବେ।



ଦୋଳମଣ୍ଡପ ସାହିର ରାବଣ, ହନୁମାନ ବେଶଧାରୀ ସାହି ପରିକ୍ରମା କରୁଛନ୍ତି ।

## ରୋଗୀଙ୍କ ସହ ଭିଡିଓରେ କଥା ହେଲେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ

ଗୋପ,୧୬।୪(ଡି.ଏନ.ଏ.)

ଗୋପ ବ୍ଲକର ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଥିବା ଜଣେ ପ୍ରସୂତି ମହିଳାଙ୍କ ସହ ଶନିବାର କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମନସୁଖ୍ ମାଣ୍ଡଭ୍ୟ ଭର୍ଚୁଆଲରେ ଆୟୁଷ୍ମାନର ଟେଲି ମେଡିସିନ ସେବା ବିଷୟରେ ନେଇ ସିଧାସଳଖ କଥା ହୋଇଛନ୍ତି। ୪ ମିନିଟ ଧରି ମନ୍ତ୍ରୀ ଟେଲି ମେଡିସିନ ସେବା କିପରି ଚାଲିଛି, ସାଧାରଣ ଲୋକମାନେ କିପରି ଏହି ସେବା ପାଉଛନ୍ତି, ଏହି ଯୋଜନାରେ କିପରି ଲୋକମାନେ ଔଷଧ ପାଉଛନ୍ତି ଭଳି ଅନେକ ଉତ୍ତର ପଚାରି ବୁଝିଥିଲେ। ସୁସ୍ଥ ହୋଇ ଥିବା ଏହି ରୋଗୀ ଆଦଶ୍ୟା ପ୍ରଧାନଙ୍କ ସମସ୍ତ ପ୍ରକାରର ସେବା କିପରି ପାଇଲେ ସେ ସମ୍ପର୍କରେ ମନ୍ତ୍ରୀ ପଚାରି ବୁଝିଥିଲେ। ଟେଲିମେଡିସିନ ଯୋଗୁ ଆଦ୍ୟାଶା ସଫଳ ଚିକିତ୍ସା ପାଇଥିବାରୁ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେବା ସହିତ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱାସ୍ଥ୍ୟ ଅଧିକାରୀ ଡ.ଜସ୍ମିନ ଆପ୍ରୋଜଙ୍କ କାର୍ଯ୍ୟ ଦକ୍ଷତାକୁ ପ୍ରଶଂସା କରିଥିଲେ। ୨୦୧୯ରେ କେନ୍ଦ୍ର ସରକାରଙ୍କ ଦ୍ୱାରା ଆୟୁଷ୍ମାନ ଯୋଜନା ଆରମ୍ଭ ହୋଇଥିବା ବେଳେ ୨୦୨୧ରେ କେନ୍ଦ୍ର ଇ-ସଞ୍ଜୀବିନୀ ଯୋଜନା ବା ଟେଲି ମେଡିସିନ ସେବା ଆରମ୍ଭ କରାଯାଇଥିଲା। କେନ୍ଦ୍ର ସରକାରଙ୍କ ଏହି ଯୋଜନାର ୪ର୍ଥ ବର୍ଷ ଅବସରରେ ଶନିବାର କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଦେଶର ୮ଟି ରାଜ୍ୟ ଏହି ସେବା ଯୋଜନାରେ ସଫଳତା ହାସଲ କରିଥିବା ବେଳେ ଓଡ଼ିଶାର ପୁରୀ ଜିଲାର ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ନାଗପୁର, ନୟାହାଟ, ଛଇତନା, ବଡତରା ଆରୋଗ୍ୟ ସେବା କେନ୍ଦ୍ର ସଫଳତା ହାସଲ କରିଥିଲେ। ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡ. ଜସ୍ମିନ ଆପ୍ରୋଜ କେନ୍ଦ୍ର ସରକାରଙ୍କ ଏହି ଯୋଜନା କିପରି ସାଧାରଣ ଗରିବ ଲୋକଙ୍କ ନିକଟରେ ପହଞ୍ଚିପାରିବେ ଓ ସାଧାରଣ ଲୋକମାନେ ଏହାର ସୁଫଳ ପାଇବେ ସେ ସମ୍ପର୍କରେ ଉଦ୍ୟମ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସୁଦାମ ଚରଣ ମହାରଣା, ଲଳିତ ମୋହନ ସାହୁ, ସୌଭାଗିନୀ ସାହୁ, ସୁଶାନ୍ତ ରାଉତ, ରାଜେଶ ପାଇକରାୟ, ମନୋରଞ୍ଜନ ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ।

## ଅଣ୍ଡରା-ଇଚ୍ଛାପୁରରେ ପିଇବା ପାଣି ସମସ୍ୟା ସୁଧୁରିଲା

ଗୋପ,୧୬।୪(ଡି.ଏନ.ଏ.)

ଗୋପ ବ୍ଲକ ଉପାଧ୍ୟକ୍ଷ ବନରଞ୍ଜନ ପଟ୍ଟନାୟକ ଅଣ୍ଡରା-ଇଚ୍ଛାପୁର ପଞ୍ଚାୟତର ସରପଞ୍ଚ ମିନା କୁମାରୀ ମହାନ୍ତିଙ୍କ ତତ୍ତ୍ୱାବଧାନରେ ବସୁଧା ଯୋଜନାରେ ଏକ କୋଟି ୬୮ଲକ୍ଷ ଟଙ୍କା ବ୍ୟୟରେ ପିଇବା ପାଣି ପ୍ରକଳ୍ପକୁ ଶନିବାର ସାଧାରଣ ଲୋକଙ୍କ ଉଦ୍ଦେଶ୍ୟରେ ଲୋକାର୍ପିତ କରିଛନ୍ତି। ଫଳରେ ଦୀର୍ଘଦିନ ଧରି ଏହି ପଞ୍ଚାୟତରେ ଲାଗିଥିବା ପିଇବା ପାଣି ସମସ୍ୟାର ସମାଧାନ ହୋଇପାରିଛି। ଅଣ୍ଡରା-ଇଚ୍ଛାପୁର ପଞ୍ଚାୟତରେ ପିଇବା ପାଣି ସମସ୍ୟା ଥିବାରୁ ପଞ୍ଚାୟତବାସୀ ଗାଡ଼ିଆ, ପୋଖରୀ ପାଣି ପିଉଥିବା ଭଳି ଅଭିଯୋଗ ହେଉଥିଲା। ଏପରି ଅବସ୍ଥା ସୃଷ୍ଟି ହେବା ସହିତ ପ୍ରତ୍ୟେକ ବର୍ଷ ଖରାଦିନରେ ଲୋକେ ପିଇବା ପାଣି ଲାଗି ନାନା ଅସୁବିଧା ଭୋଗୁଥିବାରୁ ସ୍ଥାନୀୟ ସାମାଜିକ କର୍ମୀ ଜିତେନ୍ଦ୍ର ମହାନ୍ତି ନିଜସ୍ୱ ଖର୍ଚ୍ଚରେ ୩ଟି ପମ୍ପ ବସାଇ ପିଇବା ପାଣି ଯୋଗାଇ ଦେଇଥିଲେ। ଏହି ସମସ୍ୟାକୁ ଦୃଷ୍ଟିରେ ରଖି ଗତବର୍ଷ ରାଜ୍ୟ ସରକାରଙ୍କ ଦ୍ୱାରା ବସୁଧା ଯୋଜନାରେ ୧ କୋଟି ୬୮ ଲକ୍ଷ ଟଙ୍କାରେ ପିଇବା ପାଣି ପ୍ରକଳ୍ପକୁ ଗଣଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାଶ ଶିଳାନ୍ୟାସ କରିଥିଲେ। ଏହି ପଞ୍ଚାୟତରେ ଥିବା ୧୫ଟି ଗାଁକୁ ଜଳ ପରିମଳ ବିଭାଗ ଦ୍ୱାରା ଟେଣ୍ଡର ନେଇଥିବା ଠିକାଦାର ପାଇପ ବସାଇ କାର୍ଯ୍ୟ ସାରିଥିଲେ। ପ୍ରାୟ ୮୦ ଭାଗ କାର୍ଯ୍ୟ ଶେଷ ହେବା ପରେ ଶନିବାର ସାଧାରଣ ଲୋକଙ୍କ ଦାବି ସହିତ ଗ୍ରୀଷ୍ମପ୍ରବାହରେ ପିଇବା ପାଣିର ଆବଶ୍ୟକ ଥିବାରୁ ଶେଷରେ ବ୍ଲକ ଉପାଧ୍ୟକ୍ଷ ପଟ୍ଟନାୟକ, ସରପଞ୍ଚ ମହାନ୍ତି ବସୁଧା ଯୋଜନାରେ ଥିବା ଏହି ପିଇବା ପାଣି ପ୍ରକଳ୍ପକୁ ଲୋକାର୍ପିତ କରିଥିଲେ।

# ସାହିଯାତରେ ଲଙ୍କାପୋଡ଼ି ନୀତି ସମ୍ପନ୍ନ

**ରାବଣ, ହନୁମାନ ବେଶରେ ସାହି ପରିକ୍ରମା**

ପୁରୀ ଅଫିସ,୧୬।୪

ଚୈତ୍ରମାସ ପୂର୍ଣ୍ଣିମା ତିଥି ଅବସରରେ ଶ୍ରୀମନ୍ଦିର ପରମ୍ପରା ଅନୁଯାୟୀ ସାହିଯାତର କ୍ରମଅନୁସାରେ ଦୋଳମଣ୍ଡପ ସାହି ଜହ୍ନି ମୁଣ୍ଡିଆ ଆଖଡ଼ା ପକ୍ଷରୁ ଲଙ୍କାଦହନ ନୀତି ସମ୍ପନ୍ନ ହୋଇଛି। ଶନିବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ସନ୍ଧ୍ୟା ଧୂପ ସମ୍ପନ୍ନ ହେବା ପରେ ଦକ୍ଷିଣୀ ଘରୁ ଶ୍ରୀରାମଚନ୍ଦ୍ର ଏବଂ ଲକ୍ଷ୍ମଣଙ୍କ ପ୍ରତିମୂର୍ତ୍ତିକୁ ମହାଜନ ସେବକମାନେ ଭିତରକୁ ବିଜେ କରି ରତ୍ନସିଂହାସନ ପାଖକୁ ନେଇଥିଲେ। ପାଳିଆ ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କଠାରୁ ଆଜ୍ଞାମାଳ ଆଣି ଚଳନ୍ତି ପ୍ରତିମା ଶ୍ରୀରାମ ଓ ଲକ୍ଷ୍ମଣଙ୍କୁ ପ୍ରଦାନ କରିଥିଲେ। ପରେ ମହାଜନ ସେବକ ଠାକୁରଙ୍କୁ ନେଇ ମୁକ୍ତିମଣ୍ଡପ ନିକଟରେ ଥିବା ପାଲିଙ୍କିରେ ବିଜେ କରାଇଥିଲେ। ପରେ ସାହିଯାତ ନୀତି ନିମନ୍ତେ ଠାକୁର ପାଲିଙ୍କିରେ ଶ୍ରୀଜଗନ୍ନାଥ ବଲ୍ଲଭକୁ ନେଇ ମଠର ଖଟଶେଜ ଉପରକୁ ବିଜେ କରାଯାଇଥିଲା। ଦୋଳମଣ୍ଡପ ସାହି ଜହ୍ନି ମୁଣ୍ଡିଆ ଆଖଡା ପକ୍ଷରୁ ଲଙ୍କାପୋଡି ନୀତି ପ୍ରସ୍ତାବ ଆଗତ କରାଯାଇଥିଲା। ଦୋଳମଣ୍ଡପ ସାହି ଜହ୍ନି ମୁଣ୍ଡିଆ ଆଖଡାରୁ ରାବଣ ଏବଂ ହନୁମାନ ବେଶରେ ଦୁଇଜଣ ବ୍ୟକ୍ତି ସାହି ପରିକ୍ରମା କରି ଜଗନ୍ନାଥ ବଲ୍ଲଭ ମଠ ପରିସରରେ ପହଞ୍ଚିଥିଲେ। ପରେ ଉଭୟ ରାବଣ ଏବଂ ରାମ ଭୂମିକାରେ ନୀତି ସମ୍ପାଦନ କରିଥିଲେ। ନୀତି ସମ୍ପନ୍ନ ପରେ ଠାକୁରଙ୍କୁ ଶୀତଳ ଭୋଗ ମଣୋହି କରାଯିବା ପରେ ଠାକୁର ଶ୍ରୀମନ୍ଦିରକୁ ବାହୁଡା ବିଜେ କରିଥିଲେ। ଦୋଳମଣ୍ଡପ ସାହି ଆଖଡା ପକ୍ଷରୁ ସମସ୍ତ ନୀତି ସମ୍ପାଦନ କରାଯାଇଥିଲା। ସେହିପରି ଦୋଳମଣ୍ଡପ ସାହି ପକ୍ଷରୁ ଯାତ ବାହାରିଥିଲା। ଆଖଡା ପରିସରରେ ଥିବା ଜାଗା ବା ମେଳ ଯଥା ଯଦୁତିଆଡି ଜାଗା, ଚମ୍ପାଗଡ ଜାଗା, ବଜ୍ରଗଡ ଅମିନ ଜାଗା, ଜଗତ ପ୍ରତିହାରୀ ଜାଗା, ସୁଗ୍ରୀବଗଡ ନୂଆତୋଟା ଜାଗା ପ୍ରଭୃତିରୁ ଯାତ ବାହାରିଥିଲା। ଯୁବକମାନେ ନାଗାର୍ଜୁନ, ସପ୍ତଶିରା, ତ୍ରିଶାରା, ବିଭିନ୍ନ ପ୍ରକାର ମେଢ, ନାଗା ସହ ବିଭିନ୍ନ ପ୍ରକାର ସମରକଳା, ପ୍ରଦର୍ଶନ କରିଥିଲେ। ସୂଚନାଯୋଗ୍ୟ, ଶ୍ରୀମନ୍ଦିରରେ ରାମନବମୀଠାରୁ ଶ୍ରୀକ୍ଷେତ୍ରରେ ଆରମ୍ଭ ହୋଇଥିବା ସାହିଯାତ ରାମଅଭିଷେକ ନୀତିରେ ଶେଷ ହେବ।

## ମକ୍‌ଡ୍ରିଲ ଦ୍ୱାରା ଅଗ୍ନିସୁରକ୍ଷା ନେଇ ସଚେତନ

ପୁରୀ ଅଫିସ, ୧୬।୪

ଓଡ଼ିଶା ଅଗ୍ନିଶମ ବିଭାଗ ପକ୍ଷରୁ ଅଗ୍ନିଶମ ସେବା ସପ୍ତାହ ପାଳନ କରାଯାଉଛି। ପ୍ରତ୍ୟେକ ବର୍ଷ ଏପ୍ରିଲ ୧୪ରୁ ୨୦ତାରିଖ ପର୍ଯ୍ୟନ୍ତ ଏହି ଅଗ୍ନିଶମ ସେବା ସପ୍ତାହ ପାଳନ କରାଯାଇଥାଏ। ପୁରୀ ଅଗ୍ନିଶମ ବିଭାଗ ପକ୍ଷରୁ ଶନିବାର ବଡଦାଣ୍ଡରେ ଏକ ମଲରେ ମକ୍‌ଡ୍ରିଲ କରାଯାଇଛି। ଶ୍ରୀମନ୍ଦିର ଅଗ୍ନିଶମ କେନ୍ଦ୍ର ଓ ପୁରୀ ଅଗ୍ନିଶମ କର୍ମଚାରୀଙ୍କ ମିଳିତ ଉଦ୍ୟମରେ ବଡ଼ଦାଣ୍ଡରେ ଥିବା ଏକ ମଲରେ ମକ୍‌ଡ୍ରିଲ୍ କରାଯାଇଥିଲା। ଅଗ୍ନିଶମ ଅଧିକାରୀ ପ୍ରଦୀପ କୁମାର ରାଉତ ଅଗ୍ନିସେବା ସପ୍ତାହ ପାଳନ ମାଧ୍ୟମରେ ଜନ ସାଧାରଣଙ୍କୁ ସଚେତନତା କରିଥିଲେ। ଜନସାଧାରଣ ପ୍ରାରମ୍ଭିକ ଅବସ୍ଥାରେ ଯେପରି ନିଆଁକୁ ଆୟତ୍ତ କରିପାରିବେ ଏବଂ ଅନ୍ୟର ଜୀବନକୁ ମଧ୍ୟ ରକ୍ଷା କରିପାରିବେ ସେ ସମ୍ପର୍କରେ ସଚେତନତା କରାଯାଉଛି। ସେହିଭଳି ବିଭିନ୍ନ ମଲଗୁଡିକରେ ଅଗ୍ନି ନିର୍ବାପକ ଯନ୍ତ୍ର ଅଛି କି ନାହିଁ, କଣ କଣ ରହିଛି ଏବଂ ନିଆଁ ଲାଗିଲେ ନିଆଁକୁ ନିକଟରେ ଥିବା ବସ୍ତୁ ସାହାଯ୍ୟରେ କିପରି ଅଗ୍ନିକୁ ଆୟତ୍ତ କରିପାରିବେ ସେ ସମ୍ପର୍କରେ ଅଧିକାରୀ ଏବଂ କର୍ମଚାରୀମାନଙ୍କୁ ସୂଚନା ଦେବା ସହ ସଚେତନତା କରିଥିଲେ। ସେହିପରି ମଲଗୁଡିକର ଏକଜିଟ୍ ପଏଣ୍ଟଗୁଡିକ ଖୋଲା ରଖିବାକୁ ମଲର କର୍ମଚାରୀଙ୍କୁ ପରାମର୍ଶ ଦେଇଥିଲେ। ଆଗକୁ ମେଡିକାଲ ଏବଂ ଆଇଟିଆଇ ମହାବିଦ୍ୟାଳୟ ଏବଂ ଅନ୍ୟାନ୍ୟ ସ୍ଥାନରେ ଅଗ୍ନିଶମ ବିଭାଗ ପକ୍ଷରୁ ସଚେତନା କରାଯିବା ସହ ମକଡ୍ରିଲ୍ କରାଯିବ ବୋଲି ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।



## ବିଦ୍ୟୁତ୍ ସେବାରେ ଆସିପାରୁନି ସୁଧାର

ଅସ୍ତରଙ୍ଗ, ୧୬।୪(ଡି.ଏନ୍.ଏ):

ନିମାପଡ଼ା-ଅସ୍ତରଙ୍ଗ ୩୩ କେଭି ବିଦ୍ୟୁତ୍ ସେବାରେ ସୁଧାର ଆସିପାରୁନାହିଁ। ଫଳରେ ଦୀର୍ଘବର୍ଷ ହେଲା ନିରନ୍ତର ବିଦ୍ୟୁତ ସେବାରୁ ନିମାପଡ଼ା, ଚାରିଛକ, ନୟାହାଟ, ଗୋପ, କାକଟପୁର ଏବଂ ଅସ୍ତରଙ୍ଗ ଅଞ୍ଚଳବାସୀ ବଞ୍ଚିତ ହେଉଛନ୍ତି। ବାରମ୍ବାର କର୍ତ୍ତୃପକ୍ଷଙ୍କୁ ଅଭିଯୋଗ ଜଣାଇ ଓ ଆନ୍ଦୋଳନ କରି ମଧ୍ୟ ଉପଭୋକ୍ତାମାନେ ସୁଫଳ ପାଇପାରୁ ନାହାନ୍ତି। ପ୍ରତ୍ୟେକ ମାସରେ ୪ଥର ମରାମତି କାର୍ଯ୍ୟ ପାଇଁ ସକାଳ ୮ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ବିଦ୍ୟୁତ୍ କାଟ କରାଯାଉଛି। ତଥାପି ୩୩ କେଭି ବିଦ୍ୟୁତ ସେବାରେ ଆଜି ପର୍ଯ୍ୟନ୍ତ ସୁଧାର ଆସିପାରୁନାହିଁ। ବର୍ଷାଋତୁ ଆସିଲେ ସେବା ମିଳିବା କଷ୍ଟକର ହୋଇପଡ଼େ। ପବନରେ ଗଛ ହଲିଲେ, ଘଡ଼ଘଡ଼ି କିମ୍ବା ବିଜୁଳି ମାରିଲେ ବିଦ୍ୟୁତ କାଟ କରାଯାଏ। ଏପରିକି କୌଣସି କାରଣରୁ ତାର ଛିଡ଼ିଗଲେ କିମ୍ବା ଯନ୍ତ୍ରାଂଶ ପୋଡ଼ିଗଲେ ମାସ ମାସ ଧରି ଅନ୍ଧାରରେ ରହିବାକୁ ପଡ଼େ। ସନ୍ଧ୍ୟାରେ ପିଲାମାନେ ପାଠ ପଢିବାରେ ଅସୁବିଧା ଭୋଗନ୍ତି। ସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ ପ୍ରଭୃତି କ୍ଷେତ୍ରରେ କାର୍ଯ୍ୟ ନେଇ ହଇରାଣ ହେବାକୁ ପଡ଼େ। ପାଇପ୍ ଯୋଗେ ପାନୀୟଜଳ ଯୋଗାଣ ମଧ୍ୟ ବ୍ୟାହତ ହୋଇଥାଏ। ମାତ୍ର ଏଥିପ୍ରତି ବିଭାଗୀୟ କର୍ତ୍ତୃପକ୍ଷଙ୍କ ନଜର ପଡ଼େ ନାହିଁ। ବୁଧବାର ଓ ଗୁରୁବାର ଦୁଇ ଦିନ ଧରି ୩୩ କେଭି ବିଦ୍ୟୁତ ସେବା ଗୁରୁତର ଭାବେ ପ୍ରଭାବିତ ହୋଇଛି। ଅଞ୍ଚଳବାସୀ ହଇରାଣ ହେଉଥିଲେ ମଧ୍ୟ ବିଭାଗୀୟ କର୍ତ୍ତୃପକ୍ଷ ଚୁପ୍ ବସିଛନ୍ତି। ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ତୁଷାରକାନ୍ତି ବେହେରା ଓ ପୁରୀ ଜିଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ ପ୍ରମୁଖ ଏହି ସମସ୍ୟା ଦୂର ଲାଗି ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

## ଏସ୍‌ଆର ବ୍ରଦର୍ସଙ୍କୁ ହରାଇ ମାହି ୱାରିୟର୍ସ ଚାମ୍ପିୟନ

**ଇନ୍ଦିପୁର କ୍ରିକେଟ ପ୍ରିମିୟର ଲିଗ୍ ଉଦ୍‌ଯାପିତ**

କଣାସ, ୧୬।୪(ସ୍ୱ.ପ୍ର.)

କଣାସର ମା' କ୍ଷେତ୍ରପାଳୀ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଇନ୍ଦିପୁର ଖେଳପଡ଼ିଆରେ ଚାଲିଥିବା ତୃତୀୟ ବାର୍ଷିକ ଇନ୍ଦିପୁର କ୍ରିକେଟ ପ୍ରିମିୟର ଲିଗ୍ ମ୍ୟାଚ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଏସ୍‌ଆର୍ ବ୍ରଦର୍ସକୁ ହରାଇ ମାହି ୱାରିୟର୍ସ ଚାମ୍ପିୟନ ହୋଇଛି। ମାହି ୱାରିୟର୍ସ ଟସ୍ ଜିତି ପ୍ରଥମେ ଫିଲ୍ଡିଂ କରିଥିବାବେଳେ ଏସ୍‌ଆର ବ୍ରଦର୍ସ ବ୍ୟାଟିଂ କରି ୧୨ ଓଭର ଖେଳି ୫ ଉଇକେଟ ହରାଇ ୯୧ ରନ କରିଥିଲା। ଜବାବରେ ମାହି ୱାରିୟର୍ସ ୧୧.୩ ଓଭରରେ ୪ ଉଇକେଟ ହରାଇ ୯୨ ରନ କରି ଚାମ୍ପିୟନ ହୋଇଥିଲା। ମାନସ ବାରିକ ୨୦ ବଲରେ ୩୬ ରନ କରିବା ସହିତ ଗୋଟିଏ ଉଇକେଟ ନେଇଥିବାରୁ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲା। ସୁକାନ୍ତ ଜେନା ଟୁର୍ନାମେଣ୍ଟରେ ୨୨ ଉଇକେଟ ନେବା ସହିତ ବ୍ୟକ୍ତିଗତ ଭାବେ ୨୬୦ ରନ କରିଥିବାରୁ ମ୍ୟାନ ଅଫ ଦ ସିରିଜ ବିବେଚିତ ହୋଇଥିଲେ। ପ୍ରସାଦ କୁମାର ପରିଡା ଟର୍ନାମେଣ୍ଟରେ ବ୍ୟକ୍ତିଗତ ଭାବେ ୩୮୦ ରନ କରି ବେଷ୍ଟ ବ୍ୟାଟ୍ସମ୍ୟାନ ଓ ସୁକାନ୍ତ ଜେନା ୨୨ଟି ଉଇକେଟ ନେଇଥିବାରୁ ବେଷ୍ଟ ବୋଲର ଭାବେ ପୁରସ୍କୃତ ହୋଇଥିଲେ। ପୁରସ୍କାର ବିତରଣ ଉତ୍ସବରେ ସାମାଜିକ କର୍ମୀ ରାଧାମୋହନ ପଟ୍ଟନାୟକ, ପୂର୍ବତନ ସମିତିସଭ୍ୟ ନିରଞ୍ଜନ ଜେନା, ସରପଞ୍ଚ କାଳିଆ ସେନାପତି ଯୋଗଦେଇ ଚାମ୍ପିୟନ ଦଳକୁ ଟ୍ରଫି ସହିତ ୮୫ ହଜାର ଟଙ୍କା ଏବଂ ରନର୍ସଅପ ଦଳକୁ ରନର୍ସ ଅପ ଟ୍ରଫି ସହିତ ୭୫ ହଜାର ଟଙ୍କା ପ୍ରଦାନ କରିଥିଲେ। ଜଗଦୀଶ ଜେନା ଓ ସୁଶାନ୍ତ ନନ୍ଦ ଖେଳ ପରିଚାଳନା କରିଥିଲେ।

# 'ଯୁବପିଢ଼ି ଶାସ୍ତ୍ରୀୟ ସଙ୍ଗୀତର ଅନୁରାଗୀ ହୁଅନ୍ତୁ'

**ଅଷ୍ଟମ ବାର୍ଷିକ ଗୁରୁକୁଳ ଉତ୍ସବ ଉଦ୍‌ଘାଟିତ**

ସାକ୍ଷୀଗୋପାଳ,୧୬।୪(ଡି.ଏନ୍.ଏ.)

ସଂସ୍କୃତି ସମ୍ପନ୍ନ ସତ୍ୟବାଦୀରେ ଗ୍ରାମୀଣ ପରିବେଶରେ ଅବସ୍ଥିତ ରାମହରି ଦାସ ଓଡ଼ିଶୀ ଗୁରୁକୁଳ ମୁକ୍ତାକାଶ ରଙ୍ଗମଞ୍ଚରେ ୨ଦିନିଆ ଅଷ୍ଟମ ବାର୍ଷିକ ଗୁରୁକୁଳ ଉତ୍ସବ-୨୦୨୧ ଶନିବାର ଉଦ୍‌ଘାଟିତ ହୋଇଛି। ପ୍ରଥମ ସନ୍ଧ୍ୟାର ସମ୍ମାନିତ ଅତିଥି ଭାବେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ପ୍ରଫେସର ଗୁରୁ ଡ. ଜଗନ୍ନାଥ କୁଅଁର ଯୋଗଦେଇ ଶାସ୍ତ୍ରୀୟ ସଙ୍ଗୀତ ଶିକ୍ଷା ଓ ଆକର୍ଷଣୀୟ ପରିବେଷଣ ଦିଗରେ ଯୁବପିଢ଼ିମାନେ ଅନୁରାଗୀ ହେବାକୁ ପରାମର୍ଶ ଦେଇଥିଲେ। ପରେ ଗୁରୁକୁଳରେ ଶିକ୍ଷା ଲାଭ କରୁଥିବା ବିଭିନ୍ନ ବିଭାଗ ମଧ୍ୟରେ ଓଡ଼ିଶୀ କଣ୍ଠ ସଙ୍ଗୀତ, ମର୍ଦ୍ଦଳ ଓ ନୃତ୍ୟର ଛାତ୍ରୀଛାତ୍ରମାନେ ଗୁରୁ ଶ୍ରୀରାମହରି ଦାସଙ୍କ ତତ୍ତ୍ୱାବଧାନରେ ଓଡ଼ିଶୀ କଣ୍ଠ ସଙ୍ଗୀତ ବିଭାଗ ଦ୍ୱାରା ଓଡ଼ିଶୀ ରାଗାଙ୍ଗ, ଭାବାଙ୍ଗ, ଧ୍ରୁବପଦାଙ୍ଗ, ନାଟ୍ୟାଙ୍ଗ, ଜଣାଣ ଏବଂ ମହାପ୍ରଭୁ ଜଗନ୍ନାଥଙ୍କର ଚନ୍ଦନ ଚାପର ସଙ୍ଗୀତ ପରିବେଷଣ ଅତ୍ୟନ୍ତ ଉଚ୍ଚକୋଟୀର ହୋଇଥିଲା। ଗୁରୁ ଶ୍ରୀ ଧନେଶ୍ୱର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଓଡ଼ିଶୀ ମର୍ଦ୍ଦଳ ବିଭାଗ ଦ୍ୱାରା ବୃନ୍ଦ ମର୍ଦ୍ଦଳ ବାଦନରେ ଆଦିତାଳ ପରିବେଷଣ କରାଯାଇଥିଲା। ଏହି ତାଳରେ ଗୁରୁକୁଳର ଛାତ୍ରମାନେ ଧରଣ, ମୁଖ ଶ୍ରୀବାଦ୍ୟ ଅଳଙ୍କାର, ଅରସା, ଭଉଁରୀ ଅରସା, ଜାତି, ଘଣ୍ଟ ମର୍ଦ୍ଦଳ ପରିବେଷଣ କରିଥିଲେ। ବାଦ୍ୟ ସଂଯୋଜନା କରିଥିଲେ ଗୁରୁ ଧନେଶ୍ୱର ସ୍ୱାଇଁ। ଶେଷରେ ଗୁରୁ ନିରଞ୍ଜନ ରାଉତରାୟଙ୍କ ତତ୍ତ୍ୱାବଧାନରେ ଓଡ଼ିଶୀ ନୃତ୍ୟ ବିଭାଗର ଛାତ୍ରୀଛାତ୍ରଙ୍କ ଦ୍ୱାରା ମଙ୍ଗଳା ଚରଣରେ ଗଣେଶ ବନ୍ଦନା, ବସନ୍ତ ପଲ୍ଲବୀ, ଅଭିନୟରେ ନବଦୁର୍ଗା, ମୋକ୍ଷ ଓ ଲୋକନୃତ୍ୟ ଦର୍ଶକଙ୍କୁ ବେଶ୍ ଆକର୍ଷିତ କରିଥିଲା। ଡ.ଶ୍ରୀନିବାସ ଘଟୁଆରୀ ଉତ୍ସବ ପରିଚାଳନା କରିଥିଲେ ଏବଂ ଆଇନଜୀବୀ ଅଞ୍ଚଳ ହୋତା ସଂଯୋଜନା କରିଥିଲେ। ଗୁରୁକୁଳର ସମସ୍ତ ନ୍ୟାସୀ ଏବଂ ବରିଷ୍ଠ ଛାତ୍ରୀଛାତ୍ରମାନେ ସହଯୋଗ କରିଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ରାମହରି ଦାସ ଧନ୍ୟବାଦ ଦେଇଥିଲେ।



ରାମହରି ଦାସ ଓଡ଼ିଶୀ ଗୁରୁକୁଳରେ ଅଧ୍ୟୟନ କରୁଥିବା ଛାତ୍ରୀଛାତ୍ରମାନେ ସଙ୍ଗୀତ ପରିବେଷଣ କରୁଛନ୍ତି ।

## ୨ ସଡ଼କ ଦୁର୍ଘଟଣା, ୩ ଗୁରୁତର

ସାଲେପୁର, (ଡି.ଏନ୍.ଏ.)- କଟକ-ସାଲେପୁର ରାସ୍ତାରେ ୨ ପୃଥକ୍ ସଡ଼କ ଦୁର୍ଘଟଣା ଘଟି ୩ ଜଣ ଗୁରୁତର ହୋଇଛନ୍ତି। ସନ୍ଧ୍ୟା ସମୟରେ କଟକ-ସାଲେପୁର ରାସ୍ତାର କଟକ ସାହି ଛକ ନିକଟରେ ଏକ ଟ୍ରକ୍ ଧକ୍କାରେ ବାଇକ ଚାଳକ ଗୁରୁତର ହୋଇଛନ୍ତି। ସେ ହେଲେ କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ଅଞ୍ଚଳର ସତ୍ୟବ୍ରତ ରାଉତ(୨୫)। ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ସେହିପରି ଶିଶୁଆ ବଜାର ନିକଟରେ ୨ ବାଇକ୍ ମୁହାମୁହିଁ ଧକ୍କା ହୋଇଛି। ଏଥିରେ ଉଭୟ ଗାଡ଼ିର ଚାଳକ ଗୁରୁତର ହୋଇଛନ୍ତି। ସେମାନଙ୍କ ପରିଚୟ ମିଳି ପାରି ନଥିବା ବେଳେ ଉଭୟଙ୍କୁ ଉଦ୍ଧାର କରି କଟକ ବଡ଼ ଡାକ୍ତରଖାନା ପଠାଇ ଦିଆଯାଇଛି।

## ସଂକ୍ଷେପରେ

### ୪ ବଖରା ଜଳିଗଲା

ସାଲେପୁର, ୧୬।୪ (ଡି.ଏନ୍.ଏ.)- ସାଲେପୁର ବ୍ଲକ ଅନ୍ତର୍ଗତ ଓଡ଼ାସିଂହ ଗ୍ରାମରେ ଅଗ୍ନିକାଣ୍ଡ ଘଟି ଅନନ୍ତ କିଶୋର ମହାଲାଙ୍କ ୪ ବଖରା ଜଳିଯାଇଛି। ଅଗ୍ନିକାଣ୍ଡରେ ତାଙ୍କର ଧାନ, ଚାଉଳ, ମୁଗ ସମେତ ଲକ୍ଷାଧିକ ଟଙ୍କାର ଆସବାବପତ୍ର ପୋଡ଼ି ଯାଇଛି। ଏହାର ମୂଲ୍ୟ ୧ଲକ୍ଷରୁ ଊର୍ଦ୍ଧ୍ୱ ହେବ ଅନୁମାନ କରାଯାଉଛି। ବିଦ୍ୟୁତ୍ ଶର୍ଟ ସର୍କିଟରୁ ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି। ସାଲେପୁର ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ମାତ୍ର ସେତେବେଳକୁ ସବୁ ପୋଡ଼ି ଯାଇଥିଲା।

### କଲେଜରେ ଛାତ୍ରଙ୍କୁ ମରଣାନ୍ତକ ଆକ୍ରମଣ

ନରସିଂହପୁର, ୧୬।୪(ସ୍ୱ.ପ୍ର): ନରସିଂହପୁର ବ୍ଲକ କାନପୁର ଆଞ୍ଚଳିକ ମହାବିଦ୍ୟାଳୟର ଜଣେ ଛାତ୍ରଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି। ସେ ହେଲେ ମାନପୁର ଗ୍ରାମର ଶୁଭମ ପ୍ରଧାନ। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ କାନପୁର ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ପରିବାର ସଦସ୍ୟଙ୍କ ଅଭିଯୋଗ କ୍ରମେ ନରସିଂହପୁର ଥାନାରେ ମାମଲା (ନଂ.୭୦/୨୨) ରୁଜୁ ହୋଇଛି। ଶୁଭମ ଶନିବାର ସକାଳେ କଲେଜକୁ ପରୀକ୍ଷା ଦେବାକୁ ଯାଇଥିବାବେଳେ କୌଣସି ଘଟଣାକୁ ନେଇ ପୁରୁଣା ତାମେରା ଗ୍ରାମର ପପୁନି ନାୟକଙ୍କ ସମେତ ଆଉ କେତେଜଣ ତାଙ୍କୁ ଲୁହା ବେଲ୍ଛା ଓ ଠେଙ୍ଗାରେ ଶୁଭମ୍‌ଙ୍କୁ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ଶୁଭମ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଅଚେତ ହୋଇ ଯାଇଥିଲେ।

### 'ଗାନ୍ଧୀ ଚେତନାରୁ ନୂତନ ଚେତନା ଜନ୍ମ ନିଏ'

କଟକ ଅଫିସ,୧୬।୪

ମହାତ୍ମା ଗାନ୍ଧୀଙ୍କ ଓଡ଼ିଶା ଆଗମନର ଶହେବର୍ଷ ପୂର୍ତ୍ତି ଉପଲକ୍ଷେ କଟକ ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟ ପକ୍ଷରୁ ଶତବାର୍ଷିକ ଉତ୍ସବ ପାଳନ କରାଯାଇଛି। ଏହି ଅବସରରେ ମଧୁସୂଦନ ପ୍ରେକ୍ଷାଳୟରେ ଶନିବାର ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଗାନ୍ଧୀ ଶତବାର୍ଷିକ ସ୍ମୃତି ପରିଷଦ ଆନୁକୂଲ୍ୟରେ ଆୟୋଜିତ ଆଲୋଚନାଚକ୍ରରେ ଉଚ୍ଚଶିକ୍ଷା ମନ୍ତ୍ରୀ ଡ. ଅରୁଣ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ଗାନ୍ଧୀ ଚେତନାର ତିନୋଟି ଦିଗ ରହିଛି। ଯଥା ସମୟାନୁବର୍ତ୍ତିତା, ସରଳତା ଓ ସାମାଜିକ ଦାୟିତ୍ୱବୋଧତା। ଏହି ଚେତନାକୁ ଏକ ସୂତ୍ର ରୂପେ ପ୍ରତିପାଦିତ କଲେ ନୂତନ ଚେତନା ଜନ୍ମଗ୍ରହଣ କରିଥାଏ ବୋଲି ସେ କହିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବରେ ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟ ଯୋଗଦେଇଥିଲେ। ଅଧକ୍ଷା ପ୍ରଫେସର ସୁରେଖା ସୁନ୍ଦରୀ ସ୍ୱାଇଁ ଏହି ଐତିହାସିକ ଶିକ୍ଷାନୁଷ୍ଠାନକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ପ୍ରଦାନ ନିମନ୍ତେ ପ୍ରସ୍ତାବ ଉପସ୍ଥାପନ କରିଥିଲେ। ସିଏମ୍‌ସି ମେୟର ସୁବାସ ସିଂ ଏହି ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦେବା ନିମନ୍ତ ପଦକ୍ଷେପ ନେବେ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ସିଏମ୍‌ସି ଡେପୁଟି ମେୟର ଦମୟନ୍ତୀ ମାଝୀ, ଡ. ଦୀପ୍ତି ପଣ୍ଡା, ଚାରୁବାଳା ପାଣି, ଡ. ଯାମିନୀ ରଞ୍ଜନ ବିଶ୍ୱାଳ ପ୍ରମୁଖ ଉପସ୍ଥିତଥିଲେ। ଏହି ଅବସରରେ ମନ୍ତ୍ରୀ ବିଜ୍ଞାନ ଭବନ, ପରୀକ୍ଷା ନିୟନ୍ତ୍ରକ ଭବନ, ବିଜ୍ଞାନ ବିଭାଗ ଶୈକ୍ଷିକ ସଦନ ଉଦ୍‌ଘାଟନ କରିଥିଲେ।

# କ୍ୟାପିଟାଲ ରିଜନ୍ ରିଂରୋଡ୍ ପାଇଁ ଜମି ଅଧିଗ୍ରହଣ ନିର୍ଦ୍ଦେଶ

କଟକ ଅଫିସ, ୧୬।୪

**ଆର୍‌ଡିସିଙ୍କ ସମୀକ୍ଷା ବୈଠକ**

- କ୍ଷତିଗ୍ରସ୍ତ ଜମି ମାଲିକଙ୍କୁ ତୁରନ୍ତ କ୍ଷତିପୂରଣ ଦିଅ
- ଯୁଗ୍ମ ବୈଠକରେ ରେଳପଥ ଜମି ଅଧିଗ୍ରହଣ ମାମଲା ଫଇସଲା ହେଉ

କେନ୍ଦ୍ରାଞ୍ଚଳ ରାଜସ୍ୱ ଜିଲାଗୁଡ଼ିକରେ ଚାଲୁ ରହିଥିବା ବିଭିନ୍ନ ଜାତୀୟ ରାଜପଥ, ରେଳବାଇ ଓ ଜଳସେଚନ ପ୍ରକଳ୍ପଗୁଡ଼ିକ ନିମନ୍ତେ ଜମି ଅଧିଗ୍ରହଣ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ (ଆର୍‌ଡିସି) ସୁରେଶ ଚନ୍ଦ୍ର ଦଳାଇ କହିଛନ୍ତି। ଏଥିସହ କ୍ଷତିଗ୍ରସ୍ତ ଜମି ମାଲିକମାନଙ୍କୁ ତୁରନ୍ତ କ୍ଷତିପୂରଣ ପ୍ରଦାନ କରିବାକୁ ରାଜସ୍ୱ ଅଧିକାରୀମାନଙ୍କୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଜମି ଅଧିଗ୍ରହଣ କାର୍ଯ୍ୟ ତ୍ୱରିତ କରିବା ପାଇଁ ଭର୍ଚୁଆଲ ମାଧ୍ୟମରେ ଶନିବାର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଆର୍‌ଡିସି ଦଳାଇ ଯୋଗଦେଇ ଜାତୀୟ ରାଜପଥ-୫୭ର ଜମି ଅଧିଗ୍ରହଣ ଓ କ୍ଷତିପୂରଣ ପ୍ରଦାନ କାର୍ଯ୍ୟ ଆସନ୍ତା ୪ ଦିନ ମଧ୍ୟରେ ଶେଷ କରିବାକୁ ଖୋର୍ଦ୍ଧା ଅତିରିକ୍ତ ଜିଲାପାଳ ଓ ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀଙ୍କୁ କହିଥିଲେ। ସେହିପରି କ୍ୟାପିଟାଲ ରିଜନ୍ ରିଂ ରୋଡ୍ ପାଇଁ ଜମି ଅଧିଗ୍ରହଣ ନିମନ୍ତେ ପ୍ରାଥମିକତା ଦେବାକୁ ପୁରୀ, କଟକ ଓ ଖୋର୍ଦ୍ଧା ଅତିରିକ୍ତ ଜିଲାପାଳମାନଙ୍କୁ ଆର୍‌ଡିସି ନିର୍ଦ୍ଦେଶ ଦେଇଥିଲେ। ଏଥିସହ ୧ ସପ୍ତାହ ମଧ୍ୟରେ ସର୍ଭିସ୍ ରୋଡ୍ ପାଇଁ ଜମି ଅଧିଗ୍ରହଣ କାର୍ଯ୍ୟ କରିବାକୁ ଭଦ୍ରକ ଅତିରିକ୍ତ ଜିଲାପାଳ ଓ ତହସିଲଦାରଙ୍କୁ କହିଥିଲେ। ବାକିଥିବା ୧୭ଟି ମାମଲା ଶୀଘ୍ର ଫଇସଲା କରିବାକୁ ଯଶୀପୁର ତହସିଲଦାରଙ୍କୁ କହିଥିଲେ। ସେହିପରି ଯୁଗ୍ମ ବୈଠକ କରି ବିବାଦୀୟ ରେଳପଥ ଜମି ଅଧିଗ୍ରହଣ ମାମଲାର ଫଇସଲା କରିବାକୁ ଟାଙ୍ଗୀ-ଚୌଦ୍ୱାର ତହସିଲଦାରଙ୍କୁ ପରାମର୍ଶ ଦେଇଥିଲେ। ଯାଜପୁର ଜିଲା ଦର୍ପଣ ତହସିଲ ଅନ୍ତର୍ଗତ ବାଘୁଆ ଓ ମୂଳିଝର ଜମି ଅଧିଗ୍ରହଣ ମାମଲା ଏକ ସପ୍ତାହରେ ଏବଂ ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ୧୮ଟି ମାମଲା ମେ' ୧୫ ଓ ଆନନ୍ଦପୁର ବ୍ୟାରେଜ୍ ପ୍ରକଳ୍ପ ସମ୍ପର୍କିତ ମାମଲା ମେ' ୩ ମଧ୍ୟରେ ଶେଷ କରିବାକୁ ଆର୍‌ଡିସି ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ବୈଠକରେ କୋଣାର୍କ- ନୂଆଗାଁ-ପାରାଦୀପ-ରତନପୁର ଜାତୀୟ ରାଜପଥ ଭାରତମାଳା ପ୍ରକଳ୍ପ, ଜାତୀୟ ରାଜପଥ-୫୫, କଟକ-ପାରାଦୀପ ରେଳଲାଇନ, ହରିଦାସପୁର-ପାରାଦୀପ ରେଳଲାଇନ, ହାଡୁଆ ଓ ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପ ଏବଂ ଦେଓ ଜଳସେଚନ ପ୍ରକଳ୍ପ ବିଷୟରେ ସମୀକ୍ଷା କରାଯାଇଥିଲା।

ସେହିପରି ଦୟାନଦୀ ଉପରେ ହାଇଲେଭଲ ପୋଲ ନିର୍ମାଣ, ଦୟାନଦୀର ଦକ୍ଷିଣପାର୍ଶ୍ୱ ବନ୍ଧରେ ୨ ଲେନ୍ ରାସ୍ତା ନିର୍ମାଣ, ଗଙ୍ଗୁଆ ନଦୀର ବାମପାର୍ଶ୍ୱ ବନ୍ଧରେ ଜାତୀୟ ରାଜପଥ-୩୧୬ରୁ କପିଳେଶ୍ୱର ପର୍ଯ୍ୟନ୍ତ ୨ ଲେନ୍ ରାସ୍ତା ନିର୍ମାଣ ପାଇଁ ଡିପିଆର୍ ପ୍ରସ୍ତୁତ କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଖୋର୍ଦ୍ଧା ବାଇପାସ୍, ନୟାଗଡ଼ ବାଇପାସ୍, ଜାତୀୟ ରାଜପଥ-୫୫ର କନ୍ଦରପୁରଠାରୁ ବାଲିକୁଦା ପର୍ଯ୍ୟନ୍ତ ପ୍ରକଳ୍ପ ସମ୍ପର୍କରେ ମଧ୍ୟ ସମୀକ୍ଷା କରାଯାଇଥିଲା। ସୂଚନାଯୋଗ୍ୟ, ଭୁବନେଶ୍ୱର ରାସ୍ତା ଓ ଗୃହ ନିର୍ମାଣ ଡିଭିଜନ-୫ ଦ୍ୱାରା ନାକା ଗେଟ୍ ଓ କାଟେନା ରାସ୍ତା ଉନ୍ନତୀକରଣ ନିମନ୍ତେ ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀଙ୍କ ନିକଟରେ ୨୧.୭୪ କୋଟି ଟଙ୍କା ଜମା କରାଯାଇଛି। ଏହି ବୈଠକରେ ଆର୍‌ଡିସିଙ୍କ ସଚିବ ଧନଞ୍ଜୟ ହେମ୍ବ୍ରମ୍, ଅତିରିକ୍ତ ସଚିବ ବିବେକାନନ୍ଦ ସାହୁ, ବିଭିନ୍ନ ଜିଲାର ଅତିରିକ୍ତ ଜିଲାପାଳ, ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ ଓ ତହସିଲଦାର ପ୍ରମୁଖ ଉପସ୍ଥିତ ଥିଲେ।

## ଶ୍ରୀସନ୍ନ୍ୟାସୀ ଜୀଙ୍କୁ ସଂସ୍କୃତି ସାରଥି ସମ୍ମାନ



ଉତ୍ସବରେ ଶ୍ରୀସନ୍ନ୍ୟାସୀଙ୍କୁ ସଂସ୍କୃତି ସାରଥି ସମ୍ମାନ ପ୍ରଦାନ କରାଯାଉଛି।

କଟକ ଅଫିସ, ୧୬।୪

ରାଜ୍ୟ କଳା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ (ସ୍କାର୍ଟ) ଦ୍ୱାରା ଓଡ଼ିଶାର ବିଶିଷ୍ଟ ଆଧ୍ୟାତ୍ମିକ ସ୍ତମ୍ଭକାର, ବାଗ୍ମୀ, ପ୍ରବକ୍ତା ତଥା ଆଧ୍ୟାତ୍ମିକ ପତ୍ରିକା 'ଦିବ୍ୟାଲୋକ ସନ୍ଧାନେ'ର ସମ୍ପାଦକ ଶ୍ରୀସନ୍ନ୍ୟାସୀ ଜୀଙ୍କୁ ରାଜ୍ୟସ୍ତରୀୟ 'ସଂସ୍କୃତି ସାରଥି' ସମ୍ମାନରେ ସମ୍ମାନିତ କରାଯାଇଛି। କଟକ ଟାଉନ ହଲ୍‌ଠାରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ଉତ୍ସବରେ ପୂର୍ବତନ ଏମ୍‌ପି ଡ. ପ୍ରସନ୍ନ ପାଟଶାଣୀ, ବିଶ୍ୱଦେବ ସମାଜର ଅଧ୍ୟକ୍ଷ ପ୍ରଶାନ୍ତ କୁମାର କର, ପ୍ରଫେସର ଡା. ଗୋପାଳ ଚନ୍ଦ୍ର କର, ବରିଷ୍ଠ ଆଇନଜୀବୀ ପ୍ରଦୀପ ଶତପଥୀ, କେନ୍ଦ୍ର ଉତ୍କଳ ସମ୍ମିଳନୀର ସାଧାରଣ ସମ୍ପାଦକ ବଂଶୀମୋହନ ଶତପଥୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଶ୍ରୀସନ୍ନ୍ୟାସୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପେସାରେ ଇଞ୍ଜିନିୟର ଥିବା ଶ୍ରୀସନ୍ନ୍ୟାସୀ ନିଜ ଓଜସ୍ୱିନୀ ବକ୍ତବ୍ୟ ଦ୍ୱାରା ସମାଜରେ ନୀତି ଆଦର୍ଶକୁ ବଜାୟ ରଖିବା ପାଇଁ ଚେଷ୍ଟିତ ଥିବା ବେଳେ ଦୈନିକ ଖବରକାଗଜରେ ଆଧ୍ୟାତ୍ମିକ ସ୍ତମ୍ଭମାନ ଲେଖି ପାଠକୀୟ ଆଦୃତି ଲାଭ କରିପାରିଛନ୍ତି।

## 'ଜାତି ଆଗକୁ ବଢ଼ିବାରେ ସଂସ୍କୃତିର ଭୂମିକା ଗୁରୁତ୍ୱପୂର୍ଣ୍ଣ'



କାର୍ଯ୍ୟକ୍ରମରେ ଓଡ଼ିଶୀ ନୃତ୍ୟଗୁରୁ ଇଲିୟାନା ଚିତାରିସ୍ତିଙ୍କୁ ବୈଶାଖୀ ସମ୍ମାନ ପ୍ରଦାନ କରାଯାଉଛି।

କଟକ ଅଫିସ, ୧୬।୪

ଜାତି ଆଗକୁ ବଢ଼ିବାରେ ସାହିତ୍ୟ ଓ ସଂସ୍କୃତିର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏଣୁ ସଂସ୍କୃତି ପ୍ରତି ଅବହେଳା କରି ଜାତି ଆଗକୁ ବଢ଼ିପାରିବ ନାହିଁ ବୋଲି ଆଧ୍ୟାତ୍ମିକ ମାର୍ଗଦର୍ଶକ ପଦ୍ମଶ୍ରୀ ବାବା ବଳିଆ କହିଛନ୍ତି। ଆମ ସଂସ୍କୃତି ପକ୍ଷରୁ ଓଡ଼ିଆ ନବବର୍ଷ ଉତ୍ସବ ଓ ବୈଶାଖୀ ସମ୍ମାନ ପ୍ରଦାନ ସମାରୋହ କଟକ ଶତାବ୍ଦୀ ଭବନଠାରେ ଶନିବାର ଅନୁଷ୍ଠିତ ହୋଇଥିଲା। ଏହାକୁ ବାବା ବଳିଆ ଉଦ୍‌ଘାଟନ କରି ସଂସ୍କୃତି ଓ ପରିବେଶ ସୁରକ୍ଷା ଉପରେ ଗୁରୁତ୍ୱ ଦେଇଥିଲେ। ସେହିପରି ମୁଖ୍ୟବକ୍ତା ଭାବେ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଅସିତ୍ ମହାନ୍ତି ଯୋଗଦେଇ କହିଥିଲେ, ବିଶ୍ୱରେ ଶ୍ରୀଜଗନ୍ନାଥ ସଂସ୍କୃତିର ବିଶେଷ ପରିଚୟ ରହିଛି। ତାହା ପ୍ରତ୍ୟେକ ଓଡ଼ିଆର ଶ୍ରେଷ୍ଠ ସନ୍ତକ ବୋଲି ସେ କହିଥିଲେ। ଏଥିରେ ବାବାଜି ସଦାନନ୍ଦ ଦାସ ଯୋଗଦେଇ ଶାନ୍ତି ଓ ସତ୍ୟର ମାର୍ଗ ସମସ୍ତଙ୍କ ପାଇଁ ପାଥେୟ ହେବା ଆବଶ୍ୟକ ବୋଲି କହିଥିଲେ। ଏହି ଅବସରରେ ବିଶିଷ୍ଟ ଓଡ଼ିଶୀ ନୃତ୍ୟଗୁରୁ ପଦ୍ମଶ୍ରୀ ଡ. ଇଲିୟାନା ଚିତାରିସ୍ତିଙ୍କୁ ବୈଶାଖୀ ସମ୍ମାନ ପ୍ରଦାନ କରାଯାଇଥିଲା। ସେହିପରି ଡା. ରବି ନାରାୟଣ ପଣ୍ଡାଙ୍କୁ ସଂସ୍କୃତି ରକ୍ଷକ ସମ୍ମାନ ଓ ଅଭିମନ୍ୟୁ ଦାସଙ୍କୁ ସେବା ସମ୍ମାନ ଦିଆଯାଇଥିଲା। ଅନୁଷ୍ଠାନର ଅଧ୍ୟକ୍ଷ ସୁକାନ୍ତ କୁମାର ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ସମ୍ପାଦକ ସଚ୍ଚିକାନ୍ତ ନାଥ ବିବରଣୀ ପାଠ, କୋଷାଧ୍ୟକ୍ଷ ଦେବେନ୍ଦ୍ର କୁମାର ସାହୁ ସ୍ୱାଗତ ଭାଷଣ ଓ ଉପାଧ୍ୟକ୍ଷ ଚିତ୍ତରଞ୍ଜନ ମହାପାତ୍ର ଧନ୍ୟବାଦ ଦେଇଥିଲେ।

## ବଡେ ଦିୱାନ ସାହେବଙ୍କ ଉର୍ସ ଉତ୍ସବ

କଟକ ସଦର,୧୬।୪(ଡି.ଏନ୍.ଏ.)

କଟକ ସଦର ବ୍ଲକ ଅନ୍ତର୍ଗତ ପରମହଂସ ପଞ୍ଚାୟତ ରଘୁନାଥପୁର ଗ୍ରାମରେ ବାବା ବଡେ ଦିୱାନ ସାହେବଙ୍କ ଉର୍ସ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବାବାଙ୍କଠାରେ ଚାଦର ପୋଷି ପରେ କୋରାନ ପାଠ କରାଯାଇଥିଲା। ଏହି ଉତ୍ସବରେ ପରମହଂସ, ରଘୁନାଥପୁର, ଦେଓପୁର, ରାଉତ୍ରାପୁର, ରାଜହଂସ ଅଞ୍ଚଳର ହିନ୍ଦୁ ଓ ମୁସ୍‌ଲିମ୍ ସମ୍ପ୍ରଦାୟର ଲୋକମାନେ ଯୋଗଦେଇଥିଲେ। ହାକିମ୍ ଖାନ୍, ସୁଲତାନ ଖାନ୍, ମହମ୍ମଦ ଇଦ୍ରିସ ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ।

## ମଧୁ ବାରିଷ୍ଟର ଆଇନଜୀବୀ ସଂଘ ପକ୍ଷରୁ ଡେପୁଟି ମେୟରଙ୍କୁ ସମ୍ବର୍ଦ୍ଧନା

କଟକ ଅଫିସ, ୧୬।୪

ମଧୁ ବାରିଷ୍ଟର ଆଇନଜୀବୀ ସଂଘ ପକ୍ଷରୁ ସିଏମ୍‌ସି ଡେପୁଟି ମେୟର ଦମୟନ୍ତୀ ମାଝିଙ୍କୁ କୋର୍ଟ ପରିସରରେ ଥିବା ମଧୁବାବୁଙ୍କ ପ୍ରତିମୂର୍ତ୍ତି ନିକଟରେ ଶନିବାର ସମ୍ବର୍ଦ୍ଧିତ କରାଯାଇଛି। ବସ୍ତିରେ ରହି ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ଏମ.କମ୍ ପଢୁଥିବା ମାଝି ସମସ୍ତଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି। ଏଥିସହିତ ଜଣେ ଉଚ୍ଚଶିକ୍ଷିତ ଛାତ୍ରୀଙ୍କୁ ଗୁରୁଦାୟିତ୍ୱ ଦିଆଯାଇଥିବାରୁ ସଂଘ ପକ୍ଷରୁ ଏହାକୁ ସ୍ୱାଗତ କରାଯିବା ସହିତ ତାଙ୍କର ଭବିଷ୍ୟତ କାର୍ଯ୍ୟଶୈଳୀ ନିମନ୍ତେ ଅଭିନନ୍ଦନ ଜ୍ଞାପନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସଂଘ ସଭାପତି ସଂଗ୍ରାମ କେଶରୀ ଦାସ, ସମ୍ପାଦକ ଗଗନ ବାରିକ, କୋଷାଧ୍ୟକ୍ଷ ମହେନ୍ଦ୍ର ସୁବୁଦ୍ଧି, ଉପଦେଷ୍ଟା ଶୁଭେନ୍ଦୁ ମହାନ୍ତି, ପୂର୍ବତନ କର୍ପୋରେଟର ନବକିଶୋର ସ୍ୱାଇଁ, ସଂଘର ସଦସ୍ୟ ପ୍ରକାଶ ମୁଦୁଲି, ନିରଞ୍ଜନ ବେହେରା, ରୋହିତ ରଞ୍ଜନ ସ୍ୱାଇଁ, ଜ୍ୟୋତିରଞ୍ଜନ ତ୍ରିପାଠୀ, ଶରତ ଚନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ବୃଦ୍ଧଙ୍କ ତଣ୍ଟି କାଟି ହତ୍ୟା ଉଦ୍ୟମ

### ଧାର ଟଙ୍କା ପାଇବାକୁ ଅନୁଗୋଳରୁ ନରସିଂହପୁର ଆସିଥିଲେ

ନରସିଂହପୁର,୧୬।୪(ସ୍ୱ.ପ୍ର.)

ଧାର ଦେଇଥିବା ଟଙ୍କା ମାଗିବାରୁ ଜଣେ ବୃଦ୍ଧଙ୍କୁ ତଣ୍ଟି କାଟି ହତ୍ୟା ଉଦ୍ୟମ କରାଯାଇଛି। ତାଙ୍କୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର କରାଯାଇ ମେଡିକାଲରେ ଭର୍ତ୍ତି କରାଯାଇଛି। ସେ ହେଲେ ଅନୁଗୋଳ ଜିଲା ତଲଗଡ଼ ଗ୍ରାମର ଉମେଶ ଦେହୁରୀ(୬୬)।

ସୂଚନା ଅନୁସାରେ, ଉମେଶଙ୍କଠାରୁ ତାଙ୍କ ଗ୍ରାମ ଅଞ୍ଚଳର ବୁଲୁ ନାମକ ଜଣେ ବ୍ୟକ୍ତି ୩୦ହଜାର ଟଙ୍କା ଧାର ନେଇଥିଲେ। ହେଲେ ଚୁକ୍ତି ଅନୁଯାୟୀ ବ୍ୟକ୍ତି ଜଣଙ୍କ ଧାର୍ଯ୍ୟ ସମୟ ମଧ୍ୟରେ ଟଙ୍କା ପରିଶୋଧ କରି ନ ଥିଲେ। ଆଜି କାଲି କହି ସମୟ ଗଡ଼ାଉଥିବା ବେଳେ ଉଭୟଙ୍କ ମଧ୍ୟରେ କଥା କଟା କଟି ହୋଇ ତିକ୍ତତା ସୃଷ୍ଟି ହୋଇଥିଲା। ଶନିବାର ସକାଳେ ଉମେଶ ଟଙ୍କା ପାଇବା ଆଶାରେ ସେହି ବ୍ୟକ୍ତିଙ୍କ ଘରକୁ ଯାଇଥିଲେ। ହେଲେ ସେ ଘରେ ନାହାନ୍ତି ନରସିଂହପୁର ବୁଢାବୁଢ଼ୀ ଘାଟି ମନ୍ଦିରକୁ ଯାଇଛନ୍ତି ବୋଲି ତାଙ୍କ ଘର ଲୋକ ଉମେଶଙ୍କୁ କହିଥିଲେ। ତେଣୁ ଟଙ୍କା ପାଇବା ନିଶାରେ ଉମେଶ ଅନୁଗୋଳରୁ ନରସିଂହପୁର ବୁଢାବୁଢ଼ୀ ଘାଟିକୁ ଆସିଥିଲେ। ତେବେ ପୂର୍ବରୁ ଯୋଜନା କରିଥିବା ବ୍ୟକ୍ତି ଜଣକ ସହ ଆଉ ଜଣେ ଯୁବକଙ୍କ ମିଶି ଉମେଶଙ୍କୁ ନୂଆଗଡ଼ ଜଙ୍ଗଲ ପାର୍ଶ୍ୱରେ ବସାଇ ଖାଦ୍ୟ ଖାଇବାକୁ ଦେବା ସହ ମଦ ପିଆଇଥିଲେ। ପରେ ଟଙ୍କା ଫେରାଇବାକୁ ଉମେଶ ଜିଦ କରିବାରୁ ଏକ ଧାରୁଆ ଛୁରିରେ ଦୁଇ ବ୍ୟକ୍ତି ଉମେଶଙ୍କ ତଣ୍ଟି କାଟି ଦେଇ ତାଙ୍କ ନିକଟରେ ଥିବା ଟଙ୍କା ଧରି ଫେରାର ହୋଇ ଯାଇଥିଲେ। ଉମେଶ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିଥିବା ସ୍ଥାନୀୟ ଲୋକ ଦେଖି ୧୦୮ ଆମ୍ବୁଲାନ୍ସକୁ ଖବର ଦେବା ସହ ନରସିଂହପୁର ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ପହଞ୍ଚି ଉମେଶଙ୍କୁ ଉଦ୍ଧାର କରି ନରସିଂହପୁର ମେଡିକାଲରେ ଭର୍ତ୍ତି କରିଥିଲା। ଅବସ୍ଥା ଗୁରୁତର ଥିବାରୁ ପରେ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଆକ୍ରମଣକାରୀ ଫେରାର ଥିବା ବେଳେ ନରସିଂହପୁର ପୋଲିସ ଅନୁଗୋଳ ପୋଲିସ ସହ ଯୋଗାଯୋଗରେ ରହିଛି। ଉମେଶଙ୍କ ପରିବାର ଲୋକଙ୍କଠାରୁ ଅଭିଯୋଗ ଆସିଲେ ମାମଲା ଦାଏର ହେବ ବୋଲି ନରସିଂହପୁର ଥାନା ଅଧିକାରୀ ଅଭୟ ବେହେରା ସୂଚନା ଦେଇଛନ୍ତି।

## ଅସୁରେଶ୍ୱରର ପ୍ରସିଦ୍ଧ ଦାଣ୍ଡଯାତ୍ରା

ନିଶ୍ଚିନ୍ତକୋଇଲି, ୧୬।୪(ସ୍ୱ.ପ୍ର.)



କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ଅସୁରେଶ୍ୱର ରଘୁନାଥଙ୍କ ଓଡିଶା ପ୍ରସିଦ୍ଧ ଦାଣ୍ଡଯାତ୍ରା ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରଭୁ ରଘୁନାଥ, ସୀତା ଓ ଲକ୍ଷ୍ମଣଙ୍କ ପ୍ରତିମୂର୍ତ୍ତିକୁ ପରମ୍ପରା ଅନୁଯାୟୀ ଦଧିବାମନଙ୍କ ପର୍ଯ୍ୟନ୍ତ ନିଆଯାଇଥିଲା। ଏନେଇ ବିରାଟ ଶୋଭାଯାତ୍ରାର ଆୟୋଜନ ହୋଇଥିଲା। ଭକ୍ତମାନେ ଭଗବାନଙ୍କୁ ଦାଣ୍ଡରେ ଭୋଗ ଲଗାଇଥିଲେ। ଶୋଭାଯାତ୍ରା ଯୋଗୁ ରାସ୍ତା ଜନଗହଳି ହୋଇଥିଲା। ହନୁମାନ ଓ ମା'କାଳିକାଙ୍କ ବେଶରେ ମାନସିକଧାରୀମାନେ ପ୍ରଭୁଙ୍କ ପଥକୁ ପରିସ୍ଫୁଟନ କରିଥିଲେ। ମହାପ୍ରଭୁଙ୍କ ବିମାନ ମେଲଣ ପଡିଆ ନିକଟରେ ପହଞ୍ଚିବା ସମୟର ଦୃଶ୍ୟ ଦେଖିବାକୁ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିଲା। ଆଇନ ଶୃଙ୍ଖଳା ଦୃଷ୍ଟିରେ ରଖି ୨ ପ୍ଲାଟୁନ ପୋଲିସ ଫୋର୍ସ ସମେତ ବହୁ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ। ଭିଡ଼ ଦେଖି ଯାତ୍ରାରେ ପକେଟମାର ସକ୍ରିୟ ହୋଇଥିବା ଜଣାପଡ଼ିଛି।

ବାଣ ଫୁଟାଇବା ପାଇଁ ସ୍ୱତନ୍ତ୍ର ବ୍ୟାରିକେଡ୍ କରାଯାଇଥିଲା। ନିରାପତ୍ତା ପାଇଁ ଅଗ୍ନିଶମ ବାହିନୀ ପକ୍ଷରୁ କଡ଼ା ନିରାପତ୍ତା ବ୍ୟବସ୍ଥା କରାଯାଇଥିଲା। ମନ୍ଦିରର ମ୍ୟାନେଜିଂ ଟ୍ରଷ୍ଟି ପ୍ରକାଶଚନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ପୂଜାର୍ଚ୍ଚନା କରାଯାଇଥିଲା।

## କବି ଦୀପକ ମିଶ୍ରଙ୍କ ତୈଳଚିତ୍ର ଉନ୍ମୋଚିତ

କଟକ ଅଫିସ, ୧୬।୪

ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ କଟକ ଶ୍ରୀରାମଚନ୍ଦ୍ର ଭବନରେ ବିଶିଷ୍ଟ କବି ଦୀପକ ମିଶ୍ରଙ୍କ ତୈଳଚିତ୍ର ଶନିବାର ଉନ୍ମୋଚିତ ହୋଇଯାଇଛି। କଥାକାର ରାମଚନ୍ଦ୍ର ବେହେରା ଏହାକୁ ଉନ୍ମୋଚନ କରି କହିଥିଲେ, ଦୀପକ ମିଶ୍ରଙ୍କ କାବ୍ୟ ନିଃସଙ୍ଗ ନ ଥିଲା। ତାଙ୍କ କାବ୍ୟ ଜଗତ ଥିଲା ସ୍ନେହ ଓ ଆବେଗରେ ପରିପୂର୍ଣ୍ଣ। ଉତ୍କଳ ସାହିତ୍ୟ ସମାଜର ସଭାପତି ତରୁଣ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଡ. ସୁଲୋଚନା ଦାସ ଯୋଗଦେଇ ମିଶ୍ରଙ୍କ ବ୍ୟକ୍ତିଗତ ଜୀବନ ଓ ସାହିତ୍ୟିକ ଜୀବନ ସମ୍ପର୍କରେ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ଡ. ଅପର୍ଣ୍ଣା ମହାନ୍ତି କହିଥିଲେ, ମିଶ୍ର ଥିଲେ ପ୍ରଚଣ୍ଡ ସ୍ୱାଭିମାନୀ ବ୍ୟକ୍ତି। କବି ଓ ଲେଖକମାନଙ୍କୁ ସେ ଆଦର କରୁଥିଲେ। ଏହି ଉତ୍ସବରେ ଅନୁଷ୍ଠାନର ଉପସଭାପତି ତଥା ନାଟ୍ୟକାର ସଞ୍ଜିତ୍ କୁମାର ପଟ୍ଟନାୟକ ସ୍ୱାଗତ ଭାଷଣ, ସମ୍ପାଦକ ଆଦିତ୍ୟ ପ୍ରତାପ ଧଳ ପ୍ରାରମ୍ଭିକ ସୂଚନା, ଅନୁଷ୍ଠାନର କୋଷାଧ୍ୟକ୍ଷ ଶିବାଶିଷ କର ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ ଓ ଡ. ପ୍ରକାଶ କୁମାର ପରିଡ଼ା ଧନ୍ୟବାଦ ଦେଇଥିଲେ।

## 'ଓଡ଼ିଆ ଭାଷାକୁ ବିଶ୍ୱସ୍ତରରେ ପରିଚିତ କରିଛନ୍ତି ଗୋଲୋକ'

କଟକ ଅଫିସ,୧୬।୪

**ଗୋଲୋକ ବିହାରୀ ଧଳ ଜନ୍ମଶତବାର୍ଷିକ ଆଲୋଚନାଚକ୍ର**

କେନ୍ଦ୍ର ସାହିତ୍ୟ ଏକାଡେମୀ ଏବଂ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ବିଭାଗର ମିଳିତ ଆନୁକୂଲ୍ୟରେ ପ୍ରଫେସର ଗୋଲୋକ ବିହାରୀ ଧଳ ଜନ୍ମଶତବାର୍ଷିକ ଆଲୋଚନାଚକ୍ର ଶନିବାର ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର ସେଭେନ୍ ପିଲାର୍ସ ଅଫ୍ ୱିଜଡମ୍ ଆନେକ୍ସ-୨ ପ୍ରକୋଷ୍ଠରେ ଆୟୋଜିତ ଆଲୋଚନାଚକ୍ରକୁ ବିଶ୍ୱବିଦ୍ୟାଳୟର ପିଜି କାଉନସିଲ ଅଧ୍ୟକ୍ଷା ଅସୀମା ସାହୁ ଉଦ୍‌ଘାଟନ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ସିଆଇଆଇଏଲ୍‌ର ପୂର୍ବତନ ନିର୍ଦ୍ଦେଶକ ଦେବୀପ୍ରସନ୍ନ ପଟ୍ଟନାୟକ ଯୋଗଦେଇ କହିଥିଲେ, ପ୍ରଫେସର ଗୋଲୋକ ବିହାରୀ ଧଳ ଭାରତର ପ୍ରଥମ ଧ୍ୱନିବିଜ୍ଞାନ ଗବେଷକ। ସେ ଭାଷାବିଜ୍ଞାନ ଗବେଷଣା କ୍ଷେତ୍ରରେ ଓଡ଼ିଆ ଭାଷାକୁ ବିଶ୍ୱସ୍ତରରେ ପରିଚିତ କରାଇପାରିଛନ୍ତି ବୋଲି କହିଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ଭାରତ ସରକାରଙ୍କ ପୂର୍ବତନ ମୁଖ୍ୟ ସୂଚନା ଆୟୁକ୍ତ ସତ୍ୟାନନ୍ଦ ମିଶ୍ର ଯୋଗଦେଇ କହିଥିଲେ, ପ୍ରଫେସର ଧଳଙ୍କ ଭାଷାବିଜ୍ଞାନ ଗବେଷଣାଧାରାକୁ ଆହୁରି ଆଗକୁ ନେବାର ଆବଶ୍ୟକତା ଅଛି। ଏଥିରେ ସାହିତ୍ୟ ଏକାଡେମୀ ସଚିବ ଡ. କେ. ଶ୍ରୀନିବାସ ରାଓ ସ୍ୱାଗତ ଭାଷଣ ଦେଇଥିବାବେଳେ ଓଡ଼ିଆ ଉପଦେଷ୍ଟା ମଣ୍ଡଳୀର ଆବାହକ ପ୍ରଫେସର ବିଜୟାନନ୍ଦ ସିଂ ସଭାପତିତ୍ୱ କରିଥିଲେ। ଓଡ଼ିଆ ବିଭାଗ ମୁଖ୍ୟ ଜ୍ଞାନୀ ଦେବାଶିଷ ମିଶ୍ର ଆଲୋଚନାଚକ୍ର ସମ୍ପର୍କରେ ସୂଚନା ଦେଇଥିଲେ। ପ୍ରଫେସର ବିଜୟ କୁମାର ଶତପଥୀ ଯୋଗଦେଇ ଗୋଲୋକଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ପ୍ରଥମ ଅଧିବେଶନରେ ଅସିତ ମହାନ୍ତି ଯୋଗଦେଇ ଗୋଲୋକଙ୍କ ଅନୁବାଦ ସାହିତ୍ୟ ସମ୍ପର୍କରେ ବକ୍ତବ୍ୟ ଦେଇଥିବାବେଳେ ଡ. ବେଣୁଧର ପାଢ଼ୀ ଧଳଙ୍କ ଭ୍ରମଣ ସାହିତ୍ୟ ସମ୍ପର୍କରେ କହିଥିଲେ।

ସେହିପରି ଦ୍ୱିତୀୟ ଅଧିବେଶନରେ ପ୍ରଫେସର ଗିରିଶ ଚନ୍ଦ୍ର ମିଶ୍ର ସଭାପତିତ୍ୱ କରିଥିଲେ। ଏଥିରେ ଡ. କୈଳାସ ଚନ୍ଦ୍ର ଟିକାୟତରାୟ, ଡ. ରାଜା କୁମାର ନାଏକ, ଡ. ସଂଘମିତ୍ରା ବେହେରା ଯୋଗଦେଇ ଗୋଲୋକଙ୍କ ଭାଷାବିଜ୍ଞାନ ସମ୍ପର୍କରେ ପ୍ରବନ୍ଧ ପାଠ କରିଥିଲେ। ଏହି ଅଧିବେଶନରେ ସ୍ନାତକୋତ୍ତର ଓଡ଼ିଆ ବିଭାଗର ପାଠଚକ୍ର ସମ୍ପାଦକ ଦେବାଶିଷ ମୁଦୁଲି, ଓଡ଼ିଆ ଉପଦେଷ୍ଟା ମଣ୍ଡଳୀର ସଦସ୍ୟ ଡ. ପ୍ରଦୀପ୍ତ କୁମାର, ଅଧ୍ୟାପକ ଡ. ଆଶିଷ କୁମାର ସାହୁ, ଅଧ୍ୟାପିକା ବିଜୟଲକ୍ଷ୍ମୀ ଦାଶ, ସରଳା ସ୍ୱାଇଁ, ଡ. ରୁଦ୍ର ପ୍ରସାଦ ମିଶ୍ର ଓ ଲୋଲୁପଚନ୍ଦ୍ର ମହାରଣା ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ସନ୍ଧ୍ୟାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କାନାଡ଼ାର ସାମାଜିକ କର୍ମୀ ସୁନନ୍ଦା ମିଶ୍ରପଣ୍ଡା ଯୋଗଦେଇ ତାଙ୍କର ସର୍ଜନଶୀଳ ଦୃଷ୍ଟିକୋଣ ସମ୍ପର୍କରେ ବକ୍ତବ୍ୟ ଦେଇଥିଲେ। ଏହି ଅବସରରେ ସାହିତ୍ୟ ଏକାଡେମୀ ପକ୍ଷରୁ ପୁସ୍ତକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା।

# ୬ଦିନ ବିତିଲା, ନିଆଯାଇନି ପଦକ୍ଷେପ

କଟକ ଅଫିସ,୧୬।୪

**ଓଏସ୍ଏସ୍‌ଟିଇଟି ମୂଲ୍ୟାୟନରେ ତ୍ରୁଟି ପ୍ରସଙ୍ଗ**

- ପୁନଃ ମୂଲ୍ୟାୟନ କିମ୍ବା ଗ୍ରେସ୍ ମାର୍କିଂ ଦାବି
- ଦାବି ପୂରଣ ନ ହେଲେ ଆନ୍ଦୋଳନ ଚେତାବନୀ



ବୋର୍ଡ ସେକ୍ରେଟାରିଙ୍କୁ ଭେଟି ଦାବିପତ୍ର ଦେବାକୁ ଆସିଥିବା ପରୀକ୍ଷାର୍ଥୀମାନେ।

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ଯୋଗ୍ୟତା ପରୀକ୍ଷା(ଓଏସ୍ଏସ୍‌ଟିଇଟି) ମୂଲ୍ୟାୟନରେ ତ୍ରୁଟି ନେଇ ଶନିବାର କଟକସ୍ଥିତ ବୋର୍ଡ କାର୍ଯ୍ୟାଳୟ ସମ୍ମୁଖରେ ପରୀକ୍ଷାର୍ଥୀମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଓଏସ୍ଏସ୍‌ଟିଇଟି-୨୦୨୧ ଦ୍ୱିତୀୟ ପରୀକ୍ଷା ଦେଇଥିବା ରାଜ୍ୟର ୫୦୦ରୁ ଊର୍ଦ୍ଧ୍ୱ ପରୀକ୍ଷାର୍ଥୀ ଏଭଳି ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଏନେଇ ବିଭିନ୍ନ ଜିଲାର ପରୀକ୍ଷାର୍ଥୀ ଗତ ସୋମବାର ବୋର୍ଡ ସଭାପତିଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଥିଲେ। ଯେଉଁ ପରୀକ୍ଷାର୍ଥୀ ମାର୍କକୁ ନେଇ ଅଭିଯୋଗ କରୁଛନ୍ତି, ସେମାନେ ଲିଖିତ ଭାବେ ବୋର୍ଡ ନିକଟରେ ଅଭିଯୋଗ କରନ୍ତୁ ବୋଲି ବୋର୍ଡ ପକ୍ଷରୁ କୁହାଯାଇଥିଲା। ଏହାପରେ ଅନେକ ପରୀକ୍ଷାର୍ଥୀ ବୋର୍ଡ ନିକଟରେ ଅଭିଯୋଗ ପତ୍ର ଦାଖଲ କରିଥିଲେ। ହେଲେ ଇତିମଧ୍ୟରେ ୬ ଦିନ ବିତିଯାଇଥିଲେ ମଧ୍ୟ ବୋର୍ଡ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନାହିଁ। ତେଣୁ ଶନିବାର ପରୀକ୍ଷାର୍ଥୀମାନେ ପୁନର୍ବାର ବୋର୍ଡ କାର୍ଯ୍ୟାଳୟରେ ପହଞ୍ଚି ସେକ୍ରେଟାରିଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ। ପରୀକ୍ଷା ଖାତା ପୁନଃ ଯାଞ୍ଚ କରି ନୂତନ ଭାବେ ମୂଲ୍ୟାୟନ କରାଯାଉ ଅଥବା ଗ୍ରେସ୍ ମାର୍କିଂ ଦିଆଯାଉ ବୋଲି ସେମାନେ ଦାବି କରିଛନ୍ତି। ଯଦି ଏହାର ସମାଧାନ ନ ହୁଏ ତେବେ ଆଗାମୀ ଦିନରେ ଶତାଧିକ ଛାତ୍ରୀଛାତ୍ର ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

ସୂଚନାଯୋଗ୍ୟ, ବୋର୍ଡ ପକ୍ଷରୁ ପ୍ରତିବର୍ଷ ଦୁଇଟି ଓଏସ୍ଏସ୍‌ଟିଇଟି ହୋଇଥାଏ। ପ୍ରଥମ ପରୀକ୍ଷା ଫଳ ପ୍ରକାଶ ପାଇଥିବାବେଳେ ଗତ ଫେବୃୟାରୀ ୯ ତାରିଖରେ ଦ୍ୱିତୀୟ ପର୍ଯ୍ୟାୟ ପରୀକ୍ଷା ହୋଇଥିଲା। ବୋର୍ଡ ୱେବ୍‌ସାଇଟ୍‌ରେ ପରୀକ୍ଷା ଫଳ ସହ ଉତ୍ତରଖାତା ଅପ୍‌ଲୋଡ୍ କରାଯାଇଥିବା ନେଇ ବୋର୍ଡ ପକ୍ଷରୁ ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦିଆଯାଇଥିଲା। ତେବେ ବୋର୍ଡ ପକ୍ଷରୁ ୱେବ୍‌ସାଇଟ୍‌ରେ ଅପ୍‌ଲୋଡ୍ ହୋଇଥିବା ଉତ୍ତରଖାତା ମାର୍କ ଓ ପରୀକ୍ଷାର୍ଥୀଙ୍କୁ ଦିଆଯାଇଥିବା ମାର୍କ ସମାନ ରହୁନାହିଁ ବୋଲି ପିଲାମାନେ ଅଭିଯୋଗ କରିଛନ୍ତି। ହେଲେ ଏନେଇ ବୋର୍ଡ ସେକ୍ରେଟାରୀ ଶ୍ରୀକାନ୍ତ ତରାଇଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।